Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

୨୪ ଭାଗ | ୨୨ ସଂଖ୍ୟା | ତା ୧ ଦଶ ମାର୍ଚ୍ଚ ସନ ୧୮୯୬ ଇଂରାଜୀ । [illegible] ସାଲ ଫଗୁଣ | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩ | ପଶ୍ଚାଦ୍ଦେୟ ଟ ୬

ପାରସ୍ୟର ସାହ ଯେ କି କେତେଦିନ ହେଲ ଇଉରୋପ ଭ୍ରମଣ କରିବା ନିମନ୍ତେ ଯାତ୍ରା କରି ଅଛନ୍ତି ଗତମାସ ତା ୨୮ ରଙ୍ଗରେ ରୁଷିୟାର ରାଜଧାନୀ ସେଣ୍ଟପିଟର୍ସବର୍ଗରେ ପହଞ୍ଚିବାର ସମ୍ବାଦ ତାରଯୋଗେ ଆସିଅଛି । ରୁଷିୟାର ସମ୍ରାଟ୍ ଓ ସାମ୍ରାଜ୍ଞୀ ବହୁ ଆଡ଼ମ୍ବର ସହିତ ସାହଙ୍କର ଅଭ୍ୟର୍ଥନା କରି ଅଛନ୍ତି ।

---

ମାନ୍ଦ୍ରାଜର ଗବର୍ଣ୍ଣର ଗତ ମାସ ତା ୨୮ ରିଖରେ ମାନ୍ଦ୍ରାଜ ଠାରୁ ଗଞ୍ଜାମକୁ ଯାତ୍ରା କରିଅଛନ୍ତି । ଗଞ୍ଜାମର ଦୁର୍ଭିକ୍ଷପୀଡ଼ିତ ସ୍ଥାନମାନ ଦର୍ଶନ କରିବା ତାହାଙ୍କର ଆଗମନର ହେତୁ ଅଟଇ । ପ୍ରାଇଭେଟ ସେକ୍ରେଟେରୀ କ୍ଲାଡଭିନସେଣ୍ଟ ସାହେବ ଏବଂ ପ୍ରଧାନ ସେକ୍ରେଟେରୀ ଜେ, ଏଫ, ପ୍ରାଇସ ସାହେବ ଏବଂ ଜଣେ ଡାକ୍ତର ତାହାଙ୍କ ସଙ୍ଗରେ ଅଛନ୍ତି ।

---

ଅନ୍ନକଷ୍ଟ ହେତୁ ନାନାସ୍ଥାନରୁ ଯେ ସମସ୍ତ କଙ୍ଗାଳ ଏ ନଗରରେ ଆସି ଜୁଟି ହୋଇ ଅଛନ୍ତି ସେମାନଙ୍କ ସାହାଯ୍ୟ ନିମନ୍ତେ ରାଜା ବୈଦ୍ୟନାଥ ପଣ୍ଡିତ ଗତ ସୋମବାର ଠାରୁ ଏକ ଅନ୍ନଛତ୍ର ସ୍ଥାପନ ପୂର୍ବକ ଅପରାହ୍ନ କାଳରେ ଭାତ ଓ ଡାଲି ବିତରଣ କରୁ ଅଛନ୍ତି । ପ୍ରଥମ ଦିନ ୧୯୪ ଓ ତହିଁରୁ କ୍ରମଶଃ ବୃଦ୍ଧି ହୋଇ ଗତ କାଲି ପ୍ରାୟ ନ ୫୦୦ ଣ କଙ୍ଗାଳ ଖାଇଥିଲେ । ଏଥିମଧ୍ୟରେ ପିଲାଙ୍କ ସଂଖ୍ୟା ଅଧିକ ଏବଂ ଏମାନଙ୍କ ଦେହରେ ଦୁର୍ଭିକ୍ଷର ଦାରୁଣ ଚିହ୍ନ ମୁଦ୍ରିତ ରହିଅଛି । ରାଜାଙ୍କର ଏହି ଧର୍ମାନୁଷ୍ଠାନ ଏବଂ ବଦାନ୍ୟତା ନିମନ୍ତେ ଆମ୍ଭେମାନେ ତାହାଙ୍କୁ ଅସଂଖ୍ୟ ଧନ୍ୟବାଦ ଦେଉଅଛୁଁ ।

---

କାହାର ସର୍ବନାଶ କାହାର ପୌଷମାସ— ଭୋଗଲପୁର ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିବାରୁ ଚୋରସଂଖ୍ୟା ଯୋଗ୍ରାନ ବୃଦ୍ଧି ହୋଇଅଛି ଓ ତମକା ପୁଲିସ କେତେଗୁଡ଼ିଏ ଆସାମୀ ଧରି ଦେବାରୁ ଜଣ ପ୍ରତି ଟ ୨୦ ଙ୍କା ବା ଟ ୫୦ ଙ୍କା ଅର୍ଥଦଣ୍ଡ ହେବାର ସମ୍ବାଦବାହିକା ଲେଖିଅଛନ୍ତି । ଜଣେ କନଷ୍ଟେବଲ ଏହିସବୁ ଚୋର ଧରି ଦେବାରେ ଜରିମାନା ମଧ୍ୟରୁ ଟ ୨୦୦ ଙ୍କା ପୁରସ୍କାର ପାଇଅଛି । କନଷ୍ଟେବଲର କପାଳ ଭଲ କିନ୍ତୁ ଏ କଷ୍ଟ ସମୟରେ ଏପରି କଠିନଦଣ୍ଡ ନ୍ୟାୟସଙ୍ଗତ ବୋଧ ହେଉ ନାହିଁ ।

---

ସମ୍ବାଦବାହିକାରୁ ଅବଗତ ହେଲୁଁ କି ବାବୁ ଭୂପେନ୍ଦ୍ରଚନ୍ଦ୍ର ଦେ ନାଠର ମଲ୍ୱ ପାଉଣା ନିମନ୍ତେ ବାଲେଶ୍ୱର ନାସିଲ ସୋସାଇଟି ନାମରେ ଯେଉଁ ନାଲିସ କରିଥିଲେ ତାହା ହକ୍ର ସବ୍‌ର ସେକ୍ରେଟେରୀ ନ ୨ ମୁଣ୍ଡର ମୂଦାଲ ବାବୁ ହରଚନ୍ଦ୍ର ସରକାରଙ୍କ ଆପତ୍ତିମତେ ପଞ୍ଚାୟତ ବୋର୍ଡରୁ ଅଚଳ ହେଲ ସ୍ୱତନ୍ତ୍ରଂ ତାଗି ବାଧ ହୋଇ ମୋକଦ୍ଦମା ଉଠାଇ ନେଲେ । ସମ୍ବାଦଦାତା ଲେଖିଅଛନ୍ତି କି ଷ୍ଟାମ୍ପନଲ ରୂପରେ ମୋକଦ୍ଦମା ହେବାରୁ ନଗରବାସୀମାନେ ବାସ୍ତବରେ ଦୁଃଖିତ ଅଛନ୍ତି । ଅବଶ୍ୟ ଦୁଃଖର ବିଷୟ ଅଟଇ କିନ୍ତୁ କେଣ ପରିତୋଷ ନ କରି ଦୁଃଖ କଲେ କି ହେବ ?

---

ପାଟନାଜିଲ୍ଲା ବେହାର ମହକୁମାର ଅନ୍ତଃବରପୁର ଗ୍ରାମରେ ସିପାହୀସିଂହ ନାମକ ଏକ ଗୃହସ୍ଥ ଘରେ ବିବାହ ହେଉଥିଲା ଏମନ୍ତ ସମୟରେ ସେ ଘରେ ଅଗ୍ନି ଲାଗିଲା । ପ୍ରବଳ ବତାସ ଯୋଗୁଁ ମୁହୂର୍ତ୍ତ ମାତ୍ରକେ ଅଗ୍ନି ଚତୁର୍ଦ୍ଦିଗେ ବ୍ୟାପିଗଲା । ସେ ସମୟରେ ବର କନ୍ୟାଙ୍କ ନିକଟରେ ଅନେକ ସ୍ତ୍ରୀ ଥିଲେ । ବର କନ୍ୟାଙ୍କୁ କୌଣସି ମତେ ବରର ପେଠା ପଦାକୁ ବାହାର କରି ଆଣିଲା ମାତ୍ର ପ୍ରାୟ ନ ୧୫୦ ଣ ସ୍ତ୍ରୀ ବାହାରି ନ ପାରି ପୋଡ଼ି ମଲେ । ଏପରି ଭୟାନକ ଅଗ୍ନି ଉତ୍ପାତ କେବେ ଶୁଣା ନାହିଁ । ଗୋଟାଏ ଗ୍ରାମର ସଧବା ସ୍ତ୍ରୀମାନେ ଏକାବେଳକେ ମରି ପଡ଼ିଲେ ଏଥିରୁ ବଳି ଶୋକାବହ ସମ୍ବାଦ ଆଉ କି ହୋଇପାରେ ?

---

ଅନୁଗୁଳର ଅବସ୍ଥା ପୂର୍ବପ୍ରାୟ ରହିଅଛି । ଗତ ସପ୍ତାହରେ ଯେଉଁ ସାମାନ୍ୟ ବୃଷ୍ଟି ହୋଇଥିଲା ତଦ୍ୱାରା ଜଳକଷ୍ଟ ଦୂର ନାହିଁ କି ଓଳଉଠା ଊଣା ପଡ଼ ନାହିଁ । କେବଳ ଜେଲଖାନାରେ ଗତ ତା ୧୫ ରିଖ ଠାରୁ ଓଳଉଠାମୃତ୍ୟୁ ବନ୍ଦ ଅଛି । ଜେଲରୁ ସର୍ବସୁଦ୍ଧା ନ ୧୪ ଣ କଏଦୀ ଓ ହାଜତୀ ମରିଅଛନ୍ତି । ଗତ ମୁକାମରେ କଙ୍ଗାଳଙ୍କ ସଂଖ୍ୟା ୧୦୦୦ ରୁ ଊଣା ନୁହେ ଏଥି ମଧ୍ୟରେ ବାଳକ ବାଳିକାଙ୍କ ସଂଖ-

Digitized by srujanika@gmail.com

Split by PDF Splitter

200



ଅତ୍ୟନ୍ତ ଅଧିକ । ମହାରାଣୀ ସ୍ୱର୍ଣ୍ଣମୟୀଙ୍କ ଦାନ ଟ ୧୦୦୦ ଙ୍କା ଏମାନଙ୍କ ସାହାଯ୍ୟରେ ବ୍ୟୟ ହେବା କାରଣ ଅମ୍ଭମାନଙ୍କ ସମ୍ବାଦଦାତା ପ୍ରସ୍ତାବ କରିଅଛନ୍ତି । ଭରସା କରୁଁ ସଂଯୁକ୍ତ ଗଭର୍ଣ୍ଣମେଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଏ ବିଷୟରେ ଶୀଘ୍ର ମନୋଯୋଗୀ ହେବେ ।

---

ଉଡ଼ିଆ ନବସମ୍ବାଦରେ ପାଠ କଲୁଁ କି ରୋଗଗ୍ରସ୍ତ ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କ ସାହାଯ୍ୟ ନିମିତ୍ତ ବାଲେଶ୍ୱରରେ ଏକ ସଭା ହୋଇ ଏ ପର୍ଯ୍ୟନ୍ତ ଟ ୧୨୨୩ ଙ୍କା ଚାନ୍ଦା ଉଠିଅଛି ଏବଂ ଏଥିରେ ଚାଉଳ ଓ ଲୁଗା କିଣା ହୋଇ ଦରିଦ୍ରମାନଙ୍କୁ ବାବୁ କୈଳାଶଚନ୍ଦ୍ର ରାୟ ମହାଶୟଙ୍କ ଦ୍ୱାରା ବିତରଣ ହେଉଅଛି । ରାଜା ବାହାଦୁର ବୈକୁଣ୍ଠ ନାଥ ଦେଙ୍କ ଉଦ୍ୟମରେ ଏ ସଭା ବସିଅଛି ଏବଂ ରାୟମହାଶୟ କୈଳାଶଚନ୍ଦ୍ର ସ୍ୱୟଂ ବିତରଣ କାର୍ଯ୍ୟର ଭାର ଗ୍ରହଣ କରି ଅଛନ୍ତି । ଏହି ଦୁଇବ୍ୟକ୍ତି କେବଳ ଲୁଗାସକାଶେ ଟ ୫୦- ଙ୍କା ଓ ୫ ୨୨ ବା ଦାନ କରି ଅଛନ୍ତି । ଦେହୁଡ଼ଦାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ନ୍ୟାଲେଣ୍ଡର କଲେକ୍ଟର ଏବଂ ରାଜାବାହାଦୁର ଏହି ଦୁଇଜଣଙ୍କ ଯତ୍ନ ଓ ସାହାଯ୍ୟରେ ପ୍ରାତ୍ୟହିକ ଚାଉଳ ବିତରଣ ହେବାରୁ ପ୍ରାୟ ୨୫୦ ଜଣ ଅନ୍ନକଷ୍ଟ ପୀଡ଼ିତଙ୍କର ପ୍ରାଣରକ୍ଷା ହୋଇ ଅଛି ।

---

ତାରକେଶ୍ୱରର ମହନ୍ତ ମାଧବଗିର ଯେ କି ଏଲୋକେଶୀର ସତୀତ୍ୱ ହରଣ କରିବା ଅପରାଧରେ ତିନିବର୍ଷ କାରାଦଣ୍ଡ ଭୋଗ କରିଥିଲେ ଅଦ୍ୟାପି ସେହିରୂପ ପାପକାର୍ଯ୍ୟରେ ରତ ଥିବାର ଗୋଟିଏ ମକଦ୍ଦମାର ତଦନ୍ତରୁ ଆଶ୍ଚର୍ଯ୍ୟ ସହିତ ଅବଗତ ହେଲୁଁ । କାରାବାସ ଦଣ୍ଡ ଏବଂ ବୟସ ଅଧିକହେତୁ ତାହାଙ୍କର ବସ୍ତୁମାତ୍ର ଶିକ୍ଷା ହୋଇ ନାହିଁ । ଗିରିଶଚନ୍ଦ୍ର ମୁଖୋପାଧ୍ୟାୟ ନାମକ ତାହାଙ୍କର ଜଣେ ଗୃହକରର ସ୍ତ୍ରୀ ପ୍ରତି ଆସକ୍ତ ହୋଇ ଦୁଷ୍କାର୍ଯ୍ୟ ନ ହେବାରୁ ନାନା ଷଡ଼ଯନ୍ତ୍ର କରି ଉକ୍ତ ଗିରିଶଚନ୍ଦ୍ର ମୁଖୋପାଧ୍ୟାୟଙ୍କୁ ଏକ ମିଥ୍ୟା ମକଦ୍ଦମାରେ ପକାଇ ଥିଲେ; ସୁବିଚାରରେ ଅସାମି ଖଲାସ ପାଇଲା । ଏମନ୍ତ ମହନ୍ତଙ୍କୁ ଅଦ୍ୟାପି ଲୋକେ ପୂଜା କରୁଅଛନ୍ତି ଏଥିରୁ ଅଧିକ କଳଙ୍କରକଥା ଆଉ କି ଅଛି ଏବଂ ଏହି କେବଳ ହିନ୍ଦୁଧର୍ମର ଦୁର୍ଗତି ଦେଖାଉଅଛି । ଯେବେ ଲୋକେ ଦୃଢ଼ପ୍ରତିଜ୍ଞ ହୋଇ ମହନ୍ତର ମୁଖାବଲୋକନ କରନ୍ତେ ନାହିଁ କି ତାରକେଶ୍ୱରଙ୍କ ନିକଟକୁ ଯାଆନ୍ତେ ନାହିଁ ତେବେ ମାଧବଗିର ମହନ୍ତ ଏପରି ପାପାଚରଣ କରିପାରନ୍ତା କି ?

---

ସାମ୍ପ୍ରତ ଚତୁର୍ଥସଂଖ୍ୟାର ଉଡ଼ିଆ ସ୍ତମ୍ଭରେ ଏକମତ ଏବଂ ଇଂରାଜୀ ସ୍ତମ୍ଭରେ ତହିଁର ବିପରୀତ ମତ ପ୍ରକାଶ କରି ସମ୍ପାଦକତର ଗୋଟିଏ ନୂତନ ରହସ୍ୟ ଦେଖାଇଅଛନ୍ତି । ଜଣାଯାଉଅଛି ଯେମନ୍ତ ସହଯୋଗିଙ୍କର କୌଣସି ମନ୍ତ୍ରୀ ନାହିଁ ଅଥବା ବାଲସୁଲଭ ଚପଳପ୍ରକୃତିବଶତଃ ମତର ସ୍ଥିରତା ହୋଇ ନାହିଁ । ଉଡ଼ିଆ ସ୍ତମ୍ଭରେ ସେ ଲେଖିଅଛନ୍ତି କି କଟକ ପରି କ୍ଷୁଦ୍ର ନଗରରେ ଗୋ ୬ ଟା ଇଂରାଜୀସ୍କୁଲ ଆବଶ୍ୟକ ହେବାର ସମ୍ଭବ ହୋଇ ନାହିଁ ଏବଂ ଉତ୍ତମଯୁକ୍ତି ଦେଖାଇ କେତେଗୁଡ଼ିଏ ସ୍କୁଲକୁ ମିଶାଇ ଦେବାର ପରାମର୍ଶ ଦେଇଅଛନ୍ତି କିନ୍ତୁ ଇଂରାଜୀ ସ୍ତମ୍ଭରେ ମତ ପ୍ରବେଶିକା ପରୀକ୍ଷାର ଫଳ ରେଭେନ୍‌ସା କଲେଜିଏଟସ୍କୁଲ ପ୍ରତି ଭଲ ହୋଇ ନାହିଁ (ଉଡ଼ିଆ ସ୍ତମ୍ଭରେ ଏ ସ୍କୁଲର ଫଳ ଭଲ ହୋଇଥିବାର ଲେଖାଅଛି) ବୋଲି ଉକ୍ତସ୍କୁଲରୁ ଉଠାଇ ଦେଇ ତହିଁରେ ଖର୍ଚ୍ଚ ହେଉଥିବା ବାର୍ଷିକ ୭ ହଜାର ଟଙ୍କା ବେସରକାରୀ ସ୍କୁଲସବୁକୁ ବାଣ୍ଟି ଦେବାର ପରାମର୍ଶ ଦେଇଅଛନ୍ତି । ଏ ପରାମର୍ଶ ସମ୍ପର୍କରେ କତିପୟ ଇଂରାଜୀ ପ୍ରେରିତପତ୍ର ସ୍ଥାନାନ୍ତରରେ ପ୍ରକାଶିତ ହେଲା । ଲେଖକ ଯଥାର୍ଥ ଲେଖିଅଛନ୍ତି ଯେ ଏହି ନ୍ୟାୟରେ କଲେଜ ପର୍ଯ୍ୟନ୍ତ ଉଠାଇ ଦିଆ ଯାଇପାରେ । ଉତ୍କଳର କେହି ମଙ୍ଗଳାକାଙ୍କ୍ଷୀ ଏପରି କାମନା କରିବ କି ?

---

ଭୁସ୍ତିତ ତାଳଚା ସ୍କୁଲର ହେଡ୍‌ପଣ୍ଡିତ ଲେଖିଅଛନ୍ତି କି ଉକ୍ତ ସ୍କୁଲଗୃହ ପ୍ରତିଷ୍ଠା ଉପଲକ୍ଷରେ ଗୋଟିଏ ସଭା ହୋଇଥିଲା ଉକ୍ତ ସ୍କୁଲର ସମ୍ପାଦକ ବାବୁ ପାନବନ୍ଧୁ ପଟ୍ଟନାୟକ ସଭାପତିର ଆସନ ଗ୍ରହଣ ପୂର୍ବକ ଯେଉଁମାନଙ୍କ ସାହାଯ୍ୟରେ ସ୍କୁଲ ଗୃହଟି ନିର୍ମିତ ହେଲା ସେମାନଙ୍କ ନାମ ପ୍ରକାଶ ପୂର୍ବକ ସେମାନଙ୍କୁ ଧନ୍ୟବାଦ ଦେଲେ ଏବଂ ହେଡ଼ମାଷ୍ଟର ଫକୀରଚରଣ ଘୋଷଙ୍କ ଯତ୍ନରେ ଦେହା ଉତ୍ତମ ହୋଇଥିବାରୁ ତାହାଙ୍କର ପ୍ରଶଂସା କଲେ । ହେଡ଼ମାଷ୍ଟର ମଧ୍ୟ ଆପଣା ବକ୍ତୃତାରେ ଭୂସ୍ୱାମୀଙ୍କ ନିମିତ୍ତ ଗୋଟିଏ କୈଶବିଦ୍ୟାଳୟ ବସାଇବାର ଆବଶ୍ୟକତା ଦର୍ଶାଇ ତହିଁ ନିମିତ୍ତ ଚାନ୍ଦା ଦେବାକୁ ସମସ୍ତଙ୍କୁ ଅନୁରୋଧ କଲେ । ସ୍କୁଲଗୃହ ନିମିତ୍ତ ସାହାଯ୍ୟ ଦେଇଥିବା ବ୍ୟକ୍ତିଙ୍କ ନାମ ଯଥା—

ମହାରାଜା କିଷ୍ଟେ ଜେଉଁଝର୍ ଟ
ବୈଦ୍ୟନାଥ ପଣ୍ଡିତ ଟ ୧୦ ୬୨
ଟ ୭୧ ରାଜା ପାରିକୁଦ ନାମଦାରଙ୍କ
ଟାଇମପିସ ଗୋ ୧ ଟା ବାବୁ ବର୍ଦ୍ଧାପଟ୍ଟନାୟକ
ଦାସ ପିକଦାନୀ ଗୋ ୧ ଟା ସରକାରୀ ସାହାଯ୍ୟ
ଗୋଟିଏ କୂପ ଖୋଳାଇବା ସକାଶେ ଟ ୩୫୦

ଏପରି ରଣପୁରର ଦେବାନ ସ୍କୁଲଗୃହର କବାଟ ଓ ଝରକା ଦେବାସକାଶେ କହିଅଛନ୍ତି ଏବଂ ବାବୁ ଜଗନ୍ନାଥ ପଟ୍ଟନାୟକ ଓ ବାବୁ ଭୁଜଙ୍ଗ ବିହାରୀ ରାୟ ଶସ୍ତ୍ରେ ଲେଖାଏ ଦେବ ପ୍ରଦାନ କରି ଅଛନ୍ତି ।

---

ଦେହୁଡ଼ଦାରୁ ଶ୍ରୀ ବୃନ୍ଦାବନ ପଟ୍ଟନାୟକ ଲେଖିଅଛନ୍ତି କି ଲକ୍ଷ୍ମଣନାଥର ମହାଶୟଙ୍କ ମାତା ଶ୍ରୀମତ୍ୟା ଗୋଲକମଣି ଦେଈ ଆପଣା ଇଷ୍ଟଦେବତାଙ୍କ ସକାଶେ ଗୋଟିଏ ବୃହତ ଦେଉଳ ତୋଳାଇଅଛନ୍ତି । ତହିଁର ପ୍ରତିଷ୍ଠା ଉପଲକ୍ଷରେ ବଙ୍ଗଳାର ନାନାସ୍ଥାନରୁ ବ୍ରାହ୍ମଣ ପଣ୍ଡିତମାନେ ଅନନ୍ତିତ ହୋଇ ଆସିଥିଲେ ଅଭିନିୟୁ ପୂର୍ବରୁ ହାଟମାନଙ୍କରେ ଢେଣ୍ଡରାଦ୍ୱାରା ସାଧାରଣଙ୍କୁ ଜଣାଇଦିଆଯାଇଥିଲା କି ଉପସ୍ଥିତ ବ୍ରାହ୍ମଣମାନେ ଦୁଇଅଣା ଲେଖାଏଁ ଦକ୍ଷିଣା ପାଇବେ । ଅଧ୍ୟାପକମାନଙ୍କ ସନ୍ତୋଷ ସାଧନନିମିତ୍ତ ସମୁଚିତ ଚେଷ୍ଟା ହୋଇଥିଲା । ନିମନ୍ତ୍ରିତ ଝଙ୍କଟଧାରୀ ବ୍ରାହ୍ମଣମାନଙ୍କୁ ଉତ୍କୃଷ୍ଟ ଭୋଜନ ସହିତ ଗୃହ ଅଣା ଏବଂ ଦରିଦ୍ର ଓ କଙ୍ଗାଳମାନଙ୍କୁ ଭୋଜନ ସହ ଦୁଇଅଣା ଲେଖାଏଁ ଦିଆଯାଇଥିଲା । କଙ୍ଗାଳଙ୍କ ସଂଖ୍ୟା ପ୍ରାୟ ଚାରି ହଜାର ହୋଇଥିଲା । ଏହି କ୍ରିୟାର କଚ୍ଛଦିନ ପୂର୍ବରେ ଉକ୍ତ ଜମିଦାରଙ୍କ ମାତା ଓ ଜମାତା ଦଶୋଟି ଗାଈ ଦାନ କରିଥିଲେ । ଏହି ସମସ୍ତ କ୍ରିୟା ଉପଲକ୍ଷରେ ନାନାପ୍ରକାରରେ ଅନ୍ନଦାନ ହୋଇଅଛି ଏବଂ ରୋଗଗ୍ରସ୍ତ ଅଞ୍ଚଳର ଅନ୍ନକଷ୍ଟ ସାହାଯ୍ୟ ସକାଶେ ଏକଶତ ଟଙ୍କା ପ୍ରଦତ୍ତ ହୋଇଅଛି । ଉକ୍ତ ଜମିଦାରଙ୍କ କନିଷ୍ଠ ଲଲ୍ଲ ହରେନ୍ଦ୍ରନାରାୟଣ ରାୟ ବି, ଏ, ସ୍ୱୀୟକାର୍ଯ୍ୟ ତତ୍ପରତା, ଅମାୟିକତା ଓ ମିଷ୍ଟଭାଷିତା ଇତ୍ୟାଦି ସଦ୍‌ଗୁଣଦ୍ୱାରା ସମସ୍ତଙ୍କ ଆପ୍ୟାୟିତ କରିଥିଲେ । ଏଥିରୁ ଦେଖାଯାଏ ଯେ ନାନାସଂସ୍କାର ପୁସ୍ତକର ମତାନୁସାରେ ବଡ଼ ବଡ଼ ଜମିଦାରମାନେ କାର୍ଯ୍ୟ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି ବଡ଼ ସୁଖର ବିଷୟ ଅଟଇ ।

---

Digitized by srujanika@gmail.com

Split by PDF Splitter



## ଶିକ୍ଷିତଲୋକଙ୍କର କର୍ତ୍ତବ୍ୟ ।

କଲିକତା ବିଶ୍ୱବିଦ୍ୟାଳୟର ବି, ଏ, ଉପାଧିଧାରୀ ଏବଂ ଦେଶୀୟ ସିଭିଲ ସରଭିସର ଜଣେ କର୍ମଚାରୀ ବାବୁ ଅଂଶୁତୋଷ ଗୁପ୍ତ ତାଙ୍କ ଜିଲ୍ଲାସ୍ଥିତ ରାମପାଲ ନାମକ ଖଣ୍ଡିଏ ଗ୍ରାମର ପ୍ରାଚୀନଅବସ୍ଥା ଓ ଧ୍ୱଂସ ବିଷୟରେ ଇଂରାଜୀରେ ଗୋଟିଏ ପ୍ରବନ୍ଧ ପ୍ରକାଶ କରିଥିବାରୁ ହୋପ ନାମକ ସମ୍ବାଦପତ୍ର ତାହାଁର ବିଶେଷ ପ୍ରଶଂସା କରି ଲେଖିଅଛନ୍ତି ଯେ ଦେଶର ପ୍ରାଚୀନ ଇତିହାସ ଉଦ୍‌ଘାଟନ କରିବା ଏବଂ ବର୍ତ୍ତମାନ ପାର୍ଥିବ ଅବସ୍ଥା ଅନୁସନ୍ଧାନ କରିବା ବିଷୟରେ ଏ ଦେଶୀୟଲୋକମାନେ ଇଉରୋପୀୟଙ୍କଠାରୁ ଅନେକାଂଶରେ ନ୍ୟୂନ ଅଛନ୍ତି । ଡେପୁଟୀ ମାଜିଷ୍ଟ୍ରେଟ ଓ ମୁନସିଫ ସବ୍‌ଜଜମାନେ ଆପଣା କାର୍ଯ୍ୟୋପଲକ୍ଷରେ ଲୋକଙ୍କ ଅବସ୍ଥା ଓ ଅଭାବ ଜାଣିବାର ଉତ୍ତମ ସୁଯୋଗ ପାଇଅଛନ୍ତି । ଉକିଲମାନଙ୍କର ମଧ୍ୟ ଏଥିରେ ବିଶେଷ ସୁବିଧା ଅଛି । କିନ୍ତୁ ଏମାନଙ୍କ ମଧ୍ୟରୁ କେତେଲୋକ ବାସ୍ତବରେ ଏ ସକଳ ବିଷୟରେ ପରିଶ୍ରମ କରନ୍ତି ? ତଏ ନ ଜାଣେ ଯେ ଅଧିକାଂଶ ଡେପୁଟୀ ବାବୁମାନେ ଆପଣାର ଶାନ୍ତିରକ୍ଷଣ ସ୍ୱଚ୍ଛନ୍ଦତା ଏବଂ ପଦୋନ୍ନତି ଯେନ ସର୍ବଦା ବ୍ୟସ୍ତ ଏବଂ ଯଦ୍ୟପି କୌଣସି କଥାରେ ତାହାଙ୍କ ବିଶେଷ ଔତ୍ସୁକ୍ୟ ଥାଏ ତେବେ ତାହା ଏହିଁ [illegible]ମାନଙ୍କର ତାହାଙ୍କପରି ହେବା ନାହିଁ ସେମାନଙ୍କଠାରୁ ଆପଣାକୁ ବଡ଼ ଶ୍ରେଷ୍ଠ ଜ୍ଞାନ କରନ୍ତି । ଅପର ଶିକ୍ଷିତମାନଙ୍କର ସାଧାରଣରେ ସ୍ୱଦେଶର ସ୍ୱାର୍ଥପ୍ରତି ଦୃଷ୍ଟି ବା ଲୋକଙ୍କ ସହିତ ସହାନୁଭୂତ ଅଧିକାର ଜଣାଯାଏ ନାହିଁ । ସେମାନଙ୍କର ବିଜାତୀୟଶିକ୍ଷା ଯେମନ୍ତ ସେମାନଙ୍କର ସହାନୁଭୂତିକି ବହିର୍ଗତ କରି ଦେଇଅଛି ଏବଂ ଆପଣାର ଗୌରବ ପ୍ରକାଶ କରିବା ସେମାନଙ୍କ ଜୀବନର ଯେମନ୍ତ ଏକମାତ୍ର ଉଦ୍ଦେଶ୍ୟ ହୋଇଅଛି; କାରଣ ସେମାନେ ସ୍ୱଦେଶୀୟ ଲୋକଙ୍କୁ ପ୍ରୀତି କରିବାର ଛାଡ଼ିଦେଇ ଅଛନ୍ତି ଏବଂ ପରମେଶ୍ୱରଙ୍କୁ ପାଶୋରିଅଛନ୍ତି । ଏପ୍ରକାର ଲୋକ ନିକଟରେ ସଦ୍ବ୍ୟବହାର ସର୍ବ କୌଣସିରୂପେ ଆପେ ଗୋଟିଏ ଉଚ୍ଚପଦ ଅଧିକାର କରିବା ଅଥବା ଏଥିରେ ସ୍ୱଦେଶୀୟଙ୍କର କୁଶଳ ଅଥବା ଆପଣାର ସଚ୍ଚରିତ୍ର ଚରିତାର୍ଥ ହେଉ ବା ନ ହେଉ ତହିଁର ଚିନ୍ତା ନାହିଁ । ଅଧିକ ଧନଲାଭ କିମ୍ବା ବଡ଼ଗିରିକି ହେଲେ ପଦ ମର୍ଯ୍ୟାଦ ଆଶା ମେଣ୍ଟିଗଲା । ତଦ୍ୱାରା ଲୋକଙ୍କ ପାର୍ଥିବ ବୈଷୟିକ ବା ନୈତିକ ଉନ୍ନତି କରିବା କିମ୍ବା ଲୋଭ ଓ କଷ୍ଟରୁ ମୁକ୍ତମଣି ଆଦର୍ଶଚରିତ୍ର ଦେଖାଇବାପ୍ରତି ଆସ୍ଥା କରନ୍ତି ନାହିଁ ।

ସହଯୋଗୀ ହୋପଙ୍କର ଉପରଲିଖିତ କଥାମାନ ବିସ୍ତାରକରି ଲେଖିବାରେ ଆମ୍ଭମାନଙ୍କର ଉଦ୍ଦେଶ୍ୟ ଏହି ଯେ ଶିକ୍ଷିତଲୋକମାନେ ଧୀରଭାବରେ ଏ ସବୁକଥାର ବିଚାର କରନ୍ତୁ ଏବଂ ବିରକ୍ତ ହେବେ ନାହିଁ । ଶିକ୍ଷିତଲୋକଙ୍କର ଦାୟିତ୍ୱ ସାମାନ୍ୟ ନୁହଇ ଓ ତାହା ସୁଚାରୁରୂପେ ନିର୍ବାହକରିବା ବଡ଼ କଠିନ । କଠିନକାର୍ଯ୍ୟ ସୁଚାରୁରୂପେ ନିର୍ବାହ କରିବା ପୁରୁଷାର୍ଥ ଅଟଇ । କେତେ ଅଶିକ୍ଷିତ ବା ଅଳ୍ପ ଶିକ୍ଷିତ ଲୋକ ବୁଦ୍ଧି ଅଥବା ସହାୟବଳରେ ଧନ ବା ସରକାର ପଦ ଲାଭ କରୁଅଛନ୍ତି କିନ୍ତୁ ସେହି ଧନ ବା ପଦଦ୍ୱାରା ସର୍ବସାଧାରଣଙ୍କର ମଙ୍ଗଳ ସାଧନ କରିବା ଏହା ଶିକ୍ଷିତଲୋକଙ୍କଠାରୁ ବିଶେଷ ଆଶା କରାଯାଏ । ସୁତରାଂ ଯେଉଁ ଉଚ୍ଚଶିକ୍ଷା ଏତେ ପରିଶ୍ରମ ଓ ଯତ୍ନରେ ଲାଭ ହୋଇଅଛି ତାହା ସାଧାରଣ ହିତକାର୍ଯ୍ୟରେ କିରୂପେ ନିୟୋଜିତ ହେବ ଶିକ୍ଷିତଲୋକଙ୍କର ସର୍ବଦା ଚିନ୍ତାକରିବା କର୍ତ୍ତବ୍ୟ ।

---

## ହିନ୍ଦୁଧର୍ମ ପ୍ରଚାରର ବ୍ୟବସ୍ଥା ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ବର୍ତ୍ତମାନ ହିନ୍ଦୁଧର୍ମର ଉପଦେଶ ଦେବା ନିମିତ୍ତ ଅନେକ ସଭା ସ୍ଥାପିତ ହୋଇଅଛି ଏବଂ ନବଶିକ୍ଷିତ ଯୁବାମାନେ ମଧ୍ୟ ଏହି ସଭାରେ ଯୋଗ ଦେଇ ତହିଁର ପୁଷ୍ଟିସାଧନ କରୁଅଛନ୍ତି । ଏତଦ୍ୱାରା ଉପକାର ହେଉଅଛି ସନ୍ଦେହ ନାହିଁ । କିନ୍ତୁ ସଭାର ପ୍ରଧାନ ଅଙ୍ଗ ବକ୍ତୃତା, ଲୋକେ ଦେଶହିତୈଷୀ ଓ ଜ୍ଞାନଲୋକଙ୍କର ସାରଗର୍ଭ ବକ୍ତୃତା ଅବା କୌଣସି ବିଷୟର ବ୍ୟାଖ୍ୟା ଶୁଣି ଯେପରି ସହଜରେ ହୃଦୟଙ୍ଗମ କରି ପାରନ୍ତି ପୁସ୍ତକାଦି ପାଠଦ୍ୱାରା ସେପରି ବୁଝିବାକୁ ସକ୍ଷମ ହୁଅନ୍ତି ନାହିଁ । ସେହି ହେତୁ ଆଜିକାଲି ବଙ୍ଗଳାର ପ୍ରଧାନ ନଗରମାନଙ୍କର ପଣ୍ଡିତମାନେ ସମୟରେ ସ୍ୱତଃ ପ୍ରବୃତ୍ତ କିମ୍ବା ଅନୁରୁଦ୍ଧ ହୋଇ ମୋଫସଲର ନାନା ସଭାରେ ବକ୍ତୃତା ପ୍ରଦାନ ପୂର୍ବକ ଲୋକମାନଙ୍କର ମନ ଧର୍ମ ଆଡ଼କୁ ଆକର୍ଷଣ କରୁ ଅଛନ୍ତି । ଓଡ଼ିଶାରେ ଏପରି ସ୍ରୋତ ନାହିଁ ଓ ତାହା ହେବା ମଧ୍ୟ ଦୁଃସାଧ୍ୟ ନୁହଇ । ଅତଏବ ପତ୍ରପ୍ରେରକ ଓଡ଼ିଶାର ବଡ଼ ସଭାକୁ ଅନୁରୋଧ କରୁ ଅଛନ୍ତି କି ସେମାନେ ସମୟରେ ନିଜସଭାର ପ୍ରଧାନ ବକ୍ତା ବା ପଣ୍ଡିତମାନଙ୍କୁ ସଭାର ପକ୍ଷରୁ ସେମାନଙ୍କର ଆବଶ୍ୟକୀୟ ପାଥେୟ ଖର୍ଚ୍ଚ ଦେଇ ମୋଫସଲର ନାନାସ୍ଥାନରେ ଧର୍ମପ୍ରଚାରର ବ୍ୟବସ୍ଥା କରନ୍ତୁ ।

ପ୍ରସ୍ତାବଟି ଉତ୍ତମ ସନ୍ଦେହ ନାହିଁ । କିନ୍ତୁ ପ୍ରଚଳିତ ପ୍ରବାଦ ଅଛି କି 'ବଳରାମ ଦାସ ଭାବରେ ଭଣିଲେ ସବୁକଥା ମୂଳ କଉଡ଼ି' । ଅର୍ଥ ବିନା କୌଣସି କାର୍ଯ୍ୟ ସାଧିତ ହୋଇ ନ ପାରେ । ବ୍ୟକ୍ତିବିଶେଷର ଚେଷ୍ଟା ବା ଅର୍ଥ ବ୍ୟୟରେ ଯାହା ହେବା କଠିନ ଦଶଜଣର ଚେଷ୍ଟା ଓ ଅର୍ଥଦ୍ୱାରା ତାହା ସାଧନ କରିବା ସଭାର ମୂଳମନ୍ତ୍ର ଅଟଇ । ବର୍ତ୍ତମାନ ସମୟରେ ଅର୍ଥ ଅଧିକ ମୂଲ୍ୟବାନ୍ ବା ପ୍ରୟୋଜନୀୟ ହୋଇଥିବାରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ସଭାବିଶେଷର ସଭ୍ୟମାନଙ୍କ ଆଗ୍ରହ ଓ ସହାନୁଭୂତିର ପରିମାପକ ହୋଇଅଛି । ଯେଉଁ ସଭାର ଆର୍ଥିକ ଅବସ୍ଥା ଯେତେ ଭଲ ତାହାଦ୍ୱାରା ସେତେ କାର୍ଯ୍ୟ ସାଧନ ହୋଇ ପାରିବାର ସମ୍ଭବ । ଅବଶ୍ୟ ବିବେଚନା ପୂର୍ବକ ଅର୍ଥବ୍ୟୟ ନ କଲେ ଯେମନ୍ତ ବ୍ୟକ୍ତିବିଶେଷର ତେମନ୍ତ ସଭାର ଉପକାର ହୁଅଇ ନାହିଁ । କିନ୍ତୁ ବର୍ତ୍ତମାନ ସମୟରେ ବିଚାର ଦେବାକୁ ଯେତେଲୋକ ମିଳୁ ଅଛନ୍ତି ଅର୍ଥ ସାହାଯ୍ୟ କରିବାକୁ ସେତେ ଲୋକ ମିଳୁ ନାହାନ୍ତି । ଏହି ହେତୁ ଅନ୍ତତଃ ଓଡ଼ିଶାର କୌଣସି ସଭାଦ୍ୱାରା ଅଦ୍ୟାବଧି ପ୍ରକୃତ ଉପକାର କିଛି ହୋଇ ପାରୁ ନାହିଁ । ଅନ୍ୟ ସଭାର କଥା ଥାଉ କେବଳ ହିନ୍ଦୁଧର୍ମ ରକ୍ଷା ବା ପ୍ରଚାର ନିମିତ୍ତ ଏହି ନଗରରେ ଗୋଟିଏ ସଭା ଅଛି ମାତ୍ର ଏହାର ଆର୍ଥିକ ଅବସ୍ଥା ଶୂନ୍ୟ ବୋଲିଲେ ଅତ୍ୟୁକ୍ତି ହେବ ନାହିଁ । ଏପରି ନିର୍ଜୀବ ସଭାଦ୍ୱାରା କି କାର୍ଯ୍ୟ ସାଧିତ ହେବ ? କେବଳ ଭୋଜି ଓ ନଗରକୀର୍ତ୍ତନରେ ଧର୍ମର ଉନ୍ନତି ହୁଅଇ ନାହିଁ । ଏ ସବୁ ଉପାୟରେ କ୍ଷଣକ ସକାଶେ ଲୋକେ ଆକୃଷ୍ଟ ହୋଇ ପାରନ୍ତି ଏବଂ ସେହି ହେତୁ ପ୍ରାଚୀନକାଳରୁ ଅବଲମ୍ବିତ ହୋଇଅଛି । ମାତ୍ର କେବଳ ଆକୃଷ୍ଟ ହେବା ଯଥେଷ୍ଟ ନୁହଇ । ଜ୍ଞାନୀ ଧାର୍ମିକ ପଣ୍ଡିତ ଏମାନଙ୍କ ଉପଦେଶ ଦେବା ନିମିତ୍ତ ନିଯୁକ୍ତ କରିବାର ଆବଶ୍ୟକ ଯେମନ୍ତ କି ସେ ଆପଣା ସଂସାର ନିର୍ବାହର ଚିନ୍ତାରୁ ଅବସର ପାଇ କେବଳ ଏହି କାର୍ଯ୍ୟ-

Digitized by srujanika@gmail.com

Split by PDF Splitter



ରେ ଦକ୍ଷିଣା ନିଯୁକ୍ତ ରହିବ ଓ ସେହି କାର୍ଯ୍ୟ-ସାଧନରେ ଆପଣା ଜୀବନ ସାର୍ଥକ ଜ୍ଞାନ କରିବ । ଏହି ହେତୁ ପ୍ରାଚୀନକାଳରୁ ବ୍ରାହ୍ମଣ ପଣ୍ଡିତଙ୍କୁ ଅର୍ଥ ସାହାଯ୍ୟ ଦେବାର ବ୍ୟବସ୍ଥା ହୋଇଅଛି ଯେ ସେମାନେ ସଂସାରିକ ଚିନ୍ତାରୁ ଅବସର ପାଇ ଧର୍ମଚିନ୍ତା ଓ ସ୍ୱଜାତିର କାର୍ଯ୍ୟରେ ସତତ ନିଯୁକ୍ତ ରହିବେ ଏବଂ ସେହି କାରଣରୁ ବର୍ତ୍ତମାନ ସଭ୍ୟତମ ଇଂରାଜମାନେ ପ୍ରଚୁର ଧନ ସାହାଯ୍ୟଦ୍ୱାରା ପାଦ୍ରୀମାନଙ୍କୁ ନିଯୁକ୍ତ କରି ଦେଶ ବିଦେଶରେ ଧର୍ମପ୍ରଚାରର ସୁଯୋଗ କରି ଅଛନ୍ତି । ଆମ୍ଭେମାନେ ଇଦାନୀଂ ଇଂରାଜଙ୍କଠାରୁ ସଭ୍ୟ ହେବାର ନିୟମ ଶିଖିଅଛୁଁ ମାତ୍ର ସେମାନଙ୍କ ପରି ଅଧ୍ୟବସାୟ ଚେଷ୍ଟା ଓ ଅର୍ଥସାହାଯ୍ୟ କରିବାକୁ ଶିଖି ନାହୁଁ । ସୁତରାଂ ଆମ୍ଭମାନଙ୍କଦ୍ୱାରା କୌଣସି କାର୍ଯ୍ୟ ହେଉ ନାହିଁ ।

---

( ପ୍ରାପ୍ତ )

ନାନାସ୍ଥାନର କଥା ।

(ଗତସପ୍ତାହିତ ଉତ୍ତାରୁ)

ଦଶପଲ୍ଲା—ପ୍ରଜାଙ୍କର ବିଶେଷକଷ୍ଟ ହୋଇଅଛି । ସଡ଼ପଡ଼ଗଡ଼ର ମଣ୍ଡଳୁ ଯାଉଁକର ଅନେକ ଲୋକ ଅହାର କରୁଅଛନ୍ତି । ଏକ୨ ସଡ଼ପଡ଼ଗଡ଼ର ମୂଲ୍ୟ ୩।୨ ଟଙ୍କା ହୋଇଅଛି । ଏହି ଦଳ ବଣୁଆଁ ଜାତି ଢେଙ୍କାନାଳରୁ ଯାଇ ଦଶପଲ୍ଲା ଅରଣ୍ୟରେ ଅଛନ୍ତି, ଏହାଙ୍କର ନିର୍ଦ୍ଦିଷ୍ଟ ବାସଗୃହ ନାହିଁ । ସମୟ୨ରେ ଏକ୨ ସ୍ଥାନରେ ରହି କେବଳ ମାଙ୍କଡ଼ମାରି ଖାଉଅଛନ୍ତି । ସ୍ଥାନୀୟ ସଦର ମହାଲ୍ଲର ହେବାରୁ ରାଣୀ ନଅର ଛାଡ଼ି କଣ୍ଡପଡ଼ା ଗଡ଼କୁ ବାହାର ଅସିଅଛନ୍ତି ।

ନରସିଂହପୁର—ଜଙ୍ଗଲ ଖଡ଼ ହୋଇ ଅଛି । ବିଶେଷ କଷ୍ଟସମୟରେ ସର୍କାରସାହାଯ୍ୟ ଅଦ୍ୟାପିବ ହୋଇ ପ୍ରଜାଙ୍କୁ ଭରସା ଦଅ ଯାଇଥିଲା । ଅଦ୍ୟ କୌଣସି ଅନୁଷ୍ଠାନ ହୋଇଥିବାର ଜଣା ପଡ଼ୁ ନାହିଁ । ଭଣ୍ଡମାନଙ୍କ ଅତ୍ୟନ୍ତ ବାଧୁଅଛି । ଅନେକ ପରିବାର ଘରଛଡ଼ା ହୋଇ ଯେଣୁ ନର୍ଦ୍ଦିଷ୍ଟ ମାଗି ବୁଲୁଅଛନ୍ତି । ଏ ଷ୍ଟେଟର ମ୍ୟାନେଜର ଲୋକଙ୍କ ସହିତ ସୁନ୍ଦର ନୀତି ଧାରନ୍ତି ଓ ଉତ୍ତମ କାର୍ଯ୍ୟରେ ଭାବର ପ୍ରଶଂସା ହେଉଅଛି ।

ନୂଆଗଡ଼—ଦୁର୍ଭିକ୍ଷର ପ୍ରକାଶ ପ୍ରବଳ, ଅନାହାର ବଡ଼ା ହାହାକାର ପଡ଼ିଅଛି । ମୃତ ବ୍ରାହ୍ମଣ ଶୃଙ୍ଖଳିସ୍ଥାନେ ପ୍ରାୟ ୨୨ ହଜାର ବ୍ରାହ୍ମଣ ଉପସ୍ଥିତ ହୋଇଥିଲେ ସେମାନଙ୍କର ଯଥୋଚିତ ସତ୍କାର ହୋଇଅଛି । ବ୍ରାହ୍ମଣମାନେ ରାଜଗାଦିର ବହୁତ ପ୍ରଶଂସା କରୁଅଛନ୍ତି । ନୂତନ ରାଜା ଦୟାଳୁ ବୋଲି ଜଣାଯାଉଅଛି । ଦୁର୍ଭିକ୍ଷ ଯୋଗରୁ ଲକ୍ଷ୍ମୀନେଶ୍ୱର ଦେବଙ୍କ ବୃହତ୍ ମେଳା ଅତି ସାମାନ୍ୟ ରୂପରେ ନିର୍ବାହ ହୋଇ ଅଛି ।

ବଡ଼ମ୍ବା—ଦୁର୍ଭିକ୍ଷ ପୀଡ଼ିତଙ୍କ ପାଇଁ କେତେଗୋଟା ପୋଷଣଶ୍ରମ ଓ ନୂତନ ରାସ୍ତା ତିଆରିର ଅନୁଷ୍ଠାନ ହୋଇଅଛି, ଏବଂ ରକ୍ଷିତ ଜଙ୍ଗଲଖଣ୍ଡ ଦିଆ ଯାଇଅଛି ଓ କେତେକ ଅନାଥ ବାଳକଙ୍କୁ ସରକାରଙ୍କଠାରୁ ପ୍ରେରଣ ମିଳୁଅଛି । ଏ ସାମାନ୍ୟ ସାହାଯ୍ୟରେ ସମ୍ଭୁଳା ପଡ଼ୁ ନାହିଁ, ଅନେକ ଲୋକ ଆଟିକା ଧରି ସ୍ଥାନାନ୍ତରକୁ ପଳାଇଅଛନ୍ତି । ମ୍ୟାନେଜର ପ୍ରଜାଙ୍କ ଦୁଃଖରେ ଦୁଃଖିତ ହୋଇ ଅଳ୍ପ ସ୍ୱଳ୍ପ ଯେଉଁ ଉପାୟ କରିଅଛନ୍ତି ସେଥିପାଇଁ ସେ ଧନ୍ୟବାଦ ପାଇବାର ଯୋଗ୍ୟ । ଏ ବଇର ଲୋକଙ୍କୁ କୋର୍ଟଫିସ ପୀଡ଼ା ଅତ୍ୟନ୍ତ ବାଧୁଅଛି । ଏ ବଇର ପ୍ରଜାମାନେ ମୁଗଲବନ୍ଦି ପ୍ରଜାଙ୍କଠାରୁ ଅନେକ ପରିମାଣରେ ଗରିବ । ଏଠାରେ କୋର୍ଟଫିସ ଓଗେର ଚଳାଇବା କଦାପି ଉଚିତ ନୁହେ ।

ବାଙ୍କୀ—ଅନ୍ନକଷ୍ଟ ଉପସ୍ଥିତ ହୋଇଅଛି । ଠେଙ୍କିା ବଜାରରେ କେହି ଯେବେ କଲେ ଚା ଲୁକା ଗଣ୍ଡାଏ ଖାଇଲେ ୩।୨ ଜଗାଣ ଘେର କରୁଅଛନ୍ତି । କେତେକ ନୂତନ ଗ୍ରାମ୍ୟ ରାସ୍ତା ହୋଇଅଛି । ଖାଉବ ଜମାରୁ କେତେ ଖଜଣା ମାଫ ମିଳିଅଛି । ରକ୍ଷିତ ଜଙ୍ଗଲ ଖଣ୍ଡ ହେବାରୁ ବାଙ୍କୀବାସୀ ସବରମାନେ କାଠ କାଟି ପ୍ରାଣରକ୍ଷା କରୁଅଛନ୍ତି, ଏଥିପାଇଁ ସ୍ଥାନୀୟ କର୍ମଚାରୀ ପ୍ରଶଂସାର ଯୋଗ୍ୟ । ଏଣିକି ଗରିବମାନେ କପଡ଼ ବାହାରେ ଚଢ଼ିବା ଉପାୟ କରିବା ଆବଶ୍ୟକ ହୋଇଅଛି । ଦୁର୍ଭିକ୍ଷ ଯୋଗରୁ ଚଇତ୍ର ଠାକୁରାଣୀଙ୍କ ପଣା ସଂକ୍ରାନ୍ତି ମେଳା ଅତି କ୍ଷୀଣ ବେଶ ଧାରଣ କରିଥିଲା । ବନ୍ଦୋବସ୍ତ ମହକୁମାର କାର୍ଯ୍ୟ ଧୀରେ୨ ଚାଲୁଅଛି । ଜମାବନ୍ଦିର କମକେଶି ଅଲୋଚନା ସାଧାରଣରେ ଲାଗିଅଛି । ଆମ୍ଭେମାନେ ଯେବେ କହୁଅଛୁଁ ପ୍ରଜାଙ୍କର ଏ ଦୁର୍ଭିକ୍ଷ ସମୟରେ ସରକାର ବାହାଦୁର ଅତ୍ୟଧିକ କମ ଜମା ଧାର୍ଯ୍ୟ କରି ଦୟାଗୁଣର ପରିଚୟ ଦେବେ ।

ରଣପୁର—ସର୍ବତ୍ର ପରିତୋଷ ହୋଇଅଛନ୍ତି । ଲୋକଙ୍କର ଖାଦ୍ୟକଷ୍ଟ ଓ ଜଳକଷ୍ଟ ଘଟିଅଛି । ବିଶେଷତଃ ମାଳୁଆ ପ୍ରଜାଙ୍କର ଅଧିକ ଅଭାବ ପଡ଼ିଅଛି । ଏଠା ମାଳରେ ଅନେକ ବଣଜବଳୀ ଜାଳିଦିଏ । ଏ ବର୍ଷ ସେ ସବୁ ବଣାଦ ନଷ୍ଟ ହୋଇ ଥିବାରୁ ବଣମାନଙ୍କୁ ବିଶେଷ ବାଧିଅଛି । ଏଠା ରକ୍ଷିତ ଜଙ୍ଗଲର ଉତ୍ପନ୍ନମାନଙ୍କ ଅତି ସହଜ ଉପାୟ ଦେବାର ଅବସ୍ଥା, ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତିମାନଙ୍କୁ ରାଜସରକାରରୁ ସାହାଯ୍ୟ ଦେବାର ଆରମ୍ଭ ହୋଇଅଛି ।

ହିନ୍ଦୋଳ—ଦୁର୍ଭିକ୍ଷ ସଙ୍ଗେ୨ ଘୋର ଜଳକଷ୍ଟ ଘଟିଅଛି, ଗୋରୁ ମଇଷି ଓଗେର ପଶୁମାନେ ଜଳବିନା ମହାକଷ୍ଟରେ ପଡ଼ିଅଛନ୍ତି । ରାଜା ଓ ଦେଓ୍ୱାନ ଗୋବର୍ଦ୍ଧନ ବାବୁଙ୍କୁ ଆମ୍ଭେମାନେ ବିଶେଷ ଅନୁରୋଧ କରୁଅଛୁଁ । ବଇରେ ଗୋଟାକେତେ ବଡ଼୨ ପୁଷ୍କରିଣୀ ଖୋଳାଇ ପ୍ରଜାଙ୍କ କଷ୍ଟ ଦୂର କରନ୍ତୁ ।

କଟକସହର—ନୂଆ୨ କୋଠା ବାଡ଼ ବହୁତ ହେଉଅଛି । କଣି ଘୋଡ଼ାର ଗାଡ଼ି ତନକ ସୃଷ୍ଟିଅଡ଼େ ପୂରି ରହିଅଛି । ଖୋଡ଼ା ଖୋଣ୍ଟା ଉପରେ ଟିକସ ଖଡ଼ା ଲାଗିଅଛି । ପ୍ରବଳ ଗ୍ରୀଷ୍ମରେ ଲୋକେ ପଇରଖଡ଼ା ହେଉଅଛନ୍ତି । ସମ୍ପ୍ରତି କଙ୍ଗାଳ ଦଳ୨ ବୁଲୁଅଛନ୍ତି । ସାହେବ ସୁଭାଙ୍କର ବାବୁ ଭଦ୍ରଙ୍କର କଙ୍ଗାଳଙ୍କ ଉପରେ ନଜର ପଡ଼ ନାହିଁ, ସାମାନ୍ୟ ଦୋକାନୀଙ୍କ ଚକଟିରେ କଙ୍ଗାଳଙ୍କର ଯାଚନାର ଅନ୍ନ ଖୁଦ ଲାଗିଅଛି । ଉତ୍କଳସଭା, ଧର୍ମ, ଜମିଦାର, ଓକିଲ ପ୍ରଭୃତି ମିଳି ଏହି ଅନାଥ ଅନାଥୀମାନଙ୍କ ପାଇଁ ଦୈନିକ ମୁଠାଏ ଲେଖାଏଁ ଖୁଦର ବନ୍ଦୋବସ୍ତ କରନ୍ତି ତେବେ କି ଧର୍ମ ଓ ବାହାଦୁରୀର ନ କରନ୍ତି ?

ମହାବିନାୟକ—ଦର୍ପଣୀର ଅନ୍ତର୍ଗତ ଗୋଟିଏ ରମଣୀୟ ସ୍ଥାନ, ପର୍ବତରୁ ଝର୍ଣ୍ଣର ବହୁଅଛି । ମଧ୍ୟରେ ଦେବାଳୟ ପ୍ରତିଷ୍ଠିତ । ବାବୁ ଶ୍ରୀ ଗୋପୀନାଥ ପଣ୍ଡିତ ଏଠାରେ ସଦାବର୍ତ୍ତ ସଞ୍ଜା କରିଥିଲେ । ବର୍ତ୍ତମାନ ତାହା ନାହିଁ, ଶିବରାତ୍ରିଦିନ ବୃହତ୍ ମେଳା ହୁଏ । ଗତ ମେଳା ଦିନ ବିଶେଷ ପ୍ରବନ୍ଧ ଓ କାୟଦା ନ ଥିବାରୁ ଜଳକୁଣ୍ଡମାନଙ୍କରେ ଲୋକେ ପଶି ସ୍ନାନ କଲେ । ଏହା ଅତି କଦର୍ଯ୍ୟ ହୋଇଗଲା ପରନ୍ତୁ ଜଳ ପାଇଁ ଅନେକଲୋକ କଷ୍ଟ ଅନୁଭବ କଲେ । ଆମ୍ଭେମାନେ ରାଜା ବୈଦ୍ୟନାଥ ପଣ୍ଡିତଙ୍କୁ ଅନୁରୋଧ କରୁଅଛୁଁ ଏସ୍ଥାନ ମାର୍ଜିତ ରହିବା ସକାଶେ ସୁବ୍ୟବସ୍ଥା ଓ ପ୍ରାଚୀନ ସଦାବର୍ତ୍ତ ଚଳାଇ ପ୍ରଶଂସାଭାଜନ ହେବେ

Digitized by srujanika@gmail.com

ଧାର ଯୋଗରେ ଅନେକ ଲୋକ ହାତରୁ ଧାନ୍ୟ ଚାଉଳ ଗଡ଼ ଦେଉଅଛନ୍ତି । ଏକଷ୍ଟ୍ରା ପୁଲିସ ଇନ୍ସପେକ୍ଟର ବାବୁ ଲକ୍ଷ୍ମୀନାରାୟଣ ଦାସ ବାନୁର୍ଯ୍ୟା ସନ୍ନିହିତ ଏ ଅଞ୍ଚଳରେ ଗସ୍ତ କରି ଲୋକମାନଙ୍କର ଅବସ୍ଥା ସ୍ୱୟଂ ବିଶେଷରୂପେ ବୁଝୁଅଛନ୍ତି ଏବଂ ସଦେଶୀ ବାକଥାସ୍ୱାମୀମାନଙ୍କୁ ଧାନ ଚାଉଳ ନ ଦେଇ ଋଣ ପ୍ରତିଭାବ ନା ପ୍ରଜାମାନଙ୍କୁ ଛାଡ଼ା ଦେବା କାରଣ ଜମିଦାରମାନଙ୍କୁ ଉପଦେଶ ପ୍ରଦାନ କରୁଅଛନ୍ତି । ଏହା ଅବଶ୍ୟ ଅତି ପ୍ରଶଂସାର ବିଷୟ । ଏ ସପ୍ତାହରେ କୌଣସି ସ୍ଥାନରେ ଦୁଇ ସର ଅଶା ବୃଷ୍ଟି ହୋଇଅଛି । ବୋଧ ହୁଏ କଣାମେସ ବୋଲି ଏହି ସ୍ଥାନରେ ବର୍ଷି ଯାଉଅଛି ଓ ତହିଁର ନିକଟବର୍ତ୍ତୀ ସ୍ଥାନରେ ଉତ୍ତାପ ତୀବ୍ର ହେଉଅଛି ।

## ପତ୍ରପ୍ରେରକଙ୍କ ପ୍ରତି ।

ଘାଥାବଳୀର ଅଧ୍ୟେତ୍ରର 'ହଜାବାହ୍ମୀ—ଲୁଞ୍ଚ-ପାଳନର ତର୍କଜ୍ଜାଳା ସମ୍ବନ୍ଧରେ ଅଭିଜ୍ଞ ଜ୍ଞାତିନ ହୋଇ ଥିବାର ଲେଖି ଯେଉଁ ଅଂଶରେ କ୍ଷମାଉ ହେବାର ପ୍ରଯୋଜନ ତାହା ଦେଖାଇ ଦେଇଅଛନ୍ତି । ଅମ୍ଭମାନଙ୍କ ବିବେଚନାରେ ଅଧ୍ୟେତ୍ରର ସେକ୍ରେଟେରୀଙ୍କୁ ସେ ସବୁ କହି ଦେଲେ ଯଥେଷ୍ଟ ହେବ । ଅତଏବ ପତ୍ର ପ୍ରକାଶ କରିବା ଅନାବଶ୍ୟକ ।

ଶ୍ରୀ ବିଶ୍ୱନାଥ କର—"ଅଗ୍ନି"ରେ ପ୍ରକାଶିତ 'ମ୍ୟାଟ୍ରସିନ' ଶୀର୍ଷକ ପ୍ରବନ୍ଧ ଚୋରା ବୋଲି ଜଣେ ପତ୍ରପ୍ରେରକ ଧରିଲା ଦେଇଥିବାରୁ ତହିଁର ପ୍ରତିବାଦ କରି ଲେଖିଅଛନ୍ତି ଯେ ଉକ୍ତ ପ୍ରବନ୍ଧ ନବ୍ୟ ଭାରତରେ ପ୍ରକାଶିତ ଗୋଟିଏ ପ୍ରବନ୍ଧର ସାହାଯ୍ୟରେ ଲିଖିତ ହୋଇଅଛି ସତ୍ୟ ଅର୍ଥ-ମୂଳରେ ଏବଂ ଅନ୍ୟାନ୍ୟ ଅନେକ ସ୍ଥଳରେ ସ୍ୱାଧୀନମତ ବ୍ୟକ୍ତ ହୋଇଅଛି ସୁତରାଂ ଏହାକୁ ଚୋରା ବୋଲାଯାଇ ନ ପାରେ ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଦାମୋଦର ଓଝା ବୃନ୍ଦାବନ ଅଗ୍ରିମ | | ଟ ୩୧ |
| " ଗୋପାଳଚନ୍ଦ୍ର ଦାସ ଜବର | " | ଟ ୩୧ |
| ସେଖ୍ ଅହମ୍ମଦ ଭଣ୍ଡାରୀ | " | ଟ ୧୪ |
| ଜମିଦାର ରାମକୃଷ୍ଣନରେନ୍ଦ୍ରନାଥ ହରିପୁର | " | ଟ ୩୧ |
| ବାବୁ ଗୋବିନ୍ଦଚନ୍ଦ୍ର ଘୋଷ କଟକ | " | ଟ ୩୧ |
| " ପ୍ୟାରୀମୋହନ ସେନ ପୁରୀ | " | ଟ ୩୧ |
| " ଗୋପାଳଚନ୍ଦ୍ର ମାହାନ୍ତି କଟକ | " | ଟ ୩୧ |

# ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉ ଅଛୁଁ ଯେ ଅମ୍ଭେ ଜଗନ୍ନାଥପ୍ରସାଦ ଦାସ । ସା । ମାର୍କଣ୍ଡେଶ୍ୱର ସାହି । ଜ । ପୁରୁଷୋତ୍ତମ କ୍ଷେତ୍ର ହାଲ । ସା । ସହର କଟକ ବଲୋବସ୍ତ-ହାଉ ଗଳି ସ୍ୱମଗ୍ର ଅନ୍ତ୍ୟଙ୍କ ହୋମଦଲ୍ଲ କୋଠାରେ ବସା କରିଥିଲୁଁ ଏଥିରେ ଚଳିତ ମାସ ତା ୨୩ରଖ ସନ୍ଧ୍ୟା ଘ ୭ ଟଙ୍କା ସମୟରେ ଅମ୍ଭର ଗୁମାସ୍ତା ଗଦାଧର ମହାନ୍ତି କମ୍ଭଇଥିବ କାଗଜ ସେନ ଉକ୍ତସ୍ଥାନରୁ ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ଉକିଲ ମହାଶୟଙ୍କ କୋଠୀକୁ ଯାଉଥିବା ସମୟେ ଉକ୍ତ କାଗଜ ଅମ୍ଭର ବସା ବଲୋବସ୍ତହାଉ ଗଳିଠାରୁ ଚୁଙ୍ଗୀଚୌକ ବାବୁ ମଧୁସୂଦନ ଦାସ ଉକିଲ ମହାଶୟଙ୍କ କୋଠୀ ପର୍ଯ୍ୟନ୍ତ ଏହି ସ୍ଥାନ ମଧ୍ୟରୁ କୌଣସି ସ୍ଥାନରେ ଖସି ପଡ଼ିଅଛି ଯଦ୍ୟପି କେହି ବ୍ୟକ୍ତି ଉକ୍ତ କାଗଜକୁ ପାଇ ଥିବ ସେ ବ୍ୟକ୍ତି ଅମ୍ଭକୁ ଖବର ଦେଇ ଚୁଙ୍ଗୀଚୌକ ନିବାସୀ ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ଉକିଲ ମହାଶୟଙ୍କ କୋଠୀରେ ଦେବ ତେବେ ତାଙ୍କୁ ପଞ୍ଚାଶ ଟ ୫୦ ଙ୍କା ପୁରସ୍କାର ଦିଆଯିବ । ଇତି ।

ତଫସିଲ

। ପ୍ର । ଅନ୍ତର୍ଦ୍ଧାନ । ମୌ । ଅଇଂସମଲ ଇଜାରାରେ ଥିବା ନା ୨୧୪୯ ଜମି ବ ତହିଁର ଜମା ଟ ୨୧୫/୭୨ ଅଟେ ଉକ୍ତ ଜମିରେ ମଧୁସୂଦନ ମହାପାତ୍ର ନାମରେ ଆମଦାନୀ-ପଟ୍ଟା ... ... ... ... ...୧ ଟି

ତା ୨୭।୫।୮୯ ଶ୍ରୀ ଜଗନ୍ନାଥପ୍ରସାଦ ଦାସ

ନିମ୍ନଲିଖିତ ନିୟମମାନ ଜାଲ ଖୋଲିଲେ ଅମଳରେ ଆସିବ ।

ନୌକାମାନ ଜାଲମଧ୍ୟରେ ଗଳାଯାଇ ଭଡ଼ିବାର ଧାସ ।

ପ୍ରତ୍ୟେକ ନୌକା ଉପରଲେଖିତ କୌଣସି ଏକ ଜାଲରେ ପ୍ରବେଶ କଲେ ନିରୂପିତ ମାସୁଲ ଦେଇ ଖଣ୍ଡେ ଟିକଟ ପାଇବ ।

ଉକ୍ତ ଟିକଟରେ ନିମ୍ନଲିଖିତ ବିଷୟମାନ ଲେଖା ଥିବ । ଯଥା ।

ଟିକଟ ଦିଆଯିବାର ମୁକାମ ।

ନୌକା ମାଲିକର ନାମ ।

ନୌକା ମାଲିକ ଜାଲରେ ପ୍ରବେଶ ହେବା ତାରିଖ ।

ଯେଉଁ ମୁକାମକୁ ନୌକା ଯିବ ।

ନୌକା ବୋଝାଇର ଓଜନ ।

ଧାର୍ଯ୍ୟ ହେଲା ମାସୁଲ ଟଙ୍କା ଯେତେ ଦିନ ଜାଲମଧ୍ୟରେ ରହିବ ।

ଅତିରିକ୍ତ ଖର୍ଚ୍ଚ ନ ଦେଇ ନୌକା ଯେତେଦିନ ଜାଲମଧ୍ୟରେ ରହି ପାରିବ ତାହା ଏହିପରି ହିସାବ ହେବ । ଯଥା ।

ନୌକା ଯେତେ ମାଇଲ ବାଟ ଯିବ ପ୍ରତି ମା ୮ ଇଲ ବମା ତହିଁର ଅଂଶ ନିମନ୍ତେ ଦ ୧ ନ ଲେଖାଏ ଧରା ଯିବ ।

ଦ ୮ ଫା ।

* ଧାରାନୁସାରେ ଦିଆଯାଇଥିବା ସିଯୁଦର ଅତିରିକ୍ତକାଳ ନୌକା ଜାଲମଧ୍ୟରେ ରହିଲେ ପ୍ରତିଦିନ ବମା ଦ ୧ ନର ଅଂଶ ସକାଶେ ପ୍ରତ୍ୟେକ ମ ୧୦୦ ଣ କୋଝା-ଇରେ ଅଠ ଟ ୦୨.ଣା ଲେଖାଏ ଖରଚ ହିସାବ ହେବେ ।

Sashi Sekher Banerjee
Accountant
for ଏକଜିକ୍ୟୁଟିବ ଇଞ୍ଜିନିୟର ।
ବ୍ରାହ୍ମଣୀ ଡିଭିଜଣ ଉତ୍ତକଳ

## NOTICE.

The Ravenshaw College and Collegiate Shool will reopen after the mid-summer vacation on the 17th June, 1889. The working hours will be from $10\frac{1}{2}$ A. M. as usual.

Cuttack, 27—5—89. S. AGER, *Principal.*

# କୋଷ୍ଠୀବ୍ରହ୍ମାଣ୍ଡସୁନ୍ଦରୀ ।

ଉପେନ୍ଦ୍ରଭଞ୍ଜକୃତ ଉତ୍କୃଷ୍ଟକାବ୍ୟ ଟୀକା ଓ ଅର୍ଥ ସହିତ ମୁଦ୍ରିତ ହୋଇ ପ୍ରିଣ୍ଟିଂକୋମ୍ପାନିଙ୍କ ଦୋକାନରେ, ଉତ୍କୋଳଅପ୍ରେସରେ ଓ ବାବୁ ରାମପ୍ରସନ୍ନ ମୁଖୁର୍ଯ୍ୟାଙ୍କଠାରେ ବିକ୍ରୀ ହେଉଅଛି, ମୂଲ୍ୟ ଦୁଇଟଙ୍କା ।

ଓଡ଼ିଶା ମେଡିକେଲ ସ୍କୁଲରେ ଚଳିତବର୍ଷ ସକାଶେ ଗୋ ୧୦ ଟି ବୃତ୍ତି ଖାଲିଅଛି ।

ଅଧ୍ୟୟନେଚ୍ଛୁ ବାଳକମାନେ ଆପଣା ପ୍ରଶଂସା ପତ୍ରସହ ଅସନ୍ତା ଜୁନମାସ ତା ୧୦ ରଖରେ କଟକ ଜେନେରାଲ ହସ୍ପିଟାଲରେ ଉପସ୍ଥିତ ହେବେ ।

ପ୍ରକାଶ ଥାଉକି ଯେଉଁମାନେ ପ୍ରବେଶିକା ମାଇନର ଓ ବର୍ଣ୍ଣାକ୍ୟୁଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ, କେବଳ ସେହିମାନଙ୍କୁ ଉକ୍ତ ସ୍କୁଲରେ ଗ୍ରହଣ କରାଯିବ ।

ତା ୧୦ ଲଖ ମଇ ସନ ୧୮୮୯ ମସିହା

Ed. BOVIL.
ସୁପରିଣ୍ଟେଣ୍ଡେଣ୍ଟ
ଓଡ଼ିଶାମେଡ଼ିକେ-
ଲସ୍କୁଲ କଟକ

Split by PDF Splitter
Digitized by srujanika@gmail.com

## NOTICE.

Wanted a Clerk and Draftsman for the Engineer's office of this State. Pay Rs 25. Experience in the keeping of the D. P. W. accounts and in drawing is essentially necessary. Applications with testimonials will be received by the undersigned till the 31st. Instant.

Dhenkanal, The 9th May, 1889. } S. C. NAIK, *Manager.*

## NOTICE.

Key to the New Royal Readers No. I is out and sold in the Printing Company's office.

Price annas three only.

ନୂତନ ରୟୁଲରିଡର ନଂ ୧ ମରର ମାନେବହି ଛପାହୋଇ ପ୍ରିଣ୍ଟିଂକମ୍ପାନୀଙ୍କ ଅଫିସରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ମୂଲ୍ୟ ତିନଅଣା ମାତ୍ର ।

GOWREE SUNKER ROY.
Secretary.

## ଦ ମାଳୀ ।

ଗଡ଼ଜାତଖମାହାଲର ଏକ ଐତିହାସିକ ଉପନ୍ୟାସ—ଶ୍ରୀଉପେନ୍ଦ୍ର ସରକାରଙ୍କଦ୍ୱାରା ବିରଚିତ, କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଦୋକାନରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ।/୦ ୫

## ବିଜ୍ଞାପନ ।

ପ୍ରମେହାନ୍ତକ କଷାୟ ।

ଏହି ଔଷଧ ସେବନରେ ସକଳ ପ୍ରକାର ମେହ ରୋଗ ଏକ ସପ୍ତାହ ମଧ୍ୟରେ ଏକାବେଳକେ ଆରୋଗ୍ୟ ହୁଅଇ । ପ୍ରସ୍ରାବ କଲାବେଳେ ଯନ୍ତ୍ରଣା ଧାତୁ ପଡ଼ିବା ରକ୍ତ ପ୍ରସ୍ରାବ ଖଡ଼ିଜଳ ପରି ପ୍ରସ୍ରାବ, ଟୋପା ଟୋପା ପ୍ରସ୍ରାବ ପ୍ରସ୍ରାବ ଦ୍ୱାର ଫୁଲିବା ଓ ଦୁର୍ବଳତା ଏକାବେଳକେ ଆରୋଗ୍ୟ ହୁଅଇ ।

ଏକଶିଶିର ମୂଲ୍ୟ ଟ ୧ ପ୍ୟାକିଂ ଟ ୦ ୵
ଡାକମାସୁଲ ଟ ୦ ।

## ଶ୍ଳେଷ୍ମନାଶକ ଚର୍ଣ୍ଣ ।

ଏହି ଚର୍ଣ୍ଣକୁ କୌଣସି ଶ୍ଳେଷ୍ମଯୁକ୍ତ ସ୍ଥାନରେ ଲଗାଇ ଦେଲେ ମାତ୍ରକେ ଅତିଶୀଘ୍ର ବିନା ଯନ୍ତ୍ରଣାରେ ଶ୍ଳେଷ୍ମମାନ ସେ ସ୍ଥାନରୁ ଉଠିଯିବ । ଏହି ଚର୍ଣ୍ଣଦ୍ୱାରା ଦାଢ଼ି ନଷ୍ଟ, କେବଳ ପ୍ରଭୃତ ସ୍ଥାନରୁ ଶ୍ଳେଷ୍ମ ଉଠାଇଦେବା ଅତି ସହଜଅଟେ ।
ଏକଶିଶିର ମୂଲ୍ୟ ଟ ୦ ୫ ପ୍ୟାକିଂ ଟ ୦ ୵
ଡାକମାସୁଲ ଟ ୦ ।

ଏହା ଛଡ଼ା ସକଳ ପ୍ରକାର ରୋଗର ଔଷଧ ଅଛି । ବିଦେଶରୁ ରୋଗର ଅବସ୍ଥା ସମସ୍ତ ଲେଖି ପଠାଇଲେ ତହିଁ ଉପଯୋଗୀ ବ୍ୟବସ୍ଥା ଦିଆଯାଏ ।

କବିରାଜ ଶ୍ରୀ ଅଧରନାଥ ଶର୍ମା ।
ନ ୨୮ ମର ହରଘୋଷର ଷ୍ଟ୍ରିଟ, ସିମୁଳିଆ
କଲିକତା ।

ଶ୍ରୀମନ ମହର୍ଷି ବେଦବ୍ୟାସଙ୍କ ଶ୍ରୀମଦ୍ଭାଗବତ ପ୍ରଥମସ୍କନ୍ଧ ). ଶ୍ରୀଧର ସ୍ୱାମିଙ୍କ ଟୀକା ଏବଂ ଭାଷା ଅନୁବାଦ ସହିତ ମହାମହିମ ଶ୍ରୀ ଶ୍ରୀ ତାଳଚେରଅଧିପତିଙ୍କଦ୍ୱାରା ବିନାମୂଲ୍ୟରେ ବିତରିତ ହେବା କାରଣ ପ୍ରକାଶିତ ହୋଇଅଛି ଏବଂ ସ୍ୱକାମହୋଦୟଙ୍କ ଆଦେଶାନୁସାରେ ବିତରଣର ଭାର ଆମ୍ଭପ୍ରତି ଅର୍ପିତ ହୋଇଥିବାରୁ ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଯାହାଙ୍କର ଏ ପୁସ୍ତକ ପ୍ରୟୋଜନ ହେବ ଆମ୍ଭ ନିକଟକୁ ପତ୍ର ଲେଖିଲେ ପାଇପାରିବେ । ଡାକରେ ପୁସ୍ତକ ନେବାର ପ୍ରୟୋଜନ ହେଲେ ଡାକମାସୁଲ ନିମନ୍ତେ ଟ ।/୨ ର ଷ୍ଟାମ୍ପ ପଠାଇବାକୁ ହେବ ।

ପ୍ରକାଶଥାଉକି ଯେଉଁମାନେ ଏ ପୁସ୍ତକ ପଢି ବୁଝିପାରିବେ ସେହିମାନେ ପାଇବାର ଯୋଗ୍ୟ ଅଟନ୍ତି ।

କଟକ
ତା ୪ ରଖ ଅପ୍ରେଲ
ସନ ୧୮୮୯ ସାଲ } ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ ପ୍ରିଣ୍ଟିଂ
କମ୍ପାନୀ

ପ୍ରାକୃତିକଭୂଗୋଳ ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୨. କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମସ୍ୱପନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

## ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନସିଲ, ଚିଠିକାଗଜ ଷ୍ଟେସନରୀ ପଦାର୍ଥ, ବିବିଧପ୍ରକାର ଖେଳଣା, କଲ-ଗାଡ, କାମିଜ, କୋଟ, ଦେଶୀ ଓ ବିଲାତୀଯୋତା, ନାନାପ୍ରକାରଲୁଗା, ଖେଳିବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟର ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିଶୀଘ୍ର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କଣି ପଠାଇବାର ପରିଶ୍ରମ ନିମନ୍ତେ ଶତକଡ଼ା ୫ ୨। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୂତନ କି ନା, ରୋଗି ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ସ୍ଥାନକୁ ଭାଲ୍ୟୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ପରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ତେବେ ଏତିକି ମାତ୍ର କହୁଅଛୁଁ କି ଆମ୍ଭନିକଟରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack Stores
ଚିକିତ୍ସାଦ୍ରବ୍ୟ ଓ ଔଷଧାଳୟ } ଶ୍ରୀଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

Split by PDF Splitter
Digitized by srujanika@gmail.com

Split by PDF Splitter


# ମେହରୋଗ ।

ଏହି ଔଷଧରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚିତ ଯେ ଅବହେଳା କରି ନ ରହି ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଦୁର୍ବଳ ଅବସ୍ଥାରେ ପରିଣତ ନ ହେଲେ ଅଧିକ ଦିନ ଲାଗିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅହେରିଟୋଲା ନଂ ୩୮ ଭବନରେ ଏ, କେ, ଗତ କମ୍ପାନୀଙ୍କଠାରେ ଏବଂ କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ୧ା ଙ୍କା । ପ୍ୟାକିଂ ଓ ଡାକମାଶୁଲ ପୃଥକ୍ ।

---

ଚମତ୍କାର ମହୌଷଧ

ମଦର୍ସ ସିଗଲ ସିରପ ଓ ତାହାଙ୍କର ପିଲ୍ ଏ ଔଷଧ ବାତ ଓ ପେଟଫମ୍ପା ଓ ଜ୍ୱର ଆଦି ଅନେକ ବେମାରରେ ଉପକାରୀ । ଡାକ୍ତର ସ୍ମିଥ ଷ୍ଟୋକସ୍ମିଟକୋମ୍ପାନୀଙ୍କ ଲଯାଗ ଆମର ଚଉଧୁରୀବଜାର ଦୋକାନରେ ବିକ୍ରୟ ସକାଶେ ମହଜୁଦ ଅଛି ଗ୍ରାହକବର୍ଗ ଆବଶ୍ୟକମତେ ତଲବ କଲେ ପାଇ ପାରିବେ ।

| | |
|---|---|
| ମଦର୍ସସିଗଲସିରପ | ସି ୧ ୭ ଟ ୧୦/୦ |
| ପିଲ | ବା ୧ ୭ ଟ ୧୮ |
| ୧୬।୨।୮୯ | ଶ୍ରୀ ଅରବିନ୍ଦଭଞ୍ଜ କୋମ୍ପାନୀ |

---

# କାଳିକାଗଜ ।

ଉଲଲିଖିତ ସସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୋପାଳଙ୍କର ସମ୍ପର୍କ କସା ନିକଟେ ବାବୁ ଅର୍ଦ୍ଧଚନ୍ଦ୍ର ଦାସ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୦ ପଟି କାଇ | ପ ୧୮ ଟ ୨୦/୦ | ଡ ୧୮ ଟ ୦ ୧୦ |
| ୧୦ ପଟି | ,, ଟ ୨୫ | ,, ଟ ୦ ୧/୦ |
| ୧୦ ପଟି | ,, ଟ ୩ | ,, ଟ ୦ ୧ |
| ୨୨ ପଟି ଡବଲଫୁଲସ୍କେପ୍ ,, ଟ ୪ | | ,, ଟ ୦ ୧୭ |

---

ଶ୍ରୀଯୁତ ବାବୁ ଗୋପାଳଙ୍କର ସମ୍ପର୍କର ଚଉଧୁରୀବଜାର କସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଉପରଲେଖା ଓ କାଗଜ ଓ ଭେଲଭେଟ ଓ କଳାଉଣ୍ଟର ଲୁଗା ଓ ଷ୍ଟେସନରୀ ଓ ନାନା ଜାତି ଜିନିଷ ସବୁପ୍ରକାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ଜଣାଇ ଅଛୁ । ତଦ୍ଭିନ୍ନ ଆଉ କେତେକ ଫେନ୍ସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ କଲେଜ ଖାତା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କ ନିକଟକୁ ପଠାଯିବ । ଯଦି ଉକ୍ତ ଖାତାମାନ ବିକ୍ରୟ ହେବା ପରେ ଅପଣା ମଫସଲ ସକାଶେ ଖାତା ଚାହାନ୍ତି ତେବେ ଏକ ଗଣ୍ଡାକୁ ଫି ବନ୍ଧା ଟ୦।୧୨ ହିସାବରେ ଖାତା ଦେଲେ ପାଇ ପାରିବେ । ମାତ୍ର ତାହାର ଖଣ୍ଡ ଖଣ୍ଡ ଜାତ ନାମ ଉପରେ ଥିବ । ଯଦି ହେଲେ ଖାତାର ପଣ ମୂଲ୍ୟ ତାଙ୍କ ଦେବାକୁ ହେବ ।

ତାଲିକା ।

| | |
|---|---|
| ଜରିର ସେମିଣା ଓ ଦୁଇରେ ସୁତ ଛେଲେ ସୁନ୍ଦର । | କର୍ଣ୍ଣର ଅଙ୍କ । |
| ଦରୋଇଆସ | ଢୋଲେଇଭଙ୍ଗ । |
| ଦୋରେଶୀନ୍ ଚେଲ ଜବଦା ପେଟ ଖାଦା ଓ କୋଣ ଖଣ୍ଡିଆ । | ଜୀବ ଚିତ୍ର ଓ ଭଲ ଭଉଁର ଓ ଷାଗା ଖଣ୍ଡି |
| ଦୁଇ ଅର୍ଥାତ୍ ନକସା ଗଢିବା କାଗଜ ପେନ୍ସିଲ ଓ କଲମ । | ଉର୍ଣ୍ଣ ଦୁଇଫଲକୁର ଏକଫଲ ଦୁସ |
| ପେନ୍ସିଲ କାଟିବା ଛୁରୀ । | ଜେଲଥିନ ଉପୋର ସମ ହେଉଛି ଅଧିକ |
| ନାନା ପ୍ରକାରର ଚଡିଂ କାଗଜ ଓ ଲଫାଫା | ଏ, କୋହଲ ସମ୍ବେତ କାମିଜ ଓ କୁର୍ତ୍ତା । |
| ଟେବଲ ଢାଙ୍କୁଣୀ | ଡଜନ ଅନେକ ଏକତ କାଗଜ । |
| ବେତର ଛଡି । | ଅଟୋମେଟିକ ପେନ୍ସିଲ ଥାଏ ଏ ପେନ୍ସିଲରେ ଲେଡ ଭରିବା ପାଇଁ ଲେଡ ଭରାଇ ହେଉ ପେନ୍ସିଲ ଲେଖାରେ ଅଟେ ଯେତେ ବଡ ଟେବଲଠାରୁ ଦ ନଇଁ ଭଜନ । |
| ଜଲଣ ସାବୁନ । | |
| ଡାକାର ଯାବାର ସବୁଁ ଦେ ଲୁଗା ପରିଷ୍କାର ହୁଏ । | |
| ଉସ୍ତୋର ରେଜ—ଅର୍ଥାତ୍ ଖୁରଣୀ ଟୁଲ୍ । | |
| ଅଣ୍ଡର ଜୁଭ । | |
| ଦେଶୀର ଖୁବ ଛୁରୀ । | |

| | |
|---|---|
| ଯୋର୍ଦ୍ଦଭୁକର ଓ ପିଚ୍ଚର କେଶର ସେଲ ଓ ଚଉଦ ଡବେ ଘରେ | ଛାଣି ଓ ପାଉଡର ଦେବି ଡିଭା |
| ଦୁଗ୍ଧ ଢାଳ ଅର୍ଥାତ୍ ଥେଣ୍ଟି ବାକେଟରେ ଭଲ ଓ ଏଥିରେ ନାଁ ଦେବ | ଡବଲ ଡେଲଟରେ ନଳୀ ଲାଗିବାର ଥାଇ ମନ୍ଦରାମା |
| ଅଲାଜା ଫଲା | ରେଲ ଟୁ ପେନ୍ସିଲ |
| ୧୨ x ୧୦ ଇଞ୍ଚ | ବଟାଉଣୀ ଜାଣି ଓ ଖୋଲ ଓ ଜନ |
| ୧୪ x ୧୨ ଇଞ୍ଚ | ମଳସୁଦାଣୀ ଓ ଚିଉଣି ପାଉ ପାଉଡର ଓ ଶାଗୀ । |
| ୧୭ x ୧୪ ,, | ବିଷ୍ଣୁ ଭାବ |
| ମୋଜା ଓ ଗୋଡ଼ାଭଉ ତଉମ ୪୮ ଜନାଇଛି | ଏକିନୋଷ ଅର୍ଥାତ୍ ଉଗାଣ୍ଡିକ ଛାପାର ଅକ୍ଷର ଡଷ୍ଟର କରିବା ଜନରେ ଦରକାର ହୁଏ । |
| ଚଉଁରି ଖାଇବା ଓ ଖୁବଚା | |
| ଭେଟେମେଣ୍ଟରେଜ । | |

# ପିତଳ ।

ଏ ଛାରଲୁଗି ହେଉଥିବା ପାତରେ ଲଗିଲେ ତାଙ୍କ କୋଠାଘରର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ, ଘରର ଛାତ ଉପରେ ଲେପିଦେଲେ ମଜବୁତ ଓ ହାଲୁ ଖସିବ ନାହିଁ ।

କଟିଲ ଡବା ଓ ଘ୍ୟାକ ଲଗାଇବାର କାମ ମଧ୍ୟ ଅଛି ।

ଅରୁଣୋଦୟ କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡିପ୍ରତି | ଟ ୦/୧୦ |
| ଅଷ୍ଟପ୍ରମୁଖ | ଟ ୨ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାହାର ଶର୍ତ୍ତ ଟ ୦୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସହିତ ପଠାଇ ଦେବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ଚଉଧୁରୀବଜାର ଉତ୍କଳ ପ୍ରିଣ୍ଟିଂକମ୍ପାନୀର କର୍ମାଧ୍ୟକ୍ଷଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ସମ୍ପାଦକମାନେ ଦାୟୀ ନୋହନ୍ତି ।

ଶ୍ରୀଳ ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ କେତୋଟି ପଂକ୍ତି ଆପଣଙ୍କ ପତ୍ରିକାରେ ପ୍ରକାଶ କଲେ ବାଧିତ ହେବି ।

ଏହି ଭଦ୍ରଖ ସବ୍‌ଡିଭିଜନର ଶ୍ରୀ ବାବୁ ଅଟଳବିହାରୀ ମୈତ୍ର ମହୋଦୟ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଭାର ପ୍ରାପ୍ତ ହୋଇ ଆସି ଅନେକ ଶୁଭ ଏ ଉତ୍ତମ କାର୍ଯ୍ୟ କରିଅଛନ୍ତି । ତାହା ମଧ୍ୟରୁ ନିମ୍ନରେ କେତେକ ନମୁନା ପ୍ରକାଶ କଲି ଯଥା ।—

୧ । ଗଲିଫଣ୍ଡରେ ଗୃହାଦ୍ୱାର ୪ । ୫ ହଜାର ଟଙ୍କା ପର୍ଯ୍ୟନ୍ତ ଗଚ୍ଛିତ କରିଅଛନ୍ତି ।

୨ । ତାହାଙ୍କର ସଦ୍‌ବିଚାର ହେତୁ ମିଥ୍ୟା ମୋକଦ୍ଦମା ଏକାବେଳକେ ଲୋପ ହୋଇ ଯାଇଅଛି ବରଂ ଉତ୍ତମ ପ୍ରମାଣ ବିନା ସତ୍ୟ ମୋକଦ୍ଦମା ଲୋକେ ଉପସ୍ଥିତ କରିବାକୁ ସାହସ କରୁ ନାହାନ୍ତି ।

୩ । ସବ୍‌ଡିଭିଜନର ନାନା ସ୍ଥାନରେ କୂପ ଖୋଳାଇ ଜଳକଷ୍ଟ ଘୁଞ୍ଚାଇ ଦେଇଅଛନ୍ତି ।

୪ । ସବ୍‌ଡିଭିଜନର ବଡ଼ ୨ ଜମିଦାର ଓ ପ୍ରଜାମାନଙ୍କ ମଧ୍ୟରେ ଯେ ସବୁ ବିବାଦ ଚଳୁଥିଲା ତାହା ବହୁତ ପରିଶ୍ରମଦ୍ୱାରା ନିଷ୍ପତ୍ତି କରିଅଛନ୍ତି ମଧ୍ୟ ସେ ସମ୍ବନ୍ଧରେ ଯେ ସବୁ ମକଦ୍ଦମା ତାହା ନିଷ୍ପତ୍ତି କରିଅଛନ୍ତି । ତାହା (ଅର୍ଥାତ୍ ଦଶ ଓ ଅନ୍ତର୍ଭୁକ୍ତ ମକଦ୍ଦମା ଯହିଁରେ ପକ୍ଷମାନେ ଧନୀଲୋକ ଅଟନ୍ତି ) ଜଜ ସାହେବ ଓ ମହାମାନ୍ୟ ହାଇକୋର୍ଟଙ୍କ ହସ୍ତରେ ବାହାଲ ରହିଅଛି ।

୫ । ଶୁଣିବାରେ ସବ୍‌ଡିଭିଜନରେ ଯେ ସବୁ କାର୍ଯ୍ୟ ତାହା ଅଟୋ ଭାଗୀ ହୋଇ ନାହିଁ, ଯେ ଦିନର ସେ କାର୍ଯ୍ୟ ବା ମୋକଦ୍ଦମା ତାହା ସେହିଦିନ ନିକାଶ କରୁଅଛନ୍ତି । ଏପରି ସ୍ଥଳେ କେତେକ ଦୁଷ୍ଟଲୋକ ମିଳି ବାବୁ ମହୋଦୟଙ୍କ ବିଚାର ପ୍ରତି ଅସନ୍ତୁଷ୍ଟ ହୋଇ ଉପରସ୍ଥ ହାକିମଙ୍କଠାରେ ତାଙ୍କର ଗ୍ଲାନି କରୁଅଛନ୍ତି ମାତ୍ର ସବ୍‌ଡିଭିଜନରେ ଯେପରି ପକ୍ଷପାତ ଯେପରି ପ୍ରବାଦ ଚଳୁଅଛି, ତାକୁ ବୁଝିଲେ ତୁଲ୍ୟ ବୁଦ୍ଧିମାନ ଲୋକ ଆସିଲେ ସ୍ୱୟଂ ହେଉ ଏକ ପକ୍ଷ ଅବଶ୍ୟ ତାହାଙ୍କର ଗ୍ଲାନି କରିବ । ଏହା ଯେମନ୍ତ ଉପର ହାକିମାନେ ମନରେ ରଖି ବାବୁ ମହୋଦୟଙ୍କୁ ବହୁକାଳ ଏଠାରେ ସ୍ଥାୟୀ ରଖନ୍ତୁ । ତାହା ନ ହେଲେ ଦୁଷ୍ଟଲୋକଙ୍କ ମନ ବଢ଼ିଯିବ ।

ଭଦ୍ରଖ } ବଶମ୍ବଦ
ଭଦ୍ରଖ ନିବାସୀ କେତେକ
୨୭।୫।୮୯ } ଭଦ୍ରଲୋକ

---

ମହାଶୟ,

ନିମ୍ନଲିଖିତ କେତୋଟି ପଂକ୍ତିକୁ ଆପଣଙ୍କର ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବା ହେବେ ।

ମୋହର ଜଣେ ବନ୍ଧୁ ଯେ କି ବର୍ତ୍ତମାନ କଲିକତା ମହାନଗରୀରେ ଅବସ୍ଥିତ କରୁଅଛନ୍ତି ତାଙ୍କର ପୂଜ୍ୟପାଦ ଶ୍ରୀମନ୍ ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କ ଦର୍ଶନ କରି ଯେପରି ମନର ଭାବ ହୋଇଥିଲା ଏବଂ ମହର୍ଷିଙ୍କ ସହିତରେ ତାଙ୍କର ଯାହା ୨ କଥୋପକଥନ ହୋଇଥିଲା ତାହା ଆପଣଙ୍କ ପାଠକବର୍ଗଙ୍କ ଗୋଚରାର୍ଥେ ପ୍ରକାଶ କରୁଅଛି ଯଥା;—

"ଯେଉଁ ମହର୍ଷିଙ୍କ ତପସ୍ୟାପ୍ରୋଗ୍ରେ ଆଜି ଭାରତବର୍ଷରେ ବ୍ରାହ୍ମଧର୍ମ ସଜୀବିତ ହୋଇ ରହିଅଛି, ଯେଉଁ ମହର୍ଷିଙ୍କ ଅମୂଲ୍ୟ ବ୍ରାହ୍ମଧର୍ମର ବ୍ୟାଖ୍ୟାନ ପାଠ କରି ଓ ତାଙ୍କର ମୁଖରୁ ନାନା ଉପଦେଶ ଶ୍ରବଣ କରି ଶତ ୨ ନରନାରୀଙ୍କର ମୋହାନ୍ଧକାର ଦୂରୀଭୂତ ହୋଇଅଛି ଓ ହେଉଅଛି ଓ ଯେଉଁ ମହର୍ଷି ଘୋରଯୌବନସମୟରେ ବିଷୟମାୟା ପରିତ୍ୟାଗ କରି ଯୋଗପଥ ଅବଲମ୍ବନ କରିଅଛନ୍ତି ଏ କି ସେହି ମହର୍ଷି ?" ଏହିପରି ମୋହର ବନ୍ଧୁ ମନମଧ୍ୟରେ ଅନେକ ଭାବ ୨ ମହର୍ଷିଙ୍କ ସମ୍ମୁଖରେ ଆସନ ପରିଗ୍ରହ କଲେ ଏବଂ ତାଙ୍କର ଗମ୍ଭୀର ଯୋଗମଗ୍ନ ମୁଖକୁ ଅନିମେଷ ନୟନରେ ଚାହିଁ ରହିଲେ, ମହର୍ଷିଙ୍କର କଥା [illegible]ବାର ଖୁବ ଇଚ୍ଛା କିନ୍ତୁ ବାକ୍‌ଶକ୍ତି ଅନେକ ଶିଥିଳ ହୋଇଅଛି, କର୍ଣ୍ଣରୁ ଭଲ ଶୁଣା ଯାଉ ନାହିଁ ମଧ୍ୟ ଚକ୍ଷୁରୁ ଭଲରୂପେ ଦୃଶ୍ୟ ହେଉ ନାହିଁ । ଏପରି ଅବସ୍ଥାରେ ସୁଦ୍ଧା ତାଙ୍କର ମୁଖର ତେଜ କମି ନାହିଁ, ସତ୍ୟଂ ଶିବଂ ସୁନ୍ଦରଂ ରୂପ ଯେପରି ସର୍ବଦା ସେ ମୁଖରେ ଖେଳା କରୁଅଛି—ଘୋର ଅବିଶ୍ୱାସୀ ତାଙ୍କ ନିକଟରେ ବସିଲେ ତାହାର ଜୀବନରେ ଅଳ୍ପକ୍ଷଣରେ ବିଶେଷ ପରିବର୍ତ୍ତନ ଲକ୍ଷିତ ହେବ । ଈଶ୍ୱର ପାଗଳ ( God-intoxicated ) ଯାହାଙ୍କୁ କହନ୍ତି ସେ ଏକ ମହାତ୍ମା । ଯେଉଁ ଯୋଗୀ ଋଷିଙ୍କ କଥା ଶାସ୍ତ୍ରରେ ପଢ଼ିଥିଲୁଁ ସେମାନଙ୍କୁ ବର୍ତ୍ତମାନ ମହର୍ଷିଙ୍କଠାରେ ଯେବେ କେହି ଦେଖିବାକୁ ଇଚ୍ଛା କରନ୍ତି ସହଜରେ ଏଠାରେ ଦେଖି ଯାଇ ପାରିବେ । ସେ ମୋତେ ଯାହା ୨ ପଚାରିଥିଲେ ମୁଁ ତାହା ଉତ୍ତମରୂପେ ବୁଝି ପାରିଥିଲି ଏବଂ ମୁଁ ଯାହା ଉତ୍ତର କରିଥିଲି ତାହା ତାଙ୍କ ନିକଟସ୍ଥ ପ୍ରିୟନାଥ ଶାସ୍ତ୍ରୀ ମହାଶୟ ଅତି ଉଚ୍ଚସ୍ୱରରେ ତାଙ୍କୁ ବୁଝାଇ ଦେଉଥିଲେ ।

ମହର୍ଷି—ଓଡ଼ିଶାରେ ତୁମ୍ଭର ଘର କେଉଁଠାରେ ? ଉତ୍ତର—ଘର ବାଲେଶ୍ୱରଜିଲ୍ଲାରେ ଏବଂ ମୁଁ ଥାଏଁ କଟକସହରରେ । ପ୍ରଶ୍ନ—ସେଠାରେ କଣ କରୁଥିଲ ? ଉତ୍ତର—ସମ୍ବାଦ ବୋଲି ଖଣ୍ଡିଏ ଖବରକାଗଜର କାମ କରୁଥିଲି । ପ୍ରଶ୍ନ—ସେ କାଗଜ କି ଭାଷାରେ ପ୍ରକାଶିତ ହେଉଥିଲା ? ଉତ୍ତର—ଇଂରାଜୀ ଓ ଓଡ଼ିଆଭାଷାରେ କିନ୍ତୁ ଓଡ଼ିଆ ସମ୍ପାଦକୀୟ କାର୍ଯ୍ୟ ମୁଁ କରୁଥିଲି । ପ୍ରଶ୍ନ—ସେ କାଗଜ ବର୍ତ୍ତମାନ ଚଳୁଅଛି ? ଉତ୍ତର—ଗ୍ରାହକମାନଙ୍କ ଅଭାବରୁ କାଗଜଖଣ୍ଡ ବନ୍ଦ ହୋଇ ଯାଇଅଛି । ପ୍ରଶ୍ନ—ଏଠାକୁ କେତେଦିନ ହେଲା ଆସିଅଛ ? ଉତ୍ତର ୧୨।୧୪ ଦିନ ହେବ । ପ୍ରଶ୍ନ—ଏଠାରେ ତୁମ୍ଭର ଶରୀର ଭଲ ଅଛି ? ଉତ୍ତର—ଭଲ ଅଛି । ପ୍ରଶ୍ନ—ଆଉ କେତେଦିନ ଏଠାରେ ରହିବ ? ଉତ୍ତର—ଏଠାରେ ୪ବର୍ଷ ରହିବାକୁ ଇଚ୍ଛା ଅଛି । ପ୍ରଶ୍ନ—ଏତେଦିନ ଯାଏ ଏଠାରେ କଣ କରିବ ? ଉତ୍ତର—ସାଧୁସଙ୍ଗରେ ରହି ଧର୍ମଶିକ୍ଷା କରିବ । ପରେ ସେ ( ମହର୍ଷି ) ନିକଟେ ୨ ଏହି କଥାଗୁଡ଼ିକ କହିଥିଲେ— ବହୁଦିନପୂର୍ବେ ମୁଁ ଓଡ଼ିଶାକୁ ଯାଇଥିଲି, କଟକନଗର ଓ ପୁରୀ ଦେଖିଅଛି, ଓଡ଼ିଶା ଏସ୍ଥାନ ଅପେକ୍ଷା ବଡ଼ ଗରମ । ଓଡ଼ିଆଭାଷା ବଙ୍ଗଳା ଭାଷାର ମଧ୍ୟରେ ଅଳ୍ପ ପ୍ରଭେଦ । * * * ତାହା ପରେ ମୁଁ ପ୍ରାର୍ଥନା କଲି ମତେ କିଛି ଆଶୀର୍ବାଦ କରନ୍ତୁ । ଏହା ଶ୍ରବଣ କରି ମହର୍ଷି ଯୋଗମଗ୍ନ ହେଲେ । କିଛିକ୍ଷଣ ପରେ ଗମ୍ଭୀରସ୍ୱରରେ ନିମ୍ନଲିଖିତ ଶ୍ଳୋକଟି କହିଲେ ଏବଂ ତାହାର ବ୍ୟାଖ୍ୟା ମଧ୍ୟ ବୁଝାଇ ଦେଲେ ଯଥା—"[illegible] ମତିର୍ଭବତୁ ବଃ ସତତୋତ୍ଥିତାନାଂ, ସହ୍ୟେକ [illegible] ପରଲୋକଗତସ୍ୟ ବନ୍ଧୁଃ । ସତତ ଉଦ୍‌ଯୋଗଶୀଳ ଯେ ତୁମ୍ଭେମାନେ ତୁମ୍ଭମାନଙ୍କର ଧର୍ମରେ ମତି ହେଉ । ଧର୍ମ କେବଳ ପରଲୋକଗତବ୍ୟକ୍ତିର ବନ୍ଧୁ

Digitized by srujanika@gmail.com

Split by PDF Splitter



ଅଛନ୍ତି । ତହିଁପରେ ମୁଁ ପ୍ରଶ୍ନ କଲି ହୃର୍ଗଏ ହୁଲ୍ଲର ର ସଦ୍‌ଗତି ହେବ ନାହିଁ ? ଉତ୍ତର —ତୁମ୍ଭର ମୁଁ ଟିକିଏ ସ୍ୱଦେଶାନୁରାଗ ଦେଖୁଅଛୁ । ଏହା କହି ପୁଣି ଯୋଗରେ ମଗ୍ନ ହେଲେ । କିଛିକ୍ଷଣ ପରେ ମୁଁ କହିଲି କିଛି ମତେ ଉପଦେଶ ଦେଉନ୍ତୁ । ତହୁଁ ସେ ଏହି ଶ୍ଳୋକଟି କହି ତାହା ବୁଝାଇ ଦେଲେ :—

ଏକଃପ୍ରଜାୟତେ ଜନ୍ତୁରେକଏବ ପ୍ରଲୀୟତେ । ଏକୋଽନୁଭୁଂକ୍ତେ ସୁକୃତମେକ ଏବ ଚ ଦୁଷ୍କୃତଂ । ଅର୍ଥ— ମନୁଷ୍ୟ ଏକାକୀ କେବଳ ଜନ୍ମଗ୍ରହଣ କରେ ଏବଂ ଏକାକୀ କେବଳ ମୃତ ହୁଏ, ଏକାକୀ କେବଳ ସ୍ୱୀୟ ପୁଣ୍ୟ ଫଳ ଭୋଗ କରେ ଏବ ଏକାକୀ କେବଳ ସ୍ୱୀୟ ଦୁଷ୍କୃତ ଫଳ ଭୋଗ କରେ । ମୃତଂ ଶରୀରମୁତ୍ସୃଜ୍ୟ କାଷ୍ଠଲୋଷ୍ଟ ସମଂକ୍ଷିତୌ । ବିମୁଖା ବାନ୍ଧବା ଯାନ୍ତି ଧର୍ମସ୍ତମନୁଗଚ୍ଛତି । ଅର୍ଥ ବାନ୍ଧବମାନେ ଭୂମିରେ ମୃତ ଶରୀରକୁ କାଷ୍ଠ ଲୋଷ୍ଟବତ ପରିତ୍ୟାଗ କରନ୍ତି ଏକା ଧର୍ମ କେବଳ ତାହାଙ୍କର ଅନୁଗାମୀ ହୁଅନ୍ତି । ତତ୍‌ପରେ ଯୋଗରେ ମଗ୍ନ ହେଲେ ।

ସର୍ବଶିକ୍ଷାପରେ ତାହାଙ୍କର ସମାଧି ଭଗ୍ନ ହେଲେ ମୁଁ ତାଙ୍କର ପଦତଳେ ପଡି ଚରଣଧୂଳି ମସ୍ତକରେ ଗ୍ରହଣ କଲି, ଏହି ସମୟରେ ମହର୍ଷି ହୃଦନ୍ତରରେ ଓଁ ଶବ୍ଦ ଉଚ୍ଚସ୍ୱରରେ ତଦନ୍ତର ଫିଟାଇ ମୋହ ଅଡ଼କୁ ଚାହିଁ କହିଲେ "ଅମି ତୋମାକେ ଅଶୀର୍ବାଦ କରିତେଛି ତୋମାର ଧର୍ମେ ମତି ଏବଂ ଈଶ୍ୱରେ ଭକ୍ତି ହଉକ" ଏହି କଥା ୨ଥର ଉଚ୍ଚାରଣ କରି ପୁଣି ଯୋଗରେ ମଗ୍ନ ହେଲେ । ମୁଁ ଏହି ତେଜୋମୂର୍ତ୍ତି ଦର୍ଶନ କରି ପୁଣି ତାଙ୍କ ପଦତଳେ ପଡିଲି ଏବଂ ପଦଧୂଳି ମସ୍ତକରେ ଗ୍ରହଣ କରି ସେହି ଯୋଗାନନ୍ଦରସପାନକାରୀ ମହର୍ଷିଙ୍କ ମୁଖ ଦେଖି ଅତିଆନନ୍ଦରେ ଆଶ୍ରମ ପରିତ୍ୟାଗ କଲି । ବର୍ତ୍ତମାନ ଏହି ସଶରୀରାଦ ଏବଂ ଉତ୍‌କାଦପୂର୍ଣ୍ଣ ଭାରତବଂଶ ଶତାବ୍ଦିର ଶେଷଭାଗରେ ଭାରତ ମହର୍ଷିଙ୍କ ମୁଖମଣ୍ଡଳରେ ଯାହା ଦର୍ଶନ କଲି ତାହା ଭାବିଧାରିତ ଯେ ଦେଖି ନାହିଁ ସେ ମୋର ଭାବକୁ ଉପଲବ୍ଧ କରିବ ନାହିଁ ଇତି ।

କଟକ
୨ } ଶ୍ରୀ ସାଧୁଚରଣ ଗୁପ୍ତ

---

To the Editor of Utkal Dipika.

Dear Sir,

The Deepuk in its 4th issue recommends the abolition of Collegiate school simply because the result of the last Entrance Examination was not what it should have been. A suggestion is also made to the Divisional Commissioner to distribute the savings thus made to the other private schools.

If this be so why not abolish the College also and distribute the money thus saved to Colleges which would rise in consequence of this grand abolition.

The result of the last Entrance Examination is not satisfactory in the whole Presidency. In comparison with the total average result our Collegiate school has kept a fair place.

The views of Deepuk are far from being consistent with the charming promises made at the outset of the 1st issue.

Fancy, Dear Editor to yourself what would be the result if men of the stamp of Deepuk's Editor be placed at the head of the Education Department with absolute powers.

Cuttack, } I am
26—5—89. } yours very truly,

---

To the Editor of Utkal Dipika.

Sir,

Surely it does not always need a newspaper to open the eyes of the authorities to an increase of crime in any locality, but nevertheless it does sometimes, and I trust by your publishing these few lines, our able and energetic District Superintendent and the District Magistrate will awake to the signs of the times and take cognizance of the daily increase of crime in this town. Robbery with voilence, thefts and other acts of lawlessness, have suddenly increased within the past few days; and the loyal and peaceful inhabitants of this town are thrown into a state of panic. It is only some ten days ago that a man was severely wounded and robbed of his money, and this was immediately followed by the discovery of the body of a well-to do man not far from the scene of the former occurrance, under most suspicious circumstances. These serious cases have been rapidly succeeded by various other acts of voilence in the town. Last night a respetable native gentleman only saved himself after a narrow share, from the attack of a number of *budmashes* and Heaven knows from what a fate! by whipping his pony home. This occurred in the dark and lonely road near Mr. Beck's house. Reports of violence and highway robbery and attempts at violent crimes are every day spread over the town, and I repeat the fact that there is a real panic taking possession of the people here. The part of the town in which these cases have chiefly occurred cannot fail to indicate the locality whence these, or some of these, ruffians must come. It is the northern half of the town where this rowdyism has hitherto prevailed. Every night's exploit encourages them to commit more daring acts, and, no doubt, new accomplices—novices—are joining the ranks and doing a little business on their own account; for, every *budmash* here knows that he has nothing to fear from the local police—such a famous lot of poltroons they are! The question then is, are these matters duly brought to the notice of the authorities, and, if so what steps have been taken to clip the ranks of the offenders and allay the fears of those whom they are bound to protect? It is no figure of speech to say that not a police officer is seen at night out on his beats or his rounds; and there appears to be practically no remedy at hand when a case of robbery or violence occurs even on the king's highway. I hope you will publish this letter, so that prompt and proper measures may be taken to restore public confidence and security; for I know that the actual state of affairs has only to be brought to the notice of Mr. Goad to be forthwith remedied.

CUTTACK }
29. 5. 89. } *Truth.*

---

ଶେଷ ୨୦୦୨ ତେଣ ।

Digitized by srujanika@gmail.com

Split by PDF Splitter

REGISTERED NO. 1

209

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୪ ସ | ତା ୮ ଜୁନ ମାହେ ଜୁନ ସନ ୧୮୮୯ ଇଂରାଜୀ । ମୁ । ଜ୍ୟେଷ୍ଠ ବ ୨୮ ଦି ୪ ବ ୨୭୬ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ସଂ ୨୩ ସଂଖ୍ୟା | | ପଶ୍ଚାଦେୟ ଟ ୩୲

ରାଜା ବୈଦ୍ୟନାଥ ପଣ୍ଡିତଙ୍କ ଅନ୍ନଛତ୍ରରେ ୫୦୦ କଙ୍ଗାଳ ଆହାର ପାଉଅଛନ୍ତି ଏବଂ ଯାହାଙ୍କର ବସ୍ତ୍ର ନାହିଁ ସେମାନଙ୍କୁ ଲୁଗା ବଣ୍ଟା ଯାଉଅଛି । ଏମାନଙ୍କ ରହିବା କାରଣ ଶୀଘ୍ର ଘର ପ୍ରସ୍ତୁତ ହେବ ।

---

ମାନ୍ଦ୍ରାଜର ଗବର୍ଣ୍ଣର ଗତମାସ ତା ୧ ରି- ଖରେ ଗୋପାଳପୁର ଠାରେ ପହଞ୍ଚିଲେ । ଗଞ୍ଜାମର ଦୁର୍ଭିକ୍ଷପୀଡ଼ିତ ସ୍ଥାନମାନ ଭ୍ରମଣକରି ଦେଖିଥିବେ । ଏଥିମଧ୍ୟରେ ସେଠାରେ ବୃଷ୍ଟି ହୋଇଥିଲା ମାତ୍ର ତହିଁରେ କିଛି ଉପକାର ହୋଇ ନାହିଁ ।

---

ବଙ୍ଗବାସୀ ପତ୍ରସୂତ୍ରେ ଅବଗତ ହୋଇ ଅଛନ୍ତି କି ଏଥର ବି, ଏ, ପରୀକ୍ଷାରେ ଫେଲ୍ ହେବା ଛାତ୍ରମାନେ ଏହିବର୍ଷ ମଧ୍ୟରେ ଆଉ ଥରେ ସେମାନଙ୍କଠାରୁ ପରୀକ୍ଷା ନିଆ ଯିବା ବିଷୟରେ ଯେଉଁ ଆବେଦନ ବିଶ୍ୱବିଦ୍ୟାଳୟରେ କରିଥିଲେ ତାହା ନାମଞ୍ଜୁର ହୋଇଅଛି ।

---

ଅନୁଗୁଳର ଦୁରବସ୍ଥା ପ୍ରତି ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କ ମନ ଟିକିଏ ଆକର୍ଷିତ ହେବାର ଜଣାଯାଉ ଅଛି । ଏଥିମଧ୍ୟରେ ଏକହଜାର ଟଙ୍କାର ଖୁଦ୍ର ସେଠାରେ ପ୍ରେରିତ ହୋଇଅଛି । ସକଳ ଓ ଦୁର୍ବଳଲୋକଙ୍କ ସାହାଯ୍ୟର ସମସ୍ତ ବନ୍ଦୋବସ୍ତ ହେଲା ସେ ରାଜ୍ୟ ଉକ୍ତାପତ୍ତିକୁ କି ? ଏ ସମୟରେ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କର ଗସ୍ତ ହେବା ଉଚିତ ।

---

ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ସାଧାରଣ ପୀଡ଼ା ଓ ଅସ୍ୱାସ୍ଥ୍ୟ ନିବାରଣ ଉପାୟ କରିବା ଡିଷ୍ଟ୍ରିକ୍ଟ ବୋର୍ଡ଼ର ପ୍ରଧାନକାର୍ଯ୍ୟ ଅଟଇ । ଅନେକ କାଳ ମୋଫସଲର ନାନାସ୍ଥାନରେ ଅନ୍ନକଷ୍ଟ ଓ ଇତ୍ୟାଦିର ଅନିବାର୍ଯ୍ୟ ଫଳ ଓଲଉଠା ରୋଗ ଉତ୍ପାତ ଓ ପରପୋଡ଼ି ଲାଗି ରହିଅଛି ଅଥଚ ବୋର୍ଡ଼ମାନେ ନିଶ୍ଚିନ୍ତ ବସି ରହିଅଛନ୍ତି । ବନ୍ଧୁକଗୋଳ- କରେ ମଶା ମରେ ନାହିଁ ଏହି ପ୍ରବାଦଟି ସାର୍ଥକ ହେଲାପରି ଜଣାଯାଏ ।

---

ଶ୍ରୀଯୁକ୍ତ ଷ୍ଟିଲ ସାହେବ ଓଡ଼ିଶାକୁ ଯେଉଁ ବିଶେଷ ବିଶେଷ କାର୍ଯ୍ୟରେ ଆସିଅଛନ୍ତି ବର୍ତ୍ତମାନ ପୁରୀରେ ଆସି ସେହିକାର୍ଯ୍ୟ କରୁଅଛନ୍ତି । ସେ କାର୍ଯ୍ୟଟି ଗଡ଼ଜାତ ଶାସନବିଷୟକ ନୂତନ ବନ୍ଦୋବସ୍ତ । ମାତ୍ର ସେ କି ନିୟମ କରୁଅଛନ୍ତି କିଛି ଜଣା ନାହିଁ । ଅମ୍ଭେମାନେ ପ୍ରାର୍ଥନା କରୁଁ ଯେ ଗବର୍ଣ୍ଣମେଣ୍ଟ ଗଡ଼ଜାତପ୍ରତି କୌଣସି ନୂତନ ନିୟମ କରିବା ପୂର୍ବରେ ତାହା ସାଧାରଣଙ୍କୁ ଦେଖାଇବେ ଓ ରାଜାମାନଙ୍କର ଆପତ୍ତି ଥିଲେ ତାହା ଶୁଣି ବିଚାର କରିବେ ।

---

ଓଡ଼ିଶାର ଅନ୍ନକଷ୍ଟ ଓ ଓଲଉଠା ବିଷୟ ଜଣେ କଲିକତାବାସି ଇଂରାଜ ଆପଣାର ଏ ପ୍ରଦେଶରେ ଥିବା ଜଣେ କର୍ମଚାରୀଙ୍କ ଠାରୁ ଅବଗତ ହୋଇ ଷ୍ଟେଟ୍ସମାନପତ୍ରରେ ପ୍ରକାଶ କରି ଦେଇଅଛନ୍ତି ଏବଂ ଶୁଣାଯାଏ ସେ ତହିଁରେ ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ପଡ଼ିଅଛି ତଥା ବାସ୍ତବମାନେ ଅବଧି ଦୁର୍ଭିକ୍ଷର କଥା କିମ୍ବା ତାହାର କୌଣସି ଲକ୍ଷଣ ଜଣାଯାଉ ନାହିଁ ଏବଂ କେତେଲୋକ ମଲେ ସେମାନଙ୍କର ନିଦ୍ରାଭଙ୍ଗ ହେବ ତାହା ମଧ୍ୟ ବୁଝାଯାଉ ନାହିଁ ।

---

ମାନ୍ଦ୍ରାଜ ଦୁର୍ଭିକ୍ଷସମ୍ପର୍କରେ ପାର୍ଲିୟାମେଣ୍ଟ ସଭାରେ ଯେଉଁ ପ୍ରଶ୍ନ ହୋଇଥିଲା ତହିଁରୁ ଜଣାଯାଏ ଯେ ଓଲଉଠା ରୋଗରେ ୪ ହଜାର ଲୋକ ଗତ ସପ୍ତାହରେ ମରିଥିଲେ ଏବଂ ୧୦ ହଜାର ଲୋକ ସାହାଯ୍ୟକାର୍ଯ୍ୟରେ ମୂଲ ଲାଗିଥିଲେ ତଥାଚ ଗବର୍ଣ୍ଣମେଣ୍ଟ ଏହାକୁ ଦୁର୍ଭିକ୍ଷ କହି ନାହାନ୍ତି । ରାଜ୍ୟ ଛାଡ଼ି ଯେତେଲୋକ ବାହାର ଯାଇଅଛନ୍ତି ତହିଁର ସଂଖ୍ୟା ନାହିଁ । ଆଉ କେତେ ହେଲେ ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ଦୁର୍ଭିକ୍ଷ ହେବ ଅନୁମାନ କରିବା କଠିନ ।

---

ଶ୍ରୀଯୁକ୍ତ ଡମସ୍ ସାହେବ ନିୟମବିରୁଦ୍ଧ କାର୍ଯ୍ୟ କରିବାରୁ ରେବିନ୍ୟୁ ବୋର୍ଡ଼ରୁ କମିଶନରିକ ଉଠାଇ ଯାଉଥିବା ଶୁଣିବାରୁ ଷ୍ଟିଭେନ୍ସ ସାହେବଙ୍କ ବୋର୍ଡ଼ରେ ନିଯୁକ୍ତ ହେବାର ପ୍ରସଙ୍ଗ

Digitized by srujanika@gmail.com

Split by PDF Splitter



ଜଲଜର ପାର୍ଲିମେଣ୍ଟ ସଭାରେ ପଡଥିଲା । ସେଠାରେ ଏ ପ୍ରସଙ୍ଗରେ ଯେଉଁ କଥାବାର୍ତ୍ତା ହେଲା ତହିଁରୁ ପ୍ରକାଶ ଯେ ଅମ୍ଭମାନଙ୍କ ଗେ-ଟିଲିଟରର ଏ ଉଦ୍ଯୋଗ ବୃଥାପ୍ରାୟ ହୋଇ ନାହିଁ । ସେ ସ୍ମିଥ ସାହେବ ଲାଇସଲ ସାହେବ ଏବଂ ବମସ ସାହେବଙ୍କ ନାମ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ପଠାଇ ସ୍ମିଥ ସାହେବଙ୍କୁ ବୋର୍ଡରେ ନିଯୁକ୍ତ କରିବାକୁ ଅନୁରୋଧ କରିଥିଲେ । ଇଣ୍ଡିଆ ଗବର୍ଣ୍ଣମେଣ୍ଟରୁ କଇଫିୟତ ଇଲଣଡର ପାର୍ଲିମେଣ୍ଟଙ୍କୁ ଜଣାଇବା କାରଣ ବିଲ-ଇର ଅଣ୍ଡର ସେକ୍ରେଟେରୀ କହି ଅଛନ୍ତି । ଯଥାସମୟରେ ସମସ୍ତ ରହସ୍ୟ ପ୍ରକାଶ ପାଇବ ।

---

ତେଲଙ୍ଗାବଜାରର ଗତ ଘରପୋଡ଼ିରେ ଅନେକ ଦୁଃଖି ଲୋକଙ୍କ ସର୍ବନାଶ ହୋଇଅଛି ଏବଂ ଏମାନଙ୍କ ମଧ୍ୟରେ କେତେକେ ଅଛନ୍ତି ଯାହାଙ୍କର ଏ ଦାରୁଣ ସମୟରେ ବିନା ସାହାଯ୍ୟରେ ବଞ୍ଚିବାର କଷ୍ଟ । ଏମାନେ ଅଧିକାଂଶ ଖାସମାହାଲର ପ୍ରଜା । ଗବର୍ଣ୍ଣମେଣ୍ଟଙ୍କର ଏ ସମୟରେ ସାହାଯ୍ୟ କରିବାର ଉଚିତ । ଜମିଦାରମାନେ ଆପଣା ଗରିବ ପ୍ରଜାଙ୍କୁ ଏପରି କଷ୍ଟ ସମୟରେ ଘର ତୋଳିବାକୁ ସାହାଯ୍ୟ ଓ ଖଜଣା ମାପ କରିବାର ରୀତି ପ୍ରଚଳିତ ଅଛି । ଗବର୍ଣ୍ଣମେଣ୍ଟ ଯେବେ ସେପରି ନ କରିବେ ତେବେ ରାଜମର୍ଯ୍ୟାଦା କିପରି ରକ୍ଷା ପାଇବ ଏବଂ ଅପର ଜମିଦାରମାନେ କାହାରୁ ଆପଣା କର୍ତ୍ତବ୍ୟ ଶିକ୍ଷା କରିବେ ? ଅତଏବ ଦୁଃଖି ପ୍ରଜାଙ୍କୁ ଅବଶ୍ୟକୀୟ ସାହାଯ୍ୟ ଦେବା ଏବଂ ସେମାନଙ୍କ ଉପକାରାର୍ଥେ କୂପାଦି ଖୋଳାଇ ଦେବାକାରଣ କଲେକ୍ଟର ସାହେବଙ୍କୁ ଅଶେଷରୂପେ ଅନୁରୋଧ କରୁଅଛୁଁ ।

---

ପାଠକ ସଅର୍ଥ ଲେଖିଅଛନ୍ତି ଯେ ବିଦ୍ୟାଦାନ କରିବା ପୂର୍ବେ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କର ଉଦ୍ଦେଶ୍ୟ ଥିଲା । ବର୍ତ୍ତମାନ ଅର୍ଜନ କରିବା ବିଦ୍ୟାଳୟର ଉଦ୍ଦେଶ୍ୟ ହୋଇଅଛି । ଯେବେ ବିଦ୍ୟାଳୟର ଅଧିକାରୀମାନେ ଉତ୍ତମ ଶିକ୍ଷାଦାନ ପୂର୍ବକ ଆପଣା ଚଳାବର ଉପାୟ କରି ପାରନ୍ତେ ଅମ୍ଭେମାନେ ଦୁଃଖିତ ହୁଅନ୍ତୁ ନାହିଁ କିନ୍ତୁ କେତେଗୋଟି ବିଦ୍ୟାଳୟ ଏ ନଗରରେ ଯେପରି ଚଳୁଅଛି ତହିଁରେ ବିଦ୍ୟାଳୟର ଅଧିକାରୀ ଏବଂ ଛାତ୍ର ଉଭୟଙ୍କର କ୍ଷତି ହେଉଅଛି ଏହାବ ବଡ଼ ଦୁଃଖର ବିଷୟ । ଛାତ୍ରମାନଙ୍କୁ ଦୋକାନଦାରୀ ଲୋଭ ଦେଖାଇ ଟଣାଟଣି କରିବା ଓ ଶିକ୍ଷକର ବିଷୟରେ ସେମାନଙ୍କୁ ସ୍ୱେଚ୍ଛାଚାରୀ କରିବା କଦାଚ ଭଲ ନୁହଇ । ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ଶିକ୍ଷିତ ଓ ବିବେଚକ ବ୍ୟକ୍ତିମାନେ ଏଥିର ଅନିଷ୍ଟକାରିତା ହୃଦୟଙ୍ଗମ କରି ନ ପାରି ବ୍ୟକ୍ତିବିଶେଷଙ୍କ ଖାମଖୟାଲିକୁ ପ୍ରଶ୍ରୟ ଦେଉଅଛନ୍ତି ।

---

କଟକର କେନାଲରେଭେନ୍ୟୁ ଅଫିସରେ ଅନେକ କର୍ମଗୃହୀ ଦଣ୍ଡପ୍ରାପ୍ତ ହୋଇଅଛନ୍ତି । କେତେକ ସସ୍ପେଣ୍ଡ; କେତେକ ଡିସମିସ୍ ଓ କେତେକ ଡିସ୍‌ମିସ୍ ଓ ସସ୍ପେଣ୍ଡ କଷ୍ଟକାଳ ଭୋଗ କରି ଅପିଲରେ ଅବ୍ୟାହତି ପ୍ରାପ୍ତ ହୋଇଅଛନ୍ତି । ଏକାସମୟରେ ଅନେକ କର୍ମଗୃହୀ ଦଣ୍ଡ ପ୍ରାପ୍ତ ହେବା ଏବଂ ଅପିଲରେ ତହିଁର ଅଧିକାଂଶ ରଦ ହେବାରୁ ସ୍ପଷ୍ଟ ଜଣାଯାଉ ଅଛି ଯେ କେନାଲ ହାକିମଙ୍କ ବନ୍ଦୋବସ୍ତ ଏଥିର କାରଣ ଅଟଇ । ଅମ୍ଭେମାନେ ଶୁଣୁଅଛୁଁ ଯେ କେନାଲରେଭେନ୍ୟୁ ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟ ମିଃ ରବାର୍ଟ ସାହେବ ତାଙ୍କ ହେଡ଼କ୍ଲାର୍କ ଓ ଏକାଉଣ୍ଟେଣ୍ଟଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ବିଦାୟ ଦେବାର ଚେଷ୍ଟା କରୁଅଛନ୍ତି । ସର୍ବକାଳ ଯେଉଁ ବ୍ୟକ୍ତି ସୁଖ୍ୟାତିସହ କାର୍ଯ୍ୟ କରିଅଛି ତାହାର ଏପରି ଅବସ୍ଥା କକାରଣରୁ ହେଲ ଜଣାର କଲେକ୍ଟର ଓ ବଙ୍ଗୀୟ କମିଶନର ଏଥିର ଅନୁସନ୍ଧାନ କଲେ ଭଲ ହେବ । ପ୍ରକୃତ ଦୋଷୀ ଦଣ୍ଡିତ ହଉ କିନ୍ତୁ ନିର୍ଦ୍ଦୋଷୀ ଯେପରି ନିରାପଦରେ ରହନ୍ତୁ ଏହାହିଁ ଅମ୍ଭମାନଙ୍କର ପ୍ରାର୍ଥନା ।

---

କଲିକତାବାସୀ ଜଣେ ମାରୱାଡି ଯେ ନ ଆପଣାର ନାମ ଗୋପନ ରଖିବାକୁ ବାଞ୍ଛାକରନ୍ତି ଏହି ନଗର ସନ୍ନିକଟସ୍ଥ ନୂଆବଜାର ଜଗନ୍ନାଥ ସଡ଼କ ପାଶରେ ଗୋଟିଏ ଧର୍ମଶାଳା ଜଗନ୍ନାଥ ଯାତ୍ରୀଙ୍କର ଉପକାର ନିମିତ୍ତ ନିର୍ମାଣ କରିବା କାରଣ ଦଶହଜାରଟଙ୍କା ବ୍ୟୟ କରିବାକୁ ପ୍ରସ୍ତୁତ ହୋଇ ଉକ୍ତଟଙ୍କା ମାରଫତଦାର ସ୍ୱରୂପ ଜମା କରିବା କାରଣ ଏଠା କଲେକ୍ଟର ଟ୍ୱିଣ୍ଟ ସାହେବଙ୍କୁ ଲେଖି ଅଛନ୍ତି ବୋଲି ସମ୍ବାଦପତ୍ରମାନଙ୍କରେ ପାଠ କଲୁଁ । ଜଗନ୍ନାଥ ଯାତ୍ରିଙ୍କ କ୍ଲେଶ ନିବାରଣାର୍ଥେ ସପୁରୁ ଟ୍ୱିଣ୍ଟସାହେବଙ୍କର ଯେପରି ଚେଷ୍ଟା ଓ ଯତ୍ନ ସର୍ବଦା ଦେଖାଯାଉଅଛି ତହିଁରୁ ଅବଶ୍ୟ ଭରସା କରୁଅଛୁ ଯେ କାର୍ଯ୍ୟଟି ତାହାଙ୍କ ଦ୍ୱାରା ଉତ୍ତମରୂପେ ନିର୍ବାହ ହେବ ଏବଂ ତଦ୍ୱାରା ସବୁକାଳରେ ବିଶେଷତଃ ଅତିବୃଷ୍ଟି ଓ ଗ୍ରୀଷ୍ମ ବର୍ଷା ସମୟରେ ଯାତ୍ରୀଙ୍କର ବଡ଼ ଉପକାର ହେବ । ମାରୱାଡ଼ି ମହାଶୟଙ୍କର ଏହି ବୃହଦ୍ଦାନ ଯେମନ୍ତ ପ୍ରଶଂସନୀୟ ତାହାଙ୍କର ନାମ ଗୋପନ ରଖିବାର ଇଚ୍ଛା ତଦପେକ୍ଷା ଅଧିକ ପ୍ରଶଂସନୀୟ ଅଟଇ । ଏକାଳରେ ଏପରି ଧାର୍ମିକ ଅଳ୍ପ ଦେଖିବାରେ ଆସନ୍ତି ।

---

ତଣାହଟା ବାଲିକା ସ୍କୁଲର ଶିକ୍ଷକ ବାବୁ ନୀଳକଣ୍ଠ ଦାସ ଲେଖିଅଛନ୍ତି ଉକ୍ତ ସ୍କୁଲ ଗୃହର ଭିତ୍ତିସ୍ଥାପନ ନିମିତ୍ତ ଗତ ପୂର୍ବ ମଙ୍ଗଳବାର ଅପରାହ୍ନ ସମୟରେ ଗୋଟିଏ ସଭା ହୋଇଥିଲା । ଅନେକ ଜମିଦାର ଓ ଅପର ଭଦ୍ରଲୋକ ସଭାରେ ଉପସ୍ଥିତ ହୋଇଥିଲେ ଏବଂ ଅନେକ ଦର୍ଶକ ଆସି ସ୍ଥାନ ପୂର୍ଣ୍ଣ କରିଥିଲେ । ବାବୁ ଚିନ୍ତାମଣି ପଟ୍ଟନାୟକ ସଭାପତିର କାର୍ଯ୍ୟ ନିର୍ବାହ କଲେ । ସ୍କୁଲ ଘର ନିମନ୍ତେ ଚାନ୍ଦାଦ୍ୱାରା ଅର୍ଥ ସଂଗ୍ରହ କରିବାର ସ୍ଥିର ହେବାରୁ ସଭାପତି ଟ ୨୮ ଚୌଧୁରୀ ନନ୍ଦଲାଲ ଦାସ ଟ ୨୫ ଓ ଅନ୍ୟ କେହି ଟ ୧୫ ଓ ତହିଁରୁ ଊଣା ଦେବାକୁ ଅଙ୍ଗୀକାର କଲେ । ତହିଁର ମୋଟ ଟ ୧୦୬ ହେଲ କିନ୍ତୁ ଏତିକି ଟଙ୍କା ନଅଣ୍ଟ ହେବାରୁ ଅନ୍ୟାନ୍ୟ ଜମିଦାରଙ୍କଠାରୁ ସାହାଯ୍ୟ ଲୋଡ଼ିବାର ସ୍ଥିର ହୋଇ ସଭା ଭଙ୍ଗ ହେଲା । ସ୍ଥାନୀୟ ଲୋକମାନେ ସ୍ଥାନୀୟ ଅଭାବ ସ୍ୱ ସାହାଯ୍ୟରେ ପୂର୍ଣ୍ଣ କରିବାର ଉପାୟ ଅବଲମ୍ବନ କରିବା ବଡ଼ ସୁଖର ବିଷୟ ଅଟଇ ମାତ୍ର ଏପରି ସାମାନ୍ୟ କାର୍ଯ୍ୟ ସ୍ଥାନବାସିମାନେ ନିର୍ବାହ କରି ନ ପାରି ତହିଁପାଇ ଅପର ସ୍ଥାନର ସାହାଯ୍ୟ ଲୋଡ଼ିବା କଥାଟା ପ୍ରଶଂସାର ବିଷୟ ନୁହଇ । ସେ ଅଞ୍ଚଳର ଜମିଦାର ପ୍ରଭୃତି ଅଳ୍ପ ଟିକିଏ ମନୋଯୋଗ ଦେଲେ କାର୍ଯ୍ୟଟି ନିର୍ବାହ ହୋଇ ଯିବ ଏବଂ ଏତିକି କାର୍ଯ୍ୟ ଯେବେ ସେମାନେ କରି ନ ପାରିବେ ଅନ୍ୟ କେଉଁକାର୍ଯ୍ୟ ସେମାନଙ୍କଦ୍ୱାରା ହେବ ?

---

ଘରପୋଡ଼ି ।

ଗତ ଶନିବାର ରାତ୍ରି ଘ ୮ ଟା ସମୟରେ ଏଠା ତେଲେଙ୍ଗାବଜାରରେ ଅଗ୍ନି ଲାଗିଥିଲା । ୯୯ ଖଣ୍ଡର ଘର ଭସ୍ମୀଭୂତ ହୋଇଅଛି ।

Digitized by srujanika@gmail.com

କଥିତ ଗ୍ରୀଷ୍ମର ଦୁଇପ୍ରହର ସମୟରେ ଜଣେ ତାଙ୍କର ଗୃହସ୍ଥ ଚୁଲ୍ଲାର ବଗାଇବା ସମୟରେ ବହିବାରୁ ଅଗ୍ନି ଉଦୟ ହୋଇ ତାହା ଘର ଛାତର ଏଚେଷର ନିଷ୍ଠ ହେଲ । ଉକ୍ତ ବଜାରର ଘରମାନ ନିତାନ୍ତ ଲଗାଲଗି ଓ ମଝିରେ ପ୍ରଶସ୍ତ ବାଟ ନାହିଁ ଓ ପାଣିର ସୁବିଧା ନାହିଁ । ଏଥିପାଇଁ ଚେଲଙ୍ଗାବଜାର ଘରପୋଡ଼ି ସଙ୍କାଶେ ପ୍ରସିଦ୍ଧ ଓ ଯେତେଥର ଅଗ୍ନି ଲାଗିଅଛି ଏକଜଣର ଅସାବଧାନତା ହେତୁ ଶତ ଶତ ଲୋକଙ୍କ ସର୍ବନାଶ ହୋଇଅଛି । ଅନୁମାନ ପ୍ରାୟ ୧୫ ବର୍ଷ ପୂର୍ବେ ଉକ୍ତ ଅଞ୍ଚଳରେ ଗୃହଦାହରେ ପ୍ରାୟ ୫୦୦ ଗୃହ ଭସ୍ମ ହୋଇଥିଲା । ଏତେବଡ଼ ବଜାରରେ ଗୋଟିଏ ମଧ୍ୟ ପୁଷ୍କରିଣୀ ହୋଇ ନାହିଁ । କୂପର ସଂଖ୍ୟା ମଧ୍ୟ ଅତି ଊଣା କାରଣ ସେଠା ଲୋକଙ୍କ ଅବସ୍ଥା ଅତ୍ୟନ୍ତ ମନ୍ଦ ଓ ଯେତେଗୋଟି କୂପ ଅଛି ତହିଁର ପାଣି ଗ୍ରୀଷ୍ମକାଳରେ ହାତେ ଦେଢ଼ହାତ ଥାଏ ଓ କୌଣସି ସ୍ଥାନରେ ଶୁଷ୍କ ହୋଇ ଯାଇଥାଏ । ଉକ୍ତ ଦିବସ ଘରପୋଡ଼ି ସମୟରେ ଜଳର [illegible]ଦଭୁର ଅଗ୍ନି ନିର୍ବାପନ ପକ୍ଷରେ ବହୁ କଷ୍ଟ ହେ[illegible] । ଅବଶେଷରେ ସନ୍ନିକଟସ୍ଥ [illegible]ହେବାରୁ ଓ ସ୍ଥାନେ ସ୍ଥଳ [illegible] ଶାନ୍ତିଲାଭ କଲା । ବଡ଼ ଦୁଃଖର ବିଷୟ ଯେ ଅଗ୍ନି ପ୍ରାୟ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସ୍ଥାୟୀ ଥିଲା ଅଥଚ ଇତମଧ୍ୟରେ ଏଠା ମିଉନିସିପାଲିଟୀ କୌଣସି ସାହାଯ୍ୟ ପ୍ରଦାନ କରି ପାରି ନ ଥିଲା । ଅଗ୍ନି ଶାନ୍ତ ହେବା ବେଳେ ମିଉନି[illegible] ଓଭରସିୟର ଓ ଇନ୍‌ସ୍ପେକ୍ଟରମାନେ କୁଲିମାନଙ୍କ ସମଭିବ୍ୟାହାରେ ଉପସ୍ଥିତ ହୋଇ ଅଗ୍ନିର ଅବଶିଷ୍ଟାଂଶ ନିର୍ବାପନ ନିମନ୍ତେ ଜଳ ଅନ୍ୱେଷଣ କରି ପ୍ରାୟ ଅର୍ଦ୍ଧଘଣ୍ଟା ଅତିବାହିତ କଲେ ଅଥଚ କୌଣସି ସ୍ଥାନରେ ଜଳ ପ୍ରାପ୍ତ ହେଲା ନାହିଁ ଅବଶେଷରେ ବଜାରର ଏକ କୋଣରେ ଓ ଘରପୋଡ଼ି ସ୍ଥାନର ପ୍ରାୟ ୫୦୦ ହାତ ଦୂରରେ ଜଣକ ବଗିଚା ମଧ୍ୟରେ ଥିବା ବାମ୍ପିରୁ ଜଳ ଉଠାଇ ଆପଣା କାର୍ଯ୍ୟ କରିବାକୁ ସମର୍ଥ ହୋଇଥିଲେ । ବର୍ତ୍ତମାନ ଅନ୍ନର ଦୁର୍ଭିକ୍ଷ ସମୟରେ ଘରପୋଡ଼ି ଦୁଃଖିଙ୍କଠାରେ କେତେ ବାଧକ ତାହା ବାକ୍ୟାତୀତ । ଆମ୍ଭେମାନେ ଆଶା କରୁଁ ଏଠା ମିଉନିସିପାଲିଟୀ ଉକ୍ତ ସ୍ଥାନରେ ଗୋଟିଏ ପୁଷ୍କରିଣୀ ଅଥବା କେତେଗୁଡ଼ିଏ କୂପ ଖୋଦାଇ ଦେଇ କଥିତ ଦେଶକୁ । ଏପ୍ରକାର କାର୍ଯ୍ୟଦ୍ୱାରା ମିଉନିସିପାଲିଟୀ ଦୁଇଗୋଟି ଉତ୍କର କାର୍ଯ୍ୟସାଧନ କରି ପାରିବେ । ପ୍ରଥମ ଗୋଟିଏ ଅଭାବ ଦୂରୀଭୂତ ହେବ, ଦ୍ୱିତୀୟ ବର୍ତ୍ତମାନ ଅନ୍ନକଷ୍ଟ ସମୟରେ କେତେକ ଦୁଃଖୀ ମଜୁରିଆମାନଙ୍କୁ କାର୍ଯ୍ୟ ଯୋଗାଇବାଦ୍ୱାରା ସାହାଯ୍ୟ କରା ହେବ । ଘର ଛୋନିବାର ଅନୁମତି ଦେବା ପୂର୍ବରୁ ଏ ଅଞ୍ଚଳର ସଡ଼କ ଚୌଡ଼ା କରିବା ଏବଂ ମଧ୍ୟେ୨ରେ ଏମନ୍ତ ସ୍ଥାନ ରଖିବାର ବନ୍ଦୋବସ୍ତ କରିବାର ଉଚିତ କି ଯେଉଁଠାରେ ବାମ୍ପି ହେଲେ ଗୃହଅଗ୍ନିର ଘରକୁ ପାଣି ପକାଇବାର ସୁଯୋଗ ହେବ ଅଥଚ ଘର ଶ୍ରେଣିମାନଙ୍କର ଲଗାଲଗିରେ ବାଧା ପଡ଼ିବାରୁ ସେମାନଙ୍କ ରକ୍ଷା ବିଷୟରେ ଅଧିକ ସୁବିଧା ହେବ ।

---

## ବଙ୍ଗଳାରେ ବାଣିଜ୍ୟର ଚେଷ୍ଟା ।

ବାଣିଜ୍ୟ ବ୍ୟବସାୟ ଦେଶୋନ୍ନତିର ମୂଳ କାରଣ ଭାରତବର୍ଷରେ ବମ୍ବେଇ ଏ ବିଷୟରେ ଅଗ୍ରଗଣ୍ୟ ଓ ବଙ୍ଗଳା ବିଦ୍ୟା ବୁଦ୍ଧିରେ ଶ୍ରେଷ୍ଠ ହୋଇ ମଧ୍ୟ ବାଣିଜ୍ୟ ବ୍ୟବସାୟରେ ବିଶେଷ ମନୋଯୋଗୀ ନ ହେବାରୁ ଅନେକ ଲୋକ ଆକ୍ଷେପ କରୁ ଅଛନ୍ତି ଏବଂ ସମ୍ବାଦ ପତ୍ରମାନଙ୍କରେ ଏଥିର ସମାଲୋଚନା ହେଉଅଛି । ଆମ୍ଭେମାନେ ଏଥିମଧ୍ୟରେ ବଙ୍ଗାଳିଙ୍କୁ ଏ ବିଷୟରେ ଯତ୍ନଶୀଳ ହେବାର ଦେଖି ବଡ଼ ଆନନ୍ଦିତ ହୋଇଅଛୁଁ । ରାଜା ଦୁର୍ଗାଚରଣ ଲାହାଙ୍କ ଯତ୍ନରେ ଗୋଟିଏ କାଗଜ ପ୍ରସ୍ତୁତ କରିବାର କାରଖାନା ଫିଟିବାର ଅନୁଷ୍ଠାନପତ୍ର ବାହାର ଅଛି ଏବଂ ଯଦ୍ୟପି ଏ ବଙ୍ଗାଳ ଓ ଇଂରେଜ ମିଶି ଏ କାରଖାନା ଫିଟାଉ ଅଛନ୍ତି ବୋଲି ଏହାକୁ ଶୁଦ୍ଧ ବଙ୍ଗାଳିଙ୍କ କାରଖାନା ବୋଲାଯାଇ ନ ପାରେ ତଥାପି ଏହା ଶୁଭଲକ୍ଷଣ ଅଟଇ ଓ ଯେସ୍ଥଳେ ଇଂରେଜମାନେ ବଙ୍ଗାଳିଙ୍କ ଅପେକ୍ଷା ବାଣିଜ୍ୟ ବ୍ୟବସାୟରେ ଅଧିକ ପଟୁ ସେସ୍ଥଳେ ପ୍ରଥମେ ସେମାନଙ୍କ ସଙ୍ଗେ ମିଶି ବଡ଼୨ କାର୍ଯ୍ୟରେ ହାତ ଦେବା ବିବେଚନାର କାର୍ଯ୍ୟ ଅଟଇ । ବିଶେଷତଃ କାରଖାନାଟି ବଙ୍ଗଳାରେ ଫିଟୁଅଛି ଏବଂ ଏଥିରେ ପ୍ରଧାନ କାର୍ଯ୍ୟ ଚଳାଇବ ଜଣେ ମାନ୍ୟଗଣ୍ୟ ବଙ୍ଗାଳି ହୋଇଅଛନ୍ତି ସୁତରାଂ ଏହାଦ୍ୱାରା ବଙ୍ଗଳାର ଅନେକ ଉପକାର ହେବ ।

ଅଉ ଗୋଟିଏ ବାଣିଜ୍ୟର ଅନୁଷ୍ଠାନ ଶୁଦ୍ଧ ବଙ୍ଗାଳିଙ୍କ ଦ୍ୱାରା ହେଉଅଛି । ବାବୁ ଅନନ୍ତପ୍ରସାଦ ରାୟ ନାମରେ ଜଣେ ବଙ୍ଗାଳି ମଧ୍ୟସ୍ଥ ଭାରତବର୍ଷରେ ଅନେକ ବର୍ଷରୁ ରେଲବାଟ ନିର୍ମାଣ କାର୍ଯ୍ୟ କରନ୍ତି । ତାହାଙ୍କର ଧାରଣା ଯେ ବଙ୍ଗାଳିମାନେ ରେଲବାଟ ବ୍ୟବସାୟରେ ପ୍ରବୃତ୍ତ ହେଲେ ଦେଶୋନ୍ନତି ସଙ୍ଗେ୨ ଗୋଟିଏ ନୂତନ ଲାଭର ବାଟ ଫିଟିବ ଏବଂ ସେ ଦେଖାଇ ଦେଇ ଅଛନ୍ତି ଯେ ଦେଶୀୟ ଲୋକଙ୍କ ଦ୍ୱାରା ରେଲବାଟ ନିର୍ମାଣ ଏବଂ ତହିଁର କାର୍ଯ୍ୟ ଚଳାଇବା ଅଳ୍ପ ବ୍ୟୟରେ ହୋଇପାରିବ ସୁତରାଂ ସତରାଚର ଭାରତବର୍ଷର ରେଲବାଟରେ ଯେତେ ଲାଭ ହେଉଅଛି ତହିଁରୁ ଅଧିକ ଲାଭ ହେବ । କଡ଼ି୨ ରେଲ ବାଟ ପ୍ରସ୍ତାବ ପତ୍ରରୁ ଜଣାଯାଏ ଯେ ଅଧୁନା ବଙ୍ଗଳାର ପ୍ରଧାନ ବାଣିଜ୍ୟ ସ୍ଥାନମାନଙ୍କରେ ଛୋଟ୨ ରେଲବାଟ ଫିଟାଇବା ଶ୍ରେୟସ୍କର ବିବେଚନା କରି କେତେ୨ ଧନବ୍ୟକ୍ତିଙ୍କର ସାହାଯ୍ୟ ଲୋଡ଼ ଥିଲେ ମାତ୍ର ତହିଁରେ ବିଫଳମନୋରଥ ହୋଇ ସର୍ବସାଧାରଣଙ୍କର ସାହାଯ୍ୟ ପ୍ରାର୍ଥନା କରି ପ୍ରଥମେ ତାରକେଶ୍ୱର ଠାରୁ ମାଗ୍ରା ପର୍ଯ୍ୟନ୍ତ ଗୋଟିଏ ରେଲ ବାଟର ଅନୁଷ୍ଠାନପତ୍ର ବାହାର କରି ହୋପଳାମକ ସମ୍ବାଦପତ୍ର ଯୋଗେ ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥିତ କରିଅଛନ୍ତି ଏବଂ ତହିଁରେ ଦେଖାଇ ଅଛନ୍ତି ଯେ ମାଇଲ ପ୍ରତି କୋଡିଏ ହଜାର ଟଙ୍କା ଖର୍ଚ୍ଚରେ ଅର୍ଥାତଃ ଏକଲକ୍ଷ ଟଙ୍କା ମୂଳଧନରେ ଗୋଟିଏ କମ୍ପାନି ହେଲେ ଉକ୍ତ ରେଲବାଟ ପ୍ରସ୍ତୁତ ହେବ ଏବଂ ଶତକଡ଼ା ଟ ୧୦ ଲେଖାଏ ଅଂଶୀମାନେ ପାଇ ପାରିବେ । ଅନେକ ଲୋକ ଅକ୍ଳେଶରେ ଅଂଶ କ୍ରୟ କରିବେ ଏଥିପାଇଁ ପ୍ରତ୍ୟେକ ଅଂଶର ମୂଲ୍ୟ ଟ ୧୦ ଙ୍କା ଧାର୍ଯ୍ୟ ହୋଇଅଛି । ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଏକ ସପ୍ତାହ ମଧ୍ୟରେ ୩୦୦୦ ଅଂଶର ଗ୍ରାହକ ହୋଇଅଛନ୍ତି ଏବଂ ଗ୍ରାହକଙ୍କର ଯେପରି ଆଗ୍ରହ ଦେଖାଯାଉଅଛି ତହିଁରୁ ଅନାୟାସରେ ଅନୁମାନ ହେଉଅଛି ଯେ ଅଳ୍ପଦିନରେ ସମସ୍ତ ଅଂଶ ବିକ୍ରୟ ହୋଇଯିବ । ଏହି ପ୍ରସ୍ତାବ ପ୍ରତି ଦେଶୀୟ ଲୋକଙ୍କର ସହାନୁଭୂତି ଦେଖି ଅନନ୍ତବାବୁ ଆପଣା କାର୍ଯ୍ୟସ୍ଥାନକୁ ଲେଉଟି ଯାଇ ଅଛନ୍ତି । ସେଠାରୁ ଅବସର ଗ୍ରହଣପୂର୍ବକ ଶୀଘ୍ର ବଙ୍ଗଳାକୁ ଆସି ଏହି ରେଲବାଟ ନିର୍ମାଣକାର୍ଯ୍ୟରେ ପ୍ରବୃତ୍ତ ହେବେ ।

---

Split by PDF Splitter

Digitized by srujanika@gmail.com

## ଶିବପୁର ସିଭିଲ ଇଞ୍ଜିନିୟରିଂ କଲେଜ ।

ଏହି କଲେଜର ପରୀକ୍ଷା ଫଳ ଭଲ ନ ହେବାରୁ ଗବର୍ଣ୍ଣମେଣ୍ଟ ତହିଁର ତଦନ୍ତ କରି ଶେଷରେ ଗୋଟିଏ କମିଟି ବସାଇଥିଲେ । ଉକ୍ତ କମିଟିର ରିପୋର୍ଟ ଡାଇରେକ୍ଟରଙ୍କ ମନ୍ତବ୍ୟ ସହିତ ଗବର୍ଣ୍ଣମେଣ୍ଟଙ୍କୁ ପ୍ରେରିତ ହୋଇଅଛି ।

କମିଟିଙ୍କ ରିପୋର୍ଟର ସାରମର୍ମ ଏହି ଯେ ଶିବପୁର କଲେଜ ସନ ୧୮୮୦ ସାଲରେ ସ୍ଥାପିତ ହେଲା । ସେତେବେଳେ ଏଥିର ତିନିଭାଗ ଥିଲା ମାତ୍ର ଗୋଟିଏ ବିଭାଗରେ ଅଧିକଷ୍ଟ ନ ହେବାରୁ ତାହା ଉଠି ଯାଇ ବର୍ତ୍ତମାନ ଦୁଇଟି ବିଭାଗ ଅଛି ଅର୍ଥାତ୍ ଗୋଟିଏ ବିଭାଗରେ ସିଭିଲ ଇଞ୍ଜିନିୟରମାନଙ୍କର ଶିକ୍ଷା ଏବଂ ଅନ୍ୟଟିରେ ସିଭିଲ ଓଭରସିୟର ଓ ମେକାନିକ ବା ଶିଳ୍ପକାରମାନଙ୍କର ଶିକ୍ଷା ହୁଏ । କମିଟି ପ୍ରସ୍ତାବ କରିଅଛନ୍ତି ଯେ ପ୍ରବେଶିକା ପରୀକ୍ଷାରେ ଯେଉଁମାନେ ଇଂରାଜୀ ଓ ଗଣିତରେ ନ ୪୦ ଓ ୫୦ ନମ୍ବର ପାଇବେ ଏବଂ ତ ୧୯ ବର୍ଷ ବୟସରୁ ଅଧିକ ନ ହେବେ ସେମାନେ କଲେଜରେ ଭରତି ହେବେ । ଫାଷ୍ଟ ଆର୍ଟସ ଓ ବି,ଏ, ପାସ କରିଥିବା ଛାତ୍ରମାନେ ଅବଶ୍ୟ ଭରତି ହେବେ ମାତ୍ର ଏଫ, ଏ ଛାତ୍ରଙ୍କ ବୟସ ବ ୨୧ ବର୍ଷ ଓ ବି, ଏ, ଛାତ୍ରଙ୍କ ବୟସ ବ ୨୩ ବର୍ଷରୁ ଅଧିକ ହେବ ନାହିଁ ଏବଂ ସେମାନେ ଏକାବେଳକେ ୨ୟ ବର୍ଷୀୟ ଶ୍ରେଣୀରେ ଭରତି ହୋଇ ପାରିବେ । ଇଞ୍ଜିନିୟରମାନେ ତ ୩ ବର୍ଷ ଶିକ୍ଷା କରିବେ ଅର୍ଥାତ୍ ଏକବର୍ଷ ପୁସ୍ତକାଦି ପଢ଼ିବେ ଓ ଦୁଇବର୍ଷ କାର୍ଯ୍ୟ ଶିକ୍ଷା କରିବେ । ଓଭରସିୟରମାନେ ନ ୨ବର୍ଷ ପୁସ୍ତକାଦି ପଢ଼ିବେ ଏବଂ ଦେଢ଼ବର୍ଷ କାର୍ଯ୍ୟ ଶିକ୍ଷା କରିବେ । ମେକାନିକ ବା ଶିଳ୍ପୀମାନେ ଦୁଇବର୍ଷ ପୁସ୍ତକାଧ୍ୟୟନ ଓ ୩ ଠାରୁ ୪ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ଶିକ୍ଷା କରିବେ କିନ୍ତୁ ଏମାନଙ୍କ ଶିକ୍ଷା ନିମିତ୍ତ କଲେଜରେ ପୃଥକ୍ କାରଖାନା ରଖିବାର ଆବଶ୍ୟକ ନାହିଁ । ରେଲୱେର ଓ ଗୁଥପ୍ରଭୃତିର କାରଖାନାରେ ଏମାନେ ଶିକ୍ଷା କରି ପାରିବେ । କିନ୍ତୁ ଏ ପ୍ରସ୍ତାବରେ ଶିକ୍ଷା ବିଭାଗର ଡାଇରେକ୍ଟର ଐକ୍ୟ ନ ହୋଇ କହିଅଛନ୍ତି ଯେ କାରଖାନା ଉଠାଇ ଦେଲେ କଲେଜ ଅଙ୍ଗହୀନ ହେବ ଓ ତାହା ରଖିବାକୁ ହେଲେ ବାର୍ଷିକ ଅଧିକ ଟଙ୍କାମଧ୍ୟରେ ଯାହା ଅଧିକା ବ୍ୟୟ ପଡ଼ିବ ତାହା ସେ ଅନ୍ୟ ଖରଚ କମାଇ ଯୋଗାଇ ପାରିବେ । ଏଥିପାଇଁ ସେ ହିନ୍ଦୁସ୍କୁଲକୁ ଉଠାଇ ଦେବାର ପ୍ରସ୍ତାବ କରିଅଛନ୍ତି ଏବଂ ଏଥିରେ ବାର୍ଷିକ ୨୨ ହଜାର ଟଙ୍କା ବଞ୍ଚିବ ।

ଆମ୍ଭେମାନେ ଏ ବିଦ୍ୟାଳୟର ନିୟମମାନ ବାହୁଲ୍ୟରୂପେ ଲେଖିବାର ତାତ୍ପର୍ଯ୍ୟ ଏହି ଯେ ପାଠକମାନେ ଦେଖିବେ ଯେ ବିଶ୍ୱବିଦ୍ୟାଳୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବ୍ୟକ୍ତିମାନଙ୍କପକ୍ଷରେ ବ୍ୟବସାୟ ଶିକ୍ଷା କରିବାର ଉତ୍ତମ ସୁଯୋଗ ଏଠାରେ ରହିଅଛି ଏବଂ ଆପଣାର ଜୀବିକା ନିର୍ବାହ ଏବଂ ଦେଶର ଉନ୍ନତି କାରଣ ସୁନ୍ଦର ଉପାୟ ରହିଅଛି । ବର୍ତ୍ତମାନ ଛାତ୍ରମାନେ ପ୍ରାୟ ସମସ୍ତେ ଏକା ଓକାଲତି କରିବାକୁ ଧାଇଁଅଛନ୍ତି ଅନ୍ୟ ବ୍ୟବସାୟକୁ ପ୍ରାୟ ଲୋଡ଼ନ୍ତି ନାହିଁ । ଓକାଲତି ବଡ଼ ଲାଭକର ଓ ସମ୍ମାନପ୍ରାପ୍ୟ ବୋଲି ଏପରି ହୋଇଅଛି ମାତ୍ର ଦିନ୨ ଓକିଲଙ୍କ ସଂଖ୍ୟା ଯେମନ୍ତ ବୃଦ୍ଧି ହେଉଅଛି ଓ ଲୋକେ ମାମଲା କରି ଯେମନ୍ତ ଡରୁଅଛନ୍ତି ଏ ଅବସ୍ଥା ଅଧିକଦିନ ରହିବ ନାହିଁ ଓ ଅନେକ ଓକିଲଙ୍କୁ ଭାଳିବାକୁ ହେବ । ଶିଳ୍ପାଦି ବ୍ୟବସାୟର ତଥା ସେପ୍ରକାର ନୁହଇ । ଏଥିରେ ଲାଭ ଉଣା ହେଲେ ସୁଦ୍ଧା ଧନ୍ଦା ଛଡ଼ା ହେବାର ନୁହଇ । ଆଉ ଆଶ୍ଚର୍ଯ୍ୟର ବିଷୟ ଯେ ଶିକ୍ଷିତଲୋକମାନେ ଶିଳ୍ପାଦି ଶିକ୍ଷା ଦେବା କାରଣ ସରକାରଙ୍କୁ କ୍ରମାଗତ ଦରଖାସ୍ତ କରୁଅଛନ୍ତି ଅଥଚ ଯେ ସବୁ ଉପାୟ ଅଛି ତାହା ଅବଲମ୍ବନ କରୁ ନାହାନ୍ତି । ଆମ୍ଭେମାନେ ଆଶା କରୁଁ ଯେ ଓଡ଼ିଶାର ଛାତ୍ରମାନେ ଏ କଲେଜରେ ଅଧ୍ୟୟନ କରିବାରେ ମନ ବଳାଇବେ ।

---

( କୃଷିଶିଳ୍ପ ପତ୍ରିକାରୁ ଉଦ୍ଧୃତ )

### ଜାମୁର ଗୋଟିଏ ନୂତନ ଗୁଣ ।

"କଳାଜାମୁ ବର୍ତ୍ତମାନ ଗଛରେ ଧରିଅଛି । ଅଳ୍ପ ଦିନ ମଧ୍ୟରେ ପାଚିବ । ପାଚିଲା ଜାମୁ ଖାଇବାକୁ ମଧୁର । ଜାମୁବୀଜର ଗୋଟିଏ ଆଶ୍ଚର୍ଯ୍ୟ ଗୁଣ ଅଛି । ତାହା ଆମ୍ଭେମାନେ ଏଥିର ପ୍ରକାଶ କରୁଅଛୁଁ । ତହିଁରୁ ପାଠକେ ଦେଖିପାରିବେ ଯେ, ଜାମୁ କେବଳ ମଧୁର ନୁହେ, ଜାମୁ ଅମୂଲ୍ୟ ବସ୍ତୁ । ଯେଉଁ ବହୁମୂତ୍ର ପୀଡ଼ାରେ ବଙ୍ଗର ଶିରୋଭୂଷଣ କୃଷ୍ଣଦାସ ପାଲ ପ୍ରଭୃତି କେତେକ ବ୍ୟକ୍ତି ମୃତ୍ୟୁମୁଖରେ ପତିତ ହୋଇଅଛନ୍ତି, ସେହି ବହୁମୂତ୍ର ପୀଡ଼ାପକ୍ଷରେ ଜାମୁବୀଜ ଚୂର୍ଣ୍ଣ ଗୋଟିଏ ମହୌଷଧ । ଶୁଖିଲା ଜାମୁବୀଜ ଚୂର୍ଣ୍ଣ ଓଜନ ୫୦/ ଏକଅଣା ତେଭିଲ ଚାଳ ସଙ୍ଗରେ ମିଶ୍ରିତକରି ବହୁମୂତ୍ର ପୀଡ଼ାଗ୍ରସ୍ତ ବ୍ୟକ୍ତି କ୍ରମାଗତ ସାତଦିନ ପ୍ରାତଃକାଳରେ ସେବନ କଲେ ସତ୍ତ୍ୱରେ ଏହି ପୀଡ଼ାହସ୍ତରୁ ପରିତ୍ରାଣ ପାଇପାରିବେ ।

ଏହି ଔଷଧଟି କୌଣସି ସନ୍ନ୍ୟାସୀ ନିକଟରୁ ପ୍ରାପ୍ତ ହୋଇ ଏବଂ ନିଜେ ପରୀକ୍ଷାକରି କୌଣସି ବନ୍ଧୁ ଆମ୍ଭମାନଙ୍କୁ ଜଣାଇ ଅଛନ୍ତି । ବହୁଦିନ ପୂର୍ବରୁ ଜାମୁବୀଜର ଏହି ଆଶ୍ଚର୍ଯ୍ୟଗୁଣ ଆମ୍ଭେମାନେ ଜାଣି ଓ କୃଷି ପତ୍ରିକାରେ ପ୍ରକାଶ କରି ପାରିଥିଲେ ଏହାଦ୍ୱାରା କେତେକ ବ୍ୟକ୍ତିଙ୍କର ଜୀବନରକ୍ଷା ହୋଇ ପାରିଥାନ୍ତା ।"

---

# ସାପ୍ତାହିକ ସମ୍ବାଦ ।

ଗତ ରବିବାର ଅସ୍ମାକଙ୍କର ସୁବୁଦ୍ଧି ଜଜ ଓଗାଲ ସାହେବ ଏ ନଗରରେ ପହଞ୍ଚି ସୋମବାର ଠାରୁ ଦୌଲ-କାର୍ଯ୍ୟ କରୁଅଛନ୍ତି । ବଡ଼ ଦୁଃଖର ବିଷୟ ଯେ ସାହେବ ଅଳ୍ପଦିନରେ ଏଠାରୁ ଚାଲିଯିବାର ସ୍ଥିର [illegible]

ଗତ ଶୁକ୍ରବାର ଅପରାହ୍ନ କାଳରେ [illegible] ଘାସବତ ଏକପଶଲା ବୃଷ୍ଟି ହୋଇଥିଲା ।

ଏଠା ମିଉନିସିପାଲିଟି ଭଙ୍ଗ [illegible] ହୋଇଥିବା କର୍ମଚାରୀମାନଙ୍କ ସାହାଯ୍ୟ [illegible] କମିଟିର ଗତବାର ଅଧିବେଶନରେ ଏକ ସଭା ହେବାର ଥିଲା । ମାତ୍ର ଅଳ୍ପଲୋକ ଉପସ୍ଥିତ ହେବା, ଏବଂ ବିଜ୍ଞାପନ ସମସ୍ତ ପାଇ ନ ଥିବାର ଜଣାଗଲୁ ରବିବାର ପର୍ଯ୍ୟନ୍ତ ସ୍ଥଗିତ ରହିଲା ।

ଅସ୍ମାକଙ୍କର ମାନ୍ୟବର କମିଶନର ଶ୍ରୀଯୁକ୍ତ ମିଷ୍ଟର ସାହେବ ଆଗାମୀ ତା ୧୫ ଋଣରେ ପୁରୀକୁ [illegible] ଯାତ୍ରା କରିବେ । ଏଥର ସାହେବଙ୍କ ପୁରୀକୁ ଯିବାର କାରଣ ଯାହା ସଙ୍ଗ୍ରହ ପ୍ରସ୍ତୁତ ।

ରାଜା ବୈଦ୍ୟନାଥ ପଣ୍ଡିତଙ୍କ ସ୍ଥାପିତ ଅନ୍ନଛତ୍ରରେ ଯେଉଁ କାଙ୍ଗାଳମାନେ ଭୋଜନ ପାଉଅଛନ୍ତି ସେମାନଙ୍କ ଶରୀର ନିମ୍ନଲିଖିତ ସ୍ଥାନରେ ଅଛି । ଯଥା—ଖଣ୍ଡପଡ଼ା, କଇଁଙ୍ଗପୁର, ଭଡ଼ଙ୍ଗା, ଦଶପଲ୍ଲା, ନୟାଗଡ଼, କୁହୋଇ, ଟିକେଇ, କଟକମପୁର, ରଣପୁର, ଖୋର୍ଦ୍ଧା, କାଳି, ହରିହରପୁର, ତାଳଚେର, ପରମହଂସ, ମୁକ୍ତାପୁର, ରମ୍ଭା ଓ ଅଣ୍ଡା ଜହ୍ନଟାନର କଙ୍ଗାଳ ଅଧିକାଂଶ ।

ମୋଫସଲର ଏକ ୨ ସ୍ଥଳରେ ବୃଷ୍ଟି ଅଭାବରୁ ଧାନ ଖରାପ ହୋଇ ନାହିଁ ଓ କେତେ ସ୍ଥଳେ ଉଭାମଗୁଡ଼ିକ ଭଗ୍ନ ହୋଇଅଛି । ଲଙ୍ଗଳାଗୁଡ଼ିକୁ ସମସ୍ତେ ବୁଝି କରିଅଛନ୍ତି ଏଥର ଉପୁଯୁକ୍ତ ବୃଷ୍ଟି ନ ହେଲେ ବଡ଼ କଷ୍ଟ ହେବ ।

ସମ୍ବଲପୁରରୁ ଜଣେ ଲେଖିଅଛନ୍ତି ଯେ ପୋଲିସସାହେବ ଗୋପୀନାଥ ଓ ଅନ୍ୟ ଜଣେ ଅମୁକ୍ତ କରିବା ଅପରାଧରେ ଗତ ଫେବ୍ରୁଆରୀ ତା ୧୫ ଋଣରେ ଫୌଜଦାରୀ ସୋପର୍ଦ୍ଦ ହୋଇଥିଲେ । ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇ ନାହିଁ ଓ ସେ ହାଜତରେ ଅଛନ୍ତି । ସେହିପରି ପକ୍ଷରେ ଏହା ବଡ଼ କଷ୍ଟ ହେଉଅଛି ।

Digitized by srujanika@gmail.com

Split by PDF Splitter



ବୋମ୍ବାଇର ଅଧ୍ୟକ୍ଷ ମିଃ ୱେଡ୍‌ସାର ଇଂଲଣ୍ଡକୁ ଯାତ୍ରା କରିଅଛନ୍ତି । ଆଗାମୀ ନବେମ୍ବର ମାସରେ ଭାରତବର୍ଷକୁ ସେ ପ୍ରତ୍ୟାଗମନ କରିବେ ।

ଉକ୍ତ ନଗରର ଜଣେ ପାର୍ଲିଆମେଣ୍ଟର ସଭ୍ୟ ମିଃ ଏଡ୍‌ମଣ୍ଡ ରବାର୍ଟସନ୍ ସାହେବ ପ୍ରଧାନ ମନ୍ତ୍ରୀ ମାନନୀୟ ଲର୍ଡ ସାଲିସ୍‌ବରିଙ୍କ ବେତନ ଏକଶତ ପାଉଣ୍ଡ କମ୍ କରିଦେବା ପାଇଁ ସଭାରେ ଅମତ କରିଥିଲେ । ଏହାର କାରଣ ଏହି ଯେ ପ୍ରଧାନ ମନ୍ତ୍ରୀ ପାରିସର ପ୍ରଦର୍ଶନୀ ଉତ୍ସବ ସମୟରେ ଇଂଲଣ୍ଡର ପ୍ରତିନିଧିଙ୍କୁ ପାରିସ ନଗରକୁ ଯିବାରେ ଓ ଫ୍ରାନ୍ସର ପ୍ରଦର୍ଶନୀକୁ ବାଧା ଜନ୍ମାଇବାର ଦୋଷାରୋପ ମଧ୍ୟ କରି ପ୍ରଦର୍ଶନୀର ହୋଇଥିଲା । ସର୍ ଜେମ୍‌ସ୍ ଫର୍ଗୁସନ୍ ସାହେବ ପ୍ରଦର୍ଶନୀର କୌଣସି କ୍ଷତି ହେବ ନାହିଁ କହିବାରୁ ଭୋଟ୍ ଗ୍ରହଣ ହେବାରୁ ଉକ୍ତ ପ୍ରସ୍ତାବ ପକ୍ଷରେ ୧୬ ଭୋଟ କମ୍ ହୋଇଥିଲା ।

ପୋଷ୍ଟକାର୍ଡର ବ୍ୟବସ୍ଥା କ୍ରାଡ଼୍‌ଷ୍ଟୋନସାହେବଙ୍କର ଉଦ୍ଭାବିତ, କିନ୍ତୁ ଉତ୍ତର ପୋଷ୍ଟକାର୍ଡ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କର ନୂତନକୀର୍ତ୍ତି ।

ବୋଡମହାଲର ମହାରାଜା ତାଙ୍କ ସ୍ୱକୀୟଙ୍କଠାରୁ ତାଙ୍କ ଶମାଇଲ ପର୍ଯ୍ୟନ୍ତ ଗୋଟିଏ ରେଲଓଏ ପ୍ରସ୍ତୁତ କରିବା ନିମିତ୍ତ ଗବର୍ଣ୍ଣମେଣ୍ଟଙ୍କଠାରେ ଆବେଦନ କରିଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟ ଏହି ଆବେଦନ ବିଷୟ ବିବେଚନା କରୁଅଛନ୍ତି ।

ବର୍ତ୍ତମାନ ଭାରତବର୍ଷରେ ୩୪୦୦ ମିଶନରୀ ବା ପାଦରୀ ଅଛନ୍ତି । ସେମାନଙ୍କ ନିମିତ୍ତ ବାର୍ଷିକ ଟ ୨୨,୦୦,୦୦୦ ଟଙ୍କା ବ୍ୟୟ ହୁଏ । ସମସ୍ତ ଭାରତବର୍ଷମଧ୍ୟରେ ବର୍ତ୍ତମାନ ପ୍ରତି ହଜାର । ସମସ୍ତ ଭାରତବର୍ଷମଧ୍ୟରେ ବର୍ତ୍ତମାନ ହାରାହାରି ବର୍ଷରେ ଏକଜଣ କରି ଖ୍ରୀଷ୍ଟିୟାନ ହୁଅନ୍ତି ।

ଗତ ୫୦ ବର୍ଷମଧ୍ୟରେ ଅର୍ଥାତ୍ ଅସ୍ମମାନଙ୍କ ମହାରାଣୀଙ୍କର ରାଜତ୍ୱକାଳମଧ୍ୟରେ ନିମ୍ନଲିଖିତ ଆବିଷ୍କାର ଓ ନୂତନ ଉଦ୍ଭାବନ ସବୁ ହୋଇଅଛି । ସାମୁଦ୍ରିକ ବାଷ୍ପୀୟଯାନ, ରେଲଓଏ, ଟେଲିଗ୍ରାଫ୍ ତାରନ, ଫୋଟୋଗ୍ରାଫ, ଛବି ଅଙ୍କିବାର ନୂତନ ପ୍ରଣାଳୀ, ଏନାମେଲ ରଙ୍ଗବିଶେଷ, ବେସେମର ଷ୍ଟିଲ, ବୈଦ୍ୟୁତିକ ଆଲୋକ, ଷ୍ଟିମ୍-ଫାୟାର ଯନ୍ତ୍ର, ସ୍ୱର୍ଣ୍ଣାବିଷ୍କାର ସାର୍କିଟ, ଗନ୍‌କଟନ, ନାଇଟ୍ରୋ-ଗ୍ଲିସିରିନ୍, ଡାଇନାମାଇଟ, କାଏଣ୍ଟ ପାଉଡର (ବାରୁଦବିଶେଷ), ଆଲୁମିନିୟମ, ମ୍ୟାଗ୍ନେସିୟମ, ଏବଂ ଅନ୍ୟାନ୍ୟ ଧାତୁ ଇଲେକ୍ଟ୍ରୋ-ପ୍ଲେଟିଂ, ଷ୍ଟେକ୍ଟ୍ରୋ ମ୍ୟାଗ୍ନେଟିଜିମ ଏବଂ ଷ୍ଟେକ୍ଟ୍ରମ୍‌କୋପ ଅଡ଼ିଓଫୋନ ଇମେଟିକ୍‌ଟେବ, ଇଲେକ୍ଟ୍ରିକ ଲମ୍ପ, ବୈଦ୍ୟୁତିକ ରେଲଓଏ ବୈଦ୍ୟୁତିକ ସଞ୍ଚାଳନାଦି ବହୁବିଧ ଅବସ୍ତ୍ରିଗ୍ନ ଉଦ୍ଭାବିତ ହୋଇଅଛି । ଜ୍ୟୋତିଷ ଶାସ୍ତ୍ରର ମଧ୍ୟ ବିଶେଷ ଉନ୍ନତି ହୋଇଅଛି ।

ଆଗାମୀ ଡିସେମ୍ବରର ବୋମ୍ବାଇ ସହରର କଂଗ୍ରେସର ପଞ୍ଚମ ଅଧିବେଶନରେ ଡାକ୍ତର କେ, ଆର, ଭିକାଜି ଯୋଗପ୍ରଦାନ କରିବାକୁ ଅସ୍ୱୀକାର କରିଅଛନ୍ତି । ଏ ଜଣେ ପାର୍ଶି ସମାଜର ମାନ୍ୟଗଣ୍ୟ ଲୋକ । ଏହାଙ୍କ ସହିତରେ ପାର୍ଶିସମାଜ ମଧ୍ୟ କଂଗ୍ରେସ ସହିତ ସମ୍ପର୍କ ରଖିବେ ନାହିଁ । କଂଗ୍ରେସ ବିପକ୍ଷମାନଙ୍କ ଦଳ ବୃଦ୍ଧି ହେବାକୁ ଲାଗିଲା ।

ଲାହୋର ଅଞ୍ଚଳରେ ଜଣେ ବ୍ୟକ୍ତି ନିଜର ସ୍ତ୍ରୀକୁ ତାହାର ବିଷୟ ଅଣିଥିବା ହେତୁ ସ୍ୱଜନ ଲୋକ ଯଷ୍ଟି ସେଇ ତାକୁ ଆକ୍ରମଣ କଲେ । ତାହା ନିକଟରେ ଏକଟି ରିବାସ୍ୱ ଥିଲା । ଉକ୍ତ ରିବାଲବାର ଦୁଇଜଣ ଲୋକଙ୍କୁ ସେ ଶୁଳି କଲା ଓ ଅପର ଦୁଇଜଣଙ୍କୁ ଜଖମ କରିବାରୁ ପୌଷ ବସ୍ତୁରରେ ତାକୁ ଫାଶିଦଣ୍ଡର ହୁକୁମ ହେଲା କିନ୍ତୁ ଉଚ୍ଚ ଅଦାଲତ ବିଚାରରେ ସେ ଅବ୍ୟାହତି ପ୍ରାପ୍ତ ହୋଇଅଛି । ଏହାର କାରଣ ଏହି ଯେ ସେ ଆତ୍ମରକ୍ଷାର୍ଥେ ରିବଲଭର ବ୍ୟବହାର କରିଥିଲା ।

## ଚଣ୍ଡୀବ୍ରହ୍ମୀ-ସମ୍ବାଦ ।

ଗତ ରବିବାର ଠାରୁ ଏ ଅଞ୍ଚଳକୁ ଏହା ଅପ୍ରାପ୍ୟ ଜଳ ବୃଷ୍ଟି ହେବାରୁ ଜଳ କଷ୍ଟ ନିବାରଣ ଏବଂ କୃଷି କାର୍ଯ୍ୟର ବିଶେଷ ସାହାଯ୍ୟ ହୋଇଅଛି ମାତ୍ର ପଙ୍କବଳୁ କଙ୍କାଳମାନେ ଅସ୍ଥି କଙ୍କାଳ ଦେଖାଇ ବାଟେ ବାଟେ ମାଗି ବୁଲୁ ଅଛନ୍ତି ।

ଜଳବର୍ଷା ସଙ୍ଗେ ସଙ୍ଗେ ଓଲାଉଠା ଶାନ୍ତ ହୋଇଅଛି ।

ଗତ ଶୁକ୍ରବାର ରଙ୍ଗାଉପୁର ଚୌଧୁରୀଙ୍କ ଚଉଅଖାହାରେ ଅଗ୍ନି ଲାଗି କେତେ କେତେ ଜୀବଜନ୍ତୁ ପ୍ରାଣ ହରାଇ ଅଛନ୍ତି । କି ଭୟାନକ ବ୍ୟାପାର !

ଚିମାପଡ଼ାରେ ଜଣେ ବାବାଜୀ ଉପସ୍ଥିତ ହୋଇ ଅଛନ୍ତି । ଏ ବାବାଜୀ ଚତୁର୍ଦ୍ଦିଗେ ଅଗ୍ନି ଅବେଷ୍ଟନ କରି ମଧ୍ୟରେ ଖଣ୍ଡିଏ ସୂତୀକ୍ଷ୍ଣ ଲୌହ କଣ୍ଟକାବୃତ ଖଟ (ଅର୍ଥାତ୍ ଲୁହା କଣ୍ଟା ସେହି ଖଟର ସବୁସ୍ଥାନରେ ଉର୍ଦ୍ଧ୍ୱମୁଖେ ଯୋଡା ହୋଇଅଛି ) ପକାଇ ତାହା ଉପରେ କେତେବେଳେ ଶୟନ ଓ କେତେବେଳେ ଉପବେଶନ କରିଥାନ୍ତି ଏବଂ ଗମନାଗମନ କରିବା ସମୟରେ ସେହିପରି ଲୁହାକଣ୍ଟା ସଂଯୁକ୍ତ ଦୁଇଗୋଟି ପାଦୁକା ମାତ୍ର ଉଠାଯାତ ହୁଅନ୍ତି । ବାବାଜୀଙ୍କର ଏପରି ଅଲୌକିକ ଶକ୍ତି ଦେଖିବାଲାଗି ସର୍ବଦା ସେଠାରେ ପ୍ରାୟ ଶତ ଶତ ଲୋକ ଭିଡ଼ ହୋଇ ଦେଖୁଅଛନ୍ତି ।

## ପୁରୀ ସମ୍ବାଦ ।

ଏ ସପ୍ତାହରେ ପ୍ରତିଦିନ ଆକାଶ ମେଘାଚ୍ଛନ୍ନ ହୋଇ ରହୁଅଛି, ବୃଷ୍ଟି ପତନ ନ ହେବାରୁ ଲୋକେ ବ୍ୟାକୁଳ ଅଛନ୍ତି ଗ୍ରୀଷ୍ମ ବିଶେଷ ପରିମାଣରେ ହେଉଅଛି ।

ପଣ୍ଡାମାନେ ଯାତ୍ରୀ ରକ୍ଷିବା ନିମନ୍ତେ ବସାଘରର ବନ୍ଦୋବସ୍ତ କରିବାରେ ଲାଗିଅଛନ୍ତି; ଏହି ମହାର୍ଘ ସମୟରେ ଯାତ୍ରୀ ସଂଖ୍ୟା ବିଶେଷ ହେଲେ ସମସ୍ତ ପଦାର୍ଥ ମହାର୍ଘ ହୋଇଯିବ ବୋଲି ବାସିନ୍ଦାମାନେ ଚିନ୍ତିତ ଅଛନ୍ତି ।

ସ୍ୱାସ୍ଥ୍ୟବାନ୍ ସହରର ଅନେକ ସ୍ଥାନରେ ଦେଖା ଦେଲାଣି ଅବସ୍ଥ ସ୍ଥାନ କାଙ୍ଗାଳମାନଙ୍କ ମଧ୍ୟରେ ବିଶେଷତଃ ବାଳକ ବାଳିକାମାନେ ବସନ୍ତରୋଗରେ ପୀଡ଼ିତ ହେଉ ଅଛନ୍ତି ସୁଖର ବିଷୟ ଏହି ଯେ ଅସ୍ମମାନଙ୍କର ମାନନୀୟ ଡାକ୍ତର ସାହେବ ମହୋଦୟ ଡକା ହେବାର ଶୁଣି ପାଇଲେ ତତ୍କ୍ଷଣାତ୍ ଆସି ଔଷଧ ପ୍ରଦାନ କରୁଅଛନ୍ତି । କେହି ରୋଗାକ୍ରାନ୍ତ ହେଲେ ଡାକ୍ତର ସାହେବଙ୍କୁ ସମ୍ବାଦ ଦେବ ଏକଥା ନଗରମଧ୍ୟରେ ଘୋଷଣା କରାଇ ଦେଲେ ଭଲ ହୁଅନ୍ତା ।

* ମ୍ୟୁନିସିପାଲିଟିଙ୍କ କୁକୁର ମାରିବାର ଆଦେଶ ହୋଇଥିବାରୁ ଦଳଦଳ କୁକୁର ମରୁ ଅଛନ୍ତି; ଅଭ୍ୟାଗତ ମାକଡ଼ମାନଙ୍କୁ ଅନ୍ତର କରିବାର ଉପାୟ କିଛି ଅଛି କି ?

ଅଗ୍ରୀଷ୍ଟ ସବ୍‌ଇନ୍‌ସ୍ପେକ୍ଟରଙ୍କର ସମ୍ମୁଖରେ କାଲି କଳୁଷବା ଅପରାଧରେ ଯେଉଁମାନେ ଫୌଜଦାରୀ ସୁପର୍ଦ୍ଦ ହୋଇଥିଲେ, ତଃ ମେଜିଷ୍ଟର ବାବୁ ରାଜଗୋପାଳ ସାହୁଙ୍କ ବିଚାରମତେ ସେମାନଙ୍କ ମଧ୍ୟରୁ ଦୁଇଜଣ ୬ ୪ ର୍ଥ ଶ୍ରେଣୀଏ ଓ ଜଣେ ଦୁଇବର୍ଷ କାରାବାସାର୍ଥ ପ୍ରେର୍‌ ହେଲେ ।

ଏହି ଗ୍ରୀଷ୍ମସମୟରେ ମିଉନିସିପାଲଟିର ଟାଙ୍କି ଅଦାୟ ପ୍ରତି କଡ଼ାକଡ଼ି ହୁକୁମ ହେଉଥିବାରୁ ଅଳ୍ପବିର୍ତ୍ତ ଲୋକମାନଙ୍କ ପୌରସଂଘରେ ଗରିବଲୋକମାନେ ଅସ୍ଥିର ହେଉ ଅଛନ୍ତି ।

ବଡ଼ଦାଣ୍ଡରେ ନାଳଖୋଳାର ଧୁମ ଲାଗିଅଛି, ଧର୍ମଶାଳା ନିକଟରେ ଅନେକ ଲୋକ ନାଳୀର ଉତାୟୁତ ସମୟରେ ନାଳରେ ପଡ଼ିଯାଇ କଷ୍ଟଭୋଗ କରୁଅଛନ୍ତି ।

ପୁରରେ ପ୍ରାୟ ପାଞ୍ଚ ୫୦୦ ଶତ କୁଷ୍ଠରୋଗୀ ଅଛନ୍ତି ଏକା ଧର୍ମଶାଳାରେ ହି ୫୦ ଶହୁ କମ ହେବେ ନାହିଁ ।

ସମ୍ବାଦପତ୍ରମାନଙ୍କରେ ଉତ୍କଳର ଚତୁର୍ଦ୍ଦିଗର କାଙ୍ଗାଳମାନଙ୍କର ଚିତ୍ର ଅଙ୍କିତ ହେଉଅଛି, ଦୁଃଖର ବିଷୟ ଏହି ଯେ ସବୁସ୍ଥାନ ଅପେକ୍ଷା ଏଠାରେ କାଙ୍ଗାଳସଂଖ୍ୟା ବେଶି ହେଲେହେଁ ସେମାନଙ୍କର ରକ୍ଷାର୍ଥ କୌଣସି ପ୍ରକୃଷ୍ଟ ଉପାୟ ନ ଥିଲେହେଁ କି କର୍ତ୍ତୃପକ୍ଷ କି ନଗରବାସି କାହାର ଦୃଷ୍ଟି ପଡ଼ୁନାହିଁ ଏଥିରୁ ବଡ ଦୁଃଖର ବିଷୟ କ ଅଛି ?

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ
ସମୀପେଷୁ

ମହାଶୟ !

ଶ୍ରୀ ହରିଃ

ଚରଣ ସମ୍ମିଳନୀର ସଭାପତି ଓ ସଭ୍ୟ
ମହୋଦୟେଷୁ

ସାଶୀର୍ବାଦ ନିବେଦନମିଦଂ—

ହିନ୍ଦୁ ନରପତି ଅଭାବରେ ହିନ୍ଦୁମାନଙ୍କର ଉନ୍ନତି ଯେ ଏକମାତ୍ର ହିନ୍ଦୁ ସଭାଦ୍ୱାରା ସମ୍ପାଦିତ ହୋଇପାରେ ଏହା ଆପଣମାନେ ଯେ ହୃଦୟଙ୍ଗମ କରି ନିଜ ଜାତୀୟ ସଭା ସ୍ଥାପନା କରିଅଛନ୍ତି ଏଥିରୁ ଅଧିକ ଆହ୍ଲାଦର କାର୍ଯ୍ୟ ଆଉ କ ହୋଇ ପାରେ ? ଆପଣମାନେ ନିଜ ନିଜ କାର୍ଯ୍ୟରେ ସମ୍ୟକ୍‌ରୂପେ ପ୍ରବୃତ୍ତ ହୋଇ ଅଛନ୍ତି ଦେଖି ଆପଣମାନଙ୍କ ମୋର ଗୋଟିଏ ପ୍ରାର୍ଥନା ଥିଲା ତାହା ଏହି ଦୀପିକାରେ ପ୍ରକାଶିତ କଲି; କୃପା, ଦୟା ଓ ଗୁଣାନ୍ୱିତ ଜ୍ଞାନର ବଶବର୍ତ୍ତୀ ହୋଇ ସ୍ୱୀକୃତ ହେଲେ ଉତ୍ତର ସେହି ପତ୍ରିକାରେ ପ୍ରକାଶ କରି ବାଧିତ କରିବା ହେବେ । ପରନ୍ତୁ ଆମ୍ଭେ ସ୍ୱୟଂ କରଣ ହୋଇ ନ ଥିଲେହେଁ ଆମ୍ଭର କାର୍ଯ୍ୟରୁ ଅନଧିକାର ଚର୍ଚ୍ଚା ଜ୍ଞାନ କରିବାକୁ ହେବ ନାହିଁ । ଆମ୍ଭେ ଏତଦ୍ଦେଶବାସୀ ହୋଇ ଥିବାରୁ ଆପଣମାନଙ୍କ କାର୍ଯ୍ୟରେ ଆମ୍ଭର ସମ୍ପୂର୍ଣ୍ଣ ସହାନୁଭୂତି ଓ ନିଜର ଉପକୃତ ଅଛି ଜାଣିବାକୁ ହେବ ।

କରଣମାନଙ୍କର ବିଦ୍ୟାଧ୍ୟୟନ ବ୍ୟବସାୟ ଓ ପ୍ରାଣ ବୋଇଲେ ହୁଏ । କାରଣ ବିଦ୍ୟାହୀନ ବ୍ରାହ୍ମଣ ଭିକ୍ଷୋପଜୀବୀ ହୋଇ ପ୍ରାଣ ଧାରଣ କରି ପାରନ୍ତି କିନ୍ତୁ ଭିକ୍ଷା କରଣଙ୍କର ମର୍ଯ୍ୟାଦାର ବିରୋଧୀ । ଏ କେବଳ ଆମ୍ଭ ଉତ୍କଳଦେଶରେ ନୁହେ । ହିନ୍ଦୁସ୍ଥାନୀ ଲାଲାମାନଙ୍କର ବଙ୍ଗୀୟ କାୟସ୍ଥଙ୍କର ମଧ୍ୟ ଅବିକଳ ଏହି ଦଶା । ଏହି କାରଣ ବିଶରୁ ଷୋହୋଳ ଦୁଇ ବେତର କାୟସ୍ଥମାନେ ଅପଣମାନଙ୍କ ପ୍ରାୟ ପୂର୍ବରୁ ସଭା କରି ନିଜ ନିଜ ସମ୍ପ୍ରଦାୟ ମଧ୍ୟରେ ବିଦ୍ୟାଭିବୃଦ୍ଧିର

Digitized by srujanika@gmail.com

ଉପାୟ କରୁଅଛନ୍ତି । ଲୋକମାନେ ଆପଣା ମଧ୍ୟରୁ ବିଦ୍ୟାନୁରାଗୀ ଯୁବକମାନଙ୍କୁ ସର୍ବ-ବ୍ୟୟରେ ଅଧ୍ୟୟନାର୍ଥ ଇଂଲଣ୍ଡକୁ ପ୍ରେରଣ କରୁଅଛନ୍ତି । ପାଠକମାନେ ସ୍ୱଦେଶକୁ ପ୍ରତ୍ୟାଗମନ କଲେ ତାଙ୍କୁ ଜାତି ସମାଜଭୁକ୍ତ କରୁଅଛନ୍ତି । କରଣସମାଜରୁ ଏପରି କାର୍ଯ୍ୟ ହୋଇ ନାହିଁ କିନ୍ତୁ ଅଳ୍ପ ଦିନରେ ତାହା ହେବାର ସମ୍ପୂର୍ଣ୍ଣ ସମ୍ଭବ ଓ ସଙ୍ଗତ । ଅନନ୍ତର ଜାତି ଯେ ଆମ୍ଭମାନଙ୍କ ଉନ୍ନତିର ପ୍ରତିରୋଧୀ ଓ ପତନର ମୂଳ ତାହା ମୋର ପ୍ରକାଶିତ ପ୍ରତିଲିପିରୁ ପ୍ରକଟିତ ହୋଇଥିବାର ଆପଣମାନଙ୍କ ମଧ୍ୟରୁ ଅନେକ ସଭ୍ୟ ଅବଗତ ଅଛନ୍ତି । ଏଠାରେ ତାହା ଲେଖିବା ବାହୁଲ୍ୟ ।

ଅପରନ୍ତୁ ହିନ୍ଦୁ ସମାଜରେ ଦେଖାଯାଉ ଅଛି ଯେ ଖାଦ୍ୟର ପରିବର୍ତ୍ତନରେ ହିନ୍ଦୁତ୍ୱ ନଷ୍ଟ ହେଉ ଅଛି ! କେବଳ ମତ ପରିବର୍ତ୍ତନରେ ହିନ୍ଦୁତ୍ୱ ଯିବାର ଦେଖାଯାଏ ନାହିଁ । ଯଥା କୌଣସି ବ୍ୟକ୍ତି ପଇତା ଦମ୍ଭା ମାଳା ଛଣ୍ଡାଇ ଯଦ୍ୟପିଚ ଯୋଗଜ କଲେ ତାହାର ଜାତି ନଷ୍ଟ ହେଉ ଅଛି । କିନ୍ତୁ ସେ ଯେବେ ଛତ୍ରପ ନ କରି ପଇତା ଓ ମାଳା ପରିଧାନ କରି ବ୍ରାହ୍ମସମାଜ ଓ ଗିର୍ଜାଘରକୁ ଯାଏ ଓ ଅବ୍ୟବସ୍ଥିତ ଭୋଜନ ନ କରେ ତେବେ ସମାଜ ତାକୁ ବାରଣ କରିବାର ଦେଖାଯାଉ ନାହିଁ । ମନୁ ମଧ୍ୟ ତୃତୀୟ ଅ ୧୧ ଧାପ୍ ଶ୍ଳୋ ୬୭ ରେ ଲେଖିଛନ୍ତି ଯେ "ନାସ୍ତିକ୍ୟଂ ଚୋପପାତକଂ" ହିନ୍ଦୁଧର୍ମର ଉପପାତକ ମହାନୁଲମ୍ବୀ ହେବା ଉପପାତକ ଓ ଏହାର ପ୍ରାୟଶ୍ଚିତ୍ତବିଧି ସାମାନ୍ୟ ।

ଅଧିକ ଏକ ଯେଉଁ ବ୍ୟକ୍ତି ପୁରୁଷୋତ୍ତମ ଦେବ ସ୍ୱଭାବ ବସ୍ତ୍ରରେ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ କାର୍ଯ୍ୟ କରୁଅଛନ୍ତି ଓ ଯେ ଆପଣାକୁ ହିନ୍ଦୁ ବୋଲିଥାନ୍ତି ଅଥବା ଅନ୍ୟଥା କହନ୍ତି, ହିନ୍ଦୁମାନଙ୍କର ଯାହାଙ୍କୁ ହିନ୍ଦୁ ବୋଲି ଆଗେ ବୋଲିବା ହେବାର କର୍ତ୍ତବ୍ୟ, ଆପଣମାନେ ଉପର୍ଯ୍ୟୁକ୍ତ ଦୁଇ ବାଧାକୁ ସ୍ୱୀକାର ଯୋଗ୍ୟ ନ କରି, ସେ ବ୍ୟକ୍ତିଙ୍କୁ ଜାତି ସମାଜଭୁକ୍ତ କରିବାକୁ ପ୍ରସ୍ତୁତ ଅଛନ୍ତି କି ନା ଏହି ମୋର ଉପସ୍ଥାପିତ ପ୍ରଶ୍ନ ଅଟଇ । ଶୁଣିବାରେ ଦୟାମୟୀ ଶ୍ରୀକ୍ଷେତ୍ର ସ୍ୱାମୀ ଏହି ବ୍ୟାପ୍ୟ ପ୍ରସ୍ତାବର ଉତ୍ଥାପନକାରିଣୀ । ଆପଣମାନଙ୍କ ଠାରୁ ପ୍ରଥମ ଉତ୍ତର ଅବଶ୍ୟକ କରି ଏ ଜନନୀ ବସ୍ତ୍ରପ୍ରସାରଣ ଦ୍ୱାରା ଆନୁକୂଲ୍ୟ ସୂଚନା କଲେ ଶିଶୁ ସାଦରୀ ହୋଇ ପଞ୍ଚପାତ୍ର ମାନ ଉଜଗାର କଣ୍ଠକଲମ୍ବୀ କୁଅର ।

ଶ୍ରୀଯୁତ ବାବୁ ସୁରେନ୍ଦ୍ରନାଥ ବାନର୍ଜ୍ୟା ବିଲାତ ଯାଇ ସିଭିଲସ୍ୱନ ହୋଇ ଏବେ ବଙ୍ଗଦେଶରେ ଅତି ବ୍ରାହ୍ମଣମାନଙ୍କ ସହିତ ଧର୍ମପ୍ରାପ୍ତ ସମ୍ପ୍ରଦାୟ ସାମାଜିକ କାର୍ଯ୍ୟ ନିର୍ବାହ କରୁଅଛନ୍ତି । ଉତ୍କଳଦେଶର କରଣସଭା ଯେବେ ସେପରି ଉଦାର ପ୍ରଣାଳୀ ଧରନ୍ତି ଓ ଅପରପକ୍ଷ ତାହା ଅବଲମ୍ବନ କରନ୍ତି ତେବେ ଏଥିରୁ ବଳ ସୌଭାଗ୍ୟର ବିଷୟ ଆଉ କଅଣ ଅଛି ?

ଲର୍ଡ ଯଣନ ପ୍ରଟେଷ୍ଟାଣ୍ଟ ମତ ପରିତ୍ୟାଗ କରି ରୋମାନକାଥଲିକ ମତାବଲମ୍ବୀ ହେବାରେ ତାଙ୍କର ମର୍ଯ୍ୟାଦାର ଉତ୍କର୍ଷ ହ୍ରାସ ହୋଇ ନ ଥିଲା । ସେ ଭାରତବର୍ଷରେ ବଡଲାଟ ହୋଇ ବର୍ତ୍ତମାନ ଇଂଲଣ୍ଡରେ ଅଛନ୍ତି ।

ପୂର୍ବେ ଆମ୍ଭେ ସ୍ୱଚକ୍ଷୁରେ ଦେଖିଅଛୁଁ ଜଣେ କଳିଙ୍ଗୀୟ ସାହେବ ଖ୍ରୀଷ୍ଟଧର୍ମ ପରିତ୍ୟାଗ କରି ହିନ୍ଦୁଧର୍ମ ଗ୍ରହଣ କରିଥିଲେ, ସେ ପରମ ବୈଷ୍ଣବ ହୋଇ ଧୋତି ଚାଦର ମିରଜାଇ ପରିଧାନ, ଗୌଡ଼ୀୟ ତିଳକ ଧାରଣ, ତୁଳସୀ କଣ୍ଠି ଗ୍ରହଣ; ତୁଳସୀ ମାଳା ଜପ ଓ ହବିଷ୍ୟ ଭୋଜନ କରୁଥିଲେ, ଯଦି କେହି ଅବିଶ୍ୱାସ କରନ୍ତି ତେବେ ଏ ବିଷୟ ଶ୍ରୀ ବୈଷ୍ଣବଦାସ୍ ବାବାଜୀଙ୍କ କର୍ତ୍ତା ଦ୍ୱାରା ପ୍ରଶ୍ନ କଲେ ମୋ ଲେଖାର ସତ୍ୟାସତ୍ୟ ଜାଣି ପାରିବେ । ଆହାର ଓ ପରିଧାନ ଓ ବାସସ୍ଥାନର ପରିବର୍ତ୍ତନ ଦ୍ୱାରା କେତେକାଳ ପରେ ସେ ବ୍ୟକ୍ତି ସାଂଘାତିକ ପୀଡ଼ାଗ୍ରସ୍ତ ହୋଇ ମୃତ୍ୟୁ ହିନ୍ଦୁଧର୍ମର ଏତେ ପକ୍ଷପାତୀ ହୋଇଥିଲେ ସେ ସେ 'କୃଷ୍ଣ' ନାମ ଉଚ୍ଚାରଣ କରୁଁ କରୁଁ ଭଦ୍ରକ ଠାରେ ତାଙ୍କର ପ୍ରାଣ ବହିର୍ଗତ ହେଲା ଓ ବୈଷ୍ଣବମାନେ ତାହାଙ୍କର ସମାଧି ଦେଇ ଗୋଷ୍ଠୀ ମହୋତ୍ସବ କରିଥିଲେ । ଯେଉଁ ବ୍ୟକ୍তିର ଜନ୍ମ ବିଲାତରେ, ବାଲ୍ୟକାଳରୁ ଆହାର ହିନ୍ଦୁ ଧର୍ମର ଅଭକ୍ଷ୍ୟ ଦ୍ରବ୍ୟ, ସେ ଯଦି ଏପରି ବୈଷ୍ଣବ ହେଲେ ଓ ତାଙ୍କ ହାତରୁ ଅପର ବୈଷ୍ଣବ ଜଳ ଗ୍ରହଣ କଲେ ତେବେ କୌଣସି ବ୍ୟକ୍ତି କରଣମାନଙ୍କ ମଧ୍ୟରେ ଅଳ୍ପ ସନ୍ଦେଶରେ ଜାତ ହୋଇ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ତାହାଙ୍କୁ ସମାଜଭୁକ୍ତ କରିବା ପାଇଁ ଯଦି କେହି ପ୍ରସ୍ତାବ କରନ୍ତି ତେବେ ହିନ୍ଦୁମାନେ ଯେ କାହିଁକି ଏପରି ପ୍ରସ୍ତାବକୁ ଗ୍ରହଣ ନ କରିବେ ତାହାର ଆମ୍ଭେ କୌଣସି କାରଣ ଦେଖୁ ନାହୁଁ ।

ମୋର ଏହି ସୂଚନା ଯେ ବର୍ତ୍ତମାନ କାଳରେ ହୋଇଅଛି ପୂର୍ବେ ଏପରି କାର୍ଯ୍ୟ ହୋଇ ନ ଥିଲା ତାହା ନୁହେ । କବଳ ଧାନ ବୈଷ୍ଣବ ହେବା ଉଦାହରଣ ଗୋସାଇଁମାନଙ୍କ ଘର ଗ୍ରନ୍ଥରେ ଅସ୍ପଷ୍ଟ ନୁହଇ ।

ମୋର ଟେକତ ଶତ୍ରୁ କି କେହି ମିତ୍ର ନୁହେ, ସରଳ ଭାବରେ ମୁଁ କହୁଅଛି, ଯଥା ଏ ଏଥିରେ କରଣସମାଜର ଗୌରବ, ହିନ୍ଦୁସମାଜର ଉନ୍ନତି, ଉତ୍କଳ ଦେଶର ସୁଖଶାନ୍ତି, ବାବୁଙ୍କର ମଧ୍ୟ ହିନ୍ଦୁ ତନ୍ତ୍ରରେ ପରମୋନ୍ନତି, ଜନକ ଜନନୀମାନଙ୍କର ପରମାହ୍ଲାଦ, ତହିଁସଙ୍ଗେ ମୋର ମଧ୍ୟ ପାନ ଖିଲିଏ, ହରିବୋଲ୍ ! ! !

୬।୬।୮୯ ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର ଶର୍ମଣଃ
ଶ୍ରୀ ନମୁରିଭଣ୍ଡାଧିପତେରଧ୍ୟାପକସ୍ୟ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଜଗନ୍ନାଥ ସରକାର | କଟକ ଅଗ୍ରିମ | ଟ ୩୯ |
| " ହରିହର ମିଶ୍ର କାନୁନଗୋଇ ବାଲେଶ୍ୱର | " | ଟ ୨୯ |
| ରାଜା କଲେ ଡାକ୍ତର | ବକେୟା | ଟ ୬୯ |
| ବାବୁ ଜଗବନ୍ଧୁ ଘୋଷ | କଟକ ଅଗ୍ରିମ | ଟ ୩୯ |
| " ଗ୍ରାଥଶ୍ୟାମ ଦାସ | " " | ଟ ୩୯ |
| " ନନ୍ଦକିଶୋର ଦାସ | " ବକେୟା | ଟ ୩୯ |
| " " | " ଅଗ୍ରିମ | ଟ ୩୯ |
| " ପଦ୍ମନାଭ ଦାସ | " " | ଟ ୩୯ |
| " ଗଜବନ୍ଧୁ ପଟ୍ଟନାୟକ ରଘୁନାଥପୁର | ବକେୟା | ଟ ୭୯ |
| " " " | ଅଗ୍ରିମ | ଟ ୩୯ |
| ମୁନସି ଏହନ ମହମ୍ମଦ ଜଗତସିଂହପୁର | " | ଟ ୧୯ |
| ବାବୁ ପଦ୍ମଚରଣ ଦାସ କାନୁନଗୋଇ | କଟକ " | ଟ ୩୯ |
| " ଦୀନବନ୍ଧୁ ପଣ୍ଡିତ | " " | ଟ ୩୯ |
| " ଦାମୋଦର ମହାନ୍ତି | କଲିକତା " | ଟ ୩୯ |
| " ଜଗନ୍ନାଥ ଘୋଷ | କଟକ " | ଟ ୧୨ |
| " ଗୋପବନ୍ଧୁ ପଟ୍ଟନାୟକ | " " | ଟ ୧୨ |


## ବିଜ୍ଞାପନା ।

## କୋଷ୍ଠୀବ୍ରହ୍ମାଣ୍ଡସୁନ୍ଦରୀ ।

ଉପେନ୍ଦ୍ରଭଞ୍ଜକୃତ ଉଦ୍‌ଭୂଟକାବ୍ୟ ଟୀକା ଓ ଅର୍ଥ ସହିତ ମୁଦ୍ରିତ ହୋଇ ପ୍ରିଣ୍ଟିଂକୋମ୍ପାନିଙ୍କ ଦୋକାନରେ, ଉତ୍କଳପ୍ରେସରେ ଓ ବାବୁ ସମ୍ପ୍ରସନ୍ନ ମୁଖର୍ଜ୍ୟାଙ୍କ ଠାରେ ବିକ୍ରୀ ହେଉଅଛି, ମୂଲ୍ୟ ଦୁଇଟଙ୍କା ।

## NOTICE.

The Cuttack Peary Mohan Academy will reopen after the midsummer vacation on the 14th Instant. The school will be held as usual at 10. 30. a. m.

3-6-89
Cuttack } Krishna Ch. Mahanty
Secretary.

Split by PDF Splitter



## NOTICE.

Two scholarships of the value of Rs. 2 each per mensem tenable in the Entrance Class of the Cuttack Town school till the end of February next together with the privilege of free tuition are available for award to promising students. Students desirous of gaining those scholarships are kindly asked to see the Head Master Babu Bijoy Chandra Mazumdar B. A. personally.

Katak
4-6-89

Jagannath Rao
*Secretary.*

---

NOTICE.

Key to the New Royal Readers No. I is out and sold in the Printing Company's office,

Price annas three only.

ନୂତନ ରୟାଲ୍‌ରିଡର ନ ୧ ମରର ମାନେବହି ଛପାହୋଇ ପ୍ରିଣ୍ଟିଂକମ୍ପାନୀଙ୍କ ଅଫିସରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ମୂଲ୍ୟ ତିନିଅଣା ମାତ୍ର ।

GOWREE SUNKER ROY.
Secretary.

---

## ପଦ୍ମମାଳୀ ।

ଓଡ଼ିଶା ଇତିହାସମୂଳକ ଏକ ଐତିହାସିକ ଉପନ୍ୟାସ—ଶ୍ରୀଉମେଶଚନ୍ଦ୍ର ସରକାରଙ୍କଦ୍ୱାରା ରଚିତ, କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଦୋକାନରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ।୦ ୫

---

## ବିଜ୍ଞାପନ ।

ପ୍ରମେହାନ୍ତକ କଷାୟ ।

ଏହି ଔଷଧ ସେବନରେ ସକଳ ପ୍ରକାର ମେହ ରୋଗ ଏକ ସପ୍ତାହ ମଧ୍ୟରେ ଏକାବେଳକେ ଆରୋଗ୍ୟ ହୁଅଇ । ପ୍ରସ୍ରାବ କଲାବେଳେ ଯନ୍ତ୍ରଣା ଥାଇ ପଡ଼ିବା ରକ୍ତ ପ୍ରସ୍ରାବ ଗଢ଼ିଗଳ ପରି ପ୍ରସ୍ରାବ, ଟୋପା ଟୋପା ପ୍ରସ୍ରାବ ପ୍ରସ୍ରାବ ଦ୍ୱାର ଫୁଲିବା ଓ ଦୁର୍ବଳାଦି ଏହାଦ୍ୱାରା ଶୀଘ୍ର ଆରୋଗ୍ୟ ହୁଅଇ ।

ଏକଶିଶିର ମୂଲ୍ୟ ଟ ୧　ପ୍ୟାକିଂ ଟ ୦ ୵
ଡାକମାସୁଲ ଟ ୦ ।

---

ଲୋମନାଶକ ଚର୍ଣ୍ଣ ।

ଏହି ଚର୍ଣ୍ଣରୁ କୌଣସି ଲୋମଯୁକ୍ତ ସ୍ଥାନରେ ଲଗାଇ ଦେଲା ମାତ୍ରକେ ତତ୍କ୍ଷଣାତ୍ ବିନା ଯନ୍ତ୍ରଣାରେ ଲୋମମାନ ସେ ସ୍ଥାନରୁ ଉଠିଯିବ । ଏହି ଚର୍ଣ୍ଣଦ୍ୱାରା ଦାଢ଼ି କଣ, କେଶ ପ୍ରଭୃତି ସ୍ଥାନରୁ ଲୋମ ଉଠାଇଦେବା ଅତି ସହଜ ଅଟେ ।
ଏକଶିଶିର ମୂଲ୍ୟ ଟ ୦ ୫　ପ୍ୟାକିଂ ଟ ୦ ୵
ଡାକମାସୁଲ ଟ ୦ ।

ଏହା ଛଡ଼ା ସକଳ ପ୍ରକାର ରୋଗର ଔଷଧ ଅଛି । ବିଦେଶରୁ ରୋଗର ଅବସ୍ଥା ସମସ୍ତ ଲେଖି ପଠାଇଲେ ତହିଁର ଉପଯୋଗୀ ବ୍ୟବସ୍ଥା ଦିଆଯାଏ ।

କବିରାଜ ଶ୍ରୀ ଅଧରନାଥ ଶର୍ମା ।
ନଂ ୨୮ ମରର ଦରଦୋଷର ଷ୍ଟ୍ରିଟ, ସିମୁଲିଆ କଲିକତା ।

---

ଶ୍ରୀମତ ମହର୍ଷି ବେଦବ୍ୟାସଙ୍କ ଶ୍ରୀମଦ୍‌ଭଗବତ ପ୍ରଥମସ୍କନ୍ଧ ଶ୍ରୀ ଶ୍ରୀଧର ସ୍ୱାମୀଙ୍କ ଟୀକା ଏବଂ ଭାଷା ଅନୁବାଦ ସହିତ ମହାମହିମ ଶ୍ରୀ ଶ୍ରୀ ତାଳଚେରଅଧିପତିଙ୍କଦ୍ୱାରା ବିନାମୂଲ୍ୟରେ ବିତରିତ ହେବା କାରଣ ପ୍ରକାଶିତ ହୋଇଅଛି ଏବଂ ରାଜାମହୋଦୟଙ୍କ ଅନୁମତ୍ୟାନୁସାରେ ବିତରଣର ଭାର ଅମ୍ଭଉପରେ ଅର୍ପିତ ହୋଇଥିବାରୁ ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଯାହାଙ୍କର ଏ ପୁସ୍ତକ ପ୍ରୟୋଜନ ହେବ ଅମ୍ଭ ନିକଟକୁ ପତ୍ର ଲେଖିଲେ ପାଇପାରିବେ । ଡାକରେ ପୁସ୍ତକ ନେବାର ପ୍ରୟୋଜନ ହେଲେ ଡାକମାସୁଲ ନିମିତ୍ତ ଟ ୵୨ ର ଟିକଟ ପଠାଇବାକୁ ହେବ ।

ପ୍ରକାଶଥାଉକି ଯେଉଁମାନେ ସଂସ୍କୃତ ପଢ଼ି ବୁଝିପାରିବେ କେବଳ ସେମାନେ ପାଇବାର ଯୋଗ୍ୟ ଅଟନ୍ତି ।

କଟକ
ତା ୪ ଠା ଅପ୍ରେଲ
ସନ ୧୮୮୯ ସାଲ

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ ପ୍ରିଣ୍ଟିଂ କମ୍ପାନୀ

---

ପ୍ରାକୃତିକଭୂଗୋଲ ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୵ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସାଦ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ଜନ୍ମସ୍ଥାନରେ ଆମ୍ଭ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

---

ଉପସ୍ଥିତ ମଫସଲ ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନସିଲ, ଚିଠିକାଗଜ ଷ୍ଟେସନରି ପଦାର୍ଥ, ବହୁପ୍ରକାର ଦର୍ପଣ, କଳ-ଘଡ଼ି, ଲଣ୍ଠନ, ଦୋଳ, ଦେଶୀ ଓ ବିଲାତିଯୋତା, ନାନାପ୍ରକାରଲୁଗା, ଖେଳିବାର ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅବସରର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କିଛି ପଠାଇବାର ପରିଶ୍ରମ ବାବଦରେ ଶତକରା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଅମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବୟସ ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ, ବପୁଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ସ୍ଥାନକୁ ଭାଲୁପେବଲ୍ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କିନ୍ତୁ ଏତିକି ମାତ୍ର କହୁପାରୁଁ କି ଅନ୍ୟମାନଙ୍କଠାରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ଅନାୟାସରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ସମ୍ବାଦ ଜନ୍ମ ଠିକଣାରେ ଅମ୍ଭଠାକୁ ପଠାଇବାକୁ ହେବ ।

Cuttack Stores
ବହିଷ୍କୁଲ୍ୟ ଓ ଔଷଧାଳୟ

ଶ୍ରୀଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

Digitized by srujanika@gmail.com

# ମେହରୋଗ ।

ଏହି ଔଷଧରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଡାକ୍ତର ପ୍ରମେହବ୍ୟାଧି ଯେଉଁମାନଙ୍କୁ ଅନେକ ଦିନରୁ ସେମାନଙ୍କର ଡାକ୍ତର ରୋଗୀ ଶରୀରକାର ହେଉଛି କିନ୍ତୁ ସାମାନ୍ୟ ଅର୍ଥବ୍ୟୟ ହେଲାପେ ଜୀବନର ମାୟା ପରିତ୍ୟାଗ କରୁଅଛନ୍ତି ।

ଏହି ଔଷଧ ଯଥାସ୍ଥାନରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ତାଙ୍କୁ ଫେରସ୍ତ କରୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଉପରେ ପରୀକ୍ଷା ନ ହେଲେ ଆଉ ଗତି ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅଫିସରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପରଚିତପୁର ନଂ ୩୮ ଭବନରେ ସି, କେ, ସେନ କମ୍ପାନୀଙ୍କଠାରେ ଏବଂ କଟକ ଉଡ଼ିଆବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୧୦ ଟଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

---

ଚମତ୍କାର ମହୌଷଧ

ଜ୍ୱର । ଗଲ ଫିଟନ ଓ ଯକୃତ ପିଲ୍ହ ଏ ଔଷଧ ଖାଇ ଓ ପେଟଫୁଲା ଓ ଜ୍ୱର ଅବ ଅନେକ ରୋଗରେ ଫଳପ୍ରଦ । ଡାକ୍ତର ସ୍ମିଥ ଷ୍ଟେନିଷ୍ଟ୍ରିଟକମ୍ପାନୀଙ୍କ ଔଷଧ ଆମର ଉଡ଼ିଆବଜାର ଦୋକାନରେ ବିକ୍ରୟ ହେଲାପେ ମଜୁଦ ଅଛି ଗ୍ରାହକବର୍ଗ ଆବଶ୍ୟକ ମତେ ଲେଖି କଲେ ପାଇ ପାରିବେ ।

ମହର୍ଷିପିଲ୍ସିଫିଟନ ଶିଶି ୧ ଟ ଟଙ୍କା ୧।୰

ପିଲ ବାକ୍ସ ୧ ଟ ଟଙ୍କା ୧୧

୧୮୮୯।୮।୯ ଶ୍ରୀ ଅରତବନ୍ଧୁଦାସ ଦୋକାନ

---

# ବାଲିକାଗଜ ।

ଉଲ୍ଲିଖିତ ଜିନିଷ ଦରରେ ଅଟଳ କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧବନ୍ଧୁ ଦାସ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | |
| --- | --- | --- |
| ୧୭ ୨୫ ଖାନ | ୨ ୧୫ ଟ ୨୬ | ୩ ୧୭ ଟ ୦ ୬/୭ |
| ୧୮ ୨୫ | " ଟ ୨୬ | " ଟ ୦ ୬/୮ |
| ୧୯ ୨୫ | " ଟ ୨୮ | " ଟ ୦ ୬ |
| ୨୦ ୨୫ ଫୁଲସ୍କେପ୍ | " ଟ ୪ | " ଟ ୦ ୬/୭ |

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଳିଥିବା ବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଇଂରାଜୀ ଓ କଲିକତା ଓ ବେରହାମପୁରର ଲୁଗା ଓ ଷ୍ଟେସନରୀ ଓ ଅନ୍ୟ ନାନା ଜିନିଷ ସସ୍ତାଦରରେ ବିକ୍ରୟ ହେଉଅଛି ଛାପା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ନିମ୍ନଲିଖିତ ଅନ୍ୟ କେତେକ ଜିନିଷ ଲୋକସାଧାରଣଙ୍କ ନିମନ୍ତେ ପ୍ରସ୍ତୁତ ଅଛି ଛାଡ଼ା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଚିଠିଦ୍ୱାରାରେ ଅନୁରୋଧ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ଅନ୍ୟଦ୍ୱାର ଶାଢ଼ି ବିକ୍ରୟ ନିମନ୍ତେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କ ନିକଟକୁ ପଠାଯିବ । ସବୁ ଉତ୍କୃଷ୍ଟ ଶାଢ଼ିମାନ ବିକ୍ରୟ ହେବା ସଙ୍ଗେ ଆପଣା ମଫସଲ ନିମନ୍ତେ ନିଜ ଖର୍ଚ୍ଚାନ୍ତ କେବେ ଏକ ସ୍ଥାନରୁ ଟ ୨ ଟଙ୍କା ୮/୨ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର କ୍ଷତି ଖର୍ଚ୍ଚାନ୍ତର ଭାର ତାଙ୍କ ଉପରେ ଥିବ । ସବୁ ହେବେ ଶାଢ଼ିର ପଟ୍ଟ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ତାଲିକା ।

| | |
| --- | --- |
| ଅଲଗ ନେସଣା ଓ ପ୍ରତ୍ୟହ ଖୁବ ଭେଟରେ ସ୍ଥଲେ । | କାର୍ପିଟ ଅର୍ଦ୍ଦ । |
| ଫରେସଜାନ । | କ୍ଲୋରୋଡାଇନ୍ । |
| କେରୋସିନ୍ ତେଲ ଡବ୍‌ବା ଲେଜ ସାବାର ଓ ଭୋଜ ବସ୍ତୁ । | ଖାତ ଫିଲଟ ଓ ଭଲ ଭଟିକ ଓ ପ୍ଲେଟ ସଜା |
| ଭଡ଼ଂ ଅର୍ଥାତ ଚଁକରା କରିବା ବାଲର ପେନ୍ଟ ତେଲ ଓ ରଙ୍ଗ । | ଇଙ୍ଗ୍ଲିଶ ବୁଲଫସନ୍ତ୍ର ସକଳ ଜୁତା |
| ପେନ୍ସିଲ କାଟିବା କଳ । | ନେଲକଟ ଚପୋର ସମ ହେବଲଟି ଥଲି |
| ନାନା ପ୍ରକାରର ପଡ଼ିଂ ଖାଲଭ ଓ ଇଙ୍ଗାରା ଚେନ ଘଡ଼ି | ୧, ବୋତଲ ସକ୍ଷେପ କାମିଜ ଓ କୁର୍ତ୍ତା । |
| ଟେବଲ ଘଡ଼ି । | ଚମଡ଼ା ଷ୍ଟେଶ୍ ଏକଲ ବାକସ । |
| ବଇଶି ଖାତା । | ଅଟୋମେଟିକ ପେନ୍ସିଲ ଅର୍ଥାତ ଏ ପେନ୍ସିଲ୍‌ରେ ଲେଡ଼ ଭରିଲେ ସେଣ୍ଟ ଲକ୍ ଶିକାର ଲେଖ |
| ଟାକାଲି ବାକାର ଖାଁ ରେ ବୁଗା ଘଟଣାରି ଗୁଣ । | ପେନ୍ସିଲ୍ ଲେଖା ନ ପରେ ହେତ ତଳାର ହେଲୋଦିନ ନ ହେ ଲ ଇଚ୍ଛା |
| ଅକ୍ଷୋଭ ସେନ୍ତ—ଅର୍ଥାତ ସୁଗନ୍ଧି ଦ୍ରବ୍ୟ । | |
| ଅଗର ଗୁଣ । | |
| ଓଷଧ ପୁଟ ଲଗା । | |

| | |
| --- | --- |
| ପୋର୍ଟମ୍ୟାଣ୍ଟ ଓ ବ୍ୟାଗର | କଳ ଓ ସାଲକଲହୋମ ଫିତା |
| ଲେଖିବା ମେଜ ଓ ଡଗଲ ଉଡ଼େ ଉଦ୍ଧେ | କଲିଟଖଡ଼ିକେ କୁଟ ଜାଗାବାର ଘାଗ ମୟଦାନ |
| ବ୍ରୁସ କାଠ ଅର୍ଥାତ ଲେଖିବାବେଳେ ଯହ ଓ ଗୁଡ଼ିଲେ ବଳା ହେବ । | ଲେଡ଼ ଚ୍ଛ ପେନ୍ସିଲ |
| ଶଇଳା ଚଣ୍ଡା | କଳାଠଗା ଖାଟ ଓ ଲୋହ ଓ ଘଡ |
| ୧୨ × ୧୦ ଇଞ୍ଚ | ମଦଦୃଶ୍ୟାକସ ଓ ଡିଲା ପାଠ ବାଜଗୋଡ ଓ ଶାଗ । |
| ୧୪ × ୧୨ ଇଞ୍ଚ | ଡ୍ରିଙ୍ଗ ଖାତ |
| ୧୬ × ୧୪ " | ଏଣ୍ଡେମୋଷ ଅର୍ଥାତ ଭଣା-ଜନ ଭାଗର ଅକ୍ଷର ଲେଖିବା କଲ ହେଉଛି ଦରକାର ହୁଏ । |
| ମୋଜା ଓ ମୋଜାକଡ ଭଲନ ଧପ କଟକର ଟଗଟ୍,ଶାଟକ ଏଣ୍ଡା ଓ ସ୍ୱତନ୍ତ୍ର | |
| ଭେନେସ୍ତ୍ରନେଜ । | |

# ପିତଗାର ।

ଏ ଭାରତରୁ ହେଉଥିବ ଶରୀରେ ଉଠି ନଥିଲେ ଭଲ ଡୋଟାସ୍ତୀଳଙ୍କ ଫାଟରେ ହେଲେ ପାଣିଗଲା ଚଢ଼ ହେନ୍ତ,ପାଲିର ମଣ୍ଡିତ ଅଲେ ଲେପିଦେଲେ ମଜ୍ଜୁର ଓ ଭାଲ ଥାଏନ ନାହିଁ ।

କଟିଲ ଚମଡ଼ା ଓ ସାଙ୍ଗରେ ଲଗାଇବାର ଭାଲ ମଧ୍ୟ ଅଛି ।

ଅଘୋରଚନ୍ଦ୍ର କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦୬

ଅର୍ଦ୍ଧସ୍ତମ୍ଭ ଟ ୬୧

ପୂର୍ଣ୍ଣ ଏକ ସ୍ତମ୍ଭରୁ ଟ ୭୦

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ଟ ୦୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧେକ ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଉଡ଼ିଆବଜାର କଟକ ପ୍ରିଣ୍ଟିଂକମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ହେଲା

Split by PDF Splitter

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଖ ୨୬ ଶ
ସ ୨୮ ସଂଖ୍ୟା

ତା ୧୬ ଜୁଲାଇ ମାହେ ଜୁଲ ସନ ୧୮୮୧ ମସିହା । ମା ଆଷାଢ଼ ତା ୩ ଚ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩॥
ପଶ୍ଚାଦେୟ ଟ ୬୯

ଡେପୁଟୀ କଲେକ୍ଟର ଓ ସବ୍‌ଡେପୁଟୀ କଲେକ୍ଟର୍ ପରୀକ୍ଷା ଆଗାମୀ ବର୍ଷର ଜାନୁଆରୀ ଅବା ଫେବୃଏରୀମାସରେ ଗୃହୀତ ହେବାର ସ୍ଥିର ହୋଇଅଛି · ପରୀକ୍ଷାର୍ଥୀମାନେ ଡିସେମ୍ବର-ମାସର ତା ୧ ରଖ ପୂର୍ବରୁ ଅଶ୍ରୁର ସେକ୍ରେ-ଟେରୀଙ୍କ ନିକଟକୁ ଦରଖାସ୍ତ ପ୍ରେରଣ କରିବେ । ପରୀକ୍ଷା ବିଷୟର ତାଲିକା ଗତ ଗେଜେଟରେ ପ୍ରକାଶିତ ହୋଇଅଛି ।

---

ବାବୁ ଆନନ୍ଦଲାଲ ବୋଷ ଏମ୍, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ତାଙ୍କର ଏହି ଶେଷ ପରୀକ୍ଷା ଥିଲା । ଆମ୍ଭେମାନେ ତାଙ୍କ କୃତକାର୍ଯ୍ୟରେ ଖୁସି ହୋଇ ତାଙ୍କର ଭବିଷ୍ୟତ ଉନ୍ନତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ଓ ଆଶା କରୁଁ ବଙ୍ଗୀୟ କମିଶନର ମାନନୀୟ ହବ୍‌ହାଉସ୍ ସାହେବ, ତାଙ୍କୁ ଓଡ଼ିଶାର କୌଣସି ସ୍ଥାନରେ କାର୍ଯ୍ୟ ପ୍ରଦାନ କରି ଅନ୍ୟ ଛାତ୍ରମାନଙ୍କୁ ଉତ୍ସାହିତ କରିବେ ।

---

ମୌସୁମୀ ବୃଷ୍ଟି ଗତମାସ ତା ୬ ରଖରେ ବମ୍ବେଇଠାରେ ପ୍ରବେଶ ହେଲା । ସେଦିନ ବିତାବ ସହିତ ସେଠାରେ ପ୍ରାୟ ୨୪ ଘଣ୍ଟା କାଳ ଭାରି ବୃଷ୍ଟି ହୋଇଥିଲା । ଏହି କଟକ ନଗରରେ ଗତ ମଙ୍ଗଳବାର ଅପରାହ୍ନକାଳରୁ ସ୍ପଷ୍ଟ ଶେଷପର୍ଯ୍ୟନ୍ତ ଚଉବିଶ ପ୍ରହର ବୃଷ୍ଟି ହୋଇ ମୌସୁମର ପ୍ରବେଶ ଘୋଷଣା କରିଅଛି । ଏଥିରେ ଜଳକଷ୍ଟ ଦୂର ହୋଇଅଛି ଏବଂ କୃଷିକାର୍ଯ୍ୟ ପ୍ରକୃତରେ ଲାଗିବାରୁ ମୂଲିଆ-ଙ୍କର ମୂଲ ଫିଟିଅଛି ଏବଂ ସାଧାରଣଙ୍କର ଚିନ୍ତା ଦୂର ହୋଇଅଛି । ତହିଁ ଉତ୍ତାରୁ ଶୁକ୍ରବାର ରାତି ସକାଳୁ ବଳ ଏ ନଗରରେ ବୃଷ୍ଟି ହୋଇଥିଲା । ସମ୍ପ୍ରତି ଆଉ ଦିନ ମେଘ କ୍ଷମା କଲେ ତୁଣାତୃଣର ସୁବିଧା ହେବ ।

---

ଅନନ୍ତପୁରର ସମ୍ବାଦଦାତାଙ୍କ ପତ୍ରରୁ ପ୍ରକାଶ ଯେ ଅନ୍ନକଷ୍ଟ ଓ ଦୁର୍ଭିକ୍ଷ ପୂର୍ବପ୍ରାୟ ରହି-ଅଛି । ସମସ୍ତ ଜିଲ୍ଲାରେ ସାହାଯ୍ୟ ପାଇବା ଯୋଗ୍ୟ ବ୍ୟକ୍ତିଙ୍କ ସଂଖ୍ୟା ୭୦,୦୦୦ ରୁ ଉଣା ହେବ ନାହିଁ । ଅନାହାରିଜନଙ୍କ ଓଜନଠାରେ ପ୍ରତିଦିନ ପ୍ରାୟ ୫୦।୬୦ ମୃତ୍ୟୁ ଘଟୁଅଛି । ଏଥିମଧ୍ୟ-ରେ ବୃଷ୍ଟି ହୋଇଥିବାର ସମ୍ଭବ । ମାତ୍ର ପ୍ରଜାଙ୍କ ହାତରେ ବିହନ ନାହିଁ ଯେ ସମସ୍ତେ କୃଷିକା-ର୍ଯ୍ୟରେ ଲାଗିବେ ଏବଂ ମଜୁରିଙ୍କୁ ମୂଲ ମିଳିବ । ପ୍ରଜାମାନଙ୍କୁ ବିହନ ଓ ଖାଦ୍ୟ ଯୋଗାଇବା ଏବଂ ଅସମର୍ଥ ଲୋକଙ୍କ ସକାଶେ ଅନ୍ନଛତ୍ର ଫିଟାଇବା ନିତାନ୍ତ ଆବଶ୍ୟକ ହୋଇଅଛି । ଭରସା କରୁଁ ଗବର୍ଣ୍ଣରର ସୁପ୍ରଣ୍ଟ ସାହେବ ଏ ସବୁର ବ୍ୟବସ୍ଥା ଶୀଘ୍ର କରିବେ ।

---

ଆମ୍ଭମାନଙ୍କର ପାଠକମାନଙ୍କ ମନରେ ଥିବ ଯେ ପାଇୟୋନିୟର ପତ୍ରିକାର ସମ୍ପାଦକ ମିଃ ଚେସ୍‌ନିଙ୍କୁ ଅପମାନ କରିଥିବାରୁ କାପ୍ତାନ୍ ହିଅରିସେ କଦର୍ଯ୍ୟ ଭୋଗ କରିଥିଲେ । ବର୍ତ୍ତମାନ ପ୍ରୋକ୍ତ କାପ୍ତାନ୍ ପାଇୟୋନିୟରର ସମ୍ପାଦକ ମିଃ ଚେସ୍‌ନି ଓ ପ୍ରକାଶକ ମିଃ ଉଇଲିୟମ ଜନ ଡେମ୍ପାର୍ ସାହେବଙ୍କ ନାମରେ ମାନହାନିର ମୋକଦ୍ଦମା କଲିକତା ପ୍ରେସି-ଡେନ୍‌ସୀ ମାଜିଷ୍ଟ୍ରେଟଙ୍କ ନିକଟରେ ଆଗତ କରିଥିଲେ କିନ୍ତୁ ଦରଖାସ୍ତ ନାମଞ୍ଜୁର ହେବାରୁ ହାଇକୋର୍ଟରେ ମୋସନ ହୋଇଥିଲା ବର୍ତ୍ତମାନ ହାଇକୋର୍ଟ ରୁଲ ଜାରି କରିଅଛନ୍ତି ଯେ ସମନ ଜାହିଁକି ଜାରି କରା ନ ଯିବ ଏଥିର କାରଣ ମାଜିଷ୍ଟ୍ରେଟ ଦର୍ଶାଇବେ ।

---

ବୋମ୍ବାଇ ଅଞ୍ଚଳର କମିଶନର କ୍ରାଫୋର୍ଡ଼ସା-ହେବଙ୍କ ମାମଲାସମ୍ପର୍କରେ ମାମଲତଦାରମାନଙ୍କୁ ମେଜେଷ୍ଟ୍ରୀ କ୍ଷମତାରୁ ରହିତ କରାଯାଇ ଥିବା ବିଷୟ ପାଠକମାନଙ୍କୁ ଜଣାଅଛି । ସେମାନେ ଚାକିରିରେ ଲାଗିଛନ୍ତି ଏବଂ ଗବର୍ଣ୍ଣମେଣ୍ଟ ପ୍ରଥମେ ବାକ୍‌ଦାନ କରି ପରେ ତଦ୍‌ବିପରୀତ ସେମାନଙ୍କଠାରୁ ମେଜେଷ୍ଟ୍ରୀ କ୍ଷମତା ଛଡ଼ାଇ ନେବାରେ ଘୋର ଆପତ୍ତି କରୁଅଛନ୍ତି । ସେ-ମାନେ ବୋଧହୁଏ ଷ୍ଟେଟ ସେକ୍ରେଟେରୀଙ୍କ ଠାରେ ଆବେଦନ କରିବେ ।—ବାକ୍‌ଦାନ କରିବା-ଠାରୁ ଏପରି କରିବା ଅବଶ୍ୟ ଅନୁଚିତ ଅଟଇ ମାତ୍ର ବୋମ୍ବାଇର ଗବର୍ଣ୍ଣର ଆଉ ଷ୍ଟେଟସେକ୍ରେ-ଟେରୀଙ୍କ ମଧ୍ୟରେ ମନୋମାଳିନ୍ୟ ଜାତ ହୋଇଥିବା

Split by PDF Splitter

Digitized by srujanika@gmail.com

Split by PDF Splitter



କାଳରେ ଏମାନଙ୍କ ଦରଖାସ୍ତରେ ଭଲ ଫଳ ହେବାର ଆଶାକରିବା ବୃଥା ।

---

କଲିକତାର କନ୍ସୁବଜାରସ୍ଥ ପ୍ରସିଦ୍ଧ ବାବୁ ରାଜେନ୍ଦ୍ରନାଥ ଦତ୍ତ ଗତ ତା ୫ ରଖ ପ୍ରାତଃକାଳ ଘ ୭ ଟକା ସମୟରେ ମାନବଲୀଳା ସମ୍ବରଣ କରିଅଛନ୍ତି । ବାବୁ ଜଣେ କଲିକତାର ସୁପରିଚିତ ଓ ଶ୍ରେଷ୍ଠ ଲୋକ ଥିଲେ । ବାବୁଙ୍କର ବୟସ ୭୨ ବର୍ଷ ହୋଇଥିଲା । ସାଧାରଣଙ୍କ ନିକଟରେ ଉପକାରାର୍ଥେ ସେ ଦୁଇଗୋଟି ପ୍ରଧାନକାର୍ଯ୍ୟ କରି ଯାଇଅଛନ୍ତି ଅର୍ଥାତ୍ କଲିକତାସ୍ଥ ହିନ୍ଦୁ ମେଟ୍ରପଲିଟନ କଲେଜ ସ୍ଥାପନର ପ୍ରଧାନ ଉଦ୍‌ଯୋଗୀ ଓ ହୋମିଓପ୍ୟାଥିମତାନୁସାରେ ଚିକିତ୍ସା ପ୍ରଚଳନ କରିବା ନିମନ୍ତେ ପ୍ରଥମରେ ଅଗ୍ରସର ହୋଇଥିଲେ । ଜଣେ ସ୍ୱାଧୀନ ପ୍ରକୃତିର ମନୁଷ୍ୟ ଥିବାରୁ ରାଜପ୍ରତିନିଧିଙ୍କ ନିକଟରେ ମଧ୍ୟ ନିଜ ସ୍ୱାଧୀନମତ ପ୍ରକାଶ କରିବାକୁ ଶଙ୍କୁଚିତ ହେଉ ନ ଥିଲେ । ଏପ୍ରକାରଲୋକଙ୍କ ମୃତ୍ୟୁରେ ଅନେକଲୋକ ଦୁଃଖିତ ହୋଇଅଛନ୍ତି ।

---

ଓଡ଼ିଶା ରାଜ୍ୟରେ ରେଲବାଟର ଯୋଗ ଘଟିବ ନାହିଁ ପରା । ବଙ୍ଗନାଗପୁର ରେଲୱାଏ ସଙ୍ଗେ ପୁଣି ବନାରସ ରେଲବାଟର ପ୍ରସ୍ତାବ ହୋଇ ଜରିବାଦ କାର୍ଯ୍ୟ ଶେଷ ହେବାରୁ ଆଶା ଥିଲା ଯେ ଏହି ରେଲବାଟ ଓଡ଼ିଶାର ଅଭାବ ଦୂର କରିବ, ଅନ୍ତତଃ ବଙ୍ଗନାଗପୁର ରେଲବାଟର ଗୋଟିଏ ଶାଖା ପୁରୀକି ଆସିବ ଏବଂ ଗତ ନବେମ୍ବର ମାସରେ ବଙ୍ଗଲାର ଲେଟ୍‌ଲାଟ ଏ ନଗରକୁ ଆସି ଏହି ରେଲବାଟ ନିର୍ମାଣ ନିମିତ୍ତ ଚେଷ୍ଟା ଉଦ୍ୟମ କରିବେ ବୋଲି ଆଶ୍ୱାସ ଦେଇଥିଲେ । ସମ୍ପ୍ରତି ସିମଲାଠାରୁ ଷ୍ଟେଟ୍ସମେନ ସମ୍ବାଦ ପାଇଅଛନ୍ତି କି ଯେଉଁ କମ୍ପାନି ଏହି ରେଲବାଟ ପ୍ରସ୍ତୁତ କରିବାକୁ ସଂକଳ୍ପ କରିଥିଲେ ସେମାନେ ଗଭର୍ଣ୍ଣମେଣ୍ଟରୁ ଲାଭର ଆଶ୍ୱାସ ନ ପାଇଲେ ସେ କାର୍ଯ୍ୟରେ ପ୍ରବୃତ୍ତ ହେବାକୁ ଇଚ୍ଛା କରୁ ନାହାନ୍ତି । ସୁତରାଂ କାର୍ଯ୍ୟଟି ପରିତ୍ୟକ୍ତ ହେବାର ସମ୍ଭାବନା ! ଅମ୍ଭେମାନେ ଏ ସମ୍ବାଦରେ ବଡ଼ ବ୍ୟସ୍ତ ହୋଇଅଛୁଁ ।

---

ବାବୁ ପ୍ରଫୁଲ୍ଲଚନ୍ଦ୍ର ଚାଟୁର୍ଯ୍ୟା ପଞ୍ଜାବ ହାଇକୋର୍ଟର ଜଜ ପଦରେ ନିଯୁକ୍ତ ହୋଇଥିବାରୁ ଗତ ମଇମାସ ତା ୨୮ ରଖରେ ଓସେସେନ ଲକ୍ଷ୍ନୌଠାରେ ଉତ୍ତମ ଆମୋଦ ପ୍ରମୋଦ ହୋଇ ଯାଇଥିବାର ସମ୍ବାଦ ମିଳଇ । ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟୀୟାନ ଓ ପାର୍ସି ସମ୍ପ୍ରଦାୟର ମାନ୍ୟ ଗଣ୍ୟଲୋକ ପ୍ରାୟ ନ ୫୦୦ ଶ ସମବେତ ହୋଇ ଏକ ଉଦ୍ୟାନରେ ଆମୋଦ ପ୍ରମୋଦରେ ରତ ହୋଇଥିଲେ । ଚାଟୁର୍ଯ୍ୟା ମହାଶୟଙ୍କୁ ଗବର୍ଣ୍ଣମେଣ୍ଟ ଏ ପଦରେ ନିଯୁକ୍ତ କରିଥିବାରୁ ଗବର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ତାଙ୍କର ଶୁଭବାଦ ହୋଇଥିଲା । ଏଥିଉତ୍ତାରୁ ଅନେକ ବନ୍ଧୁଲୋକେ ବକ୍ତୃତା ଓ ବଚନ ପାର୍ସିଥିଏଟର ସମ୍ପ୍ରଦାୟ ଅଭିନୟ କଲାଉତ୍ତାରୁ ଅନନ୍ଦମନରେ ଆମୋଦକାରିମାନେ ଆମୋଦ ସ୍ଥଳରୁ ଲେଉଟି ଆସିଥିଲେ ।—ଜଣେ ବଙ୍ଗାଳି ପଞ୍ଜାବରେ ଯାଇଁ ଗୌରବ ପ୍ରକାଶ କରିବା ଅଳ୍ପ ସୁଖ୍ୟାତିର ବିଷୟ ନୁହଇ ।

---

ଦେବତାଙ୍କ ଲୀଳା ବୁଝିବା ଭାର । ବର୍ଷାଭାବରେ ଅମ୍ଭେମାନେ ହାହାକାର କରୁଥିଲୁଁ । ଆଉ ମାର୍କିନରେ ଅତିବର୍ଷାଦ୍ୱାରା ସମ୍ପୂର୍ଣ୍ଣ ସର୍ବନାଶ ହୋଇ ଯାଇଅଛି । ମେରିଲଣ୍ଡ ଓ ଭର୍ଜିନିୟା ପ୍ରଦେଶରେ ଅତି ବୃଷ୍ଟି ହେତୁ ପ୍ରବଳ ବନ୍ୟା ହୋଇ ବହୁସଂଖ୍ୟକ ନଗର, ଗ୍ରାମ ପାଣିରେ ବୁଡ଼ି ଯାଇଅଛି । ରଏଟର ନିୟୁୟର୍କରୁ ତାରଯୋଗେ ସମ୍ବାଦ ପଠାଇ ଅଛନ୍ତି ଯେ, ସେ ଅଞ୍ଚଳରେ ଗ୍ରାମ ଓ ନଗରର ଚିହ୍ନ ମାତ୍ର ନାହିଁ । ସମୁଦାୟ ସ୍ରୋତରେ ଭାସି ଯାଇ ଅଛି ପ୍ରାୟ ଦଶହଜାର ମନୁଷ୍ୟ ବନ୍ୟାରେ ଡୁବି ପ୍ରାଣ ହରାଇ ଅଛନ୍ତି, ଅଠ ନଅ କୋଟି ଟଙ୍କାର ସମ୍ପତ୍ତି ଓ ଦ୍ରବ୍ୟାଦି ନଷ୍ଟ ହୋଇଅଛି । ଯୁନ୍‌ଷ୍ଟାଉନ ସହରରେ ଗୋଟିଏ ପ୍ରକାଣ୍ଡ ବନ୍ଧା ଜଳାଶୟ ଭୁଷୁଡ଼ିଯାଇ ସେହି ନଗରକୁ ଜଳରେ ବୁଡ଼ାଇ ଦେଇଅଛି । ସେଠାରେ ମଧ୍ୟ ପାଞ୍ଚସହସ୍ର ଗୃହ ଜଳସ୍ରୋତରେ ଭାସି ଯାଇଅଛି ? ଦେଢ଼ ସହସ୍ରରୁ ଉପର ଲୋକ ମରିଯାଇ ଅଛନ୍ତି । ଦୁର୍ଦ୍ଦୈବର ଏତ ଶେଷ ବୋଲିବାକୁ ହେବ ।

---

ମାନ୍ଦ୍ରାଜର ଗବର୍ଣ୍ଣର ଗଞ୍ଜାମଜିଲ୍ଲାର ଗୋପାଳପୁରଠାରୁ ରମ୍ଭାପର୍ଯ୍ୟନ୍ତ ଭ୍ରମଣକରି ସେ ଅଞ୍ଚଳର ଅବସ୍ଥା ଯାହା ଦେଖିଅଛନ୍ତି ତହିଁରେ ତାହାଙ୍କର ମନ ମାନିଅଛି ଯେ ସେଠାରେ ଘୋର ଦୁର୍ଭିକ୍ଷ ଉପସ୍ଥିତ ହୋଇଅଛି ଏବଂ ସେଥିପାଇଁ ସାଧାରଣଙ୍କଠାରୁ ଚନ୍ଦା ସଂଗ୍ରହ ଏବଂ ଅନ୍ୟାନ୍ୟ ଉପାୟରେ ଅସମର୍ଥ ଲୋକଙ୍କୁ ସାହାଯ୍ୟଦାନ କରିବାର ବନ୍ଦୋବସ୍ତ ଆରମ୍ଭ କରିଅଛନ୍ତି । ଓଡ଼ିଶାରୁ ଚାଉଳ ଆମଦାନି ଭଲ ପଡ଼ିଅଛି ଏବଂ ଗତ ସପ୍ତାହରେ ନ ୧୪୦୦ ଶ ଓଲିଆଠାରେ ମରିଥିଲେ । ସ୍ତ୍ରୀ ଓ ପିଲାମାନଙ୍କୁ ରାନ୍ଧି ବଣ୍ଟା ହେଉଅଛି ଏବଂ ରୋଗିମାନଙ୍କୁ ଔଷଧ ଦିଆଯାଉ ଅଛି । ବ୍ରହ୍ମପୁରର ମିଉନିସିପାଲିଟି ମହାମାନ୍ୟଙ୍କ ଅଭ୍ୟର୍ଥନା ଉପଲକ୍ଷରେ ନ ୧୫୦୦ ଶ କଙ୍ଗାଳଙ୍କି ଚାଉଳ ବାଣ୍ଟିଥିଲେ । ମିଉନିସିପାଲିଟିର ଏପରି ଅଭ୍ୟର୍ଥନା ବଡ଼ ସୁନ୍ଦର ଓ ସମୟୋଚିତ ହୋଇଅଛି । ଏତେବେଳେ ଗଞ୍ଜାମଦୁର୍ଭିକ୍ଷ ପ୍ରତି ସରକାରଙ୍କର ଦୃଷ୍ଟି ପଡ଼ିଲା ବଡ଼ ସୁଖର ବିଷୟ ଅଟଇ । ମାତ୍ର ଏଥିମଧ୍ୟରେ ଯେତେଲୋକ ଅନ୍ନାଭାବରେ ଗତମଲେ ସେମାନଙ୍କ ସକାଶେ କେହି ଦାୟୀ ହେବ ନାହିଁ ।

—※—

ହିନ୍ଦୋଳରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ତ. ନେଠାରେ ଅନ୍ନକଷ୍ଟ ଓ ଜଳକଷ୍ଟ ବଡ଼ ବାଧୁଅଛି ଓ କଙ୍ଗାଳମାନେ ହଟ୍ଟୀଲସାର ଓ ନିକଟଦେଶରେ ହାଣ୍ଡିଧରି ଭାତ ମାଗି ବୁଲୁ ଅଛନ୍ତି । ଏ ସମୟରେ ରଜା ଛନ୍ତିନ୍ତି ନାହାନ୍ତି । ଗତ ଦୁଇମାସରୁ ନାନାସ୍ଥାନରେ କୂଅ ଓ ପୁଷ୍କରିଣୀ ଖୋଳାଇବା ଓ ଅପଣା ଉଆସ କର୍ମିଣୀକାର୍ଯ୍ୟ ଲଗାଇ ଦେଇ ଓ ରସୋଲଠାରେ ଜଳଛତ୍ର ସଙ୍ଗେ ଚୁଡ଼ା ଗୁଡ଼ ପ୍ରତିଦିନ ପ୍ରାୟ ନ ୨୭୦ ଶଙ୍କୁ ବାଣ୍ଟି ଏବଂ ଖମାରମାନଙ୍କରୁ ପ୍ରଜାଙ୍କୁ ଧାନ୍ୟ ଦାଦନ ଦେଇ ଅନେକ ସାହାଯ୍ୟ କରୁଅଛନ୍ତି । ରଜାଙ୍କର ଏ କାର୍ଯ୍ୟମାନ ଅବଶ୍ୟ ପ୍ରଶଂସନୀୟ ଅଟଇ ମାତ୍ର ପତ୍ରପ୍ରେରକଙ୍କ ଲେଖିବା ମତେ ଯେତେ କଙ୍କାଳବଶିଷ୍ଟ କଙ୍ଗାଳମାନେ ହାଣ୍ଡି ନେଇ ବୁଲୁଅଛନ୍ତି ଏବଂ ବିସୂଚିକା ଓ ବସନ୍ତରୋଗ ଭୟାନକ ପ୍ରାଦୁର୍ଭାବ ହୋଇଅଛି ତେବେ ଅଗତ୍ୟା ବୋଲିବାକୁ ହେବ ଯେ ସାହାଯ୍ୟ କାର୍ଯ୍ୟ ପ୍ରଚୁର ହୋଇ ନାହିଁ । ଯାହା ହେଉ ଏଣିକି ବୃଷ୍ଟି ହେବାରୁ ଆଶା ହେଉଅଛି ଯେ ଲୋକଙ୍କର କଷ୍ଟ ଅନେକ ପରିମାଣରେ ଦୂର ହେବ ।

---

ଏକ ଫୌଜଦାରୀ ମୋକଦ୍ଦମାରେ ଚନ୍ଦ୍ରକୋଣାର ଜଣେ ଖ୍ୟାତ ଜମିଦାର ସାକ୍ଷ୍ୟଦେବା ସକାଶେ ବର୍ଦ୍ଧମାନର ଡେ: ମାଜିଷ୍ଟ୍ରେଟ ବାବୁ ନଗେନ୍ଦ୍ରନାଥ ଘୋଷଙ୍କ କୋର୍ଟରେ ଉପସ୍ଥିତ

Digitized by srujanika@gmail.com

Split by PDF Splitter



ହେବାପାଇଁ ସମନ ଜାରି ହୋଇଥିଲା । କିନ୍ତୁ ଲଳିତ ବାବୁ ସେସମୟରେ ମସ୍ତକ ରୋଗରେ କଷ୍ଟ ପାଉଥିବାରୁ ଉପସ୍ଥିତ ହୋଇପାରି ନ ଥିଲେ ସୁତରାଂ ବର୍ଣ୍ଣମତେ ଜଣେ ଏମ୍ ବି ଡାକ୍ତରଙ୍କ ନିକଟରୁ ସାର୍ଟିଫିକେଟ ପ୍ରେରଣ କରିଥିଲେ କିନ୍ତୁ ଡେପୁଟୀବାବୁ ଉକ୍ତସ୍ଥାନର ସିଭିଲସର୍ଜନଙ୍କ ସାର୍ଟିଫିକେଟ ଛଡ଼ା ଅନ୍ୟ କାହାର ସାର୍ଟିଫିକେଟରେ ସନ୍ତୁଷ୍ଟ ହେବାର ଲୋକ ନୁହନ୍ତି । ସିଭିଲସର୍ଜନ ଷ୍ଟେସନରେ ଥିଲେ ନାହିଁ ଅଗତ୍ୟା ଲନ୍ଗ୍ରେଭ ଆସିଷ୍ଟାଣ୍ଟ ସର୍ଜନଙ୍କ ସାର୍ଟିଫିକେଟ ଦାଖଲ କରିବାକୁ ହେଲା । କିନ୍ତୁ ସାର୍ଟିଫିକେଟରେ ଡେପୁଟୀଙ୍କ ମନ ମାନିଲା ନାହିଁ । ଆସିଷ୍ଟାଣ୍ଟ ସର୍ଜନଙ୍କୁ କୋର୍ଟରେ ଉପସ୍ଥିତ ହେବାପାଇଁ ସମନ ହେଲା ଓ ସେ ଖ୍ରୀଷ୍ଟିୟାନ ଥିବାରୁ ତାଙ୍କୁ ବାଇବଲ ଛୁଇଁ ଶପଥପୂର୍ବକ ଲଳିତବାବୁଙ୍କ ଦେହର ଅସୁସ୍ଥାବସ୍ଥାରେ କହିବାକୁ ହୋଇ ଥିଲା; ଏ ସମୁଦାୟ କାର୍ଯ୍ୟ ମଧ୍ୟ ଡେପୁଟୀବାବୁଙ୍କ ଅଟଳ ମନକୁ ବିଚଳିତ କରି ପାରିଲା ନାହିଁ । ଅବଶେଷରେ ବାବୁଙ୍କ ନାମରେ ୱାରେଣ୍ଟ ଜାରି ହୋଇ ଧୃତ ହେଲେ ଓ ଚନ୍ଦବାଲୀଠାରୁ ବର୍ତ୍ତମାନକୁ ଆଣିତ ହେଲେ କିନ୍ତୁ ଉପସ୍ଥିତ ହେବା ସମୟକୁ କଚେରୀ ବନ୍ଦ ହୋଇଅଛି ସୁତରାଂ ଡେପୁଟୀ ବାବୁଙ୍କ ଗୃହକୁ ଆଣିତ ହେଲେ । ଡେପୁଟୀ ବାବୁ ଟ ୨୦୦୦ ଙ୍କ ଜାମିନରେ ଖଲାସ ହେବାକୁ ଆଦେଶ ଦେଲେ । ଜଣେ ସମ୍ଭ୍ରାନ୍ତ ମୋକ୍ତାର ଜାମିନଦାର ହେବାକୁ ଅଗ୍ରସର ହେଲା କିନ୍ତୁ ଡେପୁଟୀବାବୁ ଗ୍ରହଣ କଲେ ନାହିଁ ଅବଶେଷରେ ଲଳିତବାବୁ ଟଙ୍କା ଗବର୍ଣ୍ଣମେଣ୍ଟସିକ୍ୟୁରିଟୀରେ ଡିପୋଜିଟ ଦେଇ ଅବ୍ୟାହତି ପ୍ରାପ୍ତ ହେଲେ । ଏପ୍ରକାର ଅତ୍ୟାଚାର ବର୍ତ୍ତମାନ ସମୟରେ ମଧ୍ୟ ଶୁଣାଯାଉଅଛି । ବଡ଼ ଦୁଃଖର ବିଷୟ ।

---

କରଣ ସମାଜର ବିବାହାଦିରେ ଅପବ୍ୟୟ ନିବାରଣ ସମ୍ବନ୍ଧୀୟ ଏଠା ଉତ୍କଳସମ୍ମିଳନୀ ସଭାର ଚେଷ୍ଟା ଅଶୁ ସଫଳ ହେବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ସାମନ୍ତ ନନ୍ଦକିଶୋର ଦାସ ଏହି ସଭାର ସଭାପତି । ଗତ ସୋମବାର ତାହାଙ୍କର ଜ୍ୟେଷ୍ଠପୁତ୍ରଙ୍କ ଶୁଭବିବାହକାର୍ଯ୍ୟ ସମ୍ପନ୍ନ ହେଲା । ବର୍ତ୍ତ ସଭାପତି ସ୍ୱରୂପ ସଭାର ନିୟମ ପାଳିବା ବିଷୟରେ ଆପଣା ଦାୟିତ୍ୱ ଅନୁଭବପୂର୍ବକ ତଦନୁସାରେ କାର୍ଯ୍ୟ କରିବାକୁ ଯେମନ୍ତ ପ୍ରବୃତ୍ତ ହେଲେ ତାହାଙ୍କ ଆମନ୍ତ୍ରଣ ମତେ ତାହାଙ୍କୁ ଏହି କାର୍ଯ୍ୟ ନିର୍ବାହରେ ସାହାଯ୍ୟ କରିବା ନିମନ୍ତେ ଆସିଥିବା ବନ୍ଧୁ ବାନ୍ଧବ ସାମନ୍ତମାନେ ସେମନ୍ତ ସହାନୁଭୂତି ଦେଖାଇ ତାହାଙ୍କୁ ଉତ୍ସାହିତ କଲେ । ଏଥିରୁ ଜଣାଗଲା ଯେ ସଭାର ନିୟମାବଳୀର ମହତ୍ ଉଦ୍ଦେଶ୍ୟ ସେମାନେ ଉତ୍ତମରୂପେ ବୁଝିଅଛନ୍ତି ଏବଂ ତଦନୁସାରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ । ଯେଉଁ ୨ ବିଷୟରେ ନୂତନ ନିୟମ ଗୃହୀତ ହୋଇଅଛି ସେ ସମୁଦାୟ ବିସ୍ତାରିତରୂପେ ବର୍ଣ୍ଣନା କରିବାକୁ ଅମ୍ଭମାନଙ୍କର ଅବକାଶ ଓ ପତ୍ରିକାରେ ସ୍ଥାନ ନାହିଁ । ଆଶାକରୁଁ ସଭାର ସମ୍ପାଦକ କରଣ ସମାଜର ଜାଣିବା କାରଣ ପ୍ରଚାର କରିବେ । ସଂକ୍ଷେପରେ ଏତିକି କହିଲେ ଯଥେଷ୍ଟ ହେବ ଯେ ବର ଘରଠାରୁ କନ୍ୟା ଘର ପର୍ଯ୍ୟନ୍ତ ଦୁଇପା ବାଟ ୨ ବରଯାତ୍ରୀ ସାମନ୍ତମାନେ ପଦବ୍ରଜରେ ରୋଷନାଇ ସଙ୍ଗେ ଚାଲି ଗଲେ ଏବଂ ବର ବାହୁଡ଼ା ବେଳେ ବୃଷ୍ଟି ହେଲେ ମଧ୍ୟ ବର କନ୍ୟାଙ୍କୁ ଯେନ କୂଳ ଆସିଲେ । କନ୍ୟାଘର ଯୌତୁକ ମର୍ଯ୍ୟାଦା ଇତ୍ୟାଦି ଆପଣା ଇଚ୍ଛା ଅଥଚ ସଙ୍ଗତି ଅନୁସାରେ ଦେଲେ । ଦୁଇ ଏକଜଣ ସାମନ୍ତ ଛଡ଼ା ଅଉ କେହି ବାଜା ଇତ୍ୟାଦି ସମାରୋହ ସହିତ ଆସି ନ ଥିଲେ ଏବଂ ଅଧିକାଂଶ ସ୍ଥଳରେ କେବଳ ମଙ୍ଗଳଓଳି ଦେଇ ଆସିଥିଲେ । କନ୍ୟାକର୍ତ୍ତା ସାମନ୍ତ ବୈଷ୍ଣବଚରଣ ଜାନାଙ୍କ ଗୋଇ ବରଯାତ୍ରୀଙ୍କୁ ରୋଷନାଇ ସହିତ ପଠାଇ କଅଁଳ ନିୟମ ବହିର୍ଭୂତ କାର୍ଯ୍ୟ କରିଥିଲେ ତଥାଚ ତାହାଙ୍କ ଅଡ଼ମ୍ବର ପୂର୍ବଠାରୁ ଊଣା ଥିଲା ଏବଂ ସ୍ୱୀକାର ସମ୍ମତି ଓ ଅନ୍ୟାନ୍ୟ ବିଷୟରେ ମଧ୍ୟ ଅନେକ ସୁପରିବର୍ତ୍ତନ ଘଟିଥିଲା ।

—୦✻୦—

କଙ୍ଗାଳଙ୍କ ସାହାଯ୍ୟର ଉପାୟ ସ୍ଥିର କରିବା ନିମନ୍ତେ ଗତ ରବିବାର ଯେଉଁ ସଭା ହେବାର ଥିଲା ବୋଲି ଗତ ପତ୍ରିକାରେ ଲେଖିଥିଲୁଁ ତାହା ଗତ ବୃହସ୍ପତିବାର ସନ୍ଧ୍ୟା ସମୟରେ ହୋଇଥିଲା । ଏଥର ବିଜ୍ଞାପନ ସୁଚାରୁରୂପେ ବିତରିତ ହୋଇଥିଲେହେଁ ମେଘୁଆପାଗ ହେତୁ ଆଶାନୁରୂପ ଲୋକ ସଭାକୁ ଆସି ନ ପାରି ପ୍ରାୟ ୩୦ ଣ ଲୋକ ଉପସ୍ଥିତ ହୋଇଥିଲେ । ବେଡ଼ା ହେବା ସଭାକୁ ବିସ୍ତର ଲୋକ ଆସନ୍ତି ନାହିଁ ସତ୍ୟ କିନ୍ତୁ ବ୍ୟାବହାରରେ ଅନାହାରରେ ଗଛମୂଳେ ପଡ଼ିଥିବା ବ୍ୟକ୍ତିଙ୍କ ଯନ୍ତ୍ରଣାଠାରୁ କିଏ ମେଘୁଆପାଣିକୁ ଦାୟୀରୁ ବାହାରିବା କମ୍ପା ବାଳକ ପିଲାତ କଷ୍ଟ ଦ୍ୱାର କରିବା କଷ୍ଟକୁ ଅଧିକ ମଣି ଏପ୍ରକାର ସଭାକୁ ଅଧିକ ଲୋକ ଅସିବେ ନାହିଁ ଏକଥା ବିଶ୍ୱାସ କରିବା କଠିନ କିନ୍ତୁ ପ୍ରତ୍ୟକ୍ଷ ଦେଖା ଗଲା । ଭରସା କରୁଁ ଏଥିର ଅନ୍ୟ କାରଣ ଥିବ । ଯାହା ହେଉ ରେଭରେଣ୍ଡ ଫାଦର ରେକ୍ସ ସଭାପତି ହେବାରୁ କାର୍ଯ୍ୟାରମ୍ଭ ହେଲା । ସଭାରେ ସ୍ଥିରୀକୃତ ହେଲା ଯେ ଗତବର୍ଷର ଫଳ ନୋକସାନ ଓ ସେହି ହେତୁରୁ ଖାଦ୍ୟ ପଦାର୍ଥ ଓ ଦୁର୍ମୂଲ୍ୟ ହେବାରୁ ଓଡ଼ିଶାର ଚତୁର୍ଦ୍ଦିଗ ଓ ବିଶେଷତଃ ଗଡ଼ଜାତରେ ଅନ୍ନକଷ୍ଟ ବଡ଼ ବାଧିଅଛି ଓ ପ୍ରାୟ ଛଅଶତ ସ୍ତ୍ରୀ ପୁରୁଷ ବାଳକ ଜୀର୍ଣ୍ଣ ଶୀର୍ଣ୍ଣ କାଙ୍ଗାଳ ନାନା ସ୍ଥାନରୁ ସହର ମଧ୍ୟକୁ ଆସିଅଛନ୍ତି ଏମାନଙ୍କ ସାହାଯ୍ୟ ନିମନ୍ତେ ଉପାୟ ଅବଲମ୍ବନ କରିବା ଉଚିତ । ରାଜା ବୈଦ୍ୟନାଥ ପଣ୍ଡିତ ଏମାନଙ୍କୁ ଅନ୍ନ ଓ ବସ୍ତ୍ର ଦାନ କରି ସମସ୍ତଙ୍କର ଧନ୍ୟବାଦର ପାତ୍ର ହୋଇ ଅଛନ୍ତି ସତ୍ୟ କିନ୍ତୁ ତଦ୍ୱାରା ସେମାନଙ୍କ ସମସ୍ତ ଅଭାବ ଦୂରୀକୃତ ହୋଇ ନାହିଁ । ବର୍ତ୍ତମାନ ଆସନ୍ନ ବର୍ଷାକାଳରେ କଙ୍ଗାଳମାନେ କେଉଁଠାରେ ରହିବେ ଏପ୍ରକାର ଆଶ୍ରୟ ନାହିଁ ଓ ତାହାର ଓଳତଳରେ ରହିବାକୁ ମଧ୍ୟ ପାରିବେ ନାହିଁ କାରଣ ଯଥେଷ୍ଟ ଏହା ତାହା ଓଳତଳେ ପଡ଼ି ରହିଲେ ସଂକ୍ରାମକ ରୋଗର ବିସ୍ତାର ସମ୍ଭାବନା ଅତଏବ ଏହି କଙ୍ଗାଳମାନଙ୍କୁ ନଗରର ଏକପାର୍ଶ୍ୱରେ ଆଶ୍ରୟ ପ୍ରଦାନ କରିବା ଏବଂ ତହିଁ ନିମନ୍ତେ ବେଢ଼ା ସଜ୍ଜିତ କରିବା ଉଚିତ । ଉପରୋକ୍ତ ପ୍ରସ୍ତାବମାନଙ୍କୁ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ଗୋଟିଏ କାର୍ଯ୍ୟକାରୀ କମିଟୀ ଗଠିତ ହେଲା ଉକ୍ତ କମିଟୀର ସଭ୍ୟ ବର୍ତ୍ତମାନ ନିମ୍ନଲିଖିତ ବ୍ୟକ୍ତିମାନେ ମନୋନୀତ ହୋଇଅଛନ୍ତି । ଯଥାଃ—

ରାଜା ବୈଦ୍ୟନାଥ ପଣ୍ଡିତ ବାବୁ ଜଗନ୍ମୋହନ ରାୟ ବାବୁ ମଧୁସୂଦନ ଦାସ ବାବୁ ଗୌରୀଶଙ୍କର ରାୟ ବାବୁ ରାମଦାସ ଚକ୍ରବର୍ତ୍ତୀ ବାବୁ ବିହାରୀଲାଲ ପଣ୍ଡିତ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀ ବାବୁ ରାମଶଙ୍କର ରାୟ ବାବୁ ସାମସଳ ସ୍ୱହିତ ମୁନସି ମହମ୍ମଦ ମଜହର ।

ସଭାର ଉପରୋକ୍ତ ପ୍ରସ୍ତାବମାନର ଏକଖଣ୍ଡ ନକଲ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟଙ୍କ ନିକଟକୁ ପ୍ରେରିତ ହେବାର ମଧ୍ୟ ସ୍ଥିରୀକୃତ ହେଲା ଓ ମାଜିଷ୍ଟ୍ରେଟଙ୍କୁ ଅନୁରୋଧ ମଧ୍ୟ କରା ହୋଇଅଛି ଯେ ସେ ଏହି ସାହାଯ୍ୟ କମିଟୀକୁ ସାହାଯ୍ୟ କରିବେ ।

Digitized by srujanika@gmail.com

Split by PDF Splitter



ବାବୁ ଜଗମୋହନ ରାୟ ଶରୀର ଅସୁସ୍ଥ ହେତୁ ସଭାସ୍ଥଳେ ଉପସ୍ଥିତ ହୋଇ ନ ପାର ପତ୍ରଦ୍ୱାରା ସଭାର କାର୍ଯ୍ୟରେ ସହାନୁଭୂତ ଥିବାର ଓ ୫ ଟଙ୍କା ଦେବା ଦେବାର ଜଣାଇଥିଲେ ।

---

## ରମଜାନ ।

ଚଳିତ ଜୁନମାସ ତା ୧ ରିଖରେ ମୁସଲମାନମାନଙ୍କୁ ସର୍ବତ୍ର ପ୍ରଭୃତ ଅଙ୍ଗନରେ ପରସ୍ପର ମିଳାମିଶ ଓ ଆଳାପ କରିବାର ପାଠକମାନେ ଦେଖିଥିବେ । ଏ ପର୍ବକୁ ସେମାନେ "ଇଦୁଲ୍‌ଫିତ୍ର" ବୋଲନ୍ତି । ଏଦିନ ପରମେଶ୍ୱରଙ୍କ ଆରାଧନାରୂପ ନମାଜପାଠ, ପରସ୍ପର ମିଳାମିଶ, ଉତ୍ତମ ଆହାର ଓ ନବବସ୍ତ୍ର ପରିଧାନ କରିବାର ଏମାନଙ୍କମଧ୍ୟରେ ନିୟମ ପ୍ରଚଳିତ ଅଛି, ଫଳତଃ ଏ ଦିନ ମୁସଲମାନମାନଙ୍କର ଉତ୍ସବଦିନ ଅଟଇ ଏବଂ ଏହିଁ ପୂର୍ବ ଏକମାସକାଳ ଉପବାସ କରିଥିବାରୁ ଏହି ଦିବସରେ ଆନନ୍ଦୋତ୍ପାଦନ କରିବାରେ ଏମାନେ ଯେ କ ଅଜନ ଉପଭୋଗ କରନ୍ତି ତାହା ଦେଖିବା ଲୋକେ ସହଜରେ ଅନୁମାନ କରିପାରିବେ । ଯାହାର ଦୁଇପଇସା ଅଛି ସେ ଗରିବ ଦୁଃଖିଙ୍କି ମଧ ଦାନ କରି ନାନାପ୍ରକାର ନୃତ୍ୟ ଗୀତ ବନ୍ଧୁ ବାନ୍ଧବ ଆମନ୍ତ୍ରଣରେ ଦିନାତିପାତ କରେ । ରମଜାନ ମାସଟି ମୁସଲମାନମାନଙ୍କ ମଧ୍ୟରେ ଅତି ପବିତ୍ରମାସ ଅଟଇ । ଏମାନଙ୍କ କୋରାନରେ ଲେଖା ଅଛି ଯେ ଏହି ମାସରେ କୋରାନ ଈଶ୍ୱର ସ୍ୱର୍ଗରୁ ପଠାଇଥିଲେ ଏବଂ ଏହିମାସଟି ସୁଦ୍ଧା ଉପବାସ କରିବାକୁ ହେବ । ମୁସଲମାନମାନେ କହନ୍ତି ଯେ ରମଜାନମାସରେ ସ୍ୱର୍ଗଦ୍ୱାର ଖୋଲେ ଏବଂ ନର୍କଦ୍ୱାର ବନ୍ଦଥାଏ । ଆଉ ମହମ୍ମଦ କହିଅଛନ୍ତି ଯେ ରମଜାନ ଧର୍ମର ଦ୍ୱାର ସ୍ୱରୂପ ଏବଂ ଯେଉଁ ଲୋକ ରମଜାନମାସରେ ଉପବାସ କରେ ତାହାର ମୁଖବାସ ଈଶ୍ୱରଙ୍କୁ ମୃଗନାଭି ଅପେକ୍ଷା ଅଧିକତର ପ୍ରିୟ ବୋଲି ଜ୍ଞାନ ହୁଏ ।

ପୂର୍ବକାଳରେ ଆରବୀୟମାନେ ମହରମ, ରଜବ, ଜକାଦ ଓ ଜିଲହିଜ ଏହି ମା ୪ ସକୁ ପବିତ୍ର ଜ୍ଞାନ କରି ସେମାସମଧ୍ୟରେ କୌଣସି ଯୁଦ୍ଧ ବିଗ୍ରହ ଉତ୍ପାତ କରୁ ନ ଥିଲେ ଏବଂ ଜିଲହିଜମାସରେ ସେମାନେ ପ୍ରାୟ ମକ୍କାକୁ ତୀର୍ଥ ଯାତ୍ରା କରୁଥିବାରୁ ତହିଁର ପୂର୍ବ ଓ ପର ମାସରେ ପଥ ଲୋକର ହିଂସାଗିବରୁ ଶାନ୍ତ ଥିଲେ କାରଣ ଯେଉଁଲୋକ ଜିଲହିଜମାସରେ ମକ୍କାରେ ଅବସ୍ଥାନ କରିବାକୁ ଇଚ୍ଛାକରେ ସେ ତହିଁ ପୂର୍ବମାସରେ ମକ୍କାକୁ ଯାଇ ପରମାସରେ ନିରାପଦରେ ଫେରି ଆସି ପାରିବ । ଉପରୋକ୍ତ ନେଲେକମାସମଧ୍ୟରେ ପରସ୍ପର ଶତ୍ରୁମାନେ ନିଃଶଙ୍କଚିତ୍ତରେ ବାସ କରୁଥିଲେ । ରମଜାନ ମାସଟି ମଦ୍ୟପାନ ଓ ଧୂମପାନାଦିରେ ଅତିବାହିତ ହେଉଥିଲା ମାତ୍ର ମହମ୍ମଦ ତାହାକୁ ଏକାବେଳକେ ଉପବାସରୂପରେ ପରିବର୍ତ୍ତନ କରି ଦେଲେ । ମହମ୍ମଦଙ୍କ ଉଦ୍ଦେଶ୍ୟ ଯେ ସାଧୁ ଏଥିରେ ସନ୍ଦେହ ନାହିଁ ।

ଏହି ରମଜାନ ଉପବାସ ତିନଶ୍ରେଣୀରେ ବିଭକ୍ତ ଯଥା (୧) କ୍ଷୁଧା ଏବଂ ଉଦର ଦମନ (୨) ଚକ୍ଷୁ, କର୍ଣ୍ଣ, ଜିହ୍ୱା, ହସ୍ତ, ପଦ ଇତ୍ୟାଦି ଦେହର ଅଂଶମାନଙ୍କୁ ପାପକାର୍ଯ୍ୟରୁ ନିବୃତ୍ତ କରଣ ଓ (୩) ଉପବାସପୂର୍ବକ ଈଶ୍ୱରଙ୍କର ଆରାଧନା । ଦିନମାନରେ ଏମାନଙ୍କୁ ପାଣି ଖାଇବା ନିଷେଧ ଆଉ ଛେପ ଢୋକିବାକୁ ମନା ଅଛି । ସନ୍ଧ୍ୟା ହେବାରୁ ଈଶ୍ୱରଙ୍କ ଆରାଧନା କରି କିଛି ଖାଇ ଆଉ ପରେ ଶେଷ ରାତ୍ରିକୁ ଏପରିଭାବରେ ଆହାର କରନ୍ତି ଯେମନ୍ତ କି ସକାଳକୁ ପେଟ ଖାଲି ହୋଇ ଯାଇଥିବ ।

ରୋଗୀ, ଗର୍ଭିଣୀ ଏବଂ ଅପର ଅକ୍ଷମଲୋକେ ଉପବାସ କରିବାଦାୟରୁ ମୁକ୍ତ ଥିଲେହେଁ ଏମାନଙ୍କୁ ବର୍ଷକମଧ୍ୟରେ କୌଣସି ସମୟରେ ଶକ୍ତି ଅନୁଯାୟୀ ଉପବାସ କରିବାକୁ ହେବ ଯେ ତାହା ହେଲେ ଏମାନେ ରମଜାନର ଫଳ ପାଇ ପାରିବେ । ଫଳତଃ ରମଜାନମାସ ଯେ ମୁସଲମାନମାନଙ୍କମଧ୍ୟରେ ଅତୀବ ପବିତ୍ରମାସ ଏଥିରେ ସନ୍ଦେହ ନାହିଁ । ମାସଯାକ ଦାନ, ଧ୍ୟାନ ଏବଂ ଉପବାସରେ ଅତିବାହିତ କରିବା ଏଥିର ପ୍ରଧାନ ନିୟମ । ଏଥିରୁ ଏକପକ୍ଷରେ ଇନ୍ଦ୍ରିୟସଂଯମ କରିବାର ଯେପରି ଉପାୟ ହୋଇ ପାରେ ଅପରପକ୍ଷରେ ସେହିରୂପ ଈଶ୍ୱରଚିନ୍ତାରେ ଦିନାତିପାତଦ୍ୱାରା ପରକାଳର ଅନେକକାର୍ଯ୍ୟ ହୁଅଇ । ଏହି ରମଜାନମାସ ଅତୀତ ହେଲେ ଇଦୁଲଫିତ୍ରଦିନ ପ୍ରକୃଷ୍ଟରୂପେ ଦାନ ଧ୍ୟାନ ପରସ୍ପର ସଦାଳାପଦ୍ୱାରା ସତ୍କର୍ମରେ ଅତିବାହିତ କରିବା କୋରାନର ନିୟମ ଅଟଇ । ଯେଉଁମାନେ ତାହା ନ କରି ଇନ୍ଦ୍ରିୟସୁଖସେବାରେ ପ୍ରମତ୍ତ ହୁଅନ୍ତି ସେମାନେ ସ୍ୱର୍ଗଦ୍ୱାରରୁ ଅନେକ ଦୂର ହଟି ଯିବା ଭିନ୍ନ ଆଉ କିଛି ଫଳ ପାନ୍ତି ନାହିଁ ।

---

# ସାପ୍ତାହିକ ସମ୍ବାଦ ।

ଗତ ବୁଧବାର ଠାରୁ କେନ୍ଦ୍ରାପଡ଼ା କାଲରେ ଷ୍ଟିମବୋଟ ଜାହାଜ ଚଳିବାର ଆରମ୍ଭ ହେଲା ।

ଗତ ବୃଷ୍ଟିରେ ଖୁସିର ଅଧା ଦେଖି କେତେକ କଟକ ଏ ନଗରକୁ ବାହାରି ଯାଉଅଛନ୍ତି ମୁଭଙ୍ଗ ରଜା ବୈଦ୍ୟନାଥ ପଣ୍ଡିତଙ୍କ ଅନୁଗ୍ରହରେ ଶତାଧିକ ଲୋକ ଭଣା ହୋଇଥିଲେ । ମାଜିଷ୍ଟ୍ରେଟ ସାହେବଙ୍କ ସହାନୁଭୂତି ନ ପାଇ ରଜାସାହେବ ଅଲଟପ ବନ୍ଦ କରିବାକୁ ବାଧ ହୋଇ ଅଛନ୍ତି ।

ବାଲେଶ୍ୱରରେ ଗତ ସୋମବାର ଓ ମଙ୍ଗଳବାର ଉତ୍ତମ ବୃଷ୍ଟି ହୋଇ ... । ଓଡ଼ିଆ

ଗତମାସ ତା ୨୮ ରିଖ ଠାରୁ ... ମାସ ତା ୧୦ ରିଖ ପର୍ଯ୍ୟନ୍ତ ବାଲେଶ୍ୱରରେ ଓଲାଉଠା ରୋଗରେ ... ଜଣ ମରିଅଛନ୍ତି । ଏକନ

ବାଲେଶ୍ୱର ନାରବାଟ ନିବାସୀ ବାବୁ ଯଦୁନାଥ ଦାସ ସବ୍‌ଇଞ୍ଜିନିୟରିଂ ପରୀକ୍ଷାରେ ୧ ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଏକନ

## କଲିକତା ଗେଜେଟ ।

କଟକର ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଏ, ଡି, ଟ୍ୟୁଟ ସାହେବ ଆଗାମୀ ତା ୨୧ ରିଖରୁ ... ଯେଉଁ ତାଙ୍କୁ ଛୁଟି ଭୋଗ କରିବାକୁ ଇଚ୍ଛା କରିବେ ଉକ୍ତ ତାରିଖରୁ ... ମାସର ଛୁଟି ପ୍ରାପ୍ତ ହୋଇ ... ।

ମିଃ ଏଚ୍, ଏଫ୍, ଜେ, ଟି, ମାକାଫାର ସାହେବ କଟକର ପ୍ରଥମ ଶ୍ରେଣୀର ଜଏଣ୍ଟମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହୋଇଛନ୍ତି ଓ ମିଃ ଟ୍ୟୁଟ ସାହେବଙ୍କ ଛୁଟି ସମୟରେ ଅଥବା ଅନ୍ୟାଜ୍ଞା ପର୍ଯ୍ୟନ୍ତ କଟକର ମାଜିଷ୍ଟ୍ରେଟ ଓ କଲେକ୍ଟରର କାର୍ଯ୍ୟ କରିବେ ।

ଶିକ୍ଷା ବିଭାଗର ଡିରେକ୍ଟର ମାନନୀୟ ସାର ଅଲ୍‌ଫ୍ରେଡ କ୍ରଫ୍ଟ ସାହେବ ... ମାସର ଛୁଟି ପ୍ରାପ୍ତ ହେବାରୁ ତାଙ୍କ କାର୍ଯ୍ୟରେ ପ୍ରେସିଡେନ୍‌ସି କଲେଜର ପ୍ରିନ୍ସିପାଲ ମିଃ ... ସାହେବ ନିଯୁକ୍ତ ହୋଇଅଛନ୍ତି ।

କଟକ ଡିଷ୍ଟ୍ରିକ୍ଟର ଯାଜପୁର ବେଞ୍ଚରେ ନିମ୍ନଲିଖିତ ବ୍ୟକ୍ତିମାନେ ଅବୈତନିକ ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଅଛନ୍ତି ।

ବାବୁ ଗୁଣମଣି ପଟ୍ଟନାୟକ ।
" ଦୟାନିଧି ପଣ୍ଡା । ବାବୁ ଗୋପାଳବନ୍ଧୁ ଦାସ
" ରମାକାନ୍ତ ବଡ଼ପଣ୍ଡା । " ଚୌଧୁରୀ ସହଦେବ ମହାପାତ୍ର
" ମୋହନମୋହନ ମହାପାତ୍ର । ମହନ୍ତ ... ଦାସ ।

ଓକିଲାର ଏଫ୍ ଏ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ ... ଦାସ ଓ ... ପଣ୍ଡା ... ବୃତ୍ତି ପ୍ରାପ୍ତ ହେବାକୁ ସକ୍ଷମ ହୋଇଅଛନ୍ତି ।

ବାଲେଶ୍ୱର ମ୍ୟୁନିସିପାଲିଟୀର ... ଭାଇସ ଚେୟାରମ୍ୟାନ ପଦରେ ବାବୁ ... ଦାସ ବାବୁ ... ଦାସଙ୍କ ସ୍ଥାନରେ ନିର୍ବାଚିତ ହୋଇଅଛନ୍ତି ।

ବାଲେଶ୍ୱର ଡିଷ୍ଟ୍ରିକ୍ଟର ଓକିଲ ... ଜଗନ୍ନାଥ ... ପାର୍ଶ୍ୱରେ ମଣ୍ଡଳର ... ବଜାର ଓ ... ପ୍ରଭୃତି ... ହୋଇଅଛି ।

---

ସହୋଦର ଦେଶରେ ବଡ଼ ନାଟକଟା ଚଳୁଅଛି । ଏକଦିନ ... ନାମକ ଏକବ୍ୟକ୍ତି ତାହାର ସ୍ତ୍ରୀର ସତୀତ୍ୱରେ ସନ୍ଦେହ କରି ତାହାର ନାକ କାଟିଦେଲା ... ହାସପାତାଳରେ ଅଛି । ଆଉ ସେହିଦିନ ମଧ୍ୟ ଆଉ ଏକ

Digitized by srujanika@gmail.com

Split by PDF Splitter



ବ୍ୟକ୍ତି ପ୍ରଥମତଃ ସ୍ତ୍ରୀର ନାକ କାମୁଡ଼ି ପରେ ଖଣ୍ଡେ ଛୁରିରେ ନାକ କାଟିପକାଇଲା । ନାକ ଅଉ ଯୋଡ଼ି ହେବାର ଉପାୟ ରହି ନାହିଁ । ବେଲଫୋର୍ଡ଼ ଷ୍ଟେସନରେ ଏକ ବ୍ୟକ୍ତିର ସ୍ତ୍ରୀ ବେଶ୍ୟାଇ କରିବାକୁ ରାଜି ନ ହେବାରୁ ସ୍ୱାମୀ ତାହାର କାନସହିତ ଓଷ୍ଠରୁ ଖଣ୍ଡେ ଛିଣ୍ଡାଇ ନେଇଅଛି । ଜାଣତ ରାଜା । ସମସ୍ତେ ସୂର୍ପଣଖା ହେଲେ କି ?

ଲଉଷ୍ଟିକନ ପାସ ନଗରରେ କଲେରାର ପୀଡ଼ି ଉଠିଅଛନ୍ତି ଲୋକନେ ପୀଡ଼ା ହେବାରୁ ନାକ କଷ୍ଟ ହୋଇଅଛି ।

ମୁଙ୍ଗେରରେ ଏକ ମୁସଲମାନର ଦୁଇ ସ୍ତ୍ରୀ ସପତ୍ନୀ ହୋଇ କଳହ କରୁଥିଲେ । ମୁସଲମାନ ମଧ୍ୟ ରାଗ ସମ୍ଭାଳ ନ ପାରି ଦୁଇଜଣଙ୍କୁ ଅସ୍ତ୍ରାଘାତ କରିଅଛି । ସେ ଦୁହେଁ ବର୍ତ୍ତମାନ ହାସପାତାଲରେ ଅଛନ୍ତି । ଅବସ୍ଥା ଭଲ ନୁହେ ।

ପଞ୍ଜାବଅଞ୍ଚଳରେ ମିଆଁନମୀରା ସହରରେ "ଭୁଇ" ନାମା ଏକ ମୁସଲମାନ ରମଣୀ ୧୨୫ ବର୍ଷ ବୟସରେ ନାତିର ନାତି ରଖି ପ୍ରାଣ ତ୍ୟାଗ କରିଅଛି ।

ଗତ ମଇମାସ ତା ୨୭ ରିଖ ସୋମବାର ଅପରାହ୍ଣ ସ ୧.୨୫ ଘ ସମୟରେ ଲାହୋରଠାରେ ସାମାନ୍ୟପ୍ରକାର ଭୂମିକମ୍ପ ଅନୁଭୂତ ହୋଇ ଥିବାର ସମ୍ବାଦ ମିଳଇ ।

ଷ୍ଟାବର୍ଡ଼ ଓ ଫୀଜେରୁର ସୈନ୍ୟମାନଙ୍କ ସମ୍ପର୍କେ ପାଣ୍ଡୁଲିପି ବ୍ୟବସ୍ଥାପକ ସଭାରେ ଅଗତ ହେବାର ଶୁଣା ଯାଇ ଥିଲା ମାତ୍ର ବର୍ତ୍ତମାନ ସମ୍ବାଦ ମିଳଇ ଯେ ସେ ପାଣ୍ଡୁଲିପି ଏହିକ୍ଷଣି ବ୍ୟବସ୍ଥାପକ ସଭାରେ ଅଗତ ହେବ ନାହିଁ ।—ଏହାର କାରଣ କଅଣ, ଜଣା ଯାଇ ନାହିଁ ।

ପଞ୍ଜାବର ଅନେକ ବିଦ୍ୟାଳୟରେ ଅନେକ ଲୋକ ସ୍କଲବାସ ବୃତ୍ତି ଆଶାରେ ବୟସ ଊଣାଇ ଥାଆନ୍ତି ବର୍ତ୍ତମାନ ନିୟମ ହୋଇଅଛି ଯେ, ଯେଉଁ ଛାତ୍ର ଏହିପରି ବୟସ ଊଣାଇବ ତାହାକୁ ସ୍କୁଲରୁ ଛଡ଼ି ଦିଆଯିବ । ଯେଉଁ ଶିକ୍ଷକ ଜାଣିଶୁଣି ଏହିକାର୍ଯ୍ୟରେ ସହାୟତା କରିବେ ତାହାଙ୍କର ପଦଚ୍ୟୁତ ହେବ ।

ସୀମଲା ସୈନିକର ମିଉନିସିପାଲିଟି କୋଟିଏ ନୂତନ ଟାକ୍ସ ହାରି ଅସ୍ତ ବ୍ରତିର ପନ୍ଥା କଲେ । ଆଗାମୀ ତା ୧୫ ରିଖ ଜୁନରୁ ଯେଉଁସବୁ ମାଲପତ୍ର ଏଠାର ବଜାରକୁ ଆମଦାନି ହେବ, ତାହା ଉପରେ ଶତକଡ଼ା ୫ଙ୍କାଏ ଲେଖାଏ ଚୁଙ୍ଗିମାସୁଲ ଦେବ । ଜନସପତ୍ର ମହାର୍ଘ ହେବ କଷ୍ଟ କେବଳ ଦରିଦ୍ରମାନଙ୍କର ।

ଭେଲମ୍ବୁର ସମ୍ବାଦ ପାଇ ଅଛୁ ଯେ ବୋଷ୍ଟାସର୍କିଟ ସ୍ତ୍ରୀ ପ୍ରତିଷ୍ଠାନରେ କେତେକ ଗୁଣ୍ଡ ଏ ଲୋକ ଔଷଧରେ ବିଷ ମିଶାଇ ରଜାକୁ ମାରିବାର ଚେଷ୍ଟା କରିଥିଲେ । ରଜା ଥରେ ମାତ୍ର ଔଷଧ ଖାଇ ବୁଝି ପାରିଲେ । ଦୁଇଜଣ ଧରା ପଡ଼ି ଅଛନ୍ତି ରଜା ଭଲ ଅଛନ୍ତି ।

ହୋଲକାରର ମହାରାଜା ତାଙ୍କର ଦଶମବର୍ଷୀୟା ସ୍ତ୍ରୀ ସୀତାଙ୍କ ପ୍ରତି ଦୌରାତ୍ମ୍ୟ କରିବା ବିଷୟ ତାଙ୍କର ଶ୍ୱଶୁରଙ୍କ ପ୍ରାର୍ଥନା ମତେ ସେଠାର ଡପ୍ ପ୍ରେସିଡେନ୍ସି ମାଜଷ୍ଟ୍ରେଟ ମିଃ କୁପରସାହେବଙ୍କ ନିକଟରେ ଅଗତ ହୋଇଥିଲା କିନ୍ତୁ ବିଚାରରେ ମହାରାଜା ଅବ୍ୟାହତି ଲାଭ କରିଥିଲେ । ଶ୍ୱଶୁର ମହାଶୟ ହାଇକୋର୍ଟରେ ଅପିଲ ଦାଏର କରିଅଛନ୍ତି କିନ୍ତୁ ଇତ ମଧ୍ୟରେ ମହାରାଜାଙ୍କ ସ୍ତ୍ରୀସହ କନ୍ୟା ଲସ ଗମନକାର୍ଯ୍ୟ ଶୁଣି ପଥରୁ ତାଙ୍କ କନ୍ୟାକୁ ବଳପୂର୍ବକ ଫେରାଇଦବାର ମନସ୍ଥ କରିଥିଲେ କିନ୍ତୁ ମହାରାଜା ଏତଦ୍ୱିଷୟରୁ ପୂର୍ବରୁ ଜ୍ଞାତହୋଇ ଥିବାରୁ ଶ୍ୱଶୁରଙ୍କ ମନସ୍କାମନା ପୂର୍ଣ୍ଣ ହୋଇପାରିଲା ନାହିଁ । ଅତ୍ୟନ୍ତ ଦୁଃଖର ବିଷୟ ଯେ କନ୍ୟା ସହାଂଶଜାତ ରଜା ମହାରଜାଙ୍କ ମଧ୍ୟରେ ଏପ୍ରକାର ବିବାଦ ଅବସ୍ଥାନ କରୁଅଛି ।

ଅସ୍ମାନଙ୍କ ଦେଶ ଭାରତବର୍ଷ ପ୍ରାୟ ଆୟର୍ଲଣ୍ଡରେ ମଧ୍ୟ ଜଣେ ରାଜପ୍ରତିନିଧି ବାସ କରନ୍ତି । ଭିନ୍ନ ପଦରୁ ଉଠାଇଦେବା ମର୍ମରେ ସେଠାର ଅନେକ ବଡ଼ଲୋକେ ଇଂଲଣ୍ଡୀୟ ପ୍ରଧାନ ମନ୍ତ୍ରୀଙ୍କ ନିକଟରେ ଆବେଦନ କରିଥିଲେ । ମନ୍ତ୍ରୀ କହନ୍ତି ଯେ ସେ ବିଷୟ ଗବର୍ଣ୍ଣମେଣ୍ଟଙ୍କ ବିଶେଷାଧୀନ ଅଛି ମାତ୍ର ପାର୍ଲିଆମେଣ୍ଟର ବର୍ତ୍ତମାନ ଅଧିବେଶନରେ ସେ ବିଷୟରେ କୌଣସି ପାଣ୍ଡୁଲିପି ଅଗତ କରିବା ଅସମ୍ଭବ ଅଟଇ । ବର୍ତ୍ତମାନ ଅର୍ଲ ଅଫ୍ ଜେଟ୍‌ଲଣ୍ଡ ସେଠା ପ୍ରତିନିଧି ହୋଇଅଛନ୍ତି ।

ବୋମ୍ବାଇ ସହରରେ ଗୋଟିଏ ବଡ଼ାଇପିଲାର ହଠାତ୍ ମୃତ୍ୟୁ ହେବାରୁ ମୃତ୍ୟୁର କାରଣ ତଦନ୍ତକରିବାରେ ଜଣାଗଲା ଯେ ପିଲଟି ଯେଉଁ ପାଣିରେ ଗାଧୋଇଥିଲା ସେହି ପାଣି ପିଇ ଯାଇଥିବାରୁ ତତ୍କାଳ ଝାଡ଼ା ଓ ବାନ୍ତି ହୋଇ ପିଲାର ପରମାୟୁ ଶେଷ ହୋଇଅଛି । ମଇଳାପାଣି ସର୍ବପ୍ରକାରରେ ଅସ୍ୱାସ୍ଥ୍ୟକର ।

ଲର୍ଡ଼ଡଫରିନ୍ ଇଂଲଣ୍ଡର ଏକ ଭୋଜନସଭାରେ କହିଥିଲେ ଯେ ଭାରତବାସିମାନେ ପ୍ରଭୁଭକ୍ତି କରନ୍ତି ସେମାନଙ୍କର ଭକ୍ତିଭାବପୂର୍ଣ୍ଣ ଅବେଗରୁ ନୁହେ କେବଳ ସ୍ୱାର୍ଥରୁ ଉଦୟ ହୁଏ । ବର୍ତ୍ତମାନ ଶାସନପ୍ରଣାଳୀ ଭାରତବାସିଙ୍କ ମନରେ କେତେକ ବର୍ଷ ପର୍ଯ୍ୟନ୍ତ ବର୍ତ୍ତମାନ ପରି ଚଳିବାର ସମ୍ଭବ ।

ମାନ୍ଦ୍ରାଜର ଗଭର୍ଣ୍ଣର ଗନ୍ତାମଲ୍ ଯାଉଁ ୨ ବାଟରେ ଗୋଟିଏ ଭୟାନକ ଦୁର୍ଘଟନାରୁ ଅବ୍ୟାହତ ପ୍ରାପ୍ତହୋଇଅଛନ୍ତି । ଛାଦ ନିକଟରେ ଗାଡ଼ି ଉଲଟି ପଡ଼ିଥିଲା । ସଇସ ପ୍ରାୟ ଫୁଟ ୪୦ ଅନ୍ତରରେ ପଡ଼ିଥିଲା ଶାସନକର୍ତ୍ତା କିଛି ଆଘାତପ୍ରାପ୍ତ ହୋଇଥିଲେ, କିନ୍ତୁ ଉକ୍ତ ଆଘାତ ତାଙ୍କ ଗମନ ପକ୍ଷରେ କୌଣସି ବ୍ୟାଘାତ ଜନ୍ମାଇ ନ ଥିଲା ।

## ପୁରୀ ସମ୍ବାଦ ।

ଏ ସପ୍ତାହରେ ଦୁଇ ଅସଲ ବୃଷ୍ଟି ହୋଇ ଥିବାରୁ ଲୋକେ ଆନନ୍ଦିତ ଅଛନ୍ତି ।

ଏଠାରେ ଅବସ୍ଥିତ କରୁଥିବା ଆସ୍ମାନଙ୍କର ଭୂତପୂର୍ବ ଅଫିସିଏଟିଂ ଜଜ ମହୋଦୟ କଟକ ଯାତ୍ରା କରି ଅଛନ୍ତି ।

ପାଞ୍ଜାହେରୁ ଡେପୁଟି ମାଜିଷ୍ଟ୍ରେଟ ମାନନୀୟ ବାବୁ କମଳନାଥ ଘୋଷ ଛୁଟି ନେଇ ସ୍ୱଦେଶକୁ ଗ୍ରୀଷ ଯାଇ ଅଛନ୍ତି ।

ଅଲଣ୍ଡା ନିବାସୀ ଭଗବାନ ଗୁରୁ ପ୍ରସନ୍ନର ପଇଡ଼ା ଓଗେର କେତେକ ଲୋକଙ୍କ ନାମରେ ସେଲ ଭଗବାନ ପ୍ରଭୃତି ଅଭିଯୋଗ କରିବାରୁ ହେଉ, ଥିବାରୁ ମାଜିଷ୍ଟ୍ରେଟ ମହୋଦୟ ସେମାନଙ୍କଠାରୁ ଜାମିନ ଓ ମୁଚଲିକା ନେବାର ଅଦେଶ ଦେଲେ । ଏମାନେ ଜାମିନ ଦେଇ ନ ପାରିବାରୁ ସମସ୍ତେ ହାଜତରେ ଅଛନ୍ତି ।

ଅସ୍ଚର୍ଯ୍ୟ ବିଷୟ ଏହି ଯେ ଏ ନଗରର ପୁରୁଣା ପାଠ ମାନଭୂମାନେ ଛୋଟ ୨ ବାଲକପିଲାମାନଙ୍କୁ ଧରନେଇ ଅର୍ଥ ସଡ଼କାହାନ୍ତି କି ସେମାନଙ୍କୁ ମାରୁ ନାହାନ୍ତି, ଦୁଇଏକଦିନ ପର୍ଯ୍ୟନ୍ତ ଅନାହାରରେ ରହି ମଉକରାରୁ ଫଳାଉ ଦେଉଅଛନ୍ତି । କର୍ତ୍ତୃପକ୍ଷ ଲୋପ୍ କରିବେ କି ?

ବସନ୍ତକା ରୋଗ ସହର ମଧ୍ୟରେ ଚାରି ୨ ବ୍ୟାପୁଅଛି ବାଳକମାନଙ୍କୁ ଏ ରୋଗ ସ୍ପର୍ଶ କରୁଛି ।

ବଙ୍ଗାଳ ସାତ୍ତ୍ୱିକ ବଡ଼େଶ ପରିମାଣରେ ଅଣା ଅଛନ୍ତି ବର୍ତ୍ତମାନ ପାଞ୍ଚହଜାର ହେବ ଯାତ୍ରି ଉପସ୍ଥିତ ।

ସୁଖର ବିଷୟ କାଶପୁର ନିବାସିନୀ ଏକ ବିଧବା ବ୍ରାହ୍ମଣୀ ଏ ଘୋର ଅନ୍ନକଷ୍ଟ ସମୟରେ ଦୁଇଗୋଟି ଦୃଶ୍ୟଗଣୀ ଖୋଲାଇ ୧୫୦୦ ଲୋକଙ୍କୁ ୨୦ ଦିନ ପର୍ଯ୍ୟନ୍ତ ଖାଇବାକୁ ଦେଇଅଛି । ପୁଷ୍କରସ୍ଥାର ବଡ଼ ୨ ଜମିଦାର ମାନେ ଏପରି କାର୍ଯ୍ୟ କରିବାକୁ ଲଜ୍ଜା କରନ୍ତି କି ?

## ରସୁଲକୁଣ୍ଡା ସମ୍ବାଦ ।

ମାନ୍ଦ୍ରାଜର ଗଭର୍ଣ୍ଣର ମହାମାନ୍ୟ ଲର୍ଡ଼କନମୋର ପ୍ରଭୃତି ଗତ ମାସ ଉନ୍ତ୍ରିଶ ତାରିଖ ଦିନ ସମୟରେ ରସୁଲକୁଣ୍ଡା ନଗରରେ ପ୍ରବେଶ ହେଲେ । ସହରର ଅମଲାମାନେ ଅଉ ଗୁମସର ସମସ୍ତ କମସ୍ଥାନ ଅଉ ସଦର ମଫସଲର ଭଦ୍ର ୨ ବ୍ୟକ୍ତିମାନେ ଲୋହଗଞ୍ଜି ନଦୀ ଘାଟଠାରୁ ମହା ସମାରୋହ ପୂର୍ବକ ଅଭ୍ୟର୍ଥନା କରିଥିଲେ । ଗବର୍ଣ୍ଣର ପ୍ରଭୃଙ୍କ ଶୁଭାଗମନର ଫଳ କଅଣ ଜଣାଯାଇ ନାହିଁ । ଅତଃପର ସକଳ ବିଷୟ ବହୁଲରୂପେ ଲେଖିବୁ । କୌଦର ଭୂତପୂର୍ବ ତହସିଲଦାର ଶ୍ରୀ ବାବୁ ପାନକଲ୍ଲୁ ପନ୍ତୁଲୁ ରାୟ ବାହାଦୁର ତାହାଙ୍କ ଘର ନିକଟରେ ହୋଲେଷଜାଇ ଉତ୍ସବ କରିଥିଲେ ।

ବର୍ତ୍ତମାନକୁ ଏ ଜିଲ୍ଲାରେ କିଛି ବୃଷ୍ଟି ହୋଇ ନାହିଁ । କେଉଁ ୨ ଠାରେ ବର୍ଷିଲେ ଛିଟାପାତ ମାତ୍ର. ଗତ ମାସ ତା ୨ ଦିନରେ ରସୁଲକୁଣ୍ଡା ଭିତରେ ଭଲ ବୃଷ୍ଟି ହେଲା ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହୋଦୟ ସମୀପେଷୁ ।

ମହୋଦୟ !

ଅଲସମ୍ବାଦମିଦଂ

ଅତ୍ରସ୍ଥ ମହାରାଜା ମହୋଦୟ ଲଦାଗିନ୍ଧନଗ ରସ୍ତ ଶୃଙ୍ଖଳା ଉପରେ ଦଶ ଅପରାହ୍ଣ ସମୟରେ ସ ୪ ଘ କଟକ ଦିଗ ନିଶାପ୍ରାନ୍ତରେ ହଳଘଣ୍ଟା ପର୍ଯ୍ୟନ୍ତ ସମସ୍ତ ଅନ୍ତରଙ୍ଗବ୍ରାହ୍ମଣବର୍ଗ ଓ ଅମଲା ଏବଂ କେତେକ ନିକଟସ୍ଥ ପ୍ରଧାନ ୨ ପ୍ରଜାମାନଙ୍କ ସମଭିବ୍ୟାହାରରେ ଦେବଙ୍କର ସୁଶୋଭିତ ବିଷ୍ୟୟରେ ନାନାପ୍ରକାର ସ୍ତବ ସ୍ତୁତି କରୁ ଅଛନ୍ତି ନଗର ନିକଟସ୍ଥ ଗୋପାଳଜୀଉଙ୍କ ମନ୍ଦିରସନ୍ନିକଟ ସରୋବରରେ ନୂତନ ଉଦଯୋଗ୍ୟ ଅରମ୍ଭ କରାଇଥିଲେ ଗତ ପୌର୍ଣ୍ଣମୀଠାରୁ ସପ୍ତାହ ଭାଗବତ ଓ ଯଜ୍ଞ ଅରମ୍ଭ କରାଇ ପ୍ରତ୍ୟହ ଅଗ୍ନିକୁଣ୍ଡରେ ସହସ୍ର ୨ ଆହୁତି ଓ ପାଞ୍ଚଶତ ବ୍ରାହ୍ମଣଙ୍କର ଭୋଜନ କରାଇଥିଲେ ଶେଷଦିନ ଦିବସରେ ପ୍ରାୟ ଦଶ ସହସ୍ର ଲୋକ ଆହାରରେ ସନ୍ତୋଷଲାଭ କରିଥିଲେ ଯଜ୍ଞର ପୂର୍ଣ୍ଣାହୁତି ସମୟରେ ଯଜ୍ଞସ୍ଥାନକୁ ଏକକୋଶ ବୃତ୍ତରେ ଏରୂପ ବୃଷ୍ଟି ହେଲା ଯେ ଲୋକମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଋଷିବାକ୍ୟ କୌଣସି କାଳରେ ମିଥ୍ୟା ନୁହେ ଏରୂପ କଥୋପକଥନ କରିବାକୁ ଲାଗିଲେ ରାଜାମହୋଦୟ ଏହି ସମୟରେ ଦରିଦ୍ରଦୁଃଖିମାନଙ୍କୁ ଦୁଅଣି ପଇସା ଓ ବସ୍ତ୍ର ଏବଂ କେତେକ ବସ୍ତ୍ର ୨ ବ୍ୟକ୍ତିମାନଙ୍କୁ ସ୍ୱତ ପ୍ରଦାନ କରିଥିଲେ ଏହିସପ୍ତାହକେ ପାଞ୍ଚସହସ୍ର ପର୍ଯ୍ୟନ୍ତ

Digitized by srujanika@gmail.com

ଟଙ୍କା ବ୍ୟୟ ହୋଇଥିଲା ଅତ୍ର ଏ ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ ଓଲଉଠାବେଶ କାମ କର ରହିଛି ଅତ୍ର ଅଲ୍ପକଷ୍ଟରେ ଲୋକମାନେ କୌଣସି ପ୍ରକାର ଜୀବନମାତ୍ର ରକ୍ଷା କର ଉତ୍ତେଷ ବୃଷ୍ଟିର ଅପେକ୍ଷା କରି ରହିଁ ଅଛନ୍ତି ଇତି ।

୩।୬।୮୯

ଶ୍ରୀ ଭଗୀରଥୀନନ୍ଦପଣ୍ଡିତ ଅଳ

To the Editor of the Utkal Dipika

Sir,

We sincerely thank you for your allowing a large space for relief reports of Gurjat States in your paper week after week. The famine of Baramba, from one of your correspondents, which appeared in your paper of the 1st Instant, having proved imperfect I beg to send the following few lines which may be safely depended on and I should be much obliged if you would find room for them in your columns.

The scarcity of food, which people began to feel from October last, has at last assumed the form of famine of a very bad type. Upto February last they had managed to live partly on the state help and partly on their little savings and loans from Mahajans. From March last the band of dire want fell upon every family. Most of them could hardly get a full meal subsisting chiefly on roots and fruits and they were reduced to the last stage of destitution when it was evident that death would soon end all their troubles. Unless drastic measures were taken to mitigate their distress. From the breaking out of the distress the manager has been prudently acting by opening according to the demand, the relief works at the Head quarters, only for those that are much reduced and are therefore unfit for any other hard labour. The number of men women and children now employed in the above mentioned works is 1000, one thousand. Instead of pice they get their wages in rice which is given them most judiciously and economically considering their age and number of the members of each family, in such quantity as enables each of them to have only one meal a day. The amount thus spent every day will come to Rs. 35 to 40.

With the increase of the demand for work in Mofosil Piece works,—as digging of tanks and wells, opening out of new roads, excavation of tanks— have been undertaken in different villages under contractor. Able-bodied men easily find work at such villages. Rs. 1400 has already been spent up to date on these works.

A few charitable men and women have come forward to employ men in tanks and wells which they are digging to supply drinking water, want of which is strongly felt throughout the killah. Roughly calculating, an amount of about Rs. 600 have thus been spent by them in charitable works. There are other works being carried on in Mofosil where villagers bear half the cost and the other half is borne by the state. The construction of two or three Agricultural Bands have been also undertaken by the state.

Men who are either lame, lepers deformed or reduced to skeletons have been placed under the native Doctor as 'Relief Patients.' Besides medicines they get two full meals. They are at present numbering from 70 to 75 daily, and their average daily consumption of rice &c amounting to nearly Rs. 5

There is being administered Gratuitous relief among 150 families. Besides all these, widows of higher castes whose caste prejudice and social position do not allow their going out in search of any honorable work, have been supplied with cotton. For spinning and twisting into thread a certain quantity of it they get a fixed sum as wages for their labour. This has done a world of good and middle class Jenana women.

To be brief the manager has left no stones unturned in taking suitable relief measures towards the alleviation of the distress of the poor people considering the income of the state which is so poor that it has, owing to single year's failure of the crops, been obliged to borrow Rs. 10,000 from the Government in order to carry out the several relief measures that are now in progress and that may afterwards be thought necessary to be undertaken. Being under the fostering care of the British Government not a single family of this state have left their home up to this time for want of suitable work and shelter. We have not heard of even a single person falling victim to ruthless coolie-recruitors who have already taken advantage of the prevailing distress. For all those already depicted before the people of Baramba will remain ever thankful to the manager for his sympathy in their sufferings.

BARAMBA The 9th June 1889. — I remain Sir Yours faithfully Ishan Ch. Mittra

## ମୂଲ୍ୟ ପ୍ରାପ୍ତି ।

| | | | |
|---|---|---|---|
| ପଣ୍ଡିତ କୃଷ୍ଣମଣି ଷଡ଼ଙ୍ଗୀ | ଜଗତ୍ସିଂହପୁର | ଅଗ୍ରିମ | ଟ ୩୯ |
| ଶ୍ରୀନିଧି ପଟ୍ଟନାୟକ | କଟକ | ” | ଟ ୩୯ |
| ବାବୁ ଜଗମୋହନ ଘଲ | ” | ” | ଟ ୧୯ |
| ” କୃଷ୍ଣଚନ୍ଦ୍ର ଘୋଷ | ” | ” | ଟ ୨୯ |
| ମହନ୍ତ ରଘୁନାଥ ପୁରୀ ଗୋସାଇଁ | ” | ” | ଟ ୩୯ |
| ବାବୁ ପରମାନନ୍ଦ ସାହୁ | ” | ” | ଟ ୩୯ |
| ” ଶିବେଦଚନ୍ଦ୍ର ବସୁ | କୁଆଁପାଳ | ” | ଟ ୧୯ |

## ବିଜ୍ଞାପନ ।

## କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଉପେନ୍ଦ୍ରଭଞ୍ଜକୃତ ଉତ୍କୃଷ୍ଟକାବ୍ୟ ଟୀକା ଓ ଅର୍ଥ ସହିତ ମୁଦ୍ରିତ ହୋଇ ପ୍ରିଣ୍ଟିଂକୋମ୍ପାନିଙ୍କ ଦୋକାନରେ, ଇଣ୍ଡୋମ୍ବୀଥପ୍ରେସରେ ଓ ବାବୁ ରାମପ୍ରସନ୍ନ ମୁଖର୍ଜ୍ଜିଙ୍କଠାରେ ବିକ୍ରୀ ହେଉଅଛି, ମୂଲ୍ୟ ଦୁଇଟଙ୍କା ।

## ନୂତନ ପୁସ୍ତକ ! ନୂତନ ପୁସ୍ତକ !!

### ବର୍ଣ୍ଣନିର୍ଣ୍ଣୟ ।

ଶ୍ରୀ ମଧୁସୂଦନ ମିଶ୍ରଙ୍କ କର୍ତ୍ତୃକ ସଙ୍କଳିତ ।

ଏହି ପୁସ୍ତକ ପ୍ରଥମ ଶିକ୍ଷାର୍ଥୀ ବାଳକମାନଙ୍କର ପ୍ରଥମ ପାଠ୍ୟପୁସ୍ତକ । ଏହା ପାଠ କଲେ ବାଳକମାନେ ସ୍ୱଳ୍ପାୟାସରେ ଏବଂ ଅଳ୍ପ

Split by PDF Splitter
222
Digitized by srujanika@gmail.com

ଦିବସ ମଧ୍ୟରେ ସୁନ୍ଦରରୂପେ ଉତ୍କଳବର୍ଣ୍ଣ ପରିଚୟ କରି ପାରିବେ । ଏଥିରେ ସଚିତ୍ରଫଳା ଉଦାହରଣ ସହିତ ଶବ୍ଦ ଲେଖିବାର ପ୍ରଣାଳୀ, ସପ୍ତାଙ୍ଗ, ସାମାନ୍ୟ ଲଘୁପାଠ, କୋଇଲି, ଦଶଅବତାର ଓ ବିଗତବର୍ଣ୍ଣିତ ବିଷୟ ସକଳ ବିଶଦରୂପେ ସନ୍ନିବେଶିତ ହୋଇଅଛି । ମୂଲ୍ୟ ଟ୦/ ଡାକ ମାସୁଲ ଟ ୦୬ ମାତ୍ର । ପୁସ୍ତକ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପ୍ରେସରେ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ଗାଲ- ଟେରସ୍କୁଲ ହେଡ଼ପଣ୍ଡିତଙ୍କ ନିକଟରେ ପ୍ରାପ୍ତବ୍ୟ

NOTICE.

Key to the New Royal Readers No. I is out and sold in the Printing Company's office.

Price annas three only.

ନୂତନ ରୟାଲରିଡର ନ ୧ ମ୍ବରର ମାନେବହି ଛପାହୋଇ ପ୍ରିଣ୍ଟିଂକମ୍ପାନୀଙ୍କ ଅଫିସରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ମୂଲ୍ୟ ତିନିଅଣା ମାତ୍ର ।

GOWREE SUNKER ROY.
Secretary.

# ପଦ୍ମମାଳୀ ।

ଓଡ଼ିଶା ଗଡ଼ଜାତମହାଲର ଏକ ଐତିହାସିକ ଉପନ୍ୟାସ—ଶ୍ରୀଉମେଶଚନ୍ଦ୍ର ସରକାରଙ୍କଦ୍ୱାରା ବିରଚିତ, କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଦୋକାନରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ୫ ୦ ୳

# ବିଜ୍ଞାପନ ।

ପ୍ରମେହାନ୍ତକ ବଟୀଚୂର୍ଣ୍ଣ ।

ଏହି ଔଷଧ ସେବନରେ ସକଳ ପ୍ରକାର ମେହ ରୋଗ ଏକ ସପ୍ତାହ ମଧ୍ୟରେ ଏକାବେଳକେ ଆରୋଗ୍ୟ ହୁଅଇ । ପ୍ରସ୍ରାବ କଲାବେଳେ ଯନ୍ତ୍ରଣା ଧାତୁ ପଡ଼ିବା ରକ୍ତ ପ୍ରସ୍ରାବ ଝଡ଼ିଜଳ ପରି ପ୍ରସ୍ରାବ, ଟୋପା ଟୋପା ପ୍ରସ୍ରାବ ପ୍ରସ୍ରାବ ଦ୍ୱାର ଫୁଲିବା ଓ କୁଣ୍ଡଳାଦ ଏକାବେଳକେ ଆରୋଗ୍ୟ ହୁଅଇ ।

ଏକଶିଶିର ମୂଲ୍ୟ ଟ ୧ ପ୍ୟାକିଂ ଟ ୦ ୵
ଡାକମାସୁଲ ଟ ୦ ।

ଲୋମନାଶକ ଚୂର୍ଣ୍ଣ ।

ଏହି ଚୂର୍ଣ୍ଣକୁ କୌଣସି ଲୋମଯୁକ୍ତ ସ୍ଥାନରେ ଲଗାଇ ଦେଲ ମାତ୍ରକେ ତତ୍କ୍ଷଣାତ ବିନା ଯନ୍ତ୍ରଣାରେ ଲୋମମାନ ସେ ସ୍ଥାନରୁ ଉଠିଯିବ । ଏହି ଚୂର୍ଣ୍ଣଦ୍ୱାରା ଦାଢ଼ି କାଟ, ବେଳ ପ୍ରଭୃତି ସ୍ଥାନରୁ ଲୋମ ଉଠାଇଦେବା ଅତି ସହଜଅଟେ । ଏକଶିଶିର ମୂଲ୍ୟ ଟ ୦ ୳ ପ୍ୟାକିଂ ଟ ୦/
ଡାକମାସୁଲ ଟ ୦ ।

ଏହା ଛଡ଼ା ସକଳ ପ୍ରକାର ରୋଗର ଔଷଧ ଅଛି । ବିଦେଶରୁ ରୋଗର ଅବସ୍ଥା ସମସ୍ତ ଲେଖି ପଠାଇଲେ ତତ୍ ଉପଯୋଗୀ ବ୍ୟବସ୍ଥା ଦିଆଯାଏ ।

କବିରାଜ ଶ୍ରୀ ଅଧରନାଥ ଶର୍ମ୍ମା ।
ନ ୨୮ ମ୍ବର ହରଘୋଷର ଷ୍ଟ୍ରିଟ, ସିମୂଲିଆ
କଲିକତା ।

ଶ୍ରୀମନ୍ ମହର୍ଷି ବେଦବ୍ୟାସଙ୍କ ଶ୍ରୀମଦ୍ଭଗବତ ପ୍ରଥମସ୍କନ୍ଧ ଶ୍ରୀ ଶ୍ରୀଧର ସ୍ୱାମିଙ୍କ ଟୀକା ଏବଂ ଭାଷା ଅନୁବାଦ ସହିତ ମହାମହିମ ଶ୍ରୀ ଶ୍ରୀ ତାଳଚେରାଧିପତିଙ୍କଦ୍ୱାରା ବିନାମୂଲ୍ୟରେ ବିତରିତ ହେବା କାରଣ ପ୍ରକାଶିତ ହୋଇଅଛି ଏବଂ ଗ୍ରନ୍ଥାମହୋଦୟଙ୍କ ଆଦେଶାନୁସାରେ ବିତରଣର ଭାର ଆମ୍ଭପ୍ରତି ଅର୍ପିତ ହୋଇଥିବାରୁ ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଯାହାଙ୍କର ଏ ପୁସ୍ତକ ପ୍ରୟୋଜନ ହେବ ଆମ୍ଭ ନିକଟକୁ ପତ୍ର ଲେଖିଲେ ପାଇପାରିବେ । ଡାକରେ ପୁସ୍ତକ ନେବାର ପ୍ରୟୋଜନ ହେଲେ ଡାକମାସୁଲ ନିମିତ୍ତ ଟ୦ ୵୬ ର ଷ୍ଟାମ୍ପ ପଠାଇବାକୁ ହେବ ।

ପ୍ରକାଶଥାଉକି ଯେଉଁମାନେ ସଂସ୍କୃତ ପଢି ବୁଝିପାରିବେ କେବଳ ସେହିମାନେ ପାଇବାର ଯୋଗ୍ୟ ଅଟନ୍ତି ।

କଟକ
ତା ୪ ଋଖ ଅପ୍ରେଲ
ସନ ୧୮୮୯ ସାଲ

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ ପ୍ରିଣ୍ଟିଂ
କମ୍ପାନୀ

ପ୍ରାକୃତିକଭୂଗୋଲ ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ଜନ୍ମସ୍ଥାନ୍ଧିରଙ୍କାରଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତି
ଡାକ୍ତର, ବାଲୁବଜାର କଟକ

ବିଶେଷ ସୂଚନା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରି ଓ କବିରାଜି ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନସିଲ, ଚିଠିକାଗଜ ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା, ବଲ-ଗାଡ଼, କାମିଜ, କୋଟ, ଦେଶୀ ଓ ବିଲାତିଯୋଡା, ନାନାପ୍ରକାରଲୁଗା, ଖେଳବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କିଛି ଅଧିକ ପରିଶ୍ରମ ନିମନ୍ତେ ଶତକରା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବୟସ ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦ ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦ ମଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କେବେ ଏତିକି ମାତ୍ର କହୁଅଛୁଁ କି ଆମ୍ଭନିକଟରୁ ଦ୍ରବ୍ୟାଦ କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ସମ୍ବାଦ ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଶ୍ରୀଲଳିତମୋହନ ଚକ୍ରବର୍ତ୍ତୀ
ବିବିଧଦ୍ରବ୍ୟ ଓ ଔଷଧାଳୟ } ଡାକ୍ତର, ବାଲୁବଜାରକଟକ

Split by PDF Splitter
Digitized by srujanika@gmail.com

Split by PDF Splitter



# ମେହରୋଗ ।

ଅ୨୪ ଘଣ୍ଟା ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚିତ ଯେ ଶୀଘ୍ର ଚିକିତ୍ସା କରନ୍ତୁ ନଚେତ୍ ସାମାନ୍ୟ ଅର୍ଥବ୍ୟୟ ଯୋଗୁଁ ସହଜରେ ଜୀବନର ମାୟା ପରିତ୍ୟାଗ କରିବାକୁ ହେବ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବନ କଲେ ନୂତନ ରୋଗ ଏବଂ ତିନ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ କିମ୍ବା ହୋଇଥିଲେ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଔଷଧର ଗୁଣ ବର୍ଣ୍ଣନାରେ ପରଣତ ନ ହେଲେ ଅଧିକ କିଛି ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପରସର୍କୁଲାର ରୋଡ ନଂ ୨ ଭବନରେ ଏ, କେ, ଘୋଷ କମ୍ପାନିଙ୍କଠାରେ ଏବଂ କଟକ ଚୌଧୁରୀବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ୨ ଙ୍କା । ମୁଣ୍ଡଳା ଓ ଡାକଖର୍ଚ୍ଚା ପୃଥକ୍ ।

---

ଚମତ୍କାର ମହୌଷଧି

ମଦର୍ସ ସିଗଲ ସିରପ ଓ ଇହିଁର ପିଲ୍ ଏ ଔଷଧ ବାଇ ଓ ପେଟରୋଗ ଓ ଜ୍ୱର ଆଦି ଅନେକ ବେମାରରେ ଉପକାରୀ । ଡାକ୍ତର ସ୍ମିଥ ଷ୍ଟ୍ରେଞ୍ଜ କୋମ୍ପାନିଙ୍କ ଉଇୟ ଅମୃତ ଚୌଧୁରୀବଜାର ଦୋକାନରେ ବିକ୍ରୟାର୍ଥେ ମହଜୁଦ ଅଛି ଗ୍ରାହକବର୍ଗ ଆବଶ୍ୟକମତେ ଲଇବା ଜଲେ ପାଇ ପାରିବେ ।

ମଦର୍ସସିଗଲସିରପ ପ୍ରି ୧ ୬ ଟ ୧୷୶
ପିଲ ଦା ୧ ୬ ଟ ୧୯
୧୯୮୭୮୯ ଶ୍ରୀ ଅଭୟଚରଣଦାସ
କୋମ୍ପାନି

---

# କାଲିକାଗଜ ।

ଉପଲକ୍ଷିତ ଶସ୍ତା ଦରରେ ସବୁ କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ କଥା ନିକଟେ ବାବୁ ସର୍ବେଶ୍ୱର ଦାସ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୨ ପଇଁ କାଗଜ | ପ ୧୬ ଟ ୧୷୶ | | ଷ ୧୬ ଟ ୦ ୶୭ | |
| ୧୦ ପଇଁ ,, | ,, | ଟ ୨୭ | ,, | ଟ ୦ ୶୩ |
| ୧୨ ପଇଁ ,, | ,, | ଟ ୨୧ | ,, | ଟ ୦ ୶ |
| ୨୨ ପଇଁ ଡବଲଫୁଲସ୍କେପ୍ ,, | | ଟ ୩୧ | ,, | ଟ ୦ ୶୭ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର "କଥା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଉଦରହୋଣା ଓ କଲମ ଓ ରେଶମୀଓରେଇ ଲୁଗା ଓ ପ୍ଲେସନଗ ଓ କାନ୍ଥ ଲଗା ଭମାଖୁ ସଉଦାଗର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଆବଶ୍ୟକ ଅନେକ ଜିନିଷ ଉତ୍ତମ ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଲେଶ୍ୱର ଖଦି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କ ନିକଟକୁ ପଠାଯିବ । ଖଦ ଉକ୍ତ ଖଦିମାନ ବିକ୍ରୟ ହେବା ପୂର୍ବ ଆପଣା ମଫସଲ ସକାଶେ ଖଦି ଅଗ୍ରିମ ନେବେ ଏବଂ ପ୍ରତିକୁ ଟଙ୍କା ଟ୦୶୭ ହିସାବରେ ଖଦି ଦେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖରିଦଦାର ଲୋକ ଙ୍କ ଉପରେ ଥିବ । ଖଦି ଦେଲେ ଖଦିର ପଣ୍ଡ ମୂଲ୍ୟ ତାଙ୍କ ଦେବାକୁ ହେବ ।

ଜିନିଷ ।

| | |
|---|---|
| କଲମ ଶେଣ୍ଠ ଚଟିରେ ଘର ଦେଲେ ଠେଲି । | କର୍ପୁର ଅର୍କ । |
| କପେଜଣାଳ | କୋଇଳେଷାରନ୍ । |
| ଲଭେଣ୍ଡର୍ ତେଲ ଚଦକା ଲୋକ ଖାଦ୍ୟ ଓ ଲୋକ ଖଡ଼ିତ । | କାଚ ରିଫ୍ଲେକ୍ଟର ଓ କଡ ଲଣ୍ଠନ ଓ ଗ୍ଲାସ ଘଣ୍ଟି |
| ଦୁଇ ଅର୍ଥାତ୍ ଦବୋ ଲାଗିବା ଆଉ ସେଣ୍ଟ ତିଲ ଓ କଲମ । | ଇଙ୍ଗ୍ଲିସ ବୁରୁଷସାବୁନ ଏବଂ ଦାନ୍ତ ବ୍ରସ |
| ସେଣ୍ଟହିଲ କାଞ୍ଚ ଘଡ଼ି । | ନେଲକଟ କଟୋରି ଓ ହୋମିଓପାଥି ଔଷଧ |
| ବାହା ଶୁକାଉଣ ଓଡ଼ିକାଗଜ ଓ ଲଫାପା ବିଲାତି ବହି | ଏ, ଲୋଜେନ ଗ୍ଲାସବେଡ କାଳିର ଓ ଦ୍ୱୟିକା । |
| ଟେବୁଲ ଘଣ୍ଟା । | ତସ୍ୱୀର ଷକଲେଟ ଏବଂ ବାଉଁଶ । |
| ଦସ୍ତା ଗାରୁଡ଼ । | ଅଷ୍ଟମେଟିକ ପେନ୍ସିଲ ଅର୍ଥାତ୍ ଏ ପେନ୍ସିଲରେ ଲେଡ ଭରିବା ସେଥି ସହ ଲଗାଇ ଲେଖି ପେନ୍ସିଲ ରେଶା ଓ ପରେ ଟେଲ ଚଲାଇ ବେଲୋଟିଙ୍ଗ ର ଖଣ୍ଡ ଗ୍ର |
| ସାବୋନ ସାବାନ ଅର୍ଥାତ୍ କେ ଲୁଗା ସଫାକାର ଦ୍ରବ୍ୟ । | |
| ଅଫୋଲ ଗ୍ରେଡ—ଅର୍ଥାତ୍ ଧୂଳକୀ ଚୁଲି । | |
| ଶଙ୍କର ବୁଶ । | |
| ଓଁଆଳିସ ସୁଦ ଛତା । | |
| ପୋର୍ଟମେଣ୍ଟ ଓ ପିତ୍ତଳର କେଶର ନେଜ ଓ ତାଉ ତଳେ ଘରେ | ନଖେ ଓ ଗାଇବରଦୌଡ ଖେଳ |
| ଚୁଗାଳ କାଚ ଅର୍ଥାତ୍ ଲେଡିବାଲେଇ ଆଦି ଓ ଘୁଣ୍ଟିରେ ବନ୍ଧା ହେବ । | ବର୍ତ୍ତିବନ୍ଦ ଚେଇନ ଏବଂ ଜାପାନର ଛାଡ଼ ମଣ୍ଡାମା |
| ଅଇନା ଚଲ୍ଲା ୧୨ × ୧୦ ଇଞ୍ଚ ୧୫ × ୧୨ ଇଞ୍ଚ ୧୭ × ୧୪ ,, | ରେଳ ଟ୍ରେନ ଫୋନଟିକ୍ କହାଉଥିବା ଖେଳି ଓ ଘୋଡ଼ା ଓ ବନ୍ଧୁ |
| ମୋଜା ଓ ମୋଜାଡତ ଉତ୍ତମ ଧୁଆ କଟସରାଟ | ମରବ୍ବାଭାଷା ଓ ଶିଙ୍ଗ ଘାଇ ଖାଇଘୋଡ ଓ ଶାଢ଼ୀ । |
| ବଲଫୁଲଷ୍ଟାଟ କଲା ଓ ସ୍ୱଚ୍ଛ । | ଟିଙ୍ଗ ତାର |
| ଡେମେଷ୍ଟ୍ରେସନ । | ପିଲମୋନ ଅର୍ଥାତ୍ ରଙ୍ଗ ଷଟ ଲଗାଉ ଅକର ଚସ୍ପର ବହିକା କମରେ ବନ୍ଧାର । |

# ପିଚଛାଚ ।

ଏ ଛାଉଣୀ କେଉଁଣସି ଆଗରେ ଉପଯୁକ୍ତ ଜଣେ ଉତ୍ତମ ଲୋକ ଟୋଲାଇବାର ପାଇଁ ଦେଲେ ପାଣିଗଲା ବନ୍ଦ ହେବ, ଘରର ମଧ୍ୟଭାଗରେ ଲେପିଦେଲେ ମଜବୁତ ଓ ଭଲ ଧଳଦ ନାହିଁ ।

ବଗିଚ ଚମଡ଼ା ଓଁ ସାଇରେ ଲଗାଇବାର କାଳ ମଧ୍ୟରୁ ଅଛି ।

ଅଭୟଚରଣ କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ—

| | |
|---|---|
| ଧାଡ଼ିପ୍ରତି | ଟ ୦୶ |
| ଅଧସ୍ତମ୍ଭରୁ | ଟ ୩ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୬ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାହାର ଖର୍ଚ୍ଚା ଟ ୦୷ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ଚୌଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

...'KRED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୭ ଶ | ସଂ ୨୫ ସଂଖ୍ୟା
ତା ୨୨ ଜୁନ ମାହେ ଜୁନ ସନ ୧୮୯୫ ଇଂରେଜୀ । ମୁ। ଅଷାଢ଼ ବ ୧୦ ଜ ସନ ୧୩୦୨ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୩୲

ରୋଗଗ୍ରସ୍ତ ଅନ୍ନକଷ୍ଟ ପୀଡ଼ିତ ବ୍ୟକ୍ତିଙ୍କର ମୂଲଯୋଗାଇବାଦ୍ୱାରା ସାହାଯ୍ୟ କରିବା କାରଣ ବାଲେଶ୍ୱର ଡିଷ୍ଟ୍ରିକ୍ଟବୋର୍ଡ଼ ରୋଡ଼ସେସ ଫଣ୍ଡରୁ ଟ ୨୦୦୦୲ ଙ୍କା ମାଜିଷ୍ଟ୍ରେଟସାହେବଙ୍କୁ ଦେଇଅଛନ୍ତି । ଏପ୍ରକାର ସାହାଯ୍ୟର ବନ୍ଦୋବସ୍ତ କରିବା ସ୍ଥାନୀୟ ବୋର୍ଡ଼ଙ୍କର ଗୋଟିଏ ପ୍ରଧାନ କାର୍ଯ୍ୟ ଅଟଇ । ମାଜିଷ୍ଟ୍ରେଟଙ୍କୁ ଟଙ୍କା ଦେବାଦ୍ୱାରା ଆଇନ ଓ ଅନୁଶାସନ ପ୍ରଣାଳୀର ଉଦ୍ଦେଶ୍ୟ ଠିକ୍ ରକ୍ଷା ହେଲା ନାହିଁ ।

---

ଆମ୍ଭମାନଙ୍କର କମିଶନରସାହେବ ପୁରୀରୁ ପ୍ରତ୍ୟାଗମନ କରି ଗତ ରବିବାର ଦିନରେ ଏଠାରେ ପହୁଞ୍ଚିଅଛନ୍ତି । ଏଥର ପୁରୀ ଗସ୍ତ ତୁଇମାସରୁ ଊର୍ଦ୍ଧ୍ୱ ହୋଇଅଛି ସାହେବଙ୍କର ସ୍ୱାସ୍ଥ୍ୟ ପକ୍ଷରେ ଭଲ ହୋଇଥିଲା କିନ୍ତୁ କଚେରି କର୍ମଚାରୀମାନଙ୍କ କଷ୍ଟର ସୀମା ନ ଥିଲା ସେମାନଙ୍କ ତୁଇ ମାସ ଅବସ୍ଥିତି ସମୟ ମଧ୍ୟରୁ କେବଳ ତଣ୍ଡିକ ଅବସ୍ଥାନର ଗସ୍ତ ଖର୍ଚ୍ଚ ମିଳିବ । ଅତି ଅଳ୍ପ ବେତନ ଭୋଗୀ କର୍ମଚାରୀମାନଙ୍କ ନିମନ୍ତେ ବିଶେଷ ନିୟମ ହେବା ଉଚିତ ।

---

ଖଡ଼୍ଗପ୍ରାନ୍ତର ଦୁର୍ଭିକ୍ଷପ୍ରତି ଏବେ ବେଲେ ସୁପ୍ରିଣ୍ଟେଣ୍ଡ ସାହେବଙ୍କର ଦୃଷ୍ଟି ପଡ଼ିଲା ସାନ୍ତ୍ୱନାର ବିଷୟ ଅଟଇ । ସାହାଯ୍ୟ ଦେବା କାରଣ ସାହେବ ଗବର୍ଣ୍ଣମେଣ୍ଟରୁ ଅନୁମତି ଓ ଟଙ୍କା ମଞ୍ଜୁରୀ ଅଣାଇ ଉପାଦାନ ଓ ଅନ୍ୟ ସାହାଯ୍ୟର ବନ୍ଦୋବସ୍ତ କରୁଅଛନ୍ତି ଓ ମଧ୍ୟ ବାବୁ ନନ୍ଦକିଶୋର ଦାସଙ୍କୁ କାନମାନଙ୍କୁ ଶୀଘ୍ର ଯିବାର ଆଦେଶ ଦେଇଅଛନ୍ତି । ମାତ୍ର କି କି ସାହାଯ୍ୟ ଦିଆଯିବ ପ୍ରତ୍ୟକ୍ଷ ନ ଦେଖିଲେ କିଛି କହି ନ ପାରୁଁ ଆଜି ତାହାଙ୍କ ତ୍ରୁଟିରୁ ଏପର୍ଯ୍ୟନ୍ତ ଯେତେ ଲୋକ ମରି ପଡ଼ିଲେ ତହିଁର ଦାୟୀ କିଏ ?

—○✻○—

ଶ୍ରୀମତୀ ମହାରାଣୀଙ୍କ ବଡ଼ନାତି ଅର୍ଥାତ୍ ଯୁବରାଜ ପ୍ରିନ୍ସ ଅଫ୍‌ୱେଲ୍‌ସଙ୍କ ଜ୍ୟେଷ୍ଠପୁତ୍ର କୁମାର ଆଲବର୍ଟଭିକ୍ଟର ଆଗାମି ଶୀତକାଳରେ ଭାରତବର୍ଷ ଭ୍ରମଣ କାରଣ ଶୁଭାଗମନ କରିବେ ବୋଲି ଏକପ୍ରକାର ସ୍ଥିର ହୋଇଅଛି । କଥିତ ହୁଅଇ ଯେ କୌଣସି ସରକାରୀ ସମାରୋହ ହେବ ନାହିଁ ବା ଭେଟ ଇତ୍ୟାଦି ଦିଆଯାଇ ହେବ ନାହିଁ । କେବଳ ବେସରକାରୀ ଲୋକ ପରି ଏ ଦେଶରେ ବୁଲି ଦେଖିଯିବେ । ଈଶ୍ୱରଙ୍କର ଇଚ୍ଛାରେ କୁମାରଙ୍କର ଏ ସଙ୍କଳ୍ପ ପୂର୍ଣ୍ଣ ହେଉ ଯେ ଆମ୍ଭେମାନେ ତାହାଙ୍କ ଦର୍ଶନ ଲାଭକରି କୃତାର୍ଥ ହେବୁଁ ଏବଂ ତାହାଙ୍କର ଯଥୋଚିତ ଅଭ୍ୟର୍ଥନା କରିବାଦ୍ୱାରା ରାଜଭକ୍ତି ଦେଖାଇବାକୁ ସମର୍ଥ ହେବୁଁ ।

---

ମାନ୍ଦ୍ରାଜ ଗବର୍ଣ୍ଣରଙ୍କର ଗଞ୍ଜାମ ଗସ୍ତ ଶେଷ ହୋଇଅଛି । ଗତମାସ ତା ୧୬ ରିଖରେ ମହୋଦୟ ବାରବାଟୀରୁ ମାନ୍ଦ୍ରାଜକୁ ଫେରି ଗମନ କଲେ । ସେ ଅଧିକାଂଶ ଅନ୍ନକଷ୍ଟ ପ୍ରପୀଡ଼ିତ ସ୍ଥାନମାନ ଦର୍ଶନ କରି ଦୁଃଖୀ ସ୍ତ୍ରୀ ଓ ପିଲାମାନଙ୍କୁ ଅନ୍ନ ଓ ପଇସା ବାଣ୍ଟିବାର ବ୍ୟବସ୍ଥା କରି ଯାଇଅଛନ୍ତି । ଅଦ୍ୟାପି ମୌସୁମୀ-ବୃଷ୍ଟି ସେ ଅଞ୍ଚଳରେ ହୋଇ ନାହିଁ । ପ୍ରଜାମାନଙ୍କର ପ୍ରୟୋଜନମତେ ବିହନ ଧାନ ବାଣ୍ଟିବା କାର୍ଯ୍ୟ କଲେକ୍ଟର ସାହେବ ଶୀଘ୍ର ଆରମ୍ଭ କରିବେ । ଶ୍ରୀମତୀ ମହାରାଣୀ ଗଞ୍ଜାମର ଦୁଃଖ କଥା ଶୁଣି ଅତ୍ୟନ୍ତ ବ୍ୟଥିତ ଥିବା ଏବଂ ତାହା ନିବାରଣର ଯେ ସମସ୍ତ ଚେଷ୍ଟା କରାଯାଉଅଛି ତହିଁରେ ସମ୍ମତ ଥିବାର ଭାରତୀୟ ଯୋଗେ ମାନ୍ଦ୍ରାଜର ଲାଟସାହେବଙ୍କୁ ଜଣାଇ ଅଛନ୍ତି ।

---

ଏ ନଗରର ନୂତନ ଇଂରାଜୀସ୍କୁଲର ଅଧ୍ୟକ୍ଷମାନେ ଆଗାମୀବର୍ଷର ପ୍ରବେଶିକା ପରୀକ୍ଷାରେ ଭଲ ଫଳ ଦେଖାଇବା ଉଦ୍ଦେଶ୍ୟରେ ଓଡ଼ିଆସ୍କୁଲ ତୁଇ ଜଣ ଛାତ୍ରଙ୍କୁ ଜଣକୁ ମାସକୁ ଟ ୨ ଙ୍କା ଲେଖାଏଁ ବୃତ୍ତି ଦେବାର ଏବଂ ସାମ୍ୟବାଦୀସ୍କୁଲ ଇନ୍‌ସ୍କୁଲର ଯେଉଁ ପାଞ୍ଚଜଣ ଛାତ୍ର ଆଗାମୀ ପରୀକ୍ଷାରେ ପ୍ରଥମଶ୍ରେଣୀରେ ପାସ କରିବେ ସେମାନଙ୍କୁ ଟ ୧୦୦ ଙ୍କା ମୂଲ୍ୟର ଘଣ୍ଟା ଗୋଟି ଉପହାର ଦେବାର ଘୋଷଣା କରିଅଛନ୍ତି । ଆମ୍ଭେମାନେ ଆଶା କରୁଁ ଯେ ଛାତ୍ରମାନେ ଏଥିରେ ଉତ୍ସାହିତ ହୋଇ ବିଶେଷ ଯତ୍ନ ଓ ପରିଶ୍ରମ ସହିତ ଶିକ୍ଷା କରିବେ କିନ୍ତୁ ପଦୋନ୍ନତିରେ ବୃତ୍ତି ବା ନଗଦଟଙ୍କା ଦେବାର

Digitized by srujanika@gmail.com

Split by PDF Splitter

226



ପ୍ରସ୍ତାବ ହୋଇଥିଲେ ଅଧିକ ଭଲ ହୋଇଥାନ୍ତା । କାରଣ ପଦକ ଝୁଲାଇ ବୁଲିବାର କାହାରିକୁ ଦେଖାଯାଏ ନାହିଁ ଓ ଆବଶ୍ୟକ ହେଲେ ବିକ୍ରୟ କଲେ କଷ୍ଟ ହେବ । ପଦକଠାରୁ ନଗଦ ବା ବୃତ୍ତି ଦେବାର ଭଲ ।

---

ପୁରୀ ମିଉନିସିପାଲିଟିର ଆପଣା ଚେୟରମାନ ମନୋନୟନ ପୂର୍ବକ ନିଯୁକ୍ତ କରିବାର ଯେଉଁ ଅଧିକାର ଅଛି ତାହା କାଢ଼ିନେବା କାରଣ ସେଠା ମାଜିଷ୍ଟ୍ରେଟ ଏଲନସାହେବ ଗବର୍ଣ୍ଣମେଣ୍ଟରେ ରିପୋର୍ଟ କରିଅଛନ୍ତି ବୋଲି ଏଠାରେ ଜନରବ ଉଠିଅଛି । ଏଲନସାହେବ ପୁରୀକୁ ଆସିବାଦିନୁ ସେଠା ମିଉନିସିପାଲିଟିର କେତେକ କାର୍ଯ୍ୟ ଯେପ୍ରକାର ସାଧାରଣମତ ବିରୁଦ୍ଧ ଓ ଅନର୍ଥକ ବିରକ୍ତିଜନକ ହୋଇଅଛି ସେ ସବୁ ବିବେଚନା କଲେ ଏ ଜନରବ ଅମୂଳକ ବୋଧ ହେଉ ନାହିଁ । ମାତ୍ର ପକ୍ଷାନ୍ତରେ କଥିତ ହୁଅଇ ଯେ ସାହେବଙ୍କ ଇଚ୍ଛାନୁସାରେ ଅଥବା ତାହାଙ୍କୁ ତୁଷ୍ଟ କରିବାପାଇଁ ନାନାପ୍ରକାର କାର୍ଯ୍ୟମାନ ହୋଇଥିଲେ । ଯାହାହେଉ କେତେଟା ଅନ୍ୟାୟକାର୍ଯ୍ୟ ହେଲା ବୋଲି ଯେ କମିଶ୍ନରମାନେ ଏକାବେଳକେ ସ୍ୱାଧୀନ ଅଧିକାରରେ ଅଯୋଗ୍ୟ ହେବେ ଏବଂ ଏଣିକି ଭଲ ହେବେ ନାହିଁ ଏପରି ବିଶ୍ୱାସ କରିବା ଅସଙ୍ଗତ ଅଟଇ । ଆମ୍ଭେମାନେ ମାନ୍ୟବର ଲେପ୍ଟେନାଣ୍ଟଙ୍କୁ ସବିନୟରେ ପ୍ରାର୍ଥନା କରୁଅଛୁଁ କି କେବଳ ଏଲନସାହେବଙ୍କ ରିପୋର୍ଟ ଉପରେ ନିର୍ଭର ନ କରି କମିଶ୍ନରମାନଙ୍କର ଉତ୍ତର ନେଇ ଦୁଇପକ୍ଷ ବିବେଚନାପୂର୍ବକ ଉଚିତ ଆଦେଶ ପ୍ରଦାନ କରିବେ ।

---

ଆମ୍ଭମାନଙ୍କର ନୂତନ ଏକ୍ଟିଂ କଲେକ୍ଟର ମାଗ୍ରେଥସାହେବ ଏ ସପ୍ତାହରେ ଏଠାରେ ପହଞ୍ଚିବେ ବୋଲି ଏଥିମଧ୍ୟରେ ସମ୍ବାଦପତ୍ର ଯୋଗେ ତାହାଙ୍କର ଗୁଣସମ୍ପତ୍ତି ଯଥେଷ୍ଟ ପ୍ରକାଶ ହେଲାଣି । ଗତ ବଙ୍ଗବାସୀ ଓ ଢାକାଗେଜେଟରୁ ଅବଗତ ହେଲୁଁ ଯେ ସେ ଚଟ୍ଟଗ୍ରାମରେ ବେଆଇନୀ କାର୍ଯ୍ୟ କରିବାରୁ ୨୪ ପରଗଣାକୁ ଆସିଲେ । ଲେପ୍ଟେନାଣ୍ଟଙ୍କ ଆଖି ଉପରେହିଁ ସ୍ୱୟଂ ତାହାଙ୍କର ମେଜାଜ ଫେରିଲା ନାହିଁ । ତହୁଁ ବଦଳି ହୋଇ ମଇମନସିଂହର ଏକ୍ଟିଂ ମାଜିଷ୍ଟ୍ରେଟ ହୋଇଥିଲେ । ସେଠାରେ ଜଣେ ଅସାମି ଏକ ଡେପୁଟି ମାଜିଷ୍ଟ୍ରେଟଙ୍କ ଉପରି ବରୁଦ୍ଧରେ ଅପିଲ କରିବାରୁ ଜଜସାହେବ ତାହାଙ୍କୁ ଜାମିନରେ ଖଲାସ ହେବାର ଆଦେଶ ଦେଲେ । ମାତ୍ର ମାଗ୍ରେଥସାହେବ ତାହା ନ ମାନି ଜଜସାହେବଙ୍କ କ୍ଷମତା ନ ଥିବାର ପ୍ରତିବାଦ କରି ଲେଖିବାରୁ ଜଜସାହେବ ତାହାଙ୍କୁ ଲେଖିଲେ କି ଜଜଙ୍କ କ୍ଷମତା ବୁଝିବା ତାହାଙ୍କର କାର୍ଯ୍ୟ ନୁହଇ କେବଳ ଆଜ୍ଞା ପାଳିବା ତାହାଙ୍କର କର୍ତ୍ତବ୍ୟ ହେଉଅଛି । ଏଥିଉତ୍ତାରୁ ବୋଧ ହୁଅଇ ତାହାଙ୍କର ଚୈତନ୍ୟ ହେଲା । ଉକ୍ତ ଜିଲ୍ଲାରେ ଜଣେ ଦେଶୀୟ ସିଭିଲିୟାନ ଅଛନ୍ତି ତାହାଙ୍କ ନାମ ପୂର୍ବରେ 'ମିଷ୍ଟର' ଶବ୍ଦ ଯୋଗ ହେବାର ଦେଖି ଓ ଉକ୍ତ ସମ୍ମାନସୂଚକ ଶବ୍ଦ କେବଳ ସାହେବଙ୍କର ଏକଚାଟିଆ ଓ ଇଣ୍ଡିରେ କଳାଲୋକଙ୍କର ଅଧିକାର ନ ଥିବାର ବିବେଚନା କରି ତାହାଙ୍କୁ କୈଫିୟତ ତଲବ କଲେ କି ତାହାଙ୍କ ନାମ ପୂର୍ବରେ 'ବାବୁ' ବଦଳରେ ମିଷ୍ଟର ଶବ୍ଦ କାହିଁକି ଯୋଗ ହେବ । କଳାହାକିମ ସାଧାରଣ ଲୋକ ସେ ଉତ୍ତରକଲେ କି ଗବର୍ଣ୍ଣମେଣ୍ଟ ଗେଜେଟରେ ସେପରି ହୋଇଅଛି ନଭୁବା ତାହାଙ୍କୁ ବାବୁ ଅଥବା ମିଷ୍ଟର ଯେପରି ଲେଖ ଇଚ୍ଛାରେ ତାହାଙ୍କର ଆସ୍ଥା ନାହିଁ । ସାହେବ ଏ ଉତ୍ତରରେ ସନ୍ତୁଷ୍ଟ ନ ହୋଇ କମିଶ୍ନରସାହେବଙ୍କ ନିକଟରୁ ରିପୋର୍ଟ କଲେ ଏବଂ ସେଠାରୁ ଖାଲାସ ହେବାର ହୁକୁମ ପାଇବାକୁ ସ୍ଥିର କଲେ । ଏପରି ହାକିମ ଏଠାରୁ ଆସି ଅସୂ ହୋଇ ରହିବେ କି ?

---

ମାନ୍ଦ୍ରାଜ ଗବର୍ଣ୍ଣରଙ୍କ ଉତ୍କଳଭୂମି ଭ୍ରମଣ

ଆମ୍ଭମାନଙ୍କର ଜଣେ ବନ୍ଧୁ ଉତ୍କଳଭୂମିଠାରୁ ଲେଖି ପଠାଇଅଛନ୍ତି କି ମାନ୍ଦ୍ରାଜର ଗବର୍ଣ୍ଣର ମହାମାନ୍ୟ ଲର୍ଡ କୋନାମେରା ଗଞ୍ଜାମର ଅନ୍ୟାନ୍ୟସ୍ଥାନ ଭ୍ରମଣକରି ଗତମାସ ତା ୮ ରିଖ ସକାଳ ଘ ୮ ଟା ସମୟରେ ସେଠାରେ ପ୍ରବେଶ ହେଲେ । ଲାଟଙ୍କୁ ଦର୍ଶନ ଏବଂ ତାହାଙ୍କଠାରେ ଗୁହାରି କରିବା କାରଣ ପ୍ରାୟ ଦେଢ଼ ହଜାର ବଙ୍ଗାଳ ଏବଂ ମୋଫସଲର ଅନେକାନେକ ଭଦ୍ରଲୋକ ଉପଗତ ହୋଇଥିଲେ । ଅପରାହ୍ନ ଘ ୪ ଟା ସମୟରେ ଲାଟ ବାହାଦୁର ଡଫସେକ୍ରେଟରୀଙ୍କ ସହିତ ଆପଣା ଛାଉଣିଦ୍ୱାରରେ ଛିଡ଼ା ହୋଇ ଯାହାର ଯାହା କହିବାର ଥିଲା ସମସ୍ତ ଶୁଣିଲେ । ଅନ୍ୟାନ୍ୟ ଗବର୍ଣ୍ଣରଙ୍କ ଠାରୁ ଏହାଙ୍କର ଏହି ସ୍ୱତନ୍ତ୍ର ପ୍ରଥା ଅର୍ଥାତ୍ ଅବାଧରୂପେ ସମସ୍ତଙ୍କୁ ଦର୍ଶନ ଦେବା ଏବଂ ଗୁହାରି ଶୁଣି ଅଧ୍ୟାପିତ କଲେ । ଲାଟ ବାହାଦୁରଙ୍କ ଏହି ଗୁଣ ବଡ଼ ପ୍ରଶଂସନୀୟ ଅଟଇ । ଶେଷରେ ଗୁମସର ଜନସ୍ତୁଗଣଙ୍କ ହେଡ଼ମାନ ଶ୍ରୀବାସୁଦେବପାଟଯୋଷୀ ମହାପାତ୍ର ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରସ୍ତାବ କଲେ ଯଥା (୧) ଗୁମସର ତାଲୁକାର ଏକବର୍ଷର ସମସ୍ତ ରାଜସ୍ୱ ମାଫ ହୁଅନ୍ତୁ ନଚେତ୍ ଯାହା ମାଫ ହୁଅ ନ ଯିବ ତାହା ବ ୪ ବର୍ଷରେ କିସ୍ତିବନ୍ଦୀରେ ଆଦାୟ ହେଉ (୨) ପ୍ରଜାମାନଙ୍କୁ ତଗାବି ଦିଆଯାଇ ତାହା ବ ୪ ବର୍ଷରେ ଆଦାୟ ହେଉ (୩) ଉତ୍କଳଭୂମି ଜଳଭଣ୍ଡାର କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଅନାବୃଷ୍ଟି ଭୟରୁ ଉକ୍ତ ଜଳ ପ୍ରଦାନପୂର୍ବକ ଜଳ ଦିଆଯାଉ (୪) ଜଙ୍ଗଲସମ୍ପର୍କୀୟ କଠିନ ନିୟମମାନ ଉଠାଇ ଦିଆଯାଉ (୫) ଗସ୍ତବଲେଙ୍କ ସଦାରେ ସ୍ଥାୟୀ ଅବସ୍ଥା ସ୍ଥାପିତ ହେଉ ଓ (୬) ସରକାରୀ ସିରସ୍ତାମାନଙ୍କର ପ୍ରଚଳିତ ଭାଷା ଓଡ଼ିଆଭାଷା ହେଉ । ଲାଟ ବାହାଦୁର ଏ ସମସ୍ତକଥା ଶୁଣି ଉତ୍ତର ଦେଲେ କି ଅନାବୃଷ୍ଟି ଲୋକଙ୍କ ଅବସ୍ଥା ଦେଖି ସାହାଯ୍ୟ କରିବା ଆମ୍ଭର ଅଭିପ୍ରାୟ ଉଦ୍ଦେଶ୍ୟ ନୁହେଁ ସଙ୍ଗେ ତୁମ୍ଭମାନଙ୍କ ସହିତ ସାକ୍ଷାତ ହେଲା ସନ୍ତୋଷର ବିଷୟ ଅଟଇ । ଅନାବୃଷ୍ଟି ତଗାବି-ଦାଦନ ପ୍ରଚଳିତ ହେବାର ପୂର୍ବରୁ ସ୍ଥିର ହୋଇଅଛି । କାଲିଠାରୁ କାର୍ଯ୍ୟାରମ୍ଭ ହେବ ଯେଉଁମାନେ ଅନାବୃଷ୍ଟିରେ ନ ଖାଇବେ ସେମାନଙ୍କ ମଧ୍ୟରେ ଟିକେଟ ଓ ବଞ୍ଚିମଣିଷଙ୍କୁ ଟ ୨୫ ଲେଖାଏ ସପ୍ତାହରେ ଅଗ୍ରେ ନଗଦ ଦିଆଯିବ । ଅନ୍ୟାନ୍ୟ ପ୍ରସ୍ତାବର ବିଷୟ ମାନ୍ଦ୍ରାଜଠାରେ କରିବୁଁ । ତୁମ୍ଭେମାନେ ଏମନ୍ତ ମନେ କରିବ ନାହିଁ ଯେ ମାନ୍ଦ୍ରାଜ ବହୁଦୂର ବୋଲି ସେଠାକୁ ଗଲେ ତୁମ୍ଭମାନଙ୍କ କଥା ପାସୋରି ଯିବୁଁ । ଲାଟ ବାହାଦୁର ଗୁହାରି ଶୁଣିବା ସମୟରେ ସମସ୍ତ ସଂକ୍ଷେପରେ ଲେଖି ନେଇଥିଲେ ଏବଂ ତହିଁ ଅନନ୍ତର ପଦବ୍ରଜରେ ଜେଲଖାନା ଇତ୍ୟାଦି ବୁଲି ଦେଖିବା ସମୟରେ ଯେ ଯେଉଁଠାରେ ଦରଖାସ୍ତ ଦେଲା ତାହା ନେଲେ । ଏ ମହୋଦୟ ଅତ୍ୟନ୍ତ ଦୟାଳୁ ଏବଂ ପ୍ରଜାବତ୍ସଳ ଅଟନ୍ତି ପଦ ଗୌରବ ବା ଅହଙ୍କାର ଏହାଙ୍କୁ ଛୁଇଁ ନାହିଁ । ଏପ୍ରକାର ଶାସନକର୍ତ୍ତାଙ୍କର ଯେଉଁଠାରେ ଗଞ୍ଜାମ ଜିଲ୍ଲା ପ୍ରତି ସୁଦୃଷ୍ଟି ପଡ଼ିଅଛି, ସେ ସ୍ଥଳେ ଆଶା ହେଉଅଛି ଯେ ଅବଶ୍ୟ ସେଠା ଲୋକଙ୍କର ମଙ୍ଗଳ ହେବ ।

---

Digitized by srujanika@gmail.com

## ଦର୍ପଣିରାଜାଙ୍କ ଅନ୍ନଛତ୍ର ।

ଅମ୍ଭେମାନେ ଗତ ସପ୍ତାହରେ ଲେଖିଥିଲୁଁ ଯେ କାଙ୍ଗାଳମାନଙ୍କ ସହାନୁଭୂତି ଅଭାବରୁ ରାଜା ବୈଦ୍ୟନାଥଙ୍କ ଅନ୍ନଛତ୍ର ବନ୍ଦ ହୋଇଅଛି । ଅଦ୍ୟ ତହିଁର ବିସ୍ତାରିତ ବିବରଣ ପାଠକମାନଙ୍କୁ ଜଣାଉଅଛୁଁ ।

ଗତ ମଇମାସ ଆରମ୍ଭରୁ ଏ ନଗରରେ ଅନ୍ୟସ୍ଥାନର ବିଶେଷତଃ ଦକ୍ଷିଣ ଓ ଗଡ଼ଜାତର କାଙ୍ଗାଳ ଜମା ହେବାର ଆରମ୍ଭ ହୋଇ କ୍ରମଶଃ ସେମାନଙ୍କର ସଂଖ୍ୟା ବଢ଼ିଲା ଏବଂ ରାତ୍ରି ନେଇ ହାଟ ବୁଲିଲେ । ନଗରବାସୀ ସଙ୍ଗତିପନ୍ନ ବ୍ୟକ୍ତିମାନେ କେହୁ ମୁଠିଏ ବା ଭାତ ଦେବାର ଆରମ୍ଭ କଲେ ମାତ୍ର ତହିଁରେ ସମ୍ଭୁଳାନ ହେଲା ନାହିଁ । ଏହି କାଙ୍ଗାଳ ପେଟଜ୍ୱାଳାରେ ଅମ୍ବ-ଟାକୁଆ କିବା ଦୋକାନରୁ ଅଇଁଠାପତର ଛଡ଼ାଇନେଇ ଖାଇବା ଅଥବା ନର୍ଦ୍ଦମାରୁ ପେଜ ପୋଛୁଖାଇବାର ଦେଖାଗଲା । କେହି ଦୟାଳୁ ଭଦ୍ରଲୋକ କାଙ୍ଗାଳଙ୍କର ଏପରି କଷ୍ଟ ଏବଂ ତାହାଙ୍କର ଅସ୍ଥିଚର୍ମସାର ଦେହ ପୁଣି ଅଧିକାଂଶ ପିଲା ବା ସ୍ତ୍ରୀ ଥିବାରୁ କର୍ମକରି ଖାଇବାର ଅଯୋଗ୍ୟ ଦେଖି ରାଜା ବୈଦ୍ୟନାଥ ପଣ୍ଡିତଙ୍କୁ ଅନୁରୋଧ କରିବାରୁ ସେ ଅତ୍ୟନ୍ତ ଆଗ୍ରହ ସହକାରେ ଅନ୍ତତଃ ଆଗାମୀ ଭାଦ୍ରମାସ ଅର୍ଥାତ୍ ନୂତନ ଫସଲ ଅମଦାନି ହେବାପର୍ଯ୍ୟନ୍ତ ଅନ୍ନବସ୍ତ୍ର ଏବଂ ବସାଘର ଯୋଗାଇବାଦ୍ୱାରା ସେମାନଙ୍କର ସାହାଯ୍ୟ କରିବାର ସଙ୍କଳ୍ପ କରି ତଦନୁସାରେ ଅନ୍ନଛତ୍ର ଫିଟାଇ ପ୍ରତି-ଦିନ ଅପରାହ୍ନକାଳରେ ଭାତ ଓ ଡାଲି କେବଳ ସ୍ତ୍ରୀଲୋକଙ୍କୁ ଅସମର୍ଥ ସ୍ତ୍ରୀ ବାଳକ ଓ କର୍ମକରି-ବାକୁ ଅକ୍ଷମ ପୁରୁଷମାନଙ୍କୁ ଦେବାର ବନ୍ଦୋ-ବସ୍ତ କଲେ ଏବଂ ଏହିଭଳି ଲୋକ ବଛାହୋଇ ସେମାନଙ୍କୁ ଟିକଟ ଦିଆଗଲା । ଅନ୍ନଛତ୍ର ଫିଟି-ବାର ପ୍ରାୟ ତିନିଦିନରେ ମାଜିଷ୍ଟ୍ରେଟ ସାହେବ ରାଜାଙ୍କ ନିକଟକୁ ଲେଖି ପଠାଇଲେ ଯେ ସହର ମଧ୍ୟରେ କାଙ୍ଗାଳଙ୍କୁ ଏକତ୍ରକଲେ ନଗରବା-ସିଙ୍କ ସ୍ୱାସ୍ଥ୍ୟର ହାନି ହେବ । ରାଜା ଉତ୍ତର ଦେଲେ କାଙ୍ଗାଳମାନେ ନଗରମଧ୍ୟରେ ଦଳା-ବିଛ ରହୁଅଛନ୍ତି । ଛତ୍ରରେ କେବଳ ଖାଇବା ନିମିତ୍ତ ଏକତ୍ରହୁଅନ୍ତି ଏଥିରେ ସ୍ୱାସ୍ଥ୍ୟର କି ହାନି ହେବ ଜଣା ଯାଉ ନାହିଁ ତଥାପି ତାହାଙ୍କୁ କେତେଦିନ ଅବକାଶ ଦେଲେ ସେ ଅନ୍ନଛତ୍ରକୁ ଉଠାଇ ନେବେ । ଏଥିମଧ୍ୟରେ ମିଉନିସିପାଲ କମିଶନରମାନେ ରାଜାଙ୍କ ଅନ୍ନଛତ୍ର ମିଉନିସିପାଲିଟୀର ସୀମାରୁ ଅନ୍ତର କରିବା କାରଣ ମାଜିଷ୍ଟ୍ରେଟଙ୍କୁ ଅନୁରୋଧ କଲେ ଓ ମିଉନିସିପାଲିଟୀର ଭାଇସ୍ ଚେଅରମାନ କାଙ୍ଗାଳଙ୍କ ସାହାଯ୍ୟ ବିଷୟ ବିବେଚନା କରିବା କାରଣ ଗୋଟିଏ ସାଧାରଣ ସଭା ଆହ୍ୱାନ କଲେ । ସଭାରେ ଯାହାହେଲା ପାଠକମାନେ ଜାଣନ୍ତି ଏଠାରେ ପୁନରୁକ୍ତିର ପ୍ରୟୋଜନ ନାହିଁ । ମିଉନିସିପାଲିଟୀର ପତ୍ରର ଉତ୍ତରରେ ମାଜିଷ୍ଟ୍ରେଟ ଲେଖିଲେ ଯେ ସେ ଅନ୍ନଛତ୍ର ଉଠାଇଦେବା କାରଣ ରାଜାଙ୍କୁ ଅନୁରୋଧ କରିଅଛନ୍ତି ଏବଂ କାଙ୍ଗାଳମାନଙ୍କୁ ସହରମଧ୍ୟରୁ ତଡ଼ିଦେବା କାରଣ ପୁଲିସପ୍ରତି ଆଦେଶ ଦେଇଅଛନ୍ତି । ମାଜିଷ୍ଟ୍ରେଟଙ୍କ ଇଚ୍ଛାନୁସାରେ ରାଜା ତୁଳସୀପୁରକୁ ଅନ୍ନଛତ୍ର ଘୁଞ୍ଚାଇ ନେଲେ କିନ୍ତୁ ତହିଁରେ ସୁଦ୍ଧା ମାଜିଷ୍ଟ୍ରେଟ ସନ୍ତୁଷ୍ଟ ହେଲେ ନାହିଁ । ନଗରର ଅପରପାର୍ଶ୍ୱକୁ ଅନ୍ନଛତ୍ର ଉଠାଇ ନେବା କାରଣ ସେ ରାଜାଙ୍କୁ ଆଦେଶ ଦେଲେ । ଏଥିମଧ୍ୟରେ ବର୍ଷାକାଳ ଆରମ୍ଭ ହେଲା ଏବେ ଅପରପାରକୁ ପ୍ରତିଦିନ ଦ୍ରବ୍ୟାଦି ବୋହି ନେବା କାଠଯୋଡ଼ିର ତହିଁରେ ବଢ଼ି ହେଲେ ଏକାବେଳକେ ଦୁଃସାଧ୍ୟ ହେବ ଓ କେହି ଛତ୍ରାବଧାରଣ କରିବାକୁ ଯିବେ ନାହିଁ । ଏହି ସମସ୍ତକଥା ବିବେଚନା କରି ରାଜା ଅଗତ୍ୟା ଗତମାସ ତା ୧୭ ଋଖରେ କାଙ୍ଗାଳମାନଙ୍କୁ ଭୋଜନ ଓ ବସ୍ତ୍ର ଦେଇ ବିଦାୟ ଦେଲେ ଓ ଅନ୍ନଛତ୍ର ବନ୍ଦକଲେ । ଏଣେ ପୁଲିସ କାଙ୍ଗାଳ-ମାନଙ୍କୁ ସହର ମଧ୍ୟରୁ ତଡ଼ିଦେଲେ । ଏକଦିଗରେ ଅନ୍ନଛତ୍ରର ସାହାଯ୍ୟରୁ ଓ ଅନ୍ୟ ଦିଗରେ ସହରମଧ୍ୟରେ ବୁଲି ଭିକ୍ଷାମାଗିବାରୁ ବଞ୍ଚିତ ହୋଇ କାଙ୍ଗାଳଙ୍କର ଯେ ଦୁର୍ଦ୍ଦଶା ଓ ମନସ୍ତାପ ହୋଇଅଛି ତାହା ଚିନ୍ତାଶୀଳବ୍ୟକ୍ତି ମାତ୍ରକେ ବୁଝିପାରିବେ ଲେଖିବାର ଆବଶ୍ୟକ ନାହିଁ । ଏଥିମଧ୍ୟରେ କେତେ କାଙ୍ଗାଳ ଓଳଉଠା ପୀଡ଼ିତ ହୋଇ ମରି ଯାଇଅଛନ୍ତି ବା ମିଉନିସିପାଲିଟୀ ସାହାଯ୍ୟରେ ଜେନେରଲ ହାସପାତାଲକୁ ପ୍ରେରିତ ହୋଇଅଛନ୍ତି ଏବଂ କେତେଗୁଡ଼ିଏ ଅବଶ୍ୟ ନଗରମଧ୍ୟରେ ବୁଲୁଅଛନ୍ତି ମାତ୍ର ଯେଉଁମାନେ ବାହାରିଗଲେ ମୃତ୍ୟୁ-ଭିନ୍ନ ଅନ୍ୟ କୌଣସିରୂପେ ତାହାଙ୍କର ଯନ୍ତ୍ରଣା ଶେଷ ହୋଇ ନ ଥିବ ।

ଯେଉଁ ଟ୍ରୁଟ ସାହେବ ଅସହାୟ ଯାତ୍ରୀଙ୍କ ଦୁଃଖରେ ଦୁଃଖିତ ହୋଇ ଗୃହକାର୍ଯ୍ୟ ହାସପା-ତାଲ ସ୍ଥାପନ ପୂର୍ବକ ଓଡ଼ିଶାରେ ମହତ କୀର୍ତ୍ତି ରଖିଗଲେ ତାହାଙ୍କ ହାତରେ କାଙ୍ଗାଳଙ୍କର ଏପରି ଦୁର୍ଦ୍ଦଶା ଦେଖି ଅମ୍ଭେମାନେ ଯତ୍ପରୋ-ନାସ୍ତି ଆଶ୍ଚର୍ଯ୍ୟ ଓ କ୍ଷୋଭିତ ହୋଇଅଛୁଁ ଏବଂ କେଉଁ ଅଭାବ ବା ନୀତିର ଅନୁସାରେ ସେ ଏପରି କଲେ ତାହା ବୁଝିପାରୁ ନାହୁଁ । ସେ ମିଉନିସି-ପାଲିଟୀର ଅନୁରୋଧରେ ଏପରି କଲେବୋଲି କହୁଥାଇନ୍ତି ମାତ୍ର ମିଉନିସିପାଲିଟୀ ଅସଙ୍ଗତ ପ୍ରାର୍ଥନା କଲେ ବୋଲି ସେ ଆପଣାର ଅଧିକ-ତର ଅଭିଜ୍ଞତା ଓ ଦୂରଦର୍ଶିତାର ଚେଟକ ନ ରଖିଲେ ଆଉ ମିଉନିସିପାଲିଟୀ ଯେମନ୍ତ କାଙ୍ଗାଳମାନଙ୍କୁ ଆପଣା ସୀମାରୁ ଅନ୍ତର କରି-ବାକୁ ଚେଷ୍ଟାକଲେ ତେମନ୍ତ ସେମାନଙ୍କ କଷ୍ଟ ନିବାରଣ ସକାଶେ ସାଧାରଣଙ୍କଠାରୁ ସାହାଯ୍ୟ ନେଇ ତାହାର ତହିଁର ପ୍ରତୀକାର ମଧ୍ୟ କଲେ ମାତ୍ର ମାଜିଷ୍ଟ୍ରେଟ ସାହେବ କାଙ୍ଗାଳ ଦୁଃଖରେ ଆଦୌ ସହାନୁଭୂତି ପ୍ରକାଶ କରିବାର ଦେଖା-ଗଲା ନାହିଁ । ଏଥିର ବିଷୟ ଗବର୍ଣ୍ଣମେଣ୍ଟ କରିବେ କି ?

---

## ସାପ୍ତାହିକ ସମ୍ବାଦ ।

ଗତ ଶୁକ୍ରବାରଠାରୁ ମହାନଦୀରେ ନୂତନ ଜଳ ପଡ଼ିଅଛି ।

ଏ ନଗରରେ ଓଲଉଠା କ୍ରମଶଃ ବିସ୍ତାର ହେବାର ଜଣାଯାଏ ଗତସପ୍ତାହରେ କେତେଗୁଡ଼ିଏ ମୃତ୍ୟୁ ଘଟିଅଛି ।

କଟକର ପୋଷ୍ଟମାଷ୍ଟର ବିଜ୍ଞାପନ ଦେଇ ଅଛନ୍ତି କି ଆଗାମୀମାସ ଆରମ୍ଭରୁ କଟକ ଓ ପୁରୀ ଡାକ ରହିବାର ଦିନ ଓ-ବେଳ ସ ୪ ଘଣ୍ଟା ଏବଂ ଅନ୍ୟଦିନମାନଙ୍କରେ ସ ୫ ଘଣ୍ଟା ସମୟରେ ବନ୍ଦ ହେବ ।

କ୍ରମାଗତ ୪ ୧୦ ଦିନ ପ୍ରାୟ ପ୍ରବଳ ବୃଷ୍ଟିହୋଇ ଗତ ଦୁଇଦିନଠାରୁ କିଛି କ୍ଷମା ହୋଇ ଅଛି । ଏକସପ୍ତାହ ବିଶ୍ରାମ ଦେଲେ କୃଷିପକ୍ଷରେ ଭଲ ହେବ ।

ମୋଫସଲର ନାନାସ୍ଥାନରୁ ଓଲଉଠାର ସମ୍ବାଦ ମିଳଇ । ଝାଙ୍କରେ ଅତି ପ୍ରବଳହୋଇ ପ୍ରାୟ ଜ ୨୦୦ ଣ ସେଥିରେ ମରିବାର ଖବର ଶୁଣାଇ ।

ପୁରୀର ଓଲଉଠା ଅତ୍ୟନ୍ତ ଭୟଙ୍କର ହୋଇଅଛି । ଯାତ୍ରୀ ଅପେକ୍ଷା ସେଠା ନିବାସିଙ୍କୁ ଅଧିକ ଧରୁଅଛି ।

ପୁରୀର ଗତ ରଥଯାତ୍ରା ଛବିରେ ନବାଗତ ଟେଷ୍ଟ ନୂତନ ମାଜିଷ୍ଟ୍ରେଟଙ୍କର ଏହି ପ୍ରଥମ କାର୍ଯ୍ୟ ସନ୍ତୋଷଜନକ ରୂପେ ହେବାରୁ ଅମ୍ଭେମାନେ ଆନନ୍ଦିତ ହେଲୁଁ ।

ପୁରୀର ନୂତନ କଲେକ୍ଟର ଜଣେ ଡାକ୍ତର ଅଟନ୍ତି । ସେ ଗତ କାଲି ଏଠାରେ ପହୁଞ୍ଚି ଅଛନ୍ତି । ଯାତ୍ରୀ ସମୟରେ ଏହାଙ୍କଦ୍ୱାରା ବିଶେଷ ସାହାଯ୍ୟ ହୋଇ ପାରିବ ।

### କଲିକତା ଗେଜେଟ ।

ପୁରୀର ଅଫିସିଏଟିଂ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଇ. ଡି. ଗଲେନ୍ ସାହେବ ଛଅମାସର ଛୁଟି ପ୍ରାପ୍ତ ହେଲେ ।

ରଙ୍ଗପୁରର ଅଫିସିଏଟିଂ ଜଏଣ୍ଟମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟରେ ମିଃ ଜଗବନ୍ଧୁ ଘୋଷ ପୁରୀର ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହେଲେ ।

ଖୋର୍ଦ୍ଧାର ସବ୍ ଡେପୁଟି କଲେକ୍ଟର ବାବୁ ଉମାଚରଣ ଦାସ ୧୮୮୯ ସାଲର ୯ ଜୁନ ଅନୁସାରେ ଡେପୁଟି କଲେକ୍ଟରଙ୍କ କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

କଟକ ବାପ୍ଟିଷ୍ଟ ମିସନର ପାଦ୍ରୀ ରେଭରେଣ୍ଡ ଯେ ଜି, ପାଇକ ସାହେବ ୧୮୭୨ ସାଲର ଅ ୧୫ ଧାରାର ଧା ୭ ଓ ୯ ଅନୁଯାୟୀ ଖ୍ରୀଷ୍ଟିୟାନମାନଙ୍କ ବିବାହ ଦେବାର ଅଧିକାର ପାଇଅଛନ୍ତି ଓ ୧୮୮୭ ସାଲ ଅ ୭ ଅନୁଯାୟୀ ଜନ୍ମମୃତ୍ୟୁର ରେଜିଷ୍ଟ୍ରାର ପଦରେ ନିଯୁକ୍ତ ହୋଇଅଛନ୍ତି ।

ବାବୁ ଉମେଶଚନ୍ଦ୍ର ମଣ୍ଡଳଙ୍କ ବାଲେଶ୍ୱର ବେଞ୍ଚର ଅବୈତନିକ ମାଜିଷ୍ଟ୍ରେଟ ପଦତ୍ୟାଗ ପତ୍ର ଗବର୍ଣ୍ଣମେଣ୍ଟ ବାହାଦୁର ଗ୍ରହଣ କରିଅଛନ୍ତି ।

ବାବୁ ଅଟଳବସନ୍ତ ବୋଷ ଡିଗ୍ରୀ ଏମ୍ ବି (ଡାକ୍ତର) ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

---

କୁଷ୍ଠରୋଗି ସମ୍ବନ୍ଧରେ ଏକ ଆଇନର ପାଣ୍ଡୁଲିପି ପ୍ରସ୍ତୁତ ହୋଇଅଛି । ଆଶାକରୁ ଏହା ଶୀଘ୍ର ବ୍ୟବସ୍ଥାପକ ସଭାରେ ଆଗତ ହେବ ।

ମୁଙ୍ଗେରଠାରେ ଭୟାନକ ଦୁର୍ଭିକ୍ଷ ପଡ଼ିଥିବାର ସମ୍ବାଦ ମିଳଇ । ସେଠାଲୋକେ ଖାଦ୍ୟାଭାବରେ ଅଶ୍ୱତ୍ଥ ଗଛର ଫଳ ପତ୍ର ଏବଂ ଘାସ ଖାଉଅଛନ୍ତି ।

ବୋମ୍ବାଇ ହାଇକୋର୍ଟର ଜଣେକ ବିଚାରପତି ନାନାଭାଇ ହରିଦାସ ଗତମାସ ତା ୧୩ ଦିନ ସନ୍ଧ୍ୟାସମୟରେ ପରଲୋକ ଗମନ କରିଥିବାର ସମ୍ବାଦ ମିଳଇ । ଅନେକ ଦିନ ପୀଡ଼ିତଥିଲେ ଏ ମହାଶୟ ମା ୭ ସର ଛୁଟି ଗ୍ରହଣ କରିଥିଲେ । ଏ ମହାଶୟ ଅତି ଦକ୍ଷତାସହକାରେ ମାନସମ୍ମେ ଜଜୀୟତା କରୁଥିଲେ ଏବଂ ଏହାଙ୍କ ପଦ ଅଳ୍ପଦିନେ ଜଜ ମିଳିବା ଦୁର୍ଘଟ ।

ବଙ୍ଗଦେଶର ଲେଫଟେଣ୍ଟ ଆଗାମିମାସ ତା ୮ ଦିନରେ ଦାର୍ଜିଲିଂଠାରୁ କଲିକତାକୁ ଆସି ପ୍ରାୟ ଏକପକ୍ଷ ସେଠାରେ ରହି ବିହାର ପ୍ରଦେଶକୁ ଭ୍ରମଣ କରିବାକୁ ଯିବେ ଏବଂ ତ୍ରୟ ଏକମାସରେ ଫେରି ଆସିବେ ।

ବଙ୍ଗପ୍ରଦେଶର ଉଚ୍ଚଶ୍ରେଣୀର ଦେୱାନୀ ଅଦାଲତମାନଙ୍କର କାର୍ଯ୍ୟସମ୍ବନ୍ଧରେ କେତେକ ବିଷୟ ଅନୁସନ୍ଧାନ କରିବା କାରଣ ଗଭର୍ଣ୍ଣମେଣ୍ଟର ଜଜ ସ୍ମିଥସନ ସାହେବ ନିଯୁକ୍ତ ହୋଇଅଛନ୍ତି ।

କଲିକତାରେ ଗୋଟିଏ ପଶୁକ୍ଳେଶର ଚିକିତ୍ସାଳୟ ନିର୍ମାଣ ନିମିତ୍ତ ବାବୁ ଶ୍ୟାମାଚରଣ ଲାହା ୫ ୨୦୦୦୧ ଟଙ୍କା ଦାନ କରିଅଛନ୍ତି । ମେଡିକଲ କଲେଜ ନିକଟରେ ଏହି ଚିକିତ୍ସାଳୟର ସ୍ଥାନ ନିର୍ଦ୍ଦିଷ୍ଟ ହୋଇ ଗୃହର ନକସା ପ୍ରସ୍ତୁତ ହେଉଅଛି ।

ରଙ୍ଗପୁରଠାରେ ଗୋଟିଏ ଶିଳ୍ପବିଦ୍ୟାଳୟ ସ୍ଥାପିତ ହୋଇ ଚଢ଼ ଓ କଲେଜକାର୍ଯ୍ୟ ଏହି ନଗରର ଶିକ୍ଷା ସମ୍ପାଦନ ଅଛି । ଡିଷ୍ଟ୍ରିକ୍ଟ ବୋର୍ଡଙ୍କର ଏଥିରେ ପୂର୍ଣ୍ଣ ସାହାଯ୍ୟ ହେଉଅଛି ।

ଅନେକଙ୍କାର ଲୁଷା ମହାଜନମାନେ ଲୁଷାବସ୍ତ୍ର କାରବାର କରିବାରେ ଖୋଟ ଅଣା ଦେଲେ ନଗର ମୋଟଲୁଗା, ବ୍ୟବହାର କରିବାର ସ୍ଥିର କରିଥିବାରୁ ଖୋଟର କାରବାର ଶୂନ୍ୟ ହେବାର ଭୟ ହେଉଅଛି ବସ୍ତ୍ର ଏମନଠାରେ ତେହେରାନ ନଗରର ଅଧ୍ୟାପକ ଖୋଟର ମତ ପ୍ରସ୍ତୁତକରିବାର ଉପାୟ ଅଙ୍ଗୀକାର କରି ତାହାଁର ପରୀକ୍ଷା କରୁଅଛନ୍ତି । ଏ ପରୀକ୍ଷା ସଫଳ ହେଲେ ଖୋଟର କାରବାର ଶୂନ୍ୟ ନ ହୋଇ ବରଂ ଅଧିକ ହେବ ।

ଅବସ୍ଥିତ ସରକାରୀ କର୍ମଚାରୀମାନଙ୍କ ଗୁହାରି ଉଦ୍ଧାର କରିବା କାରଣ ଏକ କମିଟି ବସିବା ବିଷୟରେ ସର ଜୋସେଫ ଲେଥବ୍ରିଜ ସାହେବ ପାର୍ଲିମେଣ୍ଟ ସଭାରେ ପ୍ରସ୍ତାବ କରିଥିଲେ । ମାତ୍ର ପରେ ମତାମତ ଗ୍ରହଣ ହେବାରୁ ୬୮ ଜଣ ଉକ୍ତ ପ୍ରସ୍ତାବ ସପକ୍ଷରେ ଓ ଜ ୧୨୨ ଣ ବିପକ୍ଷରେ ମତପ୍ରଦାନ କଲେ । ସୁତରାଂ ପ୍ରସ୍ତାବଟି ଅଗ୍ରାହ୍ୟ ହେଲା ।

ବୋମ୍ବାଇଠାରୁ ସମ୍ବାଦ ମିଳଇ ଯେ ସେଠା ମେଡିକେଲ କଲେଜର ଅଧ୍ୟାପକ ଡ଼ ଯେ ଦେଶୀୟ ବିଖ୍ୟାତ ଡାକ୍ତର ଅଟନ୍ତି ତାଙ୍କ ଶରୀରରେ ଅଲ୍ପତର ହେଲେ କୁଷ୍ଠରୋଗର ଲକ୍ଷଣମାନ ପ୍ରକାଶ ହୋଇଅଛି । ଏଣୁ ସେ କାର୍ଯ୍ୟରୁ ଅବସର ନେଇଅଛନ୍ତି । ତାଙ୍କ ବଂଶରେ ପୂର୍ବେ କାହାରିଠାରେ କୁଷ୍ଠରୋଗ ଲାଗିଥିଲା ନ ଥିଲା କେବଳ ସେ କୁଷ୍ଠରୋଗୀମାନଙ୍କ ହସପିଟାଲକୁ ଯାଇ ଚିକିତ୍ସା କରିବାରେ ଏ ରୋଗ ଜାତ ହୋଇଥିବାର ସମସ୍ତେ ବିଶ୍ୱାସ କରୁଅଛନ୍ତି । ଯେଉଁମାନେ କୁଷ୍ଠରୋଗ ସଂକ୍ରାମକ ନୁହେଁବୋଲି କହନ୍ତି ସେମାନେ ଏ ବିଷୟ ଅନୁଧ୍ୟାନ କରିବେ ।

ଅସୁର୍ସ ଗ୍ରାମ ଫ୍ରାନ୍ସ ଦେଶରେ ସେନାପତି ବୁଲେଞ୍ଜି ଯୋଗ ଭୂମିକାଣ୍ଡ ଉପସ୍ଥିତ ହୋଇଅଛି । ପାରିସର ପୁଲିସ ବୁଲେଞ୍ଜିର ଅନେକଗୁଡ଼ିଏ ଦସ୍ତାବିଜ ଓ ଚିଠିପତ୍ର ଜବତ କରିଅଛନ୍ତି । ପ୍ରଦେଶର ନବୀ କମିସନର ସାହେବ କହିଲେ ଯେ ଗଭର୍ଣ୍ଣମେଣ୍ଟ ବୁଲେଞ୍ଜିସମ୍ପର୍କୀୟ ଗୋଲମାଲ ଅତି କଠିନଭାବରେ ଦମନ କରିବାକୁ ଦୃଢ଼ସଙ୍କଳ୍ପ ହୋଇଅଛନ୍ତି । କଥା ବଡ଼ ଗୁରୁତର ହୋଇଁ ଉଠିଲା ।

ଅଯୋଧ୍ୟାର କେତେଗୁଡ଼ିଏ ତାଲୁକଦାର ମିଶି ସ୍ୱର୍ଗୀୟ ମହମ୍ମଦ ନସିହାନଙ୍କୁ ସନ ୧୮୮୭ ମହାରେ ବିଲାତ ସାଇରେନ୍‌ସେଷ୍ଟର କୃଷି କଲେଜରେ ଅଧ୍ୟୟନ କରିବା କାରଣ ପଠାଇଥିଲେ । ସେ ସେଠା ପରୀକ୍ଷାରେ ଅତ୍ୟନ୍ତ କୃତକାର୍ଯ୍ୟ ହୋଇଥିବାର ସମ୍ବାଦ ମିଳଇ । ମାତ୍ର ଭାରତକୁ ଫେରିଣ କାର୍ଯ୍ୟ ନ ଦେଖାଇଲେ ଏପରି ଫଳରେ ଆମ୍ଭମାନଙ୍କର ସନ୍ତୋଷ ହେବାର କୌଣସି କାରଣ ନାହିଁ ।

ଇଟୋଆ ଜିଲ୍ଲାର ଏକ ଗ୍ରାମରେ ଗୋଟିଏ ସ୍ତ୍ରୀ ଅପଣ ସ୍ୱାମୀସହିତରେ କଳହ କରି ନିଜର ପିଲାଟିକୁ ନେଇ କୂଅକୁ ଡେଇଁ ପଡ଼ିଲା । ତତ୍‌କ୍ଷଣାତ୍ ଗ୍ରାମବାସିମାନେ ଉଦ୍‌ଯୋଗୀ ହୋଇ ସ୍ତ୍ରୀକି ଉଠାଇ ଅଣିବାରୁ ଦେଖାଗଲା ଯେ ପିଲାଟି ମୃତାବସ୍ଥାରେ ମାତାକୁ କୁଣ୍ଡାଇ ଧରି ରହିଅଛି ମାତ୍ର ମାତାର ଜୀବନବାୟୁ ନିଃଶେଷ ହୋଇ ନାହିଁ । ବିଚାରରେ ତାହାର ଯାବଜ୍ଜୀବନ ଦ୍ୱୀପାନ୍ତର ବାସର ଆଦେଶ ହେଲା ପରେ ସ୍ଥାନୀୟ ଗଭର୍ଣ୍ଣମେଣ୍ଟଙ୍କ ଆଦେଶମତେ ଦଣ୍ଡ ବଦଳି ଦଶବର୍ଷ ଦ୍ୱୀପାନ୍ତରରେ ପରିଣତ ହୋଇଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ସମ୍ପାଦକମାନେ ଦାୟୀ ନୋହୁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

### "ସ୍ୱଦେଶ ଉନ୍ନତି"

ଏହି ପୃଥିବୀର ପୂର୍ବାପରବାସୀ ପ୍ରଭୃତ ଜାତିଙ୍କ ବହୁକାଳ ସଭାରେ ଆଲୋଚନା କରିବାକୁ ଅବସର ଦେଲେ ଦେଖାଯିବ ଯେ ଯେଉଁ ସମୟରେ ଯେଉଁ ଜାତିର ଧର୍ମବଳ ପ୍ରବଳ ହୋଇଥିଲା ସେହି ସମୟରେ ସେହି ଜାତି ଅନ୍ୟାନ୍ୟ ଜାତିମାନଙ୍କ ଉପରେ ପ୍ରଭୁତ୍ୱ ସ୍ଥାପନ କରି ଆସିଅଛନ୍ତି । ଧର୍ମବଳଠାରୁ ଏ ସଂସାରରେ ଆଉ କୌଣସି ବଳ ଉତ୍କୃଷ୍ଟ ନାହିଁ । ଏହି ଭାରତବର୍ଷରେ ଅତି ପ୍ରାଚୀନ କାଳରେ ହିନ୍ଦୁମାନଙ୍କର ଧର୍ମବଳ ବିଶେଷରୂପେ ପ୍ରବଳ ଥିବାରୁ ସେମାନେ ଅନ୍ୟାନ୍ୟ ଜାତିମାନଙ୍କୁ ପରାଜୟ କରି ଏପେ ସମସ୍ତ ଭାରତବର୍ଷରେ ଏକାଧିପତ୍ୟ ସ୍ଥାପନ କରିଥିଲେ । ମାତ୍ର ସେହି ଧର୍ମବଳ ଯେତେବେଳେ ହ୍ରାସ ହୋଇ ସଙ୍କୀର୍ଣ୍ଣତାକୁ ଲାଭ କଲା ସେତେବେଳେ ସେମାନେ ବଳହୀନ ହୋଇ ଆସିଲେ । ଦୁର୍ବଳି ଓ ତେଜ ହିନ୍ଦୁସଂସାରରୁ ପଳାୟନ କଲା ଏବଂ କ୍ଷୀଣ ଦଶାବର୍ତ୍ତିରେ ଅଶ୍ଳୀଳତା ଆସି ରାଜତ୍ୱ କଲା । ସେହି ଜାତୀୟ ଗୌରବ ରୂପ ଦର୍ପଣରୁ କ୍ଷୀଣ ଓ ଗୁରୁତ୍ୱ ରୂପ ଧାରା ଉଠିଗଲା । ଆଉ ପ୍ରଭୁତ୍ୱ ଦର୍ଶନ ନାହିଁ ଏବଂ ହନୁମାନେ ସାରଜାତ ହୋଇ ଅନ୍ୟ କୌଣସି ଜାତିର ଜୟଜୟପଥରେ ବୃଦ୍ଧି ହେଲେ ନାହିଁ । ଏରୂପରେ ସେହି ପୁରାତନ ହିନ୍ଦୁଜାତି ଦିନକୁ ଦିନ କ୍ଷୀଣ ଓ ସାମର୍ଥ୍ୟ ହୀନ ହୋଇ ଅନ୍ୟ ଜାତିର ସେବା କରିବାକୁ ଲାଗିଲେ । ଧର୍ମ ଓ ନୈତିକ ବଳ ମନୁଷ୍ୟ ସମାଜର ଭିତ୍ତି ସ୍ୱରୂପ । ଏଭିତ୍ତି ଦୃଢ଼ ନ ଥିଲେ ସମାଜ ଅଳ୍ପକାଳ ମଧ୍ୟରେ ଉଚ୍ଛନ୍ନ ହୋଇ ଯିବ ଏବଂ ନାନାବ ବ୍ୟକ୍ତିର ସମାଜକୁ ଦୂଷିତ କରି ପକାଇବ । ଆମ୍ଭମାନଙ୍କର ଆଧୁନିକ ହିନ୍ଦୁସମାଜର ଧର୍ମ ଓ ନୈତିକ ବଳ ଶିଥିଳ ହୋଇଥିବାରୁ ମାନସିକ ଓ ଶାରୀରିକ ବଳର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ଅଛି ଅତଏବ ଆମ୍ଭମାନଙ୍କର ଧର୍ମବଳ ଯେପରି ପ୍ରବଳ ହେବ ସେ ବିଷୟରେ ସଉଦ୍ଦୃଷ୍ଟି ରଖିବାର ଉଚିତ, ଏଥି ନିମନ୍ତେ ଉଚ୍ଚୈଃ ସ୍ୱରରେ ବକ୍ତୃତା କଲେ କିଛିମାତ୍ର ଫଳ ହେବ ନାହିଁ । ପ୍ରତ୍ୟେକଲୋକ ଆପଣାର ଧର୍ମବଳ ରକ୍ଷା କରିବା ପାଇଁ ଚେଷ୍ଟା କରିବା ଉଚିତ ପ୍ରଥମେ ଆପଣାର ଧର୍ମବଳ ପ୍ରବଳ ରଖି ଭବିଷ୍ୟତରେ ପରିବାର ବର୍ଗଙ୍କର ଧର୍ମବଳ ପ୍ରବଳ ରଖିବା କର୍ତ୍ତବ୍ୟ । ଯେତେ

ଆପଣାର ଧର୍ମବଳ ପ୍ରବଳ ନାହିଁ ତେବେ ଅନ୍ୟର ଧର୍ମବଳ ପ୍ରବଳ ରଖିବା ନିମନ୍ତେ ଉପଦେଶ ଦେଲେ ତାହା ଅନ୍ୟ ହୃଦୟରେ କିଛି ଫଳ ଉତ୍ପନ୍ନ କରି ପାରିବ ନାହିଁ କାରଣ ଚୁମ୍ବକ ଲୁହାକୁ ଆକର୍ଷଣ କରେ ମାତ୍ର ଚୁମ୍ବକ ଶକ୍ତିହୀନ କେବଳ ଲୁହା, ଲୁହାକୁ ଆକର୍ଷଣ କରେ ନାହିଁ । ପୁନଶ୍ଚ ଦୋଷଯୁକ୍ତ ବୀଜରୁ କଦାଚ ଉତ୍ତମ ବୃକ୍ଷ ଜାତ ହୋଇ ନ ପାରେ । ଅତଏବ ଆମ୍ଭମାନଙ୍କୁ ଜଣ ଜଣ ହୋଇ ଧର୍ମ ଓ ନୈତିକ ବଳ ରକ୍ଷା କରିବାକୁ ହେବ । ଏକ ଲୋକ ଅନ୍ୟ ଉପରେ ନିର୍ଭର କଲେ କିଛି ହେବ ନାହିଁ । ପ୍ରତି ଲୋକ ଆପଣା ସମାଜ ନିମନ୍ତେ ଚେଷ୍ଟା କଲେ ଅବଶ୍ୟ ସୁଫଳ ଫଳିବ ।

ଏହି ଧର୍ମବଳ ରକ୍ଷା ନିମନ୍ତେ ସୃଷ୍ଟିକାଳରୁ କର୍ମ ଓ ଗୁଣ ଅନୁସାରେ ଲୋକସମାଜ ଚାରି ଭାଗରେ ବିଭକ୍ତ ହୋଇଅଛି । ଯଥା; ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର । ତାହା ଭଗବଦ୍‌ଗୀତା କର୍ମଯୋଗ ନାମକ ଅଧ୍ୟାୟରେ ଶ୍ରୀକୃଷ୍ଣ କହି ଅଛନ୍ତି । ଯଥା;—

“ ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମ ବିଭାଗଶଃ
ତସ୍ୟ କର୍ତ୍ତାର ମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟଂ”

ଅର୍ଥ; ଯେଉଁମାନେ ସତ୍ତ୍ୱଗୁଣ ପ୍ରଧାନ ଅର୍ଥାତ୍ ଯେଉଁମାନଙ୍କର ଶମଦମାଦି କର୍ମ ସେମାନେ ବ୍ରାହ୍ମଣ, ଯେଉଁମାନଙ୍କର ସତ୍ତ୍ୱ ରଜ ଗୁଣ ପ୍ରଧାନ ଅର୍ଥାତ୍ ଶୌର୍ଯ୍ୟ ଯୁଦ୍ଧାଦିକର୍ମ ସେମାନେ କ୍ଷତ୍ରିୟ । ଯେଉଁମାନଙ୍କର ରଜ ତମସାଦି ଗୁଣ ପ୍ରଧାନ ଅର୍ଥାତ୍ କୃଷି ବାଣିଜ୍ୟାଦି କର୍ମ ସେମାନେ ବୈଶ୍ୟ ଓ ଯେଉଁମାନଙ୍କର ତମୋଗୁଣ ପ୍ରଧାନ ସେମାନେ ଶୂଦ୍ର ଅର୍ଥାତ୍ ସେବାକାରୀ । ଏ ରୂପର ପ୍ରତ୍ୟେକ ଦେଶର ପ୍ରତ୍ୟେକ ଜାତି ଚତୁର୍ଭାଗରେ ବିଭକ୍ତ ହୋଇଅଛନ୍ତି ଏବଂ ତାହା ନୋହିଲେ ସମାଜ ରକ୍ଷା ହୋଇ ପାରିବ ନାହିଁ । ଦେଖନ୍ତୁ, ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ ପାଦ୍ରୀମାନେ ବ୍ରାହ୍ମଣ । ମୁସଲମାନଙ୍କ ମଧ୍ୟରେ କାଜିମାନେ ବ୍ରାହ୍ମଣ । ସୈନିକ ବିଭାଗ ଲୋକମାନେ କ୍ଷତ୍ରିୟ । ବାଣିଜ୍ୟକାରୀମାନେ ବୈଶ୍ୟ ଏବଂ ଅନ୍ୟାନ୍ୟମାନେ ଶୂଦ୍ର ଏହି ଈଶ୍ୱରଭକ୍ତ ବ୍ରାହ୍ମଣମାନଙ୍କଦ୍ୱାରା ଧର୍ମବଳ ସମାଜରେ ରକ୍ଷିତ ହେଉଅଛି । ଯେହୁ ଧର୍ମଶୀଳ ହେଲେ ବ୍ରାହ୍ମଣ ଉପଦେଶ ଦେଇ ତାହା ଅନୁସରଣ କରୁଅଛନ୍ତି ଇଂରେଜ ଓ ମୁସଲମାନମାନଙ୍କ ମଧ୍ୟରେ ଜାତି ଓ ବର୍ଣ୍ଣଭେଦ ଉପଯୁକ୍ତ ଶ୍ଳୋକ ଅନୁଯାୟୀ ସମ୍ପାଦିତ ହେଉଅଛି । ଯେଉଁ ଲୋକ ଶମଦମାଦି ଗୁଣରେ ଅଳଙ୍କୃତ ସୁତରାଂ ଈଶ୍ୱର ଭକ୍ତ, ସେହି ଲୋକ ସେମାନଙ୍କର ବ୍ରାହ୍ମଣ ଅର୍ଥାତ୍ ଧର୍ମୋପଦେଶକ । କୌଣସି ଧର୍ମୋପଦେଶକର ପୁତ୍ର, ପିତା ଅନ୍ତେ ଯେ ଧର୍ମୋପଦେଶକ ହେବ ଏପରି ସେମାନଙ୍କ ସମାଜରେ ନାହିଁ ଏବଂ ସେ ତଦ୍‌ଯୋଗ୍ୟ ହୋଇ ନ ଥିଲେ କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରର କାର୍ଯ୍ୟ କରି ସଂସାର ଯାତ୍ରା ନିର୍ବାହ କରୁଅଛି । ଏହି ପ୍ରଥା ପ୍ରଚଳିତ ଅଛି ବୋଲି ସେମାନଙ୍କ ସମାଜର ଧର୍ମବଳ ବିଶେଷରୂପେ ରକ୍ଷିତ ହୋଇଅଛି ମାତ୍ର ହିନ୍ଦୁମାନଙ୍କର ଏପ୍ରଥା ଅନ୍ୟରୂପ ଧାରଣ କରିଅଛି । ଗୁଣ ଓ କର୍ମ ଅନୁସାରେ ଯେଉଁ ବର୍ଣ୍ଣ ବିଭାଗ ହୋଇଥିଲା ଏବେ ସେ ବଂଶ ଅନୁସାରେ ପରିଣତ ହୋଇ ଅଛି । ବ୍ରାହ୍ମଣର ପୁତ୍ର ଘୋରମୂର୍ଖ ହେଲେ ସୁଦ୍ଧା ସେ ହିନ୍ଦୁ କୁଳର ଅଗ୍ରଗଣ୍ୟ ହେଉଅଛି । ଏହି ଅନ୍ଧ ଅଗ୍ରଗଣ୍ୟ ଅନ୍ଧ ଶିଷ୍ୟଙ୍କୁ ପଥ ଦେଖାଇବାକୁ ବାହାରି ନ ପାରି ଦୁହେଁ ଯାକ ଅନ୍ଧକାର ଖାଲରେ ପଡ଼ିଅଛନ୍ତି । ଏହି ମୂର୍ଖ ବ୍ରାହ୍ମଣମାନେ ଦିନକୁ ଦିନ ଅଧଃ ପତିତ ହୋଇ ଜ୍ଞାନର ଉନ୍ନତି ନ କରି କେବଳ ଠକ କରି ଉଦରଦେବଙ୍କର ଉପାସନା କରିବାରେ ପ୍ରବୃତ୍ତ ହେଉଅଛନ୍ତି । ଏହି ମୂର୍ଖ ବ୍ରାହ୍ମଣମାନେ ଯଦ୍ୟପି ପୂର୍ବକାଳପରି କ୍ଷତ୍ରିୟାଦି କର୍ମ କରୁଥାନ୍ତେ ତାହା ହେଲେ ସେମାନଙ୍କର ଅଧିକତର ଦୁର୍ଦ୍ଦଶା ଘଟନ୍ତା ନାହିଁ । ଏବଂ ଏହା ମଧ୍ୟ ଶ୍ରୀକୃଷ୍ଣ ସଦା. ଗୀତାରେ ଉପଦେଶ ଦେଇଅଛନ୍ତି । ଭିକ୍ଷା ମାଗି ଖାଇବେ ଅଥଚ କୌଣସି କର୍ମ କରିବେ ନାହିଁ । ଏମାନେ ଆପଣାଙ୍କୁ ଦେବତା ବୋଲି କହିବାକୁ ସଙ୍କୁଚିତ ହୁଅନ୍ତି ନାହିଁ ଅଥଚ ଶମଦମାଦି ଗୁଣ ଲେଶ ମାତ୍ର ଏମାନଙ୍କର ନାହିଁ । ଏହି ବ୍ରାହ୍ମଣମାନଙ୍କର ଅବନତି ହିନ୍ଦୁସମାଜର ଅବନତିର ଆଣିଅଛି । ସେମାନଙ୍କ ଉପରେ ହିନ୍ଦୁସମାଜର ଯେଉଁ ଧର୍ମ ଓ ନୀତିବଳ ଅର୍ପିତ ଥିଲା ସେମାନେ ତାହା ଆପଣା ଅଜ୍ଞାନତା, ଓ ସ୍ୱାର୍ଥପରତା ହେତୁ ବଶାନୁଗତ କରି ଦ୍ୱାରେ ୨ ଭିକ୍ଷାରି ହୋଇ ବୁଲୁଅଛନ୍ତି ଏବଂ “ବ୍ରାହ୍ମଣଜାତି ଭିକ୍ଷାରୀ ” ଏହି କଥାଟିକୁ ରଟନା କରି ସେମାନେ ଆପଣା ପୂର୍ବ ଗୌରବକୁ ଏକାବେଳକେ ଭୁଲି ଯାଇ ଭିକ୍ଷାମାର୍ଗକୁ ଉତ୍ତମରୂପେ ଉଜ୍ଜ୍ୱଳ କରୁଅଛନ୍ତି ।

ଉତ୍କଳଦେଶ ବ୍ରାହ୍ମଣମାନଙ୍କର ବର୍ତ୍ତମାନ ଅବସ୍ଥା କେବଳ ଆଳସ୍ୟ ଓ ଭିକ୍ଷା ଅଟେ । ଏପରି ଭିକାରି ବ୍ରାହ୍ମଣସଂଖ୍ୟା ଅନ୍ୟ କୌଣସି ଦେଶରେ ନାହିଁ । ଏମାନଙ୍କ ଅବସ୍ଥା ଯେତେ ଦିନ ପର୍ଯ୍ୟନ୍ତ ଉନ୍ନତ ହୋଇ ନାହିଁ ସେତେ ଦିନ ପର୍ଯ୍ୟନ୍ତ ଦେଶର ମଙ୍ଗଳ ହୋଇ ପାରିବ ନାହିଁ । ଏହି ଶ୍ରେଣୀର ବ୍ରାହ୍ମଣମାନେ ଯଦ୍ୟପି ଭିକ୍ଷା ନ କରି ପରିଶ୍ରମଦ୍ୱାରା ଜୀବନଯାତ୍ରା ନିର୍ବାହ କରନ୍ତେ ତାହା ହେଲେ ଏମାନେ ସମାଜର ଯେ କେତେଦୂର ଉନ୍ନତି କରନ୍ତେ ତାହା କୋଇ ଯାଇ ନ ପାରେ । ଶରୀରର ହସ୍ତ ଏକଅଙ୍ଗ ଆରୋଗ୍ୟ ଲାଭ କଲେ ଶରୀରସ୍ଥ ଯେପରି ଉପକାରୀ ସେହିପରି ଏମାନେ ସମାଜପ୍ରତି ଉପକାରୀ ହୋଇ ଉଠନ୍ତେ । ଏହି ମୂର୍ଖ ବ୍ରାହ୍ମଣମାନଙ୍କୁ ହିନ୍ଦୁସମାଜ ଭିକ୍ଷା ଦେବାଦ୍ୱାରା ସେମାନଙ୍କୁ ଅନିଷ୍ଟ କରୁଅଛି ଏବଂ ତଦ୍ଦ୍ୱାରା ମଧ୍ୟ ପାପ ଉପାର୍ଜ୍ଜନ ହେଉଅଛି ।

ପୁଣ୍ୟ ଉପାର୍ଜ୍ଜନ ଏବଂ ତଦ୍ଦ୍ୱାରା ସ୍ୱର୍ଗଲାଭ ହେବା ସକାଶେ ହିନ୍ଦୁମାନେ ବ୍ରାହ୍ମଣ ଭୋଜନ କରାଇ ଥାଆନ୍ତି ମାତ୍ର ମୂର୍ଖ ବ୍ରାହ୍ମଣମାନଙ୍କୁ ପ୍ରଶ୍ରୟ ଦେଇ ସେ ଆଶାରୁ ବଞ୍ଚିତ ହୁଅନ୍ତି । କାରଣ କି ମନୁ କହି ଅଛନ୍ତି ।

ଯାବତୋ ଗ୍ରସତେ ଗ୍ରାସାନ୍ ହବ୍ୟକବ୍ୟେଷ୍ୱ ମନ୍ତ୍ରବିତ୍ । ତାବତୋ ଗ୍ରସତେ ପ୍ରେତ୍ୟ ଦୀପ୍ତଶୂଳ ର୍ଷ୍ଟ୍ୟୟୋ ଗୁଡ଼ାନ୍ ।

ଅମନ୍ତ୍ରବିତ୍ ବ୍ୟକ୍ତି ହବ୍ୟ କବ୍ୟ ଯେତେ ସଂଖ୍ୟକ ଗ୍ରାସ ଭକ୍ଷଣ କରଇ, ଶ୍ରାଦ୍ଧକର୍ତ୍ତା ମରଣାନ୍ତେ ସେତେ ସଂଖ୍ୟକ ଦୀପ୍ତଶୂଳର୍ଷ୍ଟି ଅର୍ଥାତ୍ ଉତ୍ତପ୍ତ ଲୌହ ଗୋଲକ ଗ୍ରାସ କରନ୍ତି । ଅତଏବ ଜାଣି ଶୁଣି ମୂର୍ଖ ବ୍ରାହ୍ମଣମାନଙ୍କୁ ଭୋଜନ ଦେବା କେତେଦୂର ପାପ ଅର୍ଜ୍ଜନ ହେଉଅଛି ତାହା ଏଥିରୁ ସ୍ପଷ୍ଟ ପ୍ରକାଶ ପାଉଅଛି । ଦେଖନ୍ତୁ ଏକସ୍ଥଳରେ ବ୍ରାହ୍ମଣ ଭୋଜନ ହେଲେ ସହସ୍ର ୨ ମୂର୍ଖ ବ୍ରାହ୍ମଣ ତହିଁ ନିମନ୍ତ୍ରଣରେ ଉପସ୍ଥିତ ହୁଅନ୍ତି । ଏହା କଦାଚ ଶାସ୍ତ୍ରାନୁମତ ନୁହେ । ଅତଏବ ହିନ୍ଦୁକୁଳର ଶ୍ରୀବୃଦ୍ଧି ଓ ବ୍ରାହ୍ମଣକୁଳର ଗୌରବ ନିମନ୍ତେ ଶାସ୍ତ୍ରାନୁଗତ ବ୍ରାହ୍ମଣଭୋଜନାଦି କାର୍ଯ୍ୟ, କରିବା ଉଚିତ । ଯେପରି ଏକ ଅଗ୍ନି କଣା ଏ ସଂସାରକୁ କ୍ଷଣକେ ଭସ୍ମୀଭୂତ କରି ପାରେ ମାତ୍ର ଶତସହସ୍ର ଅଙ୍ଗାରଦ୍ୱାରା ଏକ କ୍ଷୁଦ୍ର ବସ୍ତୁମାତ୍ର ପରିବର୍ତ୍ତନ ହୋଇ ନ ପାରେ ସେହିପରି ଜଣେ ପ୍ରକୃତ ବ୍ରାହ୍ମଣଦ୍ୱାରା ସମାଜର ଯେତେ ଉପକାର ହେବ ମୂର୍ଖ ଶତସହସ୍ର ବ୍ରାହ୍ମଣଙ୍କଦ୍ୱାରା କିଛି ମାତ୍ର ଉପକାର ହୋଇ ନ ପାରେ ।

“ ସମାଜ ସଂସ୍କାରକ ” ନାମକ ନବପ୍ରକା-

Split by PDF Splitter
Digitized by srujanika@gmail.com

Split by PDF Splitter

230



ଶିତ ଓଡ଼ିଆ ପୁସ୍ତକରେ ମନୁ ଓ ପରାଶର-ସଂହିତା ପ୍ରଭୃତି ଗ୍ରନ୍ଥରେ କପଟ ବ୍ରାହ୍ମଣଙ୍କୁ ପୁରୋହିତ ଓ ଭୋଜନ ଦେବାକୁ ହେବ ତାହା ଶାସ୍ତ୍ରରେ ଉତ୍ତମରୂପେ ଦେଖାଇ ଦିଆ ହୋଇଅଛି । ପ୍ରକାଶକଙ୍କ ଉଦ୍ଦେଶ୍ୟ ଅବଶ୍ୟ ମହତ୍ ସନ୍ଦେହ ନାହିଁ ଏବଂ ସେ ସେଥିନିମନ୍ତେ ଧନ୍ୟବାଦର ପାତ୍ର ମାତ୍ର ବ୍ରାହ୍ମଣଜାତିର କପଟ ନିବୃତ୍ତ ହେବ ତାହା ସେଥିରେ କଛି ଉଲ୍ଲେଖ ନାହିଁ । ମୂର୍ଖ ବ୍ରାହ୍ମଣଙ୍କୁ ଭୋଜନ ଦେବା ଅନ୍ୟାୟ କଥା ନିଷେଧରୂପେ ବୁଝାଇ ଦିଆ ହୋଇଅଛି କିନ୍ତୁ ମୂର୍ଖତ୍ୱ କପଟ ସେମାନଙ୍କର ହ୍ରାସ ହେବ ସେ ବିଷୟର କଛି ଉପାୟ ଦେଖା ଯାଉ ନାହିଁ । ଅପରିଷ୍କାର ଜଳପାନ କରିବା ଅହିତକର ବୋଲି ଉପଦେଶ ଦିଆ ହୋଇ ଅଛି ମାତ୍ର କି ପ୍ରଣାଳୀରେ ଜଳ ପରିଷ୍କାର ରଖିବାକୁ ହେବ ତାହାର ଉପାୟ ପ୍ରକାଶ ହୋଇ ନାହିଁ ।

ଏହିସବୁ ବିବେଚନା କରି ଆମ୍ଭେ ଏକ ପ୍ରସ୍ତାବ କରୁ ଅଛୁଁ ତାହା କାର୍ଯ୍ୟରେ ପରିଣତ ହେଲେ ଉଭୟର ଅର୍ଥାତ୍ ଆମ୍ଭମାନଙ୍କର ଓ ବ୍ରାହ୍ମଣମାନଙ୍କର କେତେଦୂର ମଙ୍ଗଳ ହୁଅନ୍ତା ତାହା ଆପଣମାନେ ବିବେଚନା କରିବେ ।

ସାଧାରଣ ଲୋକଙ୍କର ବିଶ୍ୱାସ ଯେ ଶ୍ରାଦ୍ଧ କ୍ରିୟାରେ ଯେ ଯେତେ ବ୍ରାହ୍ମଣ ଭୋଜନ କରାଇବେ ତାହାଙ୍କୁ ସେତେ ପୁଣ୍ୟ ହେବ ଏବଂ ସମସ୍ତଙ୍କର ଏହା ମଧ୍ୟ ଅଭିମତ ଯେ କୌଣସି ବ୍ରାହ୍ମଣ ପିଲାକୁ ଗ୍ରାସାଚ୍ଛାଦନ ଦେଇ ବିଦ୍ୟା ପଢ଼ାଇଲେ ବ୍ରାହ୍ମଣଭୋଜନ କାର୍ଯ୍ୟ ଅପେକ୍ଷା ବିଶେଷ ଶ୍ରେୟସ୍କର । ଅତଏବ ଆମ୍ଭମାନଙ୍କର ଏପରି ଏକ ଉପାୟ ଉଦ୍ଭାବନ କରିବା ଉଚିତ ଯହିଁରେ କି ସାଧାରଣଙ୍କ ବିଶ୍ୱାସପ୍ରତି କୌଣସି ଆଘାତ ହେବ ନାହିଁ ଅଥଚ ବ୍ରାହ୍ମଣଜାତିର ଉନ୍ନତି ଏବଂ ଆମ୍ଭମାନଙ୍କର କାର୍ଯ୍ୟ ମଙ୍ଗଳ ହେବ । ତାହା ଏହି ;—

ଶାସ୍ତ୍ରାନୁସାରେ ଶ୍ରାଦ୍ଧ କାର୍ଯ୍ୟରେ ପାଞ୍ଚଜଣ ମଧ୍ୟରେ ବ୍ରାହ୍ମଣଙ୍କୁ ଭୋଜନ ଦେବାକୁ ହେବ । ଯଦ୍ୟପି ଏଥିରୁ କେହି ବେଶୀ ବ୍ରାହ୍ମଣଙ୍କୁ ଭୋଜନ ଦେବାକୁ ଇଚ୍ଛା କରେ ତାହା ହେଲେ ସେ ଅଧିକ ବ୍ରାହ୍ମଣଙ୍କୁ ଭୋଜନ ନ ଦେଇ ଯହିଁରେ ଯେତେ ଟଙ୍କା ଖରଚ ହୁଅନ୍ତା ସେହି ଟଙ୍କାକୁ ବ୍ରାହ୍ମଣ ପିଲାମାନଙ୍କ ବିଦ୍ୟାଧ୍ୟୟନ ସକାଶେ ଉତ୍ସର୍ଗ କରିବେ । ଏହି ଟଙ୍କାମାନ ରଖିବା ସକାଶେ ପୁଣ ମୁକ୍ତିମଣ୍ଡପରେ ଏକ ବ୍ରାହ୍ମଣ ସଭା ଗଠିତ ହେଉ । ଯେଉଁମାନଙ୍କର ଅଧିକ ବ୍ରାହ୍ମଣ ଭୋଜନ କରାଇବାର ଇଚ୍ଛା ସେମାନେ ସଙ୍ଖ୍ୟାନୁଯାୟୀ ୫ ଟଙ୍କା କମ୍ବା ୫ ଟଙ୍କାରୁ ଊର୍ଦ୍ଧ୍ୱ ଉକ୍ତ ସଭାକୁ ପଠାଇବେ । ଉକ୍ତ ସଭା ସଙ୍ଗେ ଯେପରି ଗବର୍ଣ୍ଣମେଣ୍ଟ ସ୍କୁଲ କମିଟିର ସମ୍ବନ୍ଧ ଥିବ ଯେ ଉକ୍ତ କମିଟୀ ଟଙ୍କା ଓ ବ୍ରାହ୍ମଣପିଲାମାନଙ୍କ ଅଧ୍ୟୟନ ବିଷୟର ତତ୍ତ୍ୱାବଧାରଣ କରୁଥିବେ । ଏ ଟଙ୍କାରେ କେବଳ ଗରିବ ବ୍ରାହ୍ମଣପିଲାମାନେ ବିଦ୍ୟାଧ୍ୟୟନ କରିବେ ଏହା ହେଲେ ବ୍ରାହ୍ମଣ ଭୋଜନ କାର୍ଯ୍ୟକୁ ବ୍ରାହ୍ମଣ ଭୋଜନ କାର୍ଯ୍ୟ ହୁଅନ୍ତା ଅଥଚ ବ୍ରାହ୍ମଣ କୁଳର ଏକ ମହତ୍ ଉପକାର ହୁଅନ୍ତା ଏବଂ ଆମ୍ଭମାନଙ୍କର ବ୍ରାହ୍ମଣ ଭୋଜନ ସମୟରେ ଯେତେ ଯନ୍ତ୍ରଣା ଭୋଗ ଓ କ୍ଷତି ସହିବାକୁ ହୁଏ ତାହା ଆଉ ହୁଅନ୍ତା ନାହିଁ ।

ଅତଏବ ଆମ୍ଭେ ପ୍ରାର୍ଥନା କରୁଁ ଯେ କଟକ ନଗରସ୍ଥ ଉତ୍କଳସମ୍ମିଳନୀ ସଭା ଓ ଭଗବତ୍ ଭକ୍ତିପ୍ରଦାୟିନୀ ସଭା, ପୁରୀ ନଗରସ୍ଥ ସନାତନ-ଧର୍ମସଂରକ୍ଷିଣୀ ସଭା ବାଲେଶ୍ୱର ନଗରସ୍ଥ ସଭା ଏବଂ ବ୍ରାହ୍ମଣମାନେ ଏ କାର୍ଯ୍ୟସାଧନ ବିଷୟରେ ବିଶେଷ ଯତ୍ନଶୀଳ ହେବେ ।

ଶ୍ରୀ ଦାମୋଦର ପଟ୍ଟନାୟକ ।

## ଭ୍ରମ ସଂଶୋଧନ ।

୨୯ ସଂଖ୍ୟା ପତ୍ରିକାରେ ମୂଲ୍ୟପ୍ରାପ୍ତି ସ୍ତମ୍ଭରେ ଶ୍ରୀ ବାବୁ ଦିବାକରଦାସଙ୍କ ନାମପଛରେ ଅଗ୍ରିମ ଟ ୧୯ ସ୍ଥଳେ ଦେଢ଼ ଟଙ୍କା ହେବ ।

## ମୂଲ୍ୟ ପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀ ମାଧବ ପ୍ରହରାଜ | ଜଗତ୍ପୁର | ଅଗ୍ରିମ | ଟ ୩ |
| ବାବୁ ସଦାନନ୍ଦ ଦାସ | ଅନୁଗୁଳ | ” | ଟ ୩ |
| ” ଜଗନ୍ନାଥ ଭ୍ରମରବର ରାୟ | କେନ୍ଦ୍ରାପଡ଼ା | ” | ଟ ୩ |
| ” ଦିବାକରଦାସ | କୋଠଦେଶ | ବକେୟା | ଟ ୩ ୵ |
| ” କାହ୍ନୁଚରଣ ଦାସ | କଟକ | ଅଗ୍ରିମ | ଟ ୩ |
| ” ଗୋବିନ୍ଦ ଦାସ | ” | ” | ଟ ୩ |
| ” ତୀର୍ଥାନନ୍ଦସ୍ୱାମୀ | ” | ” | ଟ ୧ |
| ଶ୍ରୀ ବାଲୁକେଶ୍ୱର ଅଗ୍ରବର୍ତ୍ତି | ବଲପଦ୍ମା | ” | ଟ ୧୵ |
| ବାବୁ ଡି, ଏନ୍, କରକାଙ୍କ ସୁନ୍ଦରଗଡ଼ ଏଜେଣ୍ଟ ସବ୍ ଅସିଷ୍ଟାଣ୍ଟଇନସ୍ପେକ୍ଟରେ ପ୍ରବେଶ | | ଅଗ୍ରିମ | ଟ ୩ |
| ବାବୁ କାଳୀପଦ ବାନାର୍ଜି | କଟକ | ବକେୟା | ଟ ୭ |
| | ” | ଅଗ୍ରିମ | ୮ ୩ |
| ” ପଦ୍ମଲଦାସ | ଢେଙ୍କାନାଳ | ଅଗ୍ରିମ | ଟ ୨ |
| ଶ୍ରୀ ଶ୍ରୀ ରାଜା ବଣ୍ଟେ ଭୁଣ୍ଡୋଳ | | ” | ଟ ୩ |

## NOTICE.

**CUTTACK STUDENTS' SERVICE.**

Lecturer— Babu Bijoy Chandra Muzumdar B. A.

Subject— "The History of the Faith in God".

Time— Saturday the 22nd June at 5 P. M.

Place— Cuttack Town School Hall.

19—6—89 Cuttack. } Viswanath Kar
*Secretary*

**SAMYABADY INSTITUTION**

***FIVE SILVER MEDALS,***

**WORTH Rs. 100**

To be awarded according to merits to those five students who will pass this year the Calcutta University Entrance Examination in the first Division from the above institution.

Cuttack 3-6-89 } LALIT M. CHACKRAVARTY.
*Secretary.*

## ବିଜ୍ଞାପନା ।

ମୃତ ଡାକ୍ତର ମାଦନଙ୍କ ତ୍ୟକ୍ତ ସମ୍ପତ୍ତି ସମ୍ପର୍କରେ ସନ ୧୮୭୪ ସାଲର ଅଂ ୧୦ ଆଇନର ଧା ୩୨୦ ଓ ଏବଂ ସନ ୧୮୬୬ ସାଲର ୨୮ ଆଇନର ଧା ୪୨ ଅନୁଯାୟୀ ବିଜ୍ଞାପନ ଦିଆ ଯାଉଅଛି କି ଓଡ଼ିଶାର କଟକସ୍ଥ ପରଲୋକଗତ ଡାକ୍ତର ମାଦନଙ୍କ ସମ୍ପତ୍ତି ବିରୁଦ୍ଧରେ ଯେ ସମସ୍ତ ବ୍ୟକ୍ତିଙ୍କର କଛି ପାଉଣା ଅଛି ସେମାନେ ସନ ୧୮୮୯ ସାଲର ଆସନ୍ତା ଜୁଲାଇମାସର ତା ୩୦ ଦିନରେ ଅଥବା ତହିଁ ପୂର୍ବରୁ ଆମ୍ଭ ନିକଟକୁ ଉକ୍ତ ପାଉଣାର ସବିଶେଷ ବିବରଣ ଲେଖି ପଠାଇବେ । ଉକ୍ତ ଦିବସ ଉତ୍ତାରେ ତାହାର ଦାବି ଶୁଣା ଯିବ ନାହିଁ ଓ ମୃତବ୍ୟକ୍ତିଙ୍କ ତ୍ୟକ୍ତ ସମ୍ପତ୍ତି ସମସ୍ତ ବାଣ୍ଟି ଦିଆଯିବ ।

ପ୍ରକାଶ ଥାଉ କି ଆମ୍ଭେ ବଙ୍ଗୀୟ ଫୋର୍ଟ ଉଇଲିୟମସ୍ଥିତ ହାଇକୋର୍ଟଠାରୁ ମୃତବ୍ୟକ୍ତିର ଶେଷ ଉଇଲର ପ୍ରୋବେଟ ପ୍ରାପ୍ତ ହୋଇଅଛୁଁ ।

ନଂ ୧୬ ଷ୍ଟ୍ରାଣ୍ଡ କଲିକତା ୧୦।୬।୮୯ } ଉଇଲିୟମ ଜସ୍

## କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଉପେନ୍ଦ୍ରଭଞ୍ଜକୃତ ଉତ୍କଳକାବ୍ୟ ଟୀକା ଓ ଅର୍ଥ ସହିତ ମୁଦ୍ରିତ ହୋଇ ପ୍ରିଣ୍ଟିଂକୋମ୍ପାନିଙ୍କ ଦୋକାନରେ, ଭିକ୍ଟୋରିଆପ୍ରେସରେ ଓ ବାବୁ ଶ୍ୟାମସୁନ୍ଦର ମୁଖାର୍ଜିଙ୍କଠାରେ ବିକ୍ରୀ ହେଉଅଛି, ମୂଲ୍ୟ ଦୁଇଟଙ୍କା ।

Digitized by srujanika@gmail.com

ନୂତନ ପୁସ୍ତକ ! ନୂତନ ପୁସ୍ତକ !!

ବର୍ଣ୍ଣବିନ୍ୟାସ ।

ଶ୍ରୀ ମଧୁସୂଦନ ମିଶ୍ରଙ୍କ କର୍ତ୍ତୃକ ସଙ୍କଳିତ ।

ଏହି ପୁସ୍ତକ ପ୍ରଥମ ଶିକ୍ଷାର୍ଥୀ ବାଳକମାନଙ୍କର ପ୍ରଥମ ପାଠ୍ୟପୁସ୍ତକ । ଏହା ପାଠ କଲେ ବାଳକମାନେ ସ୍ୱଳ୍ପାୟାସରେ ଏବଂ ଅଳ୍ପ ଦିବସ ମଧ୍ୟରେ ସୁନ୍ଦରରୂପେ ଉତ୍କଳବର୍ଣ୍ଣ ପରିଚୟ କରି ପାରିବେ । ଏଥିରେ ସନ୍ଧିର ଫଳା ଛନ୍ଦାନୁଯାୟୀ ଶବ୍ଦ ଲେଖିବାର ପ୍ରଣାଳୀ, ସପ୍ତାଙ୍କ, ସାମାନ୍ୟ ଲଘୁପାଠ, କୋଇଲି, ଦଶଅବତାର ଓ ବର୍ଣ୍ଣନୀୟ ବିଷୟ ସକଳ ବିଶଦରୂପେ ସନ୍ନିବେଶିତ ହୋଇଅଛି । ମୂଲ୍ୟ ଟ ୦/ ଡାକମାସୁଲ ଟ ୦/୬ ମାତ୍ର । ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପ୍ରେସରେ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ତାଳଚେରସ୍କୁଲ ହେଡ଼ପଣ୍ଡିତଙ୍କ ନିକଟରେ ପ୍ରାପ୍ତବ୍ୟ

---

NOTICE.

Key to the New Royal Readers No. I is out and sold in the Printing Company's office.

Price annas three only.

ନୂତନ ରୟାଲରିଡର ନ ୧ ମ୍ବରର ମାନେ ବହି ଛପାହୋଇ ପ୍ରିଣ୍ଟିଂକମ୍ପାନୀଙ୍କ ଅଫିସରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ମୂଲ୍ୟ ତିନିଅଣା ମାତ୍ର ।

GOWREE SUNKER ROY.
Secretary.

---

# ବିଜ୍ଞାପନ ।

ପ୍ରମେହାନ୍ତକ କଷାୟ ।

ଏହି ଔଷଧ ସେବନରେ ସକଳ ପ୍ରକାର ମେହ ରୋଗ ଏକ ସପ୍ତାହ ମଧ୍ୟରେ ଏକାବେଳକେ ଆରୋଗ୍ୟ ହୁଅଇ । ପ୍ରସ୍ରାବ କଲାବେଳେ ଯନ୍ତ୍ରଣା ଥିବା ପଡ଼ିବା ରକ୍ତ ପ୍ରସ୍ରାବ ଖଡ଼ିଜଳ ପରି ପ୍ରସ୍ରାବ, ଟୋପା ଟୋପା ପ୍ରସ୍ରାବ ପ୍ରସ୍ରାବ ଦ୍ୱାର ଫୁଲିବା ଓ ଜ୍ୱାଳାଦି ଏକାବେଳକେ ଆରୋଗ୍ୟ ହୁଅଇ ।

ଏକଶିଶିର ମୂଲ୍ୟ ଟ ୧ ପ୍ୟାକିଂ ଟ ୦/

ଡାକମାସୁଲ ଟ ୦ ।

---

ଲୋମନାଶକ ଚୂର୍ଣ୍ଣ ।

ଏହି ଚୂର୍ଣ୍ଣକୁ କୌଣସି ଲୋମଯୁକ୍ତ ସ୍ଥାନରେ ଲଗାଇ ଦେଲେ ମାତ୍ରକେ ତତ୍କ୍ଷଣାତ୍ ବିନା ଯନ୍ତ୍ରଣାରେ ଲୋମମାନ ସେ ସ୍ଥାନରୁ ଉଠିଯିବ । ଏହି ଚୂର୍ଣ୍ଣଦ୍ୱାରା ଦାଢ଼ି ନିଶ, ବେକ ପ୍ରଭୃତି ସ୍ଥାନରୁ ଲୋମ ଉଠାଇଦେବା ଅତି ସହଜଅଟେ ।

ଏକଶିଶିର ମୂଲ୍ୟ ଟ ୦ ୫ ପ୍ୟାକିଂ ଟ ୦/

ଡାକମାସୁଲ ଟ ୦ ।

ଏହା ଛଡ଼ା ସକଳ ପ୍ରକାର ରୋଗର ଔଷଧ ଅଛି । ବିଦେଶରୁ ରୋଗର ଅବସ୍ଥା ସମସ୍ତ ଲେଖି ପଠାଇଲେ ତହିଁ ଉପଯୋଗୀ ବ୍ୟବସ୍ଥା ଦିଆଯାଏ ।

କବିରାଜ ଶ୍ରୀ ଅଧରନାଥ ଶର୍ମ୍ମା ।
ନ ୨୮ ମ୍ବର ହରଘୋଷର ଷ୍ଟ୍ରିଟ, ସିମୁଲିଆ କଲିକତା ।

---

ଶ୍ରୀମତ୍ ମହର୍ଷି ବେଦବ୍ୟାସଙ୍କ ଶ୍ରୀମଦ୍ଭାଗବତ ପ୍ରଥମସ୍କନ୍ଧ ଶ୍ରୀ ଶ୍ରୀଧର ସ୍ୱାମିଙ୍କ ଟୀକା ଏବଂ ଭାଷା ଅନୁବାଦ ସହିତ ମହାମହିମ ଶ୍ରୀ ଶ୍ରୀ ତାଳଚେରାଧିପତିଙ୍କ ଦ୍ୱାରା ବିନାମୂଲ୍ୟରେ ବିତରିତ ହେବା କାରଣ ପ୍ରକାଶିତ ହୋଇଅଛି ଏବଂ ସ୍ୱନାମଧନ୍ୟ ଅଦେଶାନୁସାରେ ବିତରଣର ଭାର ଆମ୍ଭମାନଙ୍କ ଉପରେ ଦେଇଅଛନ୍ତି ଅର୍ପିତ ହୋଇଥିବାରୁ ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଯାହାଙ୍କର ଏ ପୁସ୍ତକ ପ୍ରୟୋଜନ ହେବ ଆମ୍ଭ ନିକଟକୁ ପତ୍ର ଲେଖିଲେ ପାଇପାରିବେ । ଡାକରେ ପୁସ୍ତକ ନେବାର ପ୍ରୟୋଜନ ହେଲେ ଡାକମାସୁଲ ନିମନ୍ତେ ଟ ୦/୬ ର ଷ୍ଟାମ୍ପ ପଠାଇବାକୁ ହେବ ।

ପ୍ରକାଶଥାଉକି ଯେଉଁମାନେ ସଂସ୍କୃତ ପଢି ବୁଝିପାରିବେ ସେହିମାନେ ପାଇବାର ଯୋଗ୍ୟ ଅଟନ୍ତି ।

| | |
|---|---|
| କଟକ<br>ତା ୪ ରିଖ ଅପ୍ରେଲ<br>ସନ ୧୮୮୯ ସାଲ | ଶ୍ରୀ ଗୌରୀଶଙ୍କର ରାୟ<br>ସେକ୍ରେଟରୀ ପ୍ରିଣ୍ଟିଂ<br>କମ୍ପାନୀ |

---

ପ୍ରାକୃତିକଭୂଗୋଳ ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

---

ବିଦେଶ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା, କଳ-ଗାଡ଼ି, କାମିଜ, କୋଟ, ଦେଶୀ ଓ ବିଲାତୀଯୋତା, ନାନାପ୍ରକାରଲୁଗା, ଖେଳିବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କଣି ପଠାଇବାର ପରିଶ୍ରମ ନିମନ୍ତେ ଶତକଡ଼ା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଅମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୋଗର କାଳ, ରୋଗି ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କେବେ ଏହିକି ମାତ୍ର କହିପାରୁଁ କି ଆମ୍ଭନିକଟରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

| | |
|---|---|
| Cuttack Stores<br>ବିବିଧଦ୍ରବ୍ୟ ଓ ଔଷଧାଳୟ | ଶ୍ରୀଲଳିତମୋହନ ଚକ୍ରବର୍ତ୍ତୀ<br>ଡାକ୍ତର, ବାଲୁବଜାର କଟକ |

Split by PDF Splitter
Digitized by srujanika@gmail.com

# ମେହରୋଗ ।

୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚାର୍ଦ୍ଧ ରୋଗିଣବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନହେ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହ କଲେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବା । ଯେଉଁମାନେ ଆରୋଗ୍ୟ ନ ହେବେ କିମ୍ବା କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଉତ୍ସର୍ଗରେ ପଡ଼ିଣରେ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରସ୍ତୁତ ହେବ କଲିକତା ଅପେରଷ୍ଟୋର୍ଣ ନମ୍ବର ଭବନରେ ଷ, ଦେ, ସର କମ୍ପାନିଙ୍କଠାରେ ଏବଂ କଟକ ବାଲୁବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ୨୲ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

---

ଚମତ୍କାର ମହୌଷଧ

ମଦର୍ସ ସିଗଲ ସିରପ ଓ ଇହଁର ପିଲ୍ ଏ ଔଷଧ ବାଇ ଓ ପେଟବନ୍ଧା ଓ ଜ୍ୱର ଆଦି ଅନେକ ବେମାରରେ ଉପକାରୀ । ଡାକ୍ତର ସ୍ମିଥ ଷ୍ଟେନିସ୍ଟ୍ରିଟକୋମ୍ପାନିଙ୍କ ଉଦ୍ଭୃତ ଅମୃତ ଚଉଧୁରିବଜାର ଦୋକାନରେ ବିକ୍ରୟ ସକାଶେ ମଜୁଦ ଅଛି ଗ୍ରାହକବର୍ଗ ଆବଶ୍ୟକମତେ ତଲାସ କଲେ ପାଇ ପାରିବେ ।

| | |
|---|---|
| ମଦର୍ସସିଗଲସିରପ | ସି ୧ ୬ ଟ ୧୲୵ |
| ପିଲ | ବା ୧ ୬ ଟ ୧୯ |
| ୧୬୬୮୯୪ | ଶ୍ରୀ ଅରବିନ୍ଦଷଡ଼ଙ୍ଗୀ କୋମ୍ପାନି |

---

# ବାଲିକାଗଜ ।

ଭଲଜୀବ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରିଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଜ୍ଜୁନ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୭ ଦସ୍ତେ ବାଲ | ର ୧୬ ଟ ୨୲୵ | ର ୧୬ ଟ ୦୲୯ |
| ୧୫ ଦସ୍ତେ ,, | ,, ଟ ୨୲ | ,, ଟ ୦୲୮ |
| ୧୨ ଦସ୍ତେ ,, | ,, ଟ ୨୲ | ,, ଟ ୦୲ |
| ୨୨ ଦସ୍ତେ ଭଲପୁରଷ୍ଟେଲ୍ ,, | ଟ ୨୲ | ,, ଟ ୦୲୯ |

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରିବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଡବରକୋଣା ଓ ଝଲଗା ଓ ରେସମୀଓରେର ଲୁଗା ଓ ଷ୍ଟେସନରୀ ଓ କଳଂକୀ ଜମାଖ ସତରଞ୍ଜ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଅଧୁନା ଅଲ୍ପ ହେଉଛି ଫେସନ ଛିଟସାଢ଼ି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ କଲୋର ଶାଢ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଚ କରିବାକୁ ଚାହିଁଲେ ତାଙ୍କ ନିକଟକୁ ପଠାଯିବ । ଯଦି ଉକ୍ତ ଶାଢ଼ିମାନ ବିକ୍ରୟ ହେବା ଦର ଅପଣା ମଫସଲ ସକାଶେ ଦରକାର ହେବେ ଏକ କୋଡ଼ିକୁ ଯେ ଦର ଟ୦୲୨ ହିସାବରେ ବଢ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ସବୁ ଖର୍ଚ୍ଚପତ୍ର ଭାର ତାଙ୍କ ଉପରେ ରହିବ । ଅଳ୍ପ ହେଲେ ଶାଢ଼ିର ପରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ତାଲିକା ।

| | |
|---|---|
| କଲର ଗୋଲାପ ଚ ଛିଟ୍‌ରେ ଗୁଡ଼ ଦେଲେ ଖଲେ । | ବର୍ତ୍ତି ଅର୍ଦ୍ଧ । |
| ଅଟେରଫାଳ | କୋଟେଟାଉନ୍ । |
| ସ୍ଵଦେଶୀକ୍ ତେଲ ଲଗା ଲାଲ ସାଦା ଓ କୋଳ ସବୁର । | କାର ଡିଜର ଓ ରଙ୍ଗ ଇଟିଷ ଓ ସାଦା ସଲ୍ଲା |
| ଭୁରୁଂ ଅର୍ଥାତ୍ ଚକଚା କଡ଼ବା ବାଗେ ପେନ୍‌ସିଲ ଓ କଲମ । | ଉକର୍ଷ ବୁଲସମ୍ପୁର୍ଣ୍ଣ ଏକଖଣ୍ଡ ଛୁରୀ |
| ରେଶମିଲ କାକୁଡ଼ି ଲକ୍ଷ । | ନେଲକଟ ଫଣୋର ଘନ ଦେବକୀ ଅଟେ |
| ନାନା ପ୍ରକାରର ଉଠିକାଗଜ ଓ ଇଫାଫା ଟୋଟ ଘର | ଏ, ଗୋଷ୍ଠଳ ସସ୍ତେଲ କାମୀଳ ଓ କୁକୁଡ଼ା । |
| ଦେଶର ଖଣ । | କପଡ଼ା ଅଟରୋଷ୍ଟ ଏକଳ ଡାଳର । |
| ତସର ସାଲୁକ । | ଅଷ୍ଟମୋଷ୍ଟ ପେନ୍ସିଲ ଅଛି ଏ ପେନ୍ସିଲ୍‌ରେ ଲେଖି କାଟିବା ପରେ ଲିଖ ଉଭାଇ ଯାଏ |
| ଡାକାଉ ସାବାନ ଖଣ୍ଡେ ଲେ ବ୍ରୁଷ ଉଗ୍ଧାର ଜୁତା । | ପେନ୍ସିଲ୍ ଲେଖା ସ୍ଥଲେ ହେଲ ଉପାଦ ଟେଲୋଗ୍ରାଫ ଓ ଉପର ଲେଖା । |
| ଅଟୋର ପ୍ରେସ—ଅର୍ଥାତ୍ ସୁଗନ୍ଧି ଦ୍ରବ୍ୟ । | |
| ଅଗର ଭୁଷ । | |
| ଓଲିଭର ସୁଗ ଛତା । | |
| ସୋର୍ଦ୍ଧୁଷ୍ଟଡ଼ ଓ ପିହୁଲର ଦେଶୀ ମୋଟ ଓ ଚଉଡ଼ା ଭଲେ ଘରେ | ଲଗ ଓ ଗାଲୁକରକୋଟ ଫିତା |
| ଦୁଗ୍ଧ କାଚ ଅର୍ଥାତ୍ ଲେଷ୍ଟକାଟକେଲେ ପର ଓ ଗୁଣଲେ ବଳା ହେବ । | ବରଫିକ'ଲେବରେ କର ଖାଇବାର ଖାଦ ମସଲାମା |
| ଅଲିଆ ବସ୍ତା ୫୨ × ୧୦ ଇଞ୍ଚ ୧୫ × ୧୨ ଇଞ୍ଚ ୧୦ × ୧୫ ,, | ଲେଭ ବୁ ପେନ୍ସିଲ କଡ଼ାଇଗୀ ଆଳ୍ପି ଓ ଘୋଡ଼ା ଓ ଲନ |
| ମୋଜା ଓ ଗୋଲାବ ରଞ୍ଜନ, ଏଣ୍ଡ କମ୍ପାନିଃ ଗଙ୍ଗାଜଳ ଓ ଧୂପକାଠି | ମଲସୁତାଳାଷ ଓ ଫିତାଂ ଦାର ଗାମୋଛ ଓ ଗାର୍ଡ଼ି । |
| ଭେମେସ୍ତରେଳ । | ଟିଣ୍ଟ ବାଟ |
| | ଏଣ୍ଡିମୋଷ ଅର୍ଥାତ୍ ଇସ୍ପାତ ଉପର ଅକ୍ଷର ରଙ୍ଗର ଚଢ଼ିବା କମରେ ତଳକାର ହୁଏ । |

# ପିଚକାରୀ ।

ଏ ଚାରକୁ ଦେଇଶହି ଯାଗରେ ରଖି ବଣ୍ଟରେ ଭରିଲାଇ କୋଠାଘରର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ, ଘରର ମଧ୍ୟ ଅରେ ଲେପିଦେଲେ ମଜବୁତ ଓ ଭଲ ଦିଶିବ ନାହିଁ ।

କଟିଲ ଟମଳା ଓ ସାଉରେ ଲଗାଇବାର ଚାଲ ମଧ୍ୟ ଅଛି ।

ଅରୁଣକଷ୍ଟନ କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୲୵ |
| ଅକ୍ଷସ୍ତମ୍ଭକୁ | ଟ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୪୲ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାହାର ଖର୍ଚ୍ଚ ଟ ୦୲ କୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ତେହା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ସହର ଚଉଧୁରିବଜାର ଦାସ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

REGISTERED NO. 1

233

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୪ ଶ }
ସଂ ୨୬ ସଂଖ୍ୟା } ତା ୨୯ ଶେଷ ମାହେ ଜୁନ ସନ ୧୮୮୯ ଖ୍ରୀ । ମୁ । ଆଷାଢ଼ ତା ୧୭ ଲ ଶକ ୧୨୯୭ ସାଲ, ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୩।୦

ଷ୍ଟେଟ୍ସ୍ମାନ ଲେଖିଅଛନ୍ତି ଭାରତବର୍ଷରେ ଇଂରାଜ ଟୀକା ଦେବାର ରୀତି ବଦଳାଇବାର ପ୍ରସ୍ତାବ ହୋଇଅଛି । ମନୁଷ୍ୟ ଦେହରୁ ଟୀକା ନେବା ପ୍ରଥା ରହିତ ହୋଇ କେବଳ ବାଛୁର ଦେହରୁ ଟୀକା ନେଇ ଏଣିକି ଟୀକା ଦିଆଯିବ । ଏ ରୀତି ସର୍ବ ସାଧାରଣରେ ଅଧିକ ଆଦରଣୀୟ ହେବ ସନ୍ଦେହ ନାହିଁ ।

---

ଗତ ରବିବାରଠାରୁ ତ ୪ ତାରିଖ ପର୍ଯ୍ୟନ୍ତ ଲଗାଣ ଝଡ଼ି ହୋଇଅଛି ତନ୍ମଧ୍ୟରେ ଶେଷ-ଦିନ ବୁଧବାର ଦିନ ଓ ରାତ୍ରରେ ଅନେକ ଜଳବୃଷ୍ଟି ହୋଇଅଛି ଯେଉଁଠାରେ ପୂର୍ବରୁ ... ହୋଇଥିଲା ସେଠାରେ କେନ୍ଦୁଡ଼ା ... ଲାଗି ଯାଇ ଅଛି । କେତେକ ... ଗଛ ଧୋଇ ହେବାର ... ଅଛି । ଏ ସମୟରେ ଏତେ ଅଧିକ ... ନ ଥିଲା ।

---

ଅନୁଗୁଳ ସମ୍ବାଦରେ ଗବର୍ଣ୍ଣମେଣ୍ଟ ଦକ୍ଷିଣହାର ଟଙ୍କା ସାହାଯ୍ୟ ମଞ୍ଜୁର କରି ଅଛନ୍ତି ଅର୍ଥାତ୍ ଇଶାକଦାଢ଼ନ ନିମନ୍ତେ ଟ ୫୦୦୦୦ ଙ୍କା, ସାହାଯ୍ୟ-କାର୍ଯ୍ୟ ନିମିତ୍ତ ଟ ୩୦୦୦୦ ଙ୍କା ଏବଂ ଅକ୍ଷମ-ବ୍ୟକ୍ତିଙ୍କୁ ଅନ୍ନାଦି ବାଣ୍ଟିବା ନିମନ୍ତେ ଟ ୨୦୦୦୦ ଙ୍କା । ଏଥିରୁ ଦେଖାଯାଏ ଯେ ଗବର୍ଣ୍ଣମେଣ୍ଟ ସାହାଯ୍ୟ କରିବାକୁ ପ୍ରସ୍ତୁତ କେବଳ କର୍ମ-ଚାରୀମାନଙ୍କ ଅମନୋଯୋଗିତାରୁ ଯଥା ସମୟରେ ଏହା ହେଲା ନାହିଁ ଏବଂ ଲୋକେ ଲୋକେ ମର ଗଲେ ।

---

ଗତ ଇଣ୍ଡିଆନ ଗେଜେଟରେ ଦେଖିଲୁଁ ଯେ ଯେଉଁମାନେ ବି, ଏଲ ପରୀକ୍ଷାରେ ପାସ କରିଥିଲେ ସେମାନଙ୍କୁ ପୁଣି ଅନ୍ୟ ପରୀକ୍ଷା ପାସ କରିଥିବାରୁ ସେମାନଙ୍କ ନାମ ପ୍ରକାଶ ହୋଇଅଛି । ଭୁଲବଶ ହେତୁରୁ ଏମାନଙ୍କର କପାଳ ଫିଟିଲା ଅବଶ୍ୟ ଶୀଘ୍ର ଜଣା ପଡ଼ିବ । ପରୀକ୍ଷକମାନେ ସମୟରେ ହେଉ ପଛକେ ଭ୍ରମ ସଂଶୋଧନ କଲେ ସୁଖର ବିଷୟ ଅଟଇ ମାତ୍ର ଏହା ବିଶ୍ୱବିଦ୍ୟାଳୟର ଅନୁକୂଳ ନୁହଇ ।

---

ଗବର୍ଣ୍ଣମେଣ୍ଟର ବୃଷ୍ଟିପରୀକ୍ଷକ କହି ଅଛନ୍ତି ଯେ ସନ ୧୮୮୯ ସାଲର ବର୍ଷାଋତୁ ଗତ ଏ-ବର୍ଷର ବର୍ଷାଋତୁ ହେବ । ସେ ବର୍ଷ ଯଥା ବଙ୍ଗ-ଦେଶ ଛଡ଼ା ଭାରତବର୍ଷର ସର୍ବତ୍ରରେ ଗ୍ରୀଷ୍ମ ଅଧିକ ଏବଂ ବୃଷ୍ଟି ନିୟମିତ ପରିମାଣରେ ହୋଇଥିଲା । ଏବର୍ଷ ମଧ୍ୟ ଉକ୍ତ ଦୁଇପ୍ରଦେଶ ଛଡ଼ା ଅନ୍ୟ ସକଳ ସ୍ଥାନରେ ନିୟମିତ ବା ତହିଁରୁ କିଛି ଅଧିକ ବୃଷ୍ଟି ହେବ । ଏ ଗଣନା ଠିକ ହେବାର ଲକ୍ଷଣ ବର୍ତ୍ତମାନ ସମୟରୁ ଦିଶୁ-ଅଛି ।

---

ଉତ୍କଳ ବ୍ୟାପାର ଏଠାରେ ବସ୍ତି ହେବାର ଯେଉଁ ବନ୍ଦୋବସ୍ତ ଲେଖିଥିଲୁ ତାହା ଅବଧି ସ୍ଥିର ହୋଇ ନାହିଁ । ଏସମ୍ପ୍ରତି ଇଂଲଣ୍ଡ ଓ ଚୀନ-ମଧ୍ୟରେ ଚିଠିପତ୍ର ଚାଲିଅଛି । ଉଭୟ ରାଜ୍ୟ ମଧ୍ୟରେ ପରସ୍ପର ସମ୍ପର୍କମାନ ନିଷ୍ପତ୍ତିରୂପେ ନିଷ୍ପତ୍ତି ହୋଇଗଲେ ତିବ୍ବତ ଓ ଭାରତବର୍ଷର ସୀମା ତହିଁ ସଙ୍ଗେ ସଙ୍ଗେ ଠିକ ହୋଇଯିବ ତତ୍ପର-କାଳକୁ ଆଉ କିଛି ଗୋଳଯୋଗ ରହିବ ନାହିଁ । ଅସ୍ମାନଙ୍କ ବିବେଚନାରେ ଏ କଥାର ଭଲ ଏବଂ ଏହା ପୂର୍ବରୁ ହୋଇଥିଲେ ସେନା ପଠାଇ ଖର୍ଚ୍ଚାନ୍ତ ହେବାର ଆବଶ୍ୟକ ହୋଇ ନ ଥାନ୍ତା ।

---

ଗତ ଓଡ଼ିଶାରୁ ପ୍ରକାଶ ଯେ ଗୋପଗଲର ଦୁଃଖିଲୋକଙ୍କୁ ସାହାଯ୍ୟ ନିମିତ୍ତ ସର୍ବସୁଦ୍ଧା ଟ ୧୪୦୮ଏ/ ଚେଦାଦ୍ୱାରା ସଂଗୃହୀତ ହୋଇ-ଅଛି । ଏହା ବାଲେଶ୍ୱର କଲେକ୍ଟର ବର୍ଣ୍ଣିସ୍ ସାହେବଙ୍କର ମନୁଷ୍ୟତା ଓ କର୍ତ୍ତବ୍ୟପରାୟଣ-ତାର ଫଳ ଅଟଇ । ସେ ପ୍ରଜାଙ୍କର କଷ୍ଟରେ ବ୍ୟାକୁଳିତ ହୋଇ ସାହାଯ୍ୟ ଦେବାକୁ ପ୍ରବୃତ୍ତ ହେଲେ ବୋଲି ଗୋପଗଲର ଲୋକମାନେ ଏ ଦାରୁଣକାଳରେ ବଞ୍ଚିଗଲେ । ଦୁଃଖର ବିଷୟ ସେ ସକଳ ଜିଲ୍ଲାର କଲେକ୍ଟର ଏପରି ହେଉ ନାହାନ୍ତି ।

---

କଲିକତାରେ ହୋମିଓପାଥି ଚିକିତ୍ସା ଶିକ୍ଷା ଦେବାର କୌଣସି ବନ୍ଦୋବସ୍ତ ନ ଥିବାରୁ ଡାକ୍ତର ଏମ, ଏମ, ବସୁ ଏମ, ଡି, ଗତ ସନ

Digitized by srujanika@gmail.com

Split by PDF Splitter



୧୮୭୯ ସାଲରୁ ଗୋଟିଏ ସ୍କୁଲ ସ୍ଥାପିତ ଅଛନ୍ତି ଓ ଏପର୍ଯ୍ୟନ୍ତ ଛାତ୍ରଙ୍କରୁ ପ୍ରାୟ ୧୧୦ ଜଣ ଛାତ୍ର ପ୍ରବେଶପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଉକ୍ତବର୍ଷ ଏହି ସ୍କୁଲରେ ପଢିଲେ ଯୋଗ୍ୟତା ଲାଭ ହୁଅଇ । ସ୍କୁଲର ନୟମାବଳୀ ଖଣ୍ଡିଏ ଅମ୍ଭେମାନେ ପ୍ରାପ୍ତ ହୋଇଅଛୁଁ ମାତ୍ର ପ୍ରକାଶ କରିବାର ସ୍ଥାନ ନାହିଁ । ନବାଗୀମାନଙ୍କ ପାଇଁ ଉକ୍ତ ଏ ହେଉଅଛି ବଡ଼ ଉପଯୋଗୀ । ଏଠାରୁ କେହି୨ ଉକ୍ତ ସ୍କୁଲରେ ପଢ଼ି ଯୋଗ୍ୟ ହୋଇ ଆସିଲେ ବଡ଼ ଭଲ ହୁଅନ୍ତା ।

---

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦରସହିତ ପ୍ରକାଶ କରୁଅଛୁଁ ଯେ କେନ୍ଦୁଝରର ନୂଆର ମହାରାଜା ଶ୍ରୀଯୁକ୍ତ ଧନୁର୍ଜୟ ନାରାୟଣ ଭଞ୍ଜ ଦେଓ ବାହାଦୁର ଦୁର୍ଭିକ୍ଷପୀଡିତ ପ୍ରଜାମାନଙ୍କ ରକ୍ଷାର ମନ୍ତ୍ରେ କେତେକୋଟି ସାଧାରଣ ହିତକର କାର୍ଯ୍ୟ ଆରମ୍ଭ କରିଅଛନ୍ତି । କନ୍ଦ ଯୋଷ୍ଟ ଅଫିସଠାରୁ ଆନନ୍ଦପୁର ପର୍ଯ୍ୟନ୍ତ ପ୍ରାୟ ମା ୧୬ ଇଞ୍ଚ ବଡ଼ ଓ ନାଗଗଡ଼ ମହାମାରେ କୃତ୍ରିମ ଉପା ଉଂସ୍କଷର ଯୋଗ୍ୟ । ଏହି ଦୁଇ କାର୍ଯ୍ୟଦ୍ୱାରା କେବଳ ଦୁର୍ଭିକ୍ଷପୀଡିତ ପ୍ରଜାମାନେ ରକ୍ଷା ପାଇବେ ତାହା ନୁହେ ଭବିଷ୍ୟତକୁ ବହୁଲକ୍ଷ ପ୍ରାଣୀଙ୍କର ଉପକାର ହେବ । ଅମ୍ଭେମାନେ ମହାରାଜା ବାହାଦୁରଙ୍କଠାରୁ ଅଧିକ ମଧ୍ୟ ଅନେକ ସତ୍କାର୍ଯ୍ୟର ପ୍ରତ୍ୟାଶା କରୁଁ ।

---

ଗତ ରଥଯାତ୍ରା ସମୟରେ ପୁରୀରେ ପ୍ରାୟ ବଡ଼ବଡ଼ ଯାତ୍ରୀ ବଙ୍ଗାଳଯାତ୍ରୀ ଥିଲେ । ପଞ୍ଚକୋଶି ପ୍ରଭୃତି ମିଶି ପ୍ରାୟ ୧୫୦୦୦ ଯାତ୍ରୀ ହୋଇଥିଲେ । ନୂତନ ମାଜେଷ୍ଟରଙ୍କ ପୁଲିସ ବା ଅମଲଙ୍କ ସାହାଯ୍ୟ ତଥା ମନ୍ଦିର ସେବକମାନଙ୍କ ଦ୍ୱାରା ସକଳକାର୍ଯ୍ୟ ଉତ୍ତମରୂପେ ନିର୍ବାହ ହୋଇଅଛନ୍ତି ଏବଂ ଯାତ୍ରୀଙ୍କର ଦର୍ଶନରେ କିଛି ଅସୁବିଧା ହୋଇ ନାହିଁ । କେବଳ ମାଡରେ କିଛି ଭଳମ ହୋଇଥିଲା । ଅର୍ଥାତ୍ ଶିକ ଶୋଭା ସମୟରେ ସ୍ନାନମଣ୍ଡପରୁ ମହାପ୍ରଭୁ ବଜେ ରଥ ସଙ୍ଗ କ୍ଷେଷ ବନଗଣ୍ଡା ସମୟରେ ମନ୍ଦିରରେ ପ୍ରବେଶ କଲେ । ଏତେ ଜନତା ସମୟରେ ପୂର୍ବ ପ୍ରଥାନୁସାରେ ପୁଲିସ ତାହିଁତ ଉପସ୍ଥିତ ନ ଥିଲେ ଏଥିର କାରଣ ଅମ୍ଭେମାନେ ଅବଗତ ହୋଇ ପାରୁ ନାହୁଁ ।

---

ପୁରୀ ସନାତନଧର୍ମରକ୍ଷଣୀସଭାର ଉତ୍ତରଅଧିବେଶନର ବିବରଣ ପ୍ରାପ୍ତ ହୋଇ ତାହାର ଏକଖଣ୍ଡ ସ୍ଥାନାନ୍ତରରେ ପ୍ରକାଶ କଲୁଁ । ଅପର ଦୁଇଖଣ୍ଡ ମନ୍ଦିରର କାର୍ଯ୍ୟବିଷୟରେ ଅଟଇ ଏବଂ ମାଜେଷ୍ଟର ଉହାର ପ୍ରତିଲିପି ପାଇଥିବାରୁ ସେ ଅବଶ୍ୟ ଉହାର ବିଚାର କରିବେ । କିନ୍ତୁ ଜାତିଙ୍କ ସାହାଯ୍ୟ ସମ୍ପର୍କରେ ସଭାର ପ୍ରସ୍ତାବ ଉତ୍ତମ ମାତ୍ର କେବଳ ତର୍କ ଉର୍ଣ୍ଣ ଲିପିବଦ୍ଧ କରିବାଦ୍ୱାରା ବାଞ୍ଛିତ ଫଳଲାଭ ହେବାର ନୁହଇ । ଏବିଷୟରେ ଗୋଟିଏ ସାଧାରଣସଭା କରି ଅନୁଷ୍ଠାନରୋହି ରୋଗିଙ୍କୁ ସହାୟ୍ୟ କାର୍ଯ୍ୟରେ ପ୍ରବର୍ତ୍ତିବାର ଏବଂ ପ୍ରତ୍ୟେକ ମଠ ଆପଣାର ଆୟଅନୁସାରେ ନିର୍ଦ୍ଦିଷ୍ଟ ସଂଖ୍ୟକ କଙ୍ଗାଳ ବାଣ୍ଟି ନେବାର ବନ୍ଦୋବସ୍ତ କରିବା ଉଚିତ ।

---

ମଧ୍ୟପ୍ରଦେଶର ଚିଫ୍ କମିଶନର ନିୟମ କରି ଅଛନ୍ତି କି ଯେଉଁମାନେ ସ୍ଥାୟୀରୂପେ ଉକ୍ତ ପ୍ରଦେଶରେ ବାସ କରୁଅଛନ୍ତି ଏବଂ କଲିକତା ବା ଭାରତବର୍ଷୀୟ କୌଣସି ବିଶ୍ୱବିଦ୍ୟାଳୟର ବି, ଏଲ୍, ପାଶ କରିଅଛନ୍ତି ସେମାନେ ପ୍ରତ୍ୟେକ ସ୍ଥଳରେ ଉକ୍ତ ପ୍ରଦେଶର ଜୁଡିସିଏଲ କମିଶନର ସେଇ ପରୀକ୍ଷା ନେବାର ଆବଶ୍ୟକ ବିବେଚନା କରିବେ ତାହା ପାଶ କଲେ ଓକିଲ ସ୍ୱରୂପ କାର୍ଯ୍ୟ କରି ପାରିବେ । କେବଳ ସରକାରୀ କର୍ମଚାରୀଙ୍କପକ୍ଷ ସ୍ଥାୟୀ ନିବାସର ନିୟମ ଶିଥିଳ ହୋଇଅଛି । ଏ ନିୟମଟି ଉକ୍ତ ପ୍ରଦେଶବାସିଙ୍କ ପକ୍ଷରେ ବଡ଼ ହିତକର ହୋଇଅଛି ଯେହେତୁ ସେମାନେ ଯୋଗ୍ୟ ହେଲେ ଓକାଲତି ପାଇବେ ଅନ୍ୟ ପ୍ରଦେଶୀୟ ଲୋକେ ସେମାନଙ୍କ ବାଧା ଘଟାଇ ନେଇ ପାରିବେ ନାହିଁ ।

---

ସମ୍ବଲପୁର ହିତୈଷିଣୀ ନାମରେ ଓଡିଶାରେ ଆଉଗୋଟିଏ ସାପ୍ତାହିକ ପତ୍ରିକା ପ୍ରକାଶିତ ହେବାର ଆରମ୍ଭ ହୋଇଅଛି ଏବଂ ଆମ୍ଭେମାନେ ତାହାର ପ୍ରଥମସଂଖ୍ୟା ପାଇବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । ପତ୍ରିକାରେ ସମ୍ପାଦକର ଓ ପ୍ରେସର ନାମ ଲେଖା ନାହିଁ । କିନ୍ତୁ ସ୍ଥାନ ବାମଣ୍ଡା ହେଉଥିବାରୁ ସେଠା ରାଜାଙ୍କ ଜଗନ୍ନାଥବଲ୍ଲଭ ପ୍ରେସରୁ ବାହାରିବାର ଜଣାଯାଉ ଅଛି । ଏଥିର କଲେବର ଏକଖଣ୍ଡ ଡିମାଇ କାଗଜ ଏବଂ ବାର୍ଷିକ ଅଗ୍ରୀମ ମୂଲ୍ୟ ଡାକମାସୁଲସହିତ ଟ ୨୲ ଟଙ୍କା ମାତ୍ର ଓଡିଆର ଶିକ୍ଷ୍ୟାନ୍ଦି ସମ୍ପାଦକର ଭୂଲଭାରେ ସ୍ଥଳର ଅଟଇ । ଏହାଦ୍ୱାରା ମଧ୍ୟପ୍ରଦେଶାନ୍ତର୍ଗତ ଉତ୍କଳଖଣ୍ଡର ଗୋଟିଏ ଅଭାବ ପ... ହେବାର ଗାଙ୍ଗ ... ... ଏହାକୁ ରକ୍ଷିପାରିବେ ... ... ନର ବିଷୟ ହେବ । ଅ... ... ଦୀର୍ଘଜୀବନ କାମନା କରୁ

---

ଅମ୍ଭେମାନେ ଅବଗତ ହେଲୁଁ ଯେ ଗବର୍ଣ୍ଣମେଣ୍ଟଙ୍କ ଆଦେଶ ଅନୁସାରେ ବାବୁ ନନ୍ଦକିଶୋର ଦାସ କଟକମାନ ଗସ୍ତରୁ ପ୍ରେରିତ ହୋଇଅଛନ୍ତି ଏବଂ ତାହାଙ୍କୁ ଅନ୍ୟାନ୍ୟ କେତେକ ଗଡ଼ଜାତର ଅବସ୍ଥା ଦେଖି ରପୋର୍ଟ କରିବାର ଆଜ୍ଞା ହୋଇଅଛି । ବର୍ତ୍ତମାନ ବର୍ଷା ଯେପରି ହୋଇ ଅଛି ତହିଁରେ ଗଡ଼ଜାତମଧ୍ୟରେ ଗସ୍ତ କରିବା ଅସାଧ୍ୟ ଅଟଇ । ତାରୁ ଗସ୍ତକରି ରପୋର୍ଟ ଦେଇଁ୨ ଅନ୍ତତଃ ଏକମାସ ଗତ ହେବ ଏବଂ ଇଣ୍ଟରେଷ୍ଟରେ ଏଥିମଧ୍ୟରେ ପୁଣିଲ ହେଲେ ସେସନଯୁକ୍ତ ମାତ୍ରିଯ୍ୟ ଶିଥିଳ ପଡିତ ହୋଇ ଯିବ ଅର୍ଥାତ୍ ସାହାଯ୍ୟକାର୍ଯ୍ୟ ଆରମ୍ଭ କେଲରୁ ଉକ୍ତ ଫସଲ କଟା ଯାଉଥିବ ସୁତରାଂ ଏଗସ୍ତରେ କେବଳ ବାବୁ କଷ୍ଟ ପାଇବେ. ଫଳ କିଛି ହେବ ନାହିଁ । ଦୁଇ ତିନି ମାସ ପୂର୍ବରୁ ଏ ଗସ୍ତ ହୋଇଥିଲେ ବିଶେଷ ଉପକାର ହୋଇଥାନ୍ତା । କମିଶନରସାହେବ ଅବିଳମ୍ବର ବିଶ୍ୱାସ କରି ଆପଣା କର୍ତ୍ତବ୍ୟକାର୍ଯ୍ୟରେ ତୃଷ୍ଟ କରି ଅଛନ୍ତି ଏବଂ ତହିଁରେ କେତେଲୋକ ଅନାହାରରେ ମରୁ ଅଛନ୍ତି ଏବଂ ସଂଖ୍ୟା ବଢିବ ।

---

କଲିକତାର ପଣ୍ଡିତ ରାଜକୁମାର କବିରତ୍ନ ବିଷ୍ଣୁଶର୍ମାଙ୍କ ହିତୋପଦେଶ ବଙ୍ଗଳା ଅନୁ... ସହିତ ପ୍ରକାଶ କରିଅଛନ୍ତି ଏବଂ ହୋ... ସମ୍ପାଦକ ତହିଁର ସମାଲୋଚନା ଲେଖିଅଛନ୍ତି କି ହିତୋପଦେଶର ବଳ ଭାରତବର୍ଷର ସୀମା ମଧ୍ୟ... ... ନାହିଁ । ଅତି ପ୍ରାଚୀନକାଳରୁ ବିଦେଶୀୟ ବିଦ୍ୱାନମାନେ ଏହି ଉତ୍କୃଷ୍ଟ ପୁସ୍ତକର ପରିଚୟ ପାଇ ଏବଂ ଏଥିର ଗୁଣରେ ମୋହିତ ହୋଇ ଆପଣା୨ ଭାଷାରେ ଅନୁବାଦ କରିଅଛନ୍ତି । ସୁତରାଂ ହିତୋପଦେଶର ଅନୁବାଦ ପାରସୀ ଆରବୀ, ଗ୍ରିକ, ଲାଟିନ, ହିବ୍ରୁ, ସିରିଆ, ଜର୍ମାନ, ଇଟାଲୀୟ, ଫ୍ରେଞ୍ଚ ଏବଂ ଇଂରାଜୀ ଭାଷାମାନଙ୍କରେ ହୋଇଅଛି । ବାସ୍ତବରେ ଯେଉଁ ପୁସ୍ତକରେ

Digitized by srujanika@gmail.com

ମନୋହର ଉପକଥାଗୁଡ଼ିକ ଆର୍ଯ୍ୟ ଋଷିମାନଙ୍କର ବହୁକାଳର ସଞ୍ଚିତ ସୁନୀତିମାନ ଏବଂ ଠୁଳ ହୋଇଅଛି ଏବଂ କେଉଁସ୍ଥଳରେ କେଉଁ ନୀତି ଅନୁସାରେ କାର୍ଯ୍ୟ କରିବାକୁ ହେବ ପିଲାମାନଙ୍କୁ ତାହା ଅଭ୍ୟାସ କରିବାର ବାଟ ଦେଖାଇ ଦିଆଯାଇଅଛି. ସେ ପୁସ୍ତକର ଆଦର ସର୍ବତ୍ର ହେବ ଏବଂ ସମସ୍ତଙ୍କର ଉପକାର ହେବ ଏଥିରେ ସନ୍ଦେହ ନାହିଁ ଦୁଃଖର ବିଷୟ ଏହି ଯେ ପୂର୍ବେ ଏଦେଶର ବିଦ୍ୟାଳୟମାନଙ୍କରେ ଏହି ପୁସ୍ତକ ପଢ଼ାଯାଉଥିଲା ବର୍ତ୍ତମାନକୁ ପ୍ରାୟ ଉଠିଯାଇଅଛି ଏବଂ ତଦ୍ୱାରା ପିଲାମାନଙ୍କ ନୀତିଶିକ୍ଷାର ବିସ୍ତର କ୍ଷତି ହେଉଅଛି । ଆମ୍ଭମାନଙ୍କ ବିବେଚନାରେ ସମସ୍ତ ବିଦ୍ୟାଳୟରେ ଏ ପୁସ୍ତକକୁ ପାଠ୍ୟପୁସ୍ତକ କରିବାର ଉଚିତ ।

---

## କୁଷ୍ଠରୋଗିଙ୍କ ଆଇନ ।

କୁଷ୍ଠରୋଗିଙ୍କ ବିଷୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏକ ଆଇନର ପାଣ୍ଡୁଲିପି ପ୍ରସ୍ତୁତ କରି ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କର ମତାମତ ଜାଣିବା ନିମିତ୍ତ ପଠାଇଅଛନ୍ତି ଏବଂ ସର୍ବସାଧାରଣଙ୍କର ପ୍ରଗ୍ରାହ୍ୟ ହୋଇଅଛି । ଆଇନର ସଂକ୍ଷେପ ମର୍ମ ଏହି ଯେ କୁଷ୍ଠରୋଗିଙ୍କ ରହିବା ନିମିତ୍ତ ସ୍ଥାନେ ସ୍ଥାନେ ଆଶ୍ରମମାନ ପ୍ରସ୍ତୁତ ହେବ ଓ ସେଥିର କାର୍ଯ୍ୟର ନିମନ୍ତେ ନିୟମାବଳୀ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ଯେ ଯାହାର ପ୍ରୟୋଜନମତେ ପ୍ରସ୍ତୁତ କରିବେ । ଯେଉଁ ରୋଗିର ଇଚ୍ଛା ହେବ ମାଜିଷ୍ଟ୍ରେଟଙ୍କୁ ଆବେଦନ କରି ତାହାଙ୍କ ଅନୁମତିରେ ଯାବଜ୍ଜୀବନ ଅଥବା କିଛିକାଳ ନିମିତ୍ତ ଆଶ୍ରମରେ ରହିପାରିବ । ଏପରି ଯେଉଁ ରୋଗିମାନଙ୍କର ଜୀବନନିର୍ବାହର ଉପାୟ ନାହିଁ ଏବଂ ଯେଉଁମାନେ ଭିକ୍ଷାମାଗି ବାଟରେ ବୁଲିବୁଲନ୍ତି ସେମାନଙ୍କୁ ମାଜିଷ୍ଟ୍ରେଟ ସାହେବ ଗିରଫ୍ତାର କରି ଡାକ୍ତରଙ୍କ ମାଇନା କରାଇ ଆଶ୍ରମରେ ହାଜର କରି ପାରିବେ । ଆଶ୍ରମରେ ରୋଗିଙ୍କ ବାସ, ଗ୍ରାସ, ଔଷଧାଦିର ସମସ୍ତ ବନ୍ଦୋବସ୍ତ ହେବ ଓ ରୋଗୀ ଆରୋଗ୍ୟ ହେଲେ ମୁକ୍ତ ପାଇବ ସ୍ତ୍ରୀ ଓ ପୁରୁଷ ପୃଥକ୍ ରହିବାର ନିୟମ କଠିନରୂପେ ପ୍ରତିପାଳିତ ହେବ ଏବଂ ରୋଗିଙ୍କ ଧର୍ମବିଶ୍ୱାସରେ କୌଣସିପ୍ରକାର ହସ୍ତକ୍ଷେପ ହେବ ନାହିଁ ।

ଉପରଲିଖିତ ବ୍ୟାଖ୍ୟାରୁ ପାଠକମାନେ ବୁଝିବେ ଯେ କେବଳ ଦୁଃଖୀଶ୍ରେଣୀର କୁଷ୍ଠରୋଗିଙ୍କ ନିମିତ୍ତ ଆଇନ ହେଉଅଛି । ଅର୍ଥାତ ଯେଉଁମାନେ ସ୍ୱଇଚ୍ଛାରେ ପୃଥକ୍ ରହିବାକୁ ଇଚ୍ଛା କରିବେ ଏବଂ ଯେଉଁମାନଙ୍କର ଉପାୟ ନ ଥିବାରୁ ବାଧ୍ୟ ହୋଇ ଭିକ୍ଷାଇତ୍ୟାଦି ନିମିତ୍ତ ବାଟରେ ବୁଲନ୍ତି ସେହିମାନଙ୍କୁ ଆଶ୍ରମରେ ପୃଥକ୍ ରଖାଯିବ । ଅନ୍ୟରୋଗୀ ଅର୍ଥାତ ଯାହାଙ୍କର ନିର୍ବାହ ହେବାର ସଙ୍ଗତି ଅଛି ଓ ଆପଣା ଘରେ ରହିଅଛନ୍ତି ସେମାନଙ୍କୁ ଘରୁ ବାହାର କରି ଅନ୍ତରରେ ରଖିବାର ପ୍ରସ୍ତାବ ହୋଇ ନାହିଁ । ଆମ୍ଭମାନଙ୍କ ବିବେଚନାରେ ଗବର୍ଣ୍ଣମେଣ୍ଟ ଏ ବିଷୟରେ ଯାହା ପ୍ରସ୍ତାବ କରିଅଛନ୍ତି ଉଚିତ କରିଅଛନ୍ତି । କେବଳ ସଂକ୍ରାମକ ରୋଗ ହେତୁ ଭଲଲୋକଙ୍କୁ ତାହାଘରୁ ବଳପୂର୍ବକ ଅନ୍ୟସ୍ଥାନରେ ରଖିବା କଏଦ କରିବା ଭଳି ଅନ୍ଧ କଷ୍ଟ ନୂତନ ଓ ଯେବେ ଗବର୍ଣ୍ଣମେଣ୍ଟ ତାହା କରିବେ ତେବେ ସାଧାରଣ ଉପକାରଠାରୁ ଅପକାର ଅଧିକ ହେବ ଏବଂ ଉକ୍ତ କାର୍ଯ୍ୟ ଅସାଧ୍ୟ ହୋଇ ପଡ଼ିବ । କାରଣ ଏହି ନ୍ୟାୟରେ କାର୍ଯ୍ୟ କଲେ ଯାହାର ବସନ୍ତ ବା ଓଲାଉଠାପ୍ରଭୃତି ସଂକ୍ରାମକ ରୋଗ ହେବ ତାହାକୁ ତାହାଘରୁ ବା ଗ୍ରାମରୁ ଛାଡ଼ିଦେବାର ନିୟମ ହେବ ଓ ତାହା ଅତ୍ୟାଗ୍ରହଭଳି ଅତି କଷ୍ଟ ବୋଲାଯିବ ନାହିଁ । କୁଷ୍ଠରୋଗିମାନେ ବାଟରେ ବୁଲିବାର ଯେମନ୍ତ ଦୃଷ୍ଟିକଟୁ ତେମନ୍ତ ବିପଦଜନକ ଅଟଇ ଏବଂ ଗବର୍ଣ୍ଣମେଣ୍ଟ ଏ ବିଷୟରେ ଏତେଦିନେ ବ୍ୟବସ୍ଥା କରିବାକୁ ପ୍ରବୃତ୍ତ ହେଲେ ସୁଖର ବିଷୟ ଅଟଇ । କୁଷ୍ଠରୋଗିମାନେ ଘରେ ନ ରହି ଗ୍ରାମର ଅନ୍ତରରେ ରହିବାର ଏବଂ ଦାର ପରିଗ୍ରହ ନ କରିବାର ବ୍ୟବସ୍ଥା ଆମ୍ଭମାନଙ୍କର ଆର୍ଯ୍ୟ ଋଷିମାନେ ପ୍ରାଚୀନକାଳରୁ କରିଯାଇ ଅଛନ୍ତି । ସେ ନିୟମ ଏତେବେଳେ ଅଳ୍ପ ଲୋକେ ମାନିବାର ଦେଖାଯାଏ ଏବଂ ନ ମାନିବାରୁ ମନ୍ଦଫଳ ଘଟୁଅଛି । ସରକାରରୁ ଏହି ଆଇନ ଜାରି ହେଲେ ଅନେକ ରକ୍ଷା ହେବ । ଏ ରୋଗ କ୍ରମଶଃ ବଢ଼ୁଅଛି କି ନା ସ୍ଥାନୀୟ ଗବର୍ଣ୍ଣମେଣ୍ଟଠାରୁ ଏଥିର ତଦନ୍ତପୂର୍ବକ ନଥି ତଲବ ହୋଇ ଅଛି ।

---

## ଦର୍ପଣସମ୍ପାଦକଙ୍କ ଅନୁଗ୍ରହ ।

ଆମ୍ଭେମାନେ ଯାହା ଅନୁମାନ କରିଥିଲୁଁ ତାହା ପ୍ରତ୍ୟକ୍ଷ ଘଟିଅଛି । ଏ ନଗରରୁ ଛତ୍ର ଉଠାଇ ଦେବାର ସମ୍ପୂର୍ଣ୍ଣ ବାଧ୍ୟରୁ ମାଜିଷ୍ଟ୍ରେଟ ସାହେବ ମିଉନିସିପାଲିଟୀ କର୍ଣ୍ଣରେ ତାଳଦେଇ ଅଛନ୍ତି । ଅଭିଜ୍ଞ ବ୍ୟକ୍ତିଙ୍କ ସାହାଯ୍ୟରେ ଉପାୟ ନିରୂପଣ କାରଣ ଯେଉଁ କମିଟି ଗଠିତ ହୋଇଥିଲା ଗତପୂର୍ବ ରବିବାର ତହିଁର ଅଧିବେଶନ ହୋଇ ସ୍ଥିର ହେଲା ଯେ ନଗର ଅରଯାଉତ ଛତ୍ର ଉଠିଯିବାରୁ ସହର ନୂତନ ଏବଂ ବଡ଼ବାଣି ନାମ ଖାନନଗରରେ ଛତ୍ର ହେଲେ ନଗରର ସ୍ୱାସ୍ଥ୍ୟରକ୍ଷାପ୍ରତି ବ୍ୟାଘାତ ହେବ ନାହିଁ । ଅତଏବ ଏବିଷୟରେ ମାଜିଷ୍ଟ୍ରେଟ ସାହେବଙ୍କର ମତ ଜାଣିବାକୁ କମିଟିଇଚ୍ଛା କଲେ ମାଜିଷ୍ଟ୍ରେଟ ସାହେବ ତହିଁ ଉତ୍ତରରେ ଲେଖିଲେ କି ମିଉନିସିପାଲ କମିଶନରମାନଙ୍କର ପ୍ରାର୍ଥନାରେ ଏହା ଅନୁଚିତ ସ୍ଥାନାନ୍ତରିତ ହେବାର ଆଦେଶ ହୋଇଅଛି ଓ ନଗର ଆରପାର ଭିନ୍ନ ଅପରସ୍ଥାନକୁ ଉଠିଯାଇ ନ ପାରେ କାରଣ ଖାନନଗର ପ୍ରଭୃତି ସହରର ଏତେ ନିକଟ ଯେ ଭିକାରୀମାନେ ଛତ୍ରରେ ଖାଇ ପୁନର୍ବାର ସହର ମଧ୍ୟରେ ବୁଲି ହେବାର କୌଣସି ମତେ ନିବାରିତ ହେବ ନାହିଁ । ଏହି ଉତ୍ତର ସଙ୍ଗେ ମାଜିଷ୍ଟ୍ରେଟ ଅଜ୍ଞର ଲେଖିଅଛନ୍ତି କି ସାଧାରଣ ଚନ୍ଦା ସମ୍ପର୍କରେ ମିଉନିସିପାଲିଟୀର ପକ୍ଷ ଲେଖାଗଲା ଏବଂ ତହିଁର ପ୍ରତିଲିପି କମିଟୀନଙ୍କଠାରୁ ପ୍ରେରିତ ହେଲା । ଏହି ପ୍ରତିଲିପିରୁ ଜଣାଯାଏ ଯେ ସାହେବଙ୍କ ବିବେଚନାରେ ଦେବଳେଗୁଡ଼ିଏ ( ଅନାଜ ନ ୫୦୦ ଣ ) ସଦାକାଳର ଭିକ୍ଷାରୀ ଜମା ହୋଇଥିଲେ । ଏମାନେ କେବେ ମଲାଲିଗିବେ ନାହିଁ । ଭିକ୍ଷା ଏମାନଙ୍କର ଜୀବିକା ।

ଆମ୍ଭେମାନେ ଜିଲ୍ଲାର ମାଜିଷ୍ଟ୍ରେଟଙ୍କର ଏପରି ଧାରଣାରେ ଆଶ୍ଚର୍ଯ୍ୟ ହୋଇଅଛୁଁ ଏବଂ କିରୂପେ ତାହାଙ୍କର ଏପରି ଧାରଣା ହେଲା କିଛି ସ୍ଥିର କରି ପାରୁ ନାହୁଁ । ସ୍ପଷ୍ଟ ଜଣାଯାଉ ଅଛି କି ସେ ତାହାଙ୍କ ଅନୁଗ୍ରହରେ ଯେଉଁମାନେ ଖାଉଥିଲେ ସେମାନଙ୍କୁ ଦେଖି ନାହାନ୍ତି କିମ୍ବା କଟେଶ ଯିବା ଆସିବା ସମୟରେ ବଜାରରେ ବୁଲୁଥିବା କୌଣସି ଦରିଦ୍ରକୁ ମନୋଯୋଗପୂର୍ବକ ଦେଖି ନାହାନ୍ତି । ଏପରି କଷ୍ଟ କରିଥିଲେ ସେ ଏ ପ୍ରକାର ଭ୍ରମରେ ପଡ଼ି ନ ଥାନ୍ତେ । ସତ୍ରାଙ୍କ ଛତ୍ରରେ ଖାଇବା ଲୋକେ ସମସ୍ତେ ବିଦେଶୀୟ ଅର୍ଥାତ ଏନଗରର କେହି ନୁହନ୍ତି ଏବଂ ଏମାନଙ୍କ ମଧ୍ୟରେ ସ୍ତ୍ରୀ ଓ ପିଲା ଅଧିକ । ପୁଣି ସେମାନଙ୍କ ଜାତି ଏକା ଥାଣ ବାଡ଼ୀ ନୁହଇ ତହିଁ ମଧ୍ୟରେ ଜନ୍ତ ଉଣ୍ଡା ଓ ଅନ୍ୟାନ୍ୟ ଶୁଦ୍ରଜାତି ଥିଲେ । ସେ କେହି ଏଦେଶର ଅବସ୍ଥା

Digitized by srujanika@gmail.com

କାରଣ ସେ ଏମାନଙ୍କୁ କେବେ ଉଷାବୃଦ୍ଧ ପ୍ରାପ୍ତି କହିବ ନାହିଁ । ଏବଂ ଏମାନଙ୍କ ଶରୀର ଅବସ୍ଥାର ପ୍ରତ୍ୟକ୍ଷ ପ୍ରମାଣ ଦେଇଥିଲା । ଫଳତଃ ଏମାନଙ୍କ ବାସ୍ତବରେ କୌଣସି ଉତ୍ପାତ ହେଲେ ସୁଦ୍ଧା ସେସ୍ଥଳେ ମୃତ୍ୟୁ ଏ ଅଳ୍ପ ସଂଖ୍ୟା ଘର ଛାଡ଼ି ସହରରେ ଜମା ହେଲେ ସେସ୍ଥଳେ ସେମାନେ କି ସ୍ୱାସ୍ଥ୍ୟ ଥାଇବାର ସାଧ କରନ୍ତି ? ଗଡ଼ଜାତ ପ୍ରଭୃତିର ଲୋକମାନେ ଘର ଛାଡ଼ି ଅନ୍ତ ଦିନେ ଏ ନଗରକୁ ଏତେ ଅଧିକ ସଂଖ୍ୟାରେ ଆସିଥିଲେ କି ? ଅତଏବ ସେମାନଙ୍କୁ କୌଣସି ଉତ୍ପାତ ନହିଁ ସ୍ୱାସ୍ଥ୍ୟରୁ ବଞ୍ଚିତ କରିବା ମାଜିଷ୍ଟ୍ରେଟଙ୍କର ନିତାନ୍ତ ଅନ୍ୟାୟ ହୋଇ ଅଛି ଏବଂ ତାହାଙ୍କ କାର୍ଯ୍ୟରୁ ବୋଧ ହେଉଅଛି ଯେମନ୍ତ ଅବସ୍ଥାର ଦୃଷ୍ଟିରୁ ଅନ୍ତର ରଖିବା କାରଣ ସେ ଭିଡ଼ ଉଠାଇ ଦେବାର ପ୍ରସ୍ତାବକୁ ଅଗ୍ରାହ୍ୟ ସହିତ ଗ୍ରହଣ କଲେ । ନଚେତ୍ ବା ଉଚିତ ବିଚାର କରିଥିଲେ ସେ ଭିଡ଼ ଉଠାଇଦେବା ପୂର୍ବରୁ ଏମାନଙ୍କର ପ୍ରାଣ ରକ୍ଷାର ଉପାୟ ଚିନ୍ତା କରିଥାନ୍ତେ ।

ଯାହା ହେଉ ଆମ୍ଭେମାନେ ଆନନ୍ଦ ସହିତ ପ୍ରକାଶ କରୁଅଛୁଁ ଯେ ସ୍ୱର୍ଗୀ ବୈଦ୍ୟନାଥ ପଣ୍ଡିତ ଆପଣାର ଅସୁବିଧା ଅପେକ୍ଷା ନିଗୃହିତ ବ୍ୟକ୍ତିଙ୍କର ପ୍ରାଣ ରକ୍ଷାକୁ ଯଥାର୍ଥରୂପେ ଅତ୍ୟନ୍ତ ଗୁରୁତର କାର୍ଯ୍ୟ ଜ୍ଞାନ କରି ମାଜିଷ୍ଟ୍ରେଟଙ୍କ ଇଚ୍ଛାନୁସାରେ ମହାଜନଙ୍କର ଅରଣ୍ୟ ଓଷାପଡ଼ାଠାରେ ଅନେକ ଲୋକ ରହିବା ଭଳି ଘର ପ୍ରସ୍ତୁତ କରି ପାଚକ ଓ ଷ୍ଟୋରକିପର ରଖାଇ ପ୍ରତିଦିନ ସକାଳ ଓ ସଞ୍ଜରେ ଭାତ ଓ ଡାଲି ବାଣ୍ଟିବାର ବ୍ୟବସ୍ଥା କରିଅଛନ୍ତି ଏବଂ ବର୍ତ୍ତମାନ ପ୍ରାୟ ୧୫୦ ଜଣ କାଙ୍ଗାଳି ଖାଦ୍ୟ ପାଉଅଛନ୍ତି । ଏମାନଙ୍କ ମଧ୍ୟରେ ଅଧିକାଂଶ ସ୍ତ୍ରୀ ଓ ପିଲା ଏବଂ ଏକ ଭାଗ ପୁରୁଷ ଅଛନ୍ତି । ବୃଷ୍ଟି ହେବାରୁ କେତେ ଲୋକ ଗୃହବାସ ଉପଲକ୍ଷରେ ଆପଣା ଘରକୁ ଏବଂ କେତେ ଲୋକ ଧୂଳିସନ୍ତାନ ଛାଡ଼ି ହୋଇ ଅନ୍ୟ ସ୍ଥାନକୁ ଚାଲିଯାଇ ଅଛନ୍ତି । ଏହିରେ ଲୋକଙ୍କ କି କୌଣସି ଉତ୍ପାତ ହୋଇଯିବ ? ମାଜିଷ୍ଟ୍ରେଟ ସାହେବ କହିଲେ ଯେ ଯାହା କହିବେ ଗବର୍ଣ୍ଣମେଣ୍ଟ ତାହା ଶୁଣିବେ । ଲୋକଙ୍କ କଥା ଶୁଣୁଛି କିଏ ?

### ସମ୍ବାଦ ବାହକଙ୍କୁ ଉତ୍ତର ।

“କୌଣସି ଲୋକଙ୍କୁ କେବଳ ଖୋଷ ଏମାନ

ଖୋଡ଼ା ଅବା କାନ୍ତି ହେଲ ମାତ୍ରକେ ସାଧାରଣ ଖାଇବା ଲୁଣକୁ ଏକ ଛଟାଙ୍କି ଅଧସେରେ ପାଣିରେ ଗୋଳାଇ ଶୁଦ୍ଧ ଉତ୍ତମ କରି ସେହି ପାଣିରୁ ଏକ ଛଟାଙ୍କି ପରିମାଣରେ ରୋଗିକୁ ପିଆଇ ଦେବ । ଏ ରୋଗରେ ରୋଗୀକୁ ଭାରି ପିପାସା ହୋଇଥାଏ, ଏଣୁ ରୋଗୀ ସର୍ବଦା ପାଣି ପିଇବାକୁ ଇଚ୍ଛା କରେ । ରୋଗୀ ପାଣି ମାଗିଲେ ଏହି ଲୁଣପାଣି ପିଇବାକୁ ଦିଅ, ନ ମାଗିଲେ ସୁଦ୍ଧା ଘଣ୍ଟାକୁ ଘଣ୍ଟା ଏହି ଲୁଣପାଣି ପିଆଅ, ସରି ଗଲେ ପୂର୍ବୋକ୍ତ ପ୍ରକାର ନିୟମାନୁସାରେ ଲୁଣପାଣି ପ୍ରସ୍ତୁତ କର; ଏଭଳି ନିର୍ମଳ ଜଳ ମଧ୍ୟ ଅବସ୍ଥାରେ ରୋଗିକୁ ପିଇବା ପାଇଁ ଦିଅ । ଏ ରୋଗରେ ଜଳଭେଦ ଓ ବମନ ହେବାରୁ ରକ୍ତ ଶୁଷ୍କ ହୋଇ ଯାଏ । ଜଳ ପାନ କଲେ ଶରୀରର ରକ୍ତ ତରଳ ହୋଇ ନାଡ଼ିରେ ଚଳଇ । ରକ୍ତ ଶୁଖି ଗଲେ ନିଶ୍ୱାସ ପ୍ରଶ୍ୱାସ ରୁଦ୍ଧ ହୋଇ ପ୍ରାଣବାୟୁ ବହିର୍ଗତ ହୋଇଯାଏ, ଏହି ହେତୁ ଜଳ ଦେବ କର୍ତ୍ତବ୍ୟ । ଅଧିକ ହୋଇ ପାରିଲେ, ପୋଲିଶ ଷ୍ଟେସନ ଓ ଅଉଟପୋଷ୍ଟମାନଙ୍କରେ କଲେରା ପିଲ୍ସ ନାମକ ଯେଉଁ ଔଷଧ ଗୁଳି ଥାଏ, ସେହି ଗୁଳି ଅଣି ଘଣ୍ଟାଏ ବା ଦୁଇଘଣ୍ଟା ଅନ୍ତରେ ରୋଗିକୁ ଖୁଆଇ ତହିଁ ଉପରେ ଲୁଣପାଣି ପିଆଇଲେ ଅଧିକ ଭଲ ହେବ । ରୋଗ ପ୍ରାରମ୍ଭରେ ଲୁଣପାଣି ପିଆଇଲେ ନିଶ୍ଚୟ ନିଶ୍ଚୟ ନିଶ୍ଚୟ ରୋଗର ପ୍ରବଳତା ହ୍ରାସ ହେବ । ବାରମ୍ବାର ପରୀକ୍ଷା କରି ପ୍ରତିଜ୍ଞାପୂର୍ବକ କହୁଅଛୁଁ ଯେ ପୂର୍ବୋକ୍ତ ନିୟମାନୁସାରେ ଲବଣ ଜଳ ପ୍ରସ୍ତୁତ କରି ରୋଗିକୁ ପାନ କରାଇଲେ ଅବଶ୍ୟ ଉପକାର ହେବ । ରୋଗି ନିକଟରେ ଓ ଘର ମଧ୍ୟରେ ଗନ୍ଧକ, ଝୁଣା, ଗୁଗ୍ଗୁଲ ଓ ନେଉବାଳ ଧୂପ ଦେବାର ଉଚିତ ।

ସର୍ବସାଧାରଣ ଲୋକଙ୍କୁ ଉପଦେଶ ଏହି ଯେ, ପ୍ରତ୍ୟେକ ସୁସ୍ଥ ଲୋକ ପ୍ରାତଃକାଳେ ମଳତ୍ୟାଗ କରି ମୁଖ, ହାତ ଧୋଇ, ପାଦୁକାକୁ ଓ ଜଳରେ ଲୁଣ ( ପ୍ରାୟ ଦୁଇ ମାସା ) ଏକ ପୋଷ ପାଣିରେ ମିଶାଇ ପିଇ ଅଧଘଣ୍ଟାଏ ଯାଏ କିଛି ହିଁ ମୁଖରେ ନ ଦେଇ ତଦନ୍ତେ ଯାହା ଉପଯୁକ୍ତ ତାହା ଖାଅ, ଜୀର୍ଣ୍ଣ ହେବ, ଉଦରରେ ରହିବ, କଦାପି ଶଙ୍କା ନୋହିବ । ଆମ୍ଭେ ବୋଧ କରୁଁ ଯେ, କେବଳ ଅଜୀର୍ଣ୍ଣ ଏ ରୋଗର ମୂଳ କାରଣ ଅଟେ, ଖାଦ୍ୟ ପଦାର୍ଥ ଜୀର୍ଣ୍ଣ ହେଲେ ଶରୀର ସୁସ୍ଥରେ ରହେ, କେବଳ ଲୁଣର ପଦାର୍ଥକୁ ଜୀର୍ଣ୍ଣ କରିବାର ଶକ୍ତି ଅଛି । ସାଧାରଣରେ ପ୍ରବାଦ ଅଛି ଯେ, “ଲୁଣ ଖାଏ ହାଣ୍ଡି” ଯେସ୍ଥଳେ ମାଟିର ହାଣ୍ଡିକୁ ଲୁଣ ଖାଇଅଛି, ସେସ୍ଥଳେ ଉଦରସ୍ଥ ଖାଦ୍ୟ ପଦାର୍ଥକୁ କି ଜୀର୍ଣ୍ଣ କରି ପାରିବ ନାହିଁ ?

ସାଧାରଣ ଉପଦେଶ—ପ୍ରତ୍ୟେକ ଲୋକର କର୍ତ୍ତବ୍ୟ କର୍ମ । ଘର ଦ୍ୱାର, ଘରର ଚାରିଦିଗ ସଫା ଓ ପରିଷ୍କାର କରି ରଖ; ପଚାସଢ଼ା, ଦୁର୍ଗନ୍ଧ ଦ୍ରବ୍ୟ ଘରେ ନ ରଖ ବା ବ୍ୟବହାର ନ କର; ଗ୍ରାମର ଦାଣ୍ଡ, ଗଳି ବାଟ ସଫା କରି ରଖିବା କର୍ତ୍ତବ୍ୟ; ନିର୍ମଳ ପାନୀୟ ଜଳ ବ୍ୟବହାର କର; ଖୋଲ ବହୁଥିବା ଦେଲେ ଫଳ ନ କର; ଉତ୍ତମ ନିଦ୍ରା ଯେମନ୍ତ ହେବ ଏମନ୍ତ ଉପାୟ କରିବା କର୍ତ୍ତବ୍ୟ; ଲଘୁ ଆହାର କର, ସୁଗନ୍ଧ ଦ୍ରବ୍ୟ ( କର୍ପୂର ) ନିକଟରେ ରଖ । ଗନ୍ଧକ, ଝୁଣା ଆଦିରେ ପ୍ରତ୍ୟହ ଧୂପ ଦିଅ, ସଫା ଲୁଗା ପିନ୍ଧ, ମନରୁ ଭୟ ଦୂର କରି ଈଶ୍ୱରଙ୍କୁ ଧ୍ୟାନ କର ।”

## ସାପ୍ତାହିକ ସମ୍ବାଦ ।

ଗତ କାଲି ନୂର୍ଯ୍ୟୋପରାଗ ଉପଲକ୍ଷରେ ଅଦାଲତ ଓ କଲେକ୍ଟରୀ କଚେରିମାନ ବନ୍ଦ ହୋଇଥିଲା । ମାତ୍ର ଓଳମ୍ପାଡ଼ି ହୁଆ ଆକାଶରେ ତାହା ପ୍ରତ୍ୟକ୍ଷ ହେଲା ନାହିଁ ।

ଆସନ୍ତା କାଲିଠାରୁ ଏଠା ଜିଲା ଚତୁଷ୍ପାଠୀମାନଙ୍କ ବାର୍ଷିକ ପରୀକ୍ଷା ଆରମ୍ଭ ହୋଇ ଅଠରଦିନରେ ଶେଷ ହେବ ।

ଓଳଉଠା ରୋଗ ଏ ନଗରକୁ ଛାଡ଼ି ନାହିଁ କେବଳ କମ ଉତ୍ପାତକ ହୋଇ ନାହିଁ ।

ବୃଷ୍ଟି ହେବାରୁ ଧାନର ଭଲ ବିହନ ଖଣ୍ଡା ହୋଇଅଛି ।

ତାଳଦଣ୍ଡା କାଳରେ ବସ୍ତର ଜଳ ଶୁଖିବାରୁ ଜୋବ୍ରାଠାରେ ବନ୍ଧ ଦିଆ ଯାଇଅଛି ଓ ତାହା ଶୀଘ୍ର ମରାମତି ହେବାର କାର୍ଯ୍ୟ ଲାଗିଅଛି ।

ଯାଜପୁରର ମୁନସଫ ଗତ ରବିବାର ଛୁଟିରୁ ଫେରିଆସିବାରୁ ତାହାଙ୍କ ସ୍ଥାନରେ ଏଠାରୁ ଏକଟିଂରୂପେ ଯାଇଥିବା ବାବୁ ବୈକୁଣ୍ଠନାଥ ଦତ୍ତ ଗତ ସୋମବାର ଏଠାରୁ ଫେରିଆସି କାର୍ଯ୍ୟ କରୁଅଛନ୍ତି ।

ପୁରୀ ସାବଜଜ କୋର୍ଟର ବୃହତ୍ତରର ପଦରେ ଶୋଭା ମୋକଦ୍ଦମା ଅବଧି କିଛି ହୋଇ ନାହିଁ । କେବଳ ଅପ୍ରେସରମାନେ ନର୍ଦ୍ଦୋଷୀ ଥିବାର ସ୍ଥିର ଦେଇଅଛନ୍ତି । ଏଥିମଧ୍ୟରେ ତାହାଙ୍କ ନାମରେ ପୁରୀ ମାଜିଷ୍ଟ୍ରେଟ ଫୌଜଦାରୀ ଅଦାଲତରେ ଅନ୍ୟ ଦୁଇଟିର ମୋକଦ୍ଦମା ଦାଏର କରିଅଛନ୍ତି ।

ଏଥର ଅନେକ ଯାତ୍ରୀ ରଥଯାତ୍ରାକୁ ଆସୁଅଛନ୍ତି । ଗଞ୍ଜାମ ଓ କୋଷ୍ଟକେନାଲର ଜାହାଜରେ ଯାତ୍ରୀଙ୍କର ବଡ଼ ଭିଡ଼ ହେଉଅଛି ।

ଶୁଣିଲୁଁ ଯେ ଜନ୍ମସ୍ଥଳର ଅବସ୍ଥା ତଦନ୍ତ କରିବା କାରଣ ଗବର୍ଣ୍ଣମେଣ୍ଟ ସ୍ପେସିଆଲ ଅଫିସର ପ୍ରେରିତ ହେବେ ।

Split by PDF Splitter
Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ହିଣ୍ଡୋଳ—ତ ୩୧୦ ନ ଥାନ କ୍ରମାନ୍ୱୟରେ ଉଣା ଅଧିକ ବର୍ଷା ହେଉଥିବାରୁ ଜୀବ ଜନ୍ତୁଙ୍କର ଜଳକଷ୍ଟ ନିବାରଣ ହୋଇଅଛି । ପ୍ରଜାମାନଙ୍କର ଅବସ୍ଥା ସାମାନ୍ୟରେ ଆଶାପ୍ରଦ ହେଉଥିବାର ଦେଖାଯାଏ । ବର୍ତ୍ତମାନ ଏହି ଅମୃତମୟ ବୃଷ୍ଟିରେ ଧରଣୀ ସୁଶୀତଳ ହୋଇ ସାଧାରଣ କଷ୍ଟ ନିବର୍ତ୍ତ ଅଛି । ଚଷାମାନେ ହଳ ଓ ବପନ କାର୍ଯ୍ୟରେ ବ୍ୟସ୍ତ ହେଲେଣି, ମଫସଲରେ ମୂଲିଆମାନଙ୍କୁ ମୂଲ ମିଳୁଅଛି, ମହାଜନମାନେ ଅନାଥମାନଙ୍କରୁ ଧାନ ଦାବନ ନେଉଅଛନ୍ତି କେତେକେତେ ବା କ୍ଷମା କରୁଅଛନ୍ତି । ବସ୍ତ୍ରବିହାର ଉଦ୍ରେଗ ହୋଇଅଛି । କଙ୍ଗାଲୀଙ୍କର ସଂଖ୍ୟା କମି ଯାଉଅଛି । ରାଜାମହୋଦୟ ମଧ୍ୟ ଏତେବେଳେ ସାତଧାନ୍ୟ ଦେଇ ପ୍ରଜାପୁଞ୍ଜର ଅଶେଷ ଉପକାର ସାଧନ କରୁଅଛନ୍ତି ରାଜସରକାରରୁ ପ୍ରଜାଦୁଃଖ ନିବାରଣର ଅନ୍ୟାନ୍ୟ ଚେଷ୍ଟାର ତ୍ରୁଟି ନାହିଁ ।

୨୦।୬।୮୯ ଶ୍ରୀ ନବକୃଷ୍ଣ ଘୋଷାଲ ।

---

ମହାଶୟ !

ରଣପୁର କିଲ୍ଲାରେ ଦୁଇଗୁଣ ଦର ହେବା ବିଶେଷ ବୃଷ୍ଟି ହୋଇଅଛି । ଏଥିରେ ସ୍ଥାନେ ୨ କେତୁଷଣ ଆରମ୍ଭ ହୋଇଅଛି ଏବର୍ଷରେ ଉତ୍ତମରୂପେ ଫସଲ ହେବାର ଆଶା ଜଣାଯାଏ ମହାରାଜ ନଗରେ ଶୌରଙ୍ଗପୁରଠାରେ ଯେଉଁ ବନ୍ଧ ଭଙ୍ଗାଇ ହୋଇଅଛି ସେହି ବନ୍ଧଯୋଗୁଁ ଘୋଳ ସହର ଖଣ୍ଡ ମୌଜାକୁ ଦୁଇତିନ ଜଳ ଯୋଗାଇବାରେ ଧାନ୍ୟ କ୍ଷେତର ଉନ୍ନତି ହେବାର ହୋଇଅଛି ଏହି ହେତୁ ପ୍ରଜାମଣ୍ଡଳୀରେ ଦେଓୱାନ ବାବୁ ଧନ୍ୟବାଦ ପାଉଅଛନ୍ତି, ଦୁର୍ଭିକ୍ଷ ସାହାଯ୍ୟ ଏରୂପଣ ହେଉଅଛି ନ ଶ୍ରୀଯୁକ୍ତ ଦେଓୱାନ ବାବୁ ଏ କଥାକୁ ସାତସକାଳରେ ବିଦ୍ୟା ବଢ଼ ପ୍ରତି ସରକାରରେ ପ୍ରଧାନ କର୍ମଶୂନ୍ୟ ଓ ବୈଦ୍ୟକ ଜଣାଇଛନ୍ତି ନିଯୁକ୍ତ ଅଛନ୍ତି; ସେମାନେ ସାହାଯ୍ୟ ଦେଉଅଛନ୍ତି ଓ ପ୍ରତିଦିନ ସହର ଅଫିସକୁ ଚେତି ପଠାଇ ସମସ୍ତ ସମ୍ବାଦ ଜଣାଉଅଛନ୍ତି ଏବ ଉତ୍ତର ହୁକୁମ ପାଉଅଛନ୍ତି । ନଇଗଡ଼ମୁକାମରେ ଜ ୧୯୬୦ ଣ କାଙ୍ଗାଳୀ ଜଣକେ ପ୍ରତିଦିନ କଂଷା ପାଏଲେଖାଏ ଚାଉଳ ପାଉଅଛନ୍ତି । ଏପର ସଡ଼କ ସୁଷ୍ଟରଣୀ ଓ ବନ୍ଧ ଭଗ୍ନାଇରେ ପ୍ରାୟ ଜ ୬୦୦ ଣ ମଜୁରି ଲାଗିଅଛନ୍ତି । ଜଙ୍ଗଲୋତ୍ପନ୍ନ ଦ୍ରବ୍ୟମାନ ଖଜ ଦଅହୋଇଅଛି ।

☞ ବୃଷ୍ଟି ହେବାରୁ ସାହାଯ୍ୟକାର୍ଯ୍ୟ ଉପଯୁକ୍ତ ମାଣରେ ଏ, ଲଣା ପଡୁଅଛ ତାହା ଲେଖିସରେ ଭଲ ହୋଇଥାନ୍ତା ।

---

## ଶ୍ରୀ ଶ୍ରୀ ଜଗନ୍ନାଥ ସନାତନ ଧର୍ମରକ୍ଷଣୀ ସଭା ।

ଅଦ୍ୟ ତା ୯ ରଖ ଜୁନ ରବିବାର ସଭାଧିବେଶନରେ ନିମ୍ନଲିଖିତ ବିଷୟ ନିର୍ଦ୍ଧାରିତ ହେଲା ।

୧ ମ ନିର୍ଦ୍ଧାରଣ—ବର୍ତ୍ତମାନ ଦୁର୍ଭିକ୍ଷ ହେତୁ ଗଡ଼ଜାତ ଏବଂ ଖୋରଧାର କେତେକ କଲଜାତମାନଙ୍କର ଅକସର ନାଗାଣ୍ଡ ଲୋକମାନେ ଅନ୍ନକଷ୍ଟରେ ପୀଡ଼ିତ ହୋଇ ପ୍ରାଣରକ୍ଷା ନିମନ୍ତେ ବହୁସଂଖ୍ୟକ ସ୍ତ୍ରୀ ପୁରୁଷ ଏବଂ ବାଳକ ବାଳିକାମାନେ ଏ କ୍ଷେତ୍ରଧାମକୁ ଆସି ଉପସ୍ଥିତ ଅଛନ୍ତି ମଧ୍ୟ ଉପସ୍ଥିତ ହେଉଅଛନ୍ତି । ଏ ସ୍ଥାନରେ ଧର୍ମଶାଳା ଏବଂ ଉମା ଛତ୍ର ପ୍ରଭୃତି ଗୃହଗୋଷ୍ଠି ପ୍ରକାଶ୍ୟ ରହି ଅଛି । ବର୍ତ୍ତମାନ ଲୋକସଂଖ୍ୟା ବିଶେଷ ହେବାରୁ ଉକ୍ତଗୁଡ଼ିକ ଗୃହବଳ ମହାପ୍ରସାଦ ଖାଇ କାଙ୍ଗାଳମାନେ ଅତିକଷ୍ଟେ ପ୍ରାଣଧାରଣ କରୁଅଛନ୍ତି ମଧ ଏକଛତ୍ରରୁ ଅନ୍ୟ ଛତ୍ରରୁ ଯିବାଆସିବା ଦୌଡ଼ାଦୌଡ଼ିରେ ରୋଗଗ୍ରସ୍ତ ଦୁର୍ବଳ କାଙ୍ଗାଳମାନଙ୍କର ବହୁକଷ୍ଟ ହେଉଅଛି । କିନ୍ତୁ ଏ କ୍ଷେତ୍ରମଧ୍ୟରେ ଅମୃତମଣୋହିଭୋଗୀ ଅନେକ ମଠଧାରୀମାନେ ଅଛନ୍ତି ସେମାନେ ମଠ ଖଞ୍ଜଣୀ ଛଡ଼ା ଏ ସମୟରେ ଅତିରିକ୍ତ ବହୁ ୨ ଖଞ୍ଜଣୀକର ମହାପ୍ରସାଦ ବିତରଣ କଲେ କାଙ୍ଗାଳମାନଙ୍କର ପ୍ରାଣରକ୍ଷା ଅନାୟାସରେ ହୋଇପାରିବ ଏ ବିଷୟରେ ଶ୍ରୀ ମନ୍ଦିରର ମାନେଜର ବାବୁ ରାଜକର୍ମଚାରୀଙ୍କ ସାହାଯ୍ୟପ୍ରାର୍ଥୀ ଯହି କଲେ ଅଥବା ଜମିଦାରମାନଙ୍କର ସାହାଯ୍ୟ ପ୍ରାପ୍ତ ହେଲେ କାଙ୍ଗାଳମାନଙ୍କର ଅନ୍ନକଷ୍ଟ ସହଜରେ ନିବାରଣ ନ ହେବ ଏହା ଆମ୍ଭମାନଙ୍କର ଦୃଢ଼ବିଶ୍ୱାସ । ଇତି ।

ସନ ୧୮୮୯ ମସିହା } ଶ୍ରୀରଘୁନାଥ ପଟ୍ଟନାୟକ
ସଭାର ସମ୍ପାଦକ

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଜଗନ୍ନାଥ ମହାନ୍ତି କେଉଁଝର । ପ୍ର । ଉଦ୍ଦେଶ୍ୟ | ଅଗ୍ରୀମ | ୫ ॥ ୯ |
| ଗୋପୀନାଥ ମହାନ୍ତି ବୁଲଣ୍ଡିପୁର କଟକ | | ୫ ॥ ୯ |
| ରାଜା କଟକେ କୌଶ | | ୫ ॥ ୯ |
| | ବକୀୟ । | ୫ ॥ ୯ |
| ରାଜା କଟକେ ପଟିଆ | ଅଗ୍ରୀମ | ୫ ॥ ୯ |
| ବାବୁ ସୁଧାକାନ୍ତ ବସୁ ମହାଶୟ କଟକ | | ୫ ॥ ୯ |
| ସୁଧାମୋହନ ସେନ | | ୫ ୧ ୯ |

---

## ବିଜ୍ଞାପନା ।

ମୃତ ତାରିଣୀ ମାଧବଙ୍କ ବ୍ୟକ୍ତି ସମ୍ପତ୍ତି ସମ୍ପର୍କରେ ସନ ୧୮୭୫ ସାଲର ଅ୦ ୧୦ଇନର ଧା ୩୨୦ ଗ ଏବ ସନ ୧୮୭୬ ସାଲର ୨୮ ଆଇନର ଧା ୪୨ ଅନୁଯାୟୀ ବିଜ୍ଞାପନ ଦିଆ ଯାଉଅଛି କି ଓଡ଼ିଶାର କଟକ ଜିଲ୍ଲା ପରଲୋକ ଗତ ତାରିଣୀ ମାଧବଙ୍କ ସମ୍ପତ୍ତି ବରୁଦ୍ଧରେ ଯେ ସମସ୍ତ ବ୍ୟକ୍ତିଙ୍କର କିଛି ପାଉଣା ଅଛି ସେମାନେ ସନ ୧୮୮୯ ସାଲର ଅଗଷ୍ଟ ଜୁଲାଇମାସର ତା ୩୦ ଦିନରେ ଅଥବା ତହିଁପୂର୍ବରୁ ଆମ୍ଭ ନିକଟକୁ ଉକ୍ତ ପାଉଣାର ବିଶେଷ ବିବରଣ ଲେଖି ପଠାଇବେ । ଉକ୍ତ ଦିବସ ଉତ୍ତାରେ କାହାର ଦାବି ଶୁଣା ଯିବ ନାହିଁ ଓ ମୃତବ୍ୟକ୍ତିଙ୍କ ବ୍ୟକ୍ତି ସମ୍ପତ୍ତି ସମସ୍ତ ବାଣ୍ଟି ଦିଆଯିବ ।

ପ୍ରକାଶ ଥାଉ କି ଆମ୍ଭେ ବଙ୍ଗୀୟ ଫୋର୍ଟ ଉଇଲିୟମସ୍ଥିତ ହାଇକୋର୍ଟଠାରୁ ମୃତବ୍ୟକ୍ତିର ଶେଷ ଉଇଲର ପ୍ରୋବେଟ ପ୍ରାପ୍ତ ହୋଇଅଛୁଁ ।

ନଂ ୧୬ ଷ୍ଟ୍ରାଣ୍ଡ
କଲିକତା
୧୦।୬।୮୯ } ଉଇଲିୟମ କମ୍ପ

---

SAMYABADY INSTITUTION

*FIVE SILVER MEDALS,*

WORTH Rs. 100

To be awarded according to merits to those five students who will pass this year the Calcutta University Entrance Examination in the first Division from the above institution

Cuttack
3-6-89 } LALIT M. CHACKRAVARTY
*Secretary*

---

## କୋଷ୍ଠୀବ୍ରହ୍ମାଣ୍ଡସୁନ୍ଦରୀ ।

ଉପେନ୍ଦ୍ରଭଞ୍ଜକୃତ ଉକ୍ତ କାବ୍ୟ ଟୀକା ଓ ଅର୍ଥ ସହିତ ମୁଦ୍ରିତ ହେଲ ପ୍ରିଣ୍ଟିଂକୋମ୍ପାନିଙ୍କ ଦୋକାନରେ, ଉକ୍ତ୍ୟଶାଅପ୍ରେସରେ ଓ ବାବୁ ସୀମସ୍ତକ ମଧ୍ୟଧାର ଠାରେ ମିଳୁଅଛି, ମୂଲ୍ୟ ଦୁଇଟଙ୍କା ।

Digitized by srujanika@gmail.com